# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ODISHA BHASKAR
ଯାହା ଆପଣଙ୍କ କଥା କହେ




ଇଂରାଜୀ କହୁଥିବା ଲୋକ ଦିନେ ଲଜ୍ଜିତ ହେବେ | ୬



କଥା ନ ମାନିଲେ ଆକ୍ରମଣ ହେବ | ୬


RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୦ Vol. 22 No-80 20 JUNE 2025 FRIDAY, BHUBANESWAR ଶୁକ୍ରବାର, ୨୦ ଜୁନ୍ ୨୦୨୫ ପୃଷ୍ଠା-୮+୮ ମୂଲ୍ୟ: ୭.୦୦




ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

# ସେବା
# ସୁଶାସନ
# ଗରିବ କଲ୍ୟାଣ
## ପାଇଁ ସମର୍ପିତ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ

ପ୍ରଧାନମନ୍ତ୍ରୀ
## ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀଙ୍କ
ଦ୍ୱାରା

₹ ୧୮,୬୦୦ କୋଟିର ଭିତ୍ତିଭୂମି ପ୍ରକଳ୍ପର **ଶିଳାନ୍ୟାସ ଓ ଶୁଭ ଉଦ୍‌ଘାଟନ**

ନୂତନ ରେଳ ସେବା ଏବଂ ୧୦୦ ବ୍ୟାଟେରୀ ଚାଳିତ ବସ୍‌ର **ଶୁଭାରମ୍ଭ**

ବରପୁତ୍ର ସମ୍ମାନ ଯୋଜନାର **ଲୋକାର୍ପଣ**

ଓଡ଼ିଶା ଭିଜନ୍ ୨୦୩୬ | ୨୦୪୭ ପୁସ୍ତିକା **ଶୁଭ ଉନ୍ମୋଚନ**

ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ **ପୁସ୍ତିକା ଉନ୍ମୋଚନ**

ଲକ୍ଷପତି ଦିଦିଙ୍କୁ **ସମ୍ବର୍ଦ୍ଧନା ଜ୍ଞାପନ**

୨୦ ଜୁନ୍ ୨୦୨୫ | ଅପରାହ୍ନ ୪ ଘଟିକା | ଜନତା ମଇଦାନ, ଭୁବନେଶ୍ୱର

### ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପାଟି**
ରାଜ୍ୟପାଳ, ଓଡ଼ିଶା

**ଶ୍ରୀଯୁକ୍ତ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ**
କେନ୍ଦ୍ର ଶିକ୍ଷା ମନ୍ତ୍ରୀ

**ଶ୍ରୀଯୁକ୍ତ ଜୁଏଲ ଓରାମ**
କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ

**ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ**
କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରୀ

**ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

**ଶ୍ରୀମତୀ ପ୍ରଭାତୀ ପରିଡା**
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଓଡ଼ିଶାର ମନ୍ତ୍ରୀଗଣ | ଓଡ଼ିଶାର ସାଂସଦଗଣ | ଓଡ଼ିଶାର ବିଧାୟକ/ ବିଧାୟିକା ଗଣ

ସିଧା ପ୍ରସାରଣ: DD News and DD Odia | YouTube: @DD Odia News Official/@DD Odia

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

DADLS - 34

OIPR 15001/13/0713/2526



କଟକ(ଭାସ୍କର ନ୍ୟୁଜ୍): କଟକ ସହରର ପରିମଳ ବ୍ୟବସ୍ଥାକୁ ନେଇ ହାଇକୋର୍ଟ ଆଜି ଉଦବେଗ ପ୍ରକାଶ କରିବା ସହ ସହରରେ ଯେପରି ଝାଡ଼ାବାନ୍ତି ନ ବ୍ୟାପେ ସେଥିପ୍ରତି ସତର୍କତାମୂଳକ ପଦକ୍ଷେପ ନେବା ଲାଗି କଟକ ମହାନଗର ନିଗମକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟର ବିଭିନ୍ନ ଜିଲ୍ଲାରେ ହଇଜା ବ୍ୟାପିବା ସହ ସଂକ୍ରାମକ ରୋଗ ବ୍ୟାପିବା ପ୍ରସଙ୍ଗରେ କଟକ ସହରରେ ପରିମଳ ବ୍ୟବସ୍ଥା ଅତ୍ୟନ୍ତ ଖରାପ ହୋଇଥିବା ଦର୍ଶାଇ ଆଡ଼ଭୋକେଟ୍ କମିଟି ଏବଂ ଅମିକସକ୍ୟୁରୀଙ୍କ ରିପୋର୍ଟ ଆଧାରରେ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟ ସିଏମ୍‌ସିକୁ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ମାମଲାର ପରବର୍ତ୍ତୀ ଶୁଣାଣି ପୂର୍ବରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସତ୍ୟପାଠ ମାଧ୍ୟମରେ ଅବଗତ କରାଇବାକୁ ହାଇକୋର୍ଟ ସିଏମ୍‌ସିକୁ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏହି ମାମଲାରେ ହାଇକୋର୍ଟ ସିଏମ୍‌ସି ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ୱାଟ୍‌କୋକୁ ମଧ୍ୟ ସତ୍ୟପାଠ ଦାଖଲ କରିବାକୁ ଆଦେଶ ଦେଇଛନ୍ତି । ଆସନ୍ତା ୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ହାଇକୋର୍ଟ କହିଛନ୍ତି ।





ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ନେଇ ଜନତା ମଇଦାନରେ ପ୍ରସ୍ତୁତିର ଅନୁଧାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ଓ ବିମାନ ବନ୍ଦର ରାସ୍ତାରେ କାରକେଡ୍ ରିହର୍ସଲ୍

## ପୂର୍ବତନ ୟୁକେ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାରଙ୍କୁ ଭେଟିଲେ କେ.ଭି.ସିଂହଦେଓ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କେ ଭି ସିଂହଦେଓ ଆଜି ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ (ଟିବିଆଇ)ର କାର୍ଯ୍ୟକାରୀ ଅଧକ୍ଷ ଟୋନି ବ୍ଲେୟାରଙ୍କୁ ଦିଲ୍ଲୀର ତାଜ ପ୍ୟାଲେସ ହୋଟେଲରେ ଭେଟିଛନ୍ତି। ଉଭୟ ନେତାଙ୍କ ଉପସ୍ଥିତିରେ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ, ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, କାନପୁର ଏବଂ ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ୍ ଫର ଗ୍ଲୋବାଲ୍ ଚେଞ୍ଜ ଦ୍ୱାରା ଏକ ତ୍ରିପାକ୍ଷିକ ଇଣ୍ଟେଣ୍ଟ ଲେଟର (ଏଲ୍ଓଆଇ) ସ୍ୱାକ୍ଷରିତ ହୋଇଛି। ଏଲଓଆଇରେ ହୋଇଥିବା ସହମତି ଅନୁଯାୟୀ, ଓଡ଼ିଶା ଭାରତର ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀଙ୍କର କମ୍ୟୁନିଟି ପ୍ରାକ୍ଟିସ ପାଇଁ ନେତୃତ୍ୱ ନେବ। ଏହି ବର୍ଷ ଶେଷରେ ଓଡ଼ିଶାରେ ବିଭିନ୍ନ ରାଜ୍ୟର ଶକ୍ତି ମନ୍ତ୍ରୀମାନଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହେବ। ଟୋନି ବ୍ଲେୟାର ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା ବିଦ୍ୟୁତ ସଂସ୍କାରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ରାଜ୍ୟ ଗତ ଏକବର୍ଷ ମଧ୍ୟରେ ଅକ୍ଷୟ ଶକ୍ତି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିବେଶକୁ ଆକର୍ଷିତ କରିଛି ।ଖଣିଜ ଆଧାରିତ ଶିଳ୍ପ ଏବଂ ତାପଜ ବିଦ୍ୟୁତ୍ କେନ୍ଦ୍ର ଯୋଗୁଁ ଓଡ଼ିଶା ସାଧାରଣତଃ ଅସୁବିଧାର ସମ୍ମୁଖୀନ ହେଉଛି। ଟୋନି ବ୍ଲେୟାର ସ୍ଥାୟୀ ଶକ୍ତି ସମାଧାନକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସହିତ ନିରନ୍ତର ସହଯୋଗ ପାଇଁ ପ୍ରସ୍ତୁତ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି। ଟିବିଆଇର ଦେଶ ନିର୍ଦ୍ଦେଶକ ବିବେକ ଅଗ୍ରୱାଲ, ଆଇଆଇଟି କାନପୁରର ଡିନ୍, ପ୍ରଫେସର ସଚ୍ଚିଦାନନ୍ଦ ତ୍ରିପାଠୀ ଓ ଓଡ଼ିଶା ଶକ୍ତି ବିଭାଗର ବିତୀୟ ପରାମର୍ଶଦାତା-ତଥା-ଅତିରିକ୍ତ ଶାସନ ସଚିବ ଦେବୀଦତ୍ତ ତ୍ରିପାଠୀ ଲେଟରରେ ସ୍ୱାକ୍ଷର କରିଛନ୍ତି ।

## ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସରକାରୀ ଅଫିସ୍ ବନ୍ଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶୁକ୍ରବାର ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱରରେ ସରକାରୀ ଅଫିସ୍ ବନ୍ଦ ରହିବ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରଖିବାକୁ ନିଷ୍ପତି ହୋଇଛି। ଏହାସହିତ ରାଜସ୍ୱ ଓ ମାଜିଷ୍ଟେରିଆଲ କୋର୍ଟ (କାର୍ଯ୍ୟନିର୍ବାହୀ) ମଧ୍ୟ ଛୁଟି ରହିବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ବେଳେ ଅତ୍ୟଧିକ ଭିଡ଼ ଓ ଟ୍ରାଫିକ୍ ସମସ୍ୟା ହେବାର ଆଶଙ୍କା ଥିବାରୁ ବନ୍ଦ ପାଇଁ ନିଷ୍ପତି ହୋଇଛି।

## ରାଜ୍ୟସ୍ତରୀୟ ବିଶ୍ୱ ସିକିଲ୍ ସେଲ୍ ସଚେତନତା ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଶ୍ୱ ସିକିଲ୍ ସେଲ୍ ଦିବସ ଉପଲକ୍ଷେ ଆଜି ୟୁନିସେଫ୍ ଏବଂ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମିଳିତ ଆନୁକୁଲ୍ୟରେ ରାଜ୍ୟ ସ୍ତରୀୟ ସଚେତନତା ଶିବିର ସ୍ଥାନୀୟ ଇଣ୍ଡିଆନ ମେଡିକାଲ ଆସୋସିଏସନ୍ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକ ଡାକ୍ତର ବୃନ୍ଦା ଡି. ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସିକିଲ୍ ସେଲ୍ ନିରାକରଣ କ୍ଷେତ୍ରରେ ଓଡ଼ିଶା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଛି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୧ଟି ସମ୍ବେଦନଶୀଳ ଜିଲ୍ଲାରେ ରୋଗର କ୍ଷେତ୍ର ସ୍ତରୀୟ ଚିହ୍ନଟ (ସ୍କ୍ରିନିଂ) ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଅନୁଗୁଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ, ଗଜପତି, ଗଞ୍ଜାମ, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡ଼ା, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ ଆଦି ଜିଲ୍ଲାରେ ୪୦ ଲକ୍ଷରୁ ଅଧିକ ଲୋକଙ୍କ ସ୍କ୍ରିନିଂ କରାଯାଇ ପ୍ରାୟ ୯୨୦୦୦ ସିକିଲସେଲ ରୋଗୀ ଚିହ୍ନଟ କରାଯାଇଥିଲା । ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଡାକ୍ତର ମୋହନ ବେବର୍ତ୍ତା, ରାଜ୍ୟ ରକ୍ତ ସୁରକ୍ଷା ନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ପାତ୍ର, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନ ନିର୍ଦ୍ଦେଶକ ଡାକ୍ତର ଦିଲୀପ କୁମାର ପଣ୍ଡା, ଭେଷଜ ଶିକ୍ଷା ଓ ତାଲିମର ଅତିରିକ୍ତ ନିର୍ଦ୍ଦେଶକ ପ୍ରଫେସର ଉମାକାନ୍ତ ଶତପଥୀ ପ୍ରମୁଖ ଏହି ଶିବିରରେ ଭାଗ ନେଇ ସିକିଲସେଲ ନିରାକରଣର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପ୍ରସ୍ତୁତ ପୋଷ୍ଟର, ଆନିମେସନ ଭିଡିଓ, ରୋଗୀ ପୁସ୍ତିକା ଏବଂ ସୂଚନା ଶିକ୍ଷା ଓ ଯୋଗାଯୋଗ ପତ୍ର ଆଦିକୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଥିଲେ ।

## ବିଏମ୍‌ସି ଫୁଡ୍ ସ୍କ୍ୱାଡ ପକ୍ଷରୁ ବିଭିନ୍ନ ହୋଟେଲରେ ଚଢାଉ ଜାରି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସହର ବିଭିନ୍ନ ସ୍ଥାନରେ ଝାଡାବାନ୍ତି ରୋଗ ବ୍ୟାପୁଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଫୁଡ୍ ସ୍କ୍ୱାର୍ଡ ପକ୍ଷରୁ ବିଭିନ୍ନ ଖାଦ୍ୟ ଦୋକାନ ଉପରେ ଚଢଉ ଜାରି ରହିଛି । ବିଭିନ୍ନ ସ୍ଥାନରେ ଚଢଉ କରାଯାଇ ୫୭ ହଜାର ଟଙ୍କା ଜୋରିମାନା ଆଦାୟ କରିଥିବା ବେଳେ ପ୍ରାୟ ୨୫ କେଜି ଖାଦ୍ୟ ନଷ୍ଟ କରିଛି । ସେହି ପରି ୬ଟି ସ୍ଥାନରୁ ପାନୀୟ ଜଳ ନମୂନା ଏବଂ ୮ଟି ହୋଟେଲରୁ ଖାଦ୍ୟ ନମୂନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ସେଗୁଡିକୁ ପରୀକ୍ଷା ପାଇଁ ପଠାଯାଇଛି । ଆଜି ମୁଖ୍ୟତଃ ଏରୋଡ୍ରମ ଏରିଆ, ସୌଭାଗ୍ୟ ନଗର, ଚନ୍ଦ୍ର ଶେଖରପୁର, ଡିଷ୍ଟ୍ରିକ୍ଟ ସେଣ୍ଟର ଆଦି ଅଞ୍ଚଳରେ ଏହି ଚଢାଉ କରାଯାଇଥିଲା । ସଂପ୍ରତି ସହରର ବିଭିନ୍ନ ସ୍ଥାନରେ ଝାଡାବାନ୍ତି ରୋଗ ବ୍ୟାପିଥିବାରୁ ଏଥିପାଇଁ ଜନ ସାଧାରଣ ସ୍ୱଚ୍ଛତା ଅବଲମ୍ବନ କରିବା ପାଇଁ ଅନୁରୋଧ କରାଯାଇଛି । ଖାଦ୍ୟ ବ୍ୟବସାୟୀମାନେ ମଧ୍ୟ ସ୍ୱଚ୍ଛତା, ପରିଷ୍କାର ପରିଚ୍ଛନ୍ନତା ଏବଂ ସ୍ୱାସ୍ଥ୍ୟକର ପରିବେଶରେ ତଟକା ଖାଦ୍ୟ ବିକ୍ରି କରିବା ପାଇଁ କୁହାଯାଇଛି । କୌଣସି ପରିସ୍ଥିତିରେ ମାଛିବସା ଖାଦ୍ୟ ନ ବିକ୍ରି କରିବା ପାଇଁ ତାଗିଦ କରାଯାଇଛି । ଜନ ସାଧାରଣଙ୍କ ହିତ ଦୃଷ୍ଟିରୁ ଏହି ଚଢାଉ କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବି। ଏଥିପାଇଁ ଜନ ସାଧାରଣ ତଥା ଖାଦ୍ୟ ବ୍ୟବସାୟୀମାନେ ସହଯୋଗ କରିବା ପାଇଁ କୁହାଯାଇଛି।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

କଟକ(ଭାସ୍କର ନ୍ୟୁଜ୍): କଂଗ୍ରେସ ସାଂସଦ ତଥା ସଂସଦୀୟ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀଙ୍କର ଜନ୍ମ ଦିବସ ଅବସରରେ କଟକ ନଗର ଯୁବ କଂଗ୍ରେସ ପକ୍ଷରୁ କଟକ ଶକ୍ତି ନଗର ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । କଟକ ନଗର ଯୁବ କଂଗ୍ରେସ ସଭାପତି ଡ଼ ବିପ୍ଲବ ଶିଳାଦିତ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ରକ୍ତଦାନ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିରକୁ ଆଇଏନଟିୟୁସିର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ ଉଦ୍ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ, ଉପ ସଭାପତି ଶିଶିର ରଥ,ମନୋଜ ବିଶ୍ୱାଳ ଓ ରାଜେଶ୍ ସ୍ୱାଇଁ, ମୁଖପାତ୍ର ମାନସ ପରିଡ଼ା, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଆଶୁତୋଷ ରାଉତ୍, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ଶିବ ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ ।

## ସିକଲସେଲ ବିରୋଧୀ ସଚେତନତା ବ୍ୟାପକ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ହେଉଛି ବିଶ୍ୱ ରକ୍ତ ଶିକୁଳି ଦିବସ । ଏହି ଅବସରରେ ସିକଲସେଲ ବିରୋଧୀ ସଚେତନତା ବ୍ୟାପକ କରିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସିକଲସେଲ ବା ରକ୍ତ ଶିକୁଳି ରୋଗ ନିରାକରଣରେ ଓଡ଼ିଶା ଏକ ନୂତନ ଉଦାହରଣ ସୃଷ୍ଟି କରିଛି । ଗୋଟିଏ ନମୁନାରେ ସିକଲସେଲ ଓ ଥାଲାସେମିଆ ଦୁଇଟି ରୋଗର ଚିହ୍ନଟ କରିବାରେ ଓଡ଼ିଶା ଦେଶର ଏକମାତ୍ର ରାଜ୍ୟ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ସିକଲସେଲ ଦିବସରେ ମୁଁ ସମସ୍ତଙ୍କୁ ଅନୁରୋଧ କରୁଛି ଯେ, ସିକଲସେଲ ବିରୋଧୀ ସଚେତନତା ବ୍ୟାପକ କରି ମାନନୀୟ ପ୍ରଧାନମନ୍ତ୍ରୀଙ୍କ ୨୦୪୭ ସୁଦ୍ଧା ସିକଲସେଲ ମୁକ୍ତ ଭାରତ ଗଠନ ଲକ୍ଷ୍ୟରେ ସହଭାଗୀ ହେବା । ଏକ ସୁସ୍ଥ, ସଶକ୍ତ ଓ ସମୃଦ୍ଧ ଓଡ଼ିଶା ନିର୍ମାଣ ଆମର ଲକ୍ଷ୍ୟ ହେଉ ।

## ଜୁଲାଇ ଦ୍ୱିତୀୟ ସପ୍ତାହରେ ଓଡ଼ିଶା ଆସିବେ ରାହୁଲ: ଭକ୍ତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆଜି ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଶାସନର ସଫଳତା ପ୍ରଚାର ପାଇଁ ଆସୁଛନ୍ତି । ଓଡ଼ିଶାରେ ମହିଳାଙ୍କ ପ୍ରତି ଗଣଦୁଷ୍କର୍ମ ବଢ଼ି ଚାଲିଛି । ସେହିଭଳି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ୧୧ ଟି ଜିଲ୍ଲାରେ ହଇଜା ବ୍ୟାପି ହାହାକାର ପରିସ୍ଥିତି ଦେଖାଦେଇଛି । ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିବାକୁ ଆମେ ସ୍ୱାଗତ କରିବୁ ଯଦି ଗୋପାଳପୁର ଓ କେନ୍ଦୁଝରର ବହୁଚର୍ଚ୍ଚିତ ଗଣଦୁଷ୍କର୍ମ ଶିକାର ହୋଇଥିବା ପରିବାରକୁ ଭେଟି ଓଡ଼ିଶାର ଆଇନ ଶୃଙ୍ଖଳାକୁ ସୁଧାରିବେ। କେନ୍ଦ୍ର ଓ ଓଡ଼ିଶା ସରକାରଙ୍କ ଶାସନର ବିଫଳତା ବିରୁଦ୍ଧରେ କଂଗ୍ରେସ ଆସନ୍ତାକାଲି ସକାଳ ୯ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଅନଶନ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ହଇଜାକୁ ଯେଉଁଭଳି ଗୁରୁତ୍ୱ ଦେବାକଥା ସରକାର ଦେଉନାହାନ୍ତି । ପିସିସି ପକ୍ଷରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ଅନୁଧାନ ପାଇଁ ଏକ ୧୨ ଜଣିଆ କମିଟି ବିଧାୟକ ସିଏସ ରାଜନ ଏକାଙ୍କ ନେତୃତ୍ୱରେ ଯାଜପୁର ଓ ଭଦ୍ରକ ଜିଲ୍ଲା ଗସ୍ତ କରିଛି। ଉକ୍ତ ଟିମ ହଇଜା ପ୍ରଭାବିତ ଅଞ୍ଚଳର ସାଧାରଣ ଜନତାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିବେ । ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନାଙ୍କ ନେତୃତ୍ୱରେ ପିସିସି ପକ୍ଷରୁ ଏକ ଅନୁଧାନକାରି ଦଳ କେନ୍ଦୁଝର ଗସ୍ତ କରିବ ଏବଂ ଗୋପାଳପୁର ଘଟଣାରେ ଅନୁଧାନ କରିବାକୁ କଂଗ୍ରେସର ଏକ ଟିମ ଗସ୍ତ କରିଛି। କଂଗ୍ରେସ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶ୍ରୀ ଦାସ ସେ କହିଛନ୍ତି ରାହୁଲ ଗାନ୍ଧୀଙ୍କ ଜନ୍ମ ଦିନ ଅବସରରେ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ରକ୍ତଦାନ ଶିବିର ଏବଂ ନାରୀ ସାମାଜିକ ନ୍ୟାୟ ଉପରେ ଚଳଚ୍ଚିତ୍ର ଫୁଲେକୁ ଛାତ୍ର କଂଗ୍ରେସ ପକ୍ଷରୁ କଂଗ୍ରେସ ନେତୃବୃନ୍ଦଙ୍କୁ ଦେଖାଇଛନ୍ତି । ସେ କହିଛନ୍ତି ଜୁଲାଇ ଦ୍ୱିତୀୟ ସପ୍ତାହରେ ରାହୁଲ ଗାନ୍ଧୀ, ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖଡ଼ଗେ ଓ ଏଆଇସିସି ସାଧାରଣ ସମ୍ପାଦକ କେସି ଭେଣୁ ଗୋପାଳ ଓଡ଼ିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଭୁବନେଶ୍ୱରରେ ବିଶାଳ ଜନସମାବେଶ ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଏସବୁ ଘଟଣାକୁ ପ୍ରଧାନମନ୍ତ୍ରୀ ଯଦି ଗୁରୁତ୍ୱର ସହ ନେଉଛନ୍ତି ତେବେ ନାରୀ ନିର୍ଯ୍ୟାତନା ଓ ହଇଜା ଉପରେ ତାଙ୍କ ବକ୍ତବ୍ୟ ରଖିବାକୁ ପିସିସି ସଭାପତି ଦାବି ରଖିଛନ୍ତି । ଗୋପାଳପୁର, କେନ୍ଦୁଝର ଏବଂ ଯାଜପୁରକୁ ପ୍ରଧାନମନ୍ତ୍ରୀ ଗସ୍ତ କରିବେକି ବୋଲି ସେ ପ୍ରଶ୍ନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କୋଷାଧ୍ୟକ୍ଷ ସିର୍ଦ୍ଧାର୍ଥ ସ୍ୱରୂପ ଦାଶ, କଂଗ୍ରେସ ନେତା ଅରବିନ୍ଦ ଦାସ, ପିସିସି ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।


## କଂଗ୍ରେସର ସମ୍ମିଳନୀ, ଆନ୍ଦୋଳନ ଡାକରା ସୈତାନର ବେଦ ପାଠ ସଦୃଶ: ବିଜେପି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କଂଗ୍ରେସ ଦଳ ନାରୀ ସୁରକ୍ଷାକୁ ନେଇ ଯେଉଁଭଳି ଭାବେ ଦିଲ୍ଲୀ ଦରବାରରେ ପ୍ରଶ୍ନ ଉଠାଇଛି ଏହା ସୈତାନର ବେଦ ପାଠ ସଦୃଶ ବୋଲି ବିଜେପି ମୁଖପାତ୍ର ମନୋଜ ମହାପାତ୍ର ଓ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡା. ଐଶର୍ଯ୍ୟା ବିଶ୍ୱାଳ କହିଛନ୍ତି। ମୋହନ ସରକାରଙ୍କ କାର୍ଯ୍ୟକାଳରେ ଗତ ବର୍ଷକ ମଧ୍ୟରେ ଯେଉଁଠାରେ ବି ଗଣଦୁର୍ଷ୍କମ ଅବା ମହିଳାଙ୍କ ପ୍ରତି ଅସଦାଚାରଣ ହୋଇଛି ସେସବୁସ୍ଥାନରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବିଜେଡି ସରକାରଙ୍କ ଭଳି ଅପରାଧକୁ ଶଂଖ ଖୋଳପା ମଧ୍ୟରେ ରଖାଯାଇ ନାହିଁ। ଗୋପାପଳପୁର ମାମଲାରେ ସମସ୍ତ ଅପରାଧୀଙ୍କୁ ଜେଲ ପଠାଇ ଦିଆଯାଇଛି। ଏହା ଉପରେ ଅଧିକ ତଦନ୍ତ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ କ୍ରାଇମବାଂଚକୁ ତଦନ୍ତ ଦାୟିତ୍ୱ ଦେଇଛନ୍ତି। ନାରୀ ସୁରକ୍ଷାକୁ ନେଇ ଦଳ ମତ ନିର୍ବିଶେଷରେ ଏକ ମତ ହୋଇ ଲଢ଼ିବାକୁ ପଡିବ। ଏ ପ୍ରସଙ୍ଗରେ ଅପରାଧି ଯିଏ ବି ହୋଇଥାଆନ୍ତୁ ନା କାହିଁକି ତାଙ୍କୁ କଠୋର ଦଣ୍ଡ ଦେବାକୁ ମୋହନ ସରକାର ସଂକଳ୍ପବଦ୍ଧ। ମହିଳାମାନଙ୍କୁ ନ୍ୟାୟ ଦେବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ ବୋଲି ରାଜ୍ୟ ମହିଳା ମୋର୍ଚ୍ଚା ସଭା ନେତ୍ରୀ ଡା. ବିଶ୍ୱାଳ କହିଛନ୍ତି।

## ଡାଇରିଆ ପାଇଁ ସ୍କୁଲରେ ସ୍ୱଚ୍ଛତା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଡାଇରିଆ ଡର ଭିତରେ କାଲି ଖୋଲିବ ସ୍କୁଲ । ତେଣୁ ସରକାରଙ୍କୁ ଡାଇରିଆ ଚିନ୍ତା ଘାରିଛି। ଡାଇରିଆ ପ୍ରବଣ ୩ ଜିଲ୍ଲାର ସ୍ଥିତି ଦେଖି ସ୍କୁଲ୍ ଖୋଲିବା ନିଷ୍ପତି ନେବେ ଜିଲ୍ଲାପାଳ। ସ୍ଥିତି ଅଣାୟତ୍ତ ଥିଲେ ସ୍କୁଲ୍ ବନ୍ଦ୍ ରଖିପାରିବେ ଜିଲ୍ଲାପାଳ ବୋଲି ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଆକ୍ୱାଗାର୍ଡ ନ ଥିବା ସ୍କୁଲ୍ ମାନଙ୍କରେ ପିଲାଙ୍କୁ ଫୁଟା ପାଣି ପିଇବା ପାଇଁ ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ପାଚିକା ମାନେ ମଧ୍ୟାହ୍ନ ଭୋଜନ ରେ ଗରମ ଖାଦ୍ୟ ସହ ପିଲାଙ୍କୁ ଫୁଟା ପାଣି ଦେବା ପାଇଁ କୁହାଯାଇଛି। ହଷ୍ଟେଲରେ ବି ଗ୍ରହଣ ହେବ ସମାନ ବ୍ୟବସ୍ଥା। ସ୍କୁଲ୍ ପରିବେଶ ସହ ପାଣି ଟାଙ୍କି ସଫା କରିବା ଉପରେ ଗୁରୁତ୍ୱ ଦିଆଯାଇଛି । ସ୍କୁଲ ବାହାରେ ଫାଷ୍ଟ ଫୁଡ଼ ଦୋକାନ ବନ୍ଦ ରହିବ । ଅଭିଭାବକ ମାନଙ୍କୁ ସ୍କୁଲକୁ ଡାକି ସଚେତନ କରାଯିବ । ବିଦ୍ୟାଳୟର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେବାକୁ ଗଣଶିକ୍ଷା ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

## ନାରୀ ନିର୍ଯାତନାରେ ଓଡ଼ିଶା ଶୀର୍ଷରେ: କଂଗ୍ରେସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶାର ୧୧ ମାସ ମଧ୍ୟରେ ପ୍ରତିଦିନ ସେଠାରେ ୧୫ଟି ବଳାତ୍କାର ମାମଲା ରିପୋର୍ଟ ହେଉଛି, ୧୦ ମାସରେ ରାଜ୍ୟର ବିଭିନ୍ନ ସ୍ଥାନରେ ୪,୫୦୦ ଝିଅ ନ୍ୟାୟ ପାଇଁ ନିବେଦନ କରୁଛନ୍ତି । ୧୧ ମାସରେ ରାଜ୍ୟର ୨୮,୦୦୦ ମହିଳା ଏବଂ ଝିଅ ଦୁଷ୍କର୍ମର ଶିକାର ହେଉଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି । ସେହିପରି ବିଧାୟକ ସୋଫିଆ ଫିର୍ଦ୍ଦୋଶ କହିଛନ୍ତି ଓଡ଼ିଶାର ଭଦ୍ରକର ହସ୍ପିଟାଲର ଜଣେ ନର୍ସ ତାଙ୍କ ସହିତ ହେଉଥିବା ଯୌନ ନିର୍ଯ୍ୟାତନା ଏବଂ ବଳାତ୍କାର ବିଷୟରେ କହିଛନ୍ତି ଏବଂ ନ୍ୟାୟ ମାଗୁଛନ୍ତି ।ଓଡ଼ିଶାରେ ବିଜେପି ସରକାର ଗଠନ ହେବାର ୧୧ ମାସ ମଧ୍ୟରେ ୨୮,୦୦୦ ମହିଳାଙ୍କୁ ଅପରାଧାର ଶିକାର କରାଯାଇଛି । ଏପରି ପରିସ୍ଥିତିରେ ଏହି ମହିଳାମାନଙ୍କ ମଧ୍ୟରୁ କେତେ ଜଣଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିଛି ବୋଲି ଶ୍ରୀମତୀ ଫିର୍ଦ୍ଦୋଶ ପ୍ରଶ୍ନ କରିଛନ୍ତି । ଶ୍ରୀମତୀ ଫିର୍ଦ୍ଦୋଶ ଗୋପାଳପୁର ଗଣବଳାତ୍କାର ଏବଂ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା କେନ୍ଦୁଝରର ହରିଚନ୍ଦନପୁରରେ ଏକ ମହିଳାଙ୍କୁ ଧର୍ଷଣ ଓ ହତ୍ୟା ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ । ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କହିଛନ୍ତି ରାଜ୍ୟର ମହିଳାମାନଙ୍କୁ ସୁରକ୍ଷାର ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ ଆଜି ଏଠାକାର ମହିଳାମାନଙ୍କୁ ଅନ୍ଧାର ଭିତରକୁ ଠେଲି ଦିଆଯାଇଛି । ଓଡ଼ିଶାରେ ବିଜେପି ସରକାର ଗଠନ ହେବାର ୧ ବର୍ଷ ବିତିଗଲାଣି । କିନ୍ତୁ ଏହି ଗୋଟିଏ ବର୍ଷ ଓଡ଼ିଶାର ଭଉଣୀ, ଝିଅ ଏବଂ ମହିଳାଙ୍କ ପାଇଁ ବହୁତ ବିପଦପୂର୍ଣ୍ଣ ଏବଂ ଭୟଙ୍କର ହୋଇଛି । ଓଡ଼ିଶାର ବିଜେପି ସରକାର ଅଧିନରେ ମହିଳାଙ୍କ ବିରୁଦ୍ଧରେ ବଳାତ୍କାର ଏବଂ ହତ୍ୟା ଭଳି ଅପରାଧ ବୃଦ୍ଧି ପାଉଛି ।

## ରଥ ପଥର ସମୀକ୍ଷା

କଟକ(ଭାସ୍କର ନ୍ୟୁଜ୍): କଟକ ମହାନଗର ନିଗମ ପକ୍ଷରୁ ରଥ ପଥର ସମୀକ୍ଷା କରାଯାଇଛି। କଟକ ମେୟର ସୁବାସ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ କଟକ ଶାନ୍ତି କମିଟି କର୍ମକର୍ତ୍ତା, ସିଏମ୍‌ସି ଅଧିକାରୀ, ସ୍ଥାନୀୟ କର୍ପୋରେଟର ପ୍ରଭୁ ଜଗନ୍ନାଥଙ୍କ ରଥ ଯିବା ରାସ୍ତାର ସମୀକ୍ଷା କରିଥିଲେ । ବୈଠକରେ ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତାକୁ ବାହାରୁଥିବା ଗଛ ଲତାକୁ କାଟିବା, ମୁକ୍ତ ନର୍ଦ୍ଦମାରେ ସ୍ଲାବ ପକାଇବା, ଫୁଟ୍‌ପାଥ ଗୁଡିକୁ ମରାମତି କରିବା, ରାସ୍ତାକଡ ବାଲି ଗୋଡିକୁ ସଫାକରିବା ସହିତ ଯୋଉଁ ସ୍ଥାନରେ ରାସ୍ତାର ମରାମତି ଦରକାର ତାହା ଯୁଦ୍ଧକାଳୀନ ଭତ୍ତିରେ ମରାମତି କରିବା ଉପରେ ଆଲୋଚନା କରାଯାଇଥିଲା ।

## ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ନବୀନ ପଟ୍ଟନାୟକଙ୍କ ସହ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଅବଗତ ହେଲି । ଆସନ୍ତା ୨୨ରେ ସେ ମୁମ୍ବାଇରେ ଚିକିତ୍ସିତ ହେବେ । ତାଙ୍କର ଚିକିତ୍ସା ପ୍ରକ୍ରିୟା ସଫଳ ହେବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କୁ ଶୀଘ୍ର ସୁସ୍ଥ କରନ୍ତୁ ।

## ମହିଳା ଓ ଶିଶୁଙ୍କୁ ସୁରକ୍ଷା ଦେବାରେ ବିଫଳ ବିଜେପି ସରକାର: ବିଜେଡି



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି ଏବଂ ମହିଳା ଓ ଶିଶୁମାନେ ଅସୁରକ୍ଷିତ ହୋଇପଡିଛନ୍ତି ବୋଲି ଅଭିଯୋଗ କରି ଆଜି ବିଜୁ ଜନତା ଦଳ ରାଜ୍ୟ ବିଜେପି ସରକାରଙ୍କ ଉପରେ ବର୍ଷିଛି । ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ, ବରିଷ୍ଠ ସାଧାରଣ ସମ୍ପାଦିକା ସ୍ନେହାଙ୍ଗିନୀ ଛୁରିଆ, ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ, ବରିଷ୍ଠ ସାଧାରଣ ସମ୍ପାଦିକା ରାଜଶ୍ରୀ ମଲ୍ଲିକ୍, ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠୀ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ଗତ ଏକ ବର୍ଷରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜ୍ୟ ସରକାର ମହିଳା ଓ ଶିଶୁଙ୍କୁ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି କହିଥିଲେ । ଅଧିକ ଅପରାଧ ଘଟୁଥିବା ରାଜ୍ୟ ମାନଙ୍କ ତାଲିକାରେ, ଓଡିଶା ଅଷ୍ଟମ ସ୍ଥାନ ହାସଲ କରିଛି ଓ ପ୍ରଥମ ଦଶଟି ରାଜ୍ୟ ମଧ୍ୟରେ ଆଠଟି ବିଜେପି ଶାସିତ ରାଜ୍ୟ ରହିଛି । ସରକାରଙ୍କୁ ଆମେ ଚେତାବନୀ ଦେଉଛୁ, ନିଦରୁ ଉଠନ୍ତୁ ଓ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ପାଇଁ ତୁରନ୍ତ ପଦକ୍ଷେପ ନିଅନ୍ତୁ । ସ୍ଥିତିରେ ଶୀଘ୍ର ସୁଧାର ନଆସିଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ।

## ବିକାଶ ମେଳାରେ ସହାୟତା ରାଶି ପ୍ରଦାନ



କଟକ(ଭାସ୍କର ନ୍ୟୁଜ୍): ଜିଲ୍ଲା ବିକାଶ ମେଳାରେ ରାଜ୍ୟ ଆଇନସେବା ପ୍ରାଧିକରଣ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତଳ ବାଲିଯାତ୍ରା ପଡ଼ିଆରେ ବିକାଶ ମେଳା ଅବସରରେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଅଣସଙ୍ଗଠିତ କ୍ଷେତ୍ରର ୪୦ ହିତାଧିକାରୀଙ୍କୁ କାର୍ଡ ଦେବା ସହ ସମୁଦାୟ ୨୪ ହିତାଧିକାରୀଙ୍କୁ ମୃତ୍ୟୁଜନିତ ସହାୟତା, ବିବାହ ଏବଂ ଶିକ୍ଷା ସହାୟତା ସ୍ୱରୂପ ୩୨ଲକ୍ଷ ୮୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଥିଲା। ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ୭ଜଣଙ୍କୁ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ବିଧବା ଓ ଭିନ୍ନକ୍ଷମ ଭତ୍ତା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ ଅରବିନ୍ଦ ପଟ୍ଟନାୟକ, ଉପ ସଚିବ, ଚିତ୍ତରଞ୍ଜନ ମିଶ୍ର, ସହକାରୀ ସଚିବ, ବିବେକ ସାଶମଲ ଯୋଗ ଦେଇଥିବା ବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରିତିବନ୍ଧନ ଘଡାଇ,ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ରଥ ଉପସ୍ଥିତ ଥିଲେ।

## ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



କଟକ(ଭାସ୍କର ନ୍ୟୁଜ୍): କଟକ ଜିଲ୍ଲାକୁ ଶିଶୁ ଶ୍ରମିକ ମୁକ୍ତ କରିବା ତଥା ଶିଶୁ ଶ୍ରମିକ ନିୟୋଜନ ବିରୋଧରେ ସଚେତନତା ଲକ୍ଷ୍ୟ ନେଇ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ଉନ୍ନୟନ ଡକ୍ଟର ଦିବ୍ୟଲୋଚନ ମହାନ୍ତ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି । ୧୪ ବର୍ଷରୁ କମ୍ ବୟସର ଶିଶୁଙ୍କୁ କୌଣସି ପ୍ରକାରର ବୃତିରେ ନିୟୋଜିତ ନ କରିବା ଏବଂ ୧୫ରୁ ୧୮ ବର୍ଷ ବୟସର କିଶୋରମାନଙ୍କୁ ବିପଦଶଙ୍କୁଳ କାର୍ଯ୍ୟରେ ନିୟୋଜିତ କରିବାରୁ ନିବୃତ ରଖିବା ବାର୍ତ୍ତା ନେଇ ଏହି ରଥ ଜିଲ୍ଲାର ୧୪ଟି ଯାକ ବ୍ଲକ ପରିଭ୍ରମଣ କରିବ । ଶିଶୁ ଶ୍ରମିକ ନିୟୋଜିତ କରୁଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଜୋରିମାନା ଓ ଦଣ୍ଡବିଧାନର ପ୍ରାବଧାନ ରହିଛି । ଏ ସମ୍ପର୍କରେ ଯେକୌଣସି ସଚେତନ ନାଗରିକ ନିଃଶୁଳ୍କ ଶ୍ରମିକ ସହାୟତା ହେଲପଲାଇନ୍ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ୍ ନମ୍ବର ୧୦୯୮ରେ ଅଭିଯୋଗ କରିପାରିବେ । ବୈଠକରେ କଟକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ହରପ୍ରିୟା ନାୟକ, ଜିଲ୍ଲା ଶ୍ରମ ଅଧିକାରୀ ପ୍ରସନ୍ନ ପ୍ରଧାନ ଓ ପ୍ରୀତିବନ୍ଧନ ଘଡାଇ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି, ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ, ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତା, ବିଭିନ୍ନ ଶ୍ରମିକ ସଂଗଠନର ନେତା ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଓଡ଼ିଶା ଭାସ୍କର

facebook.com/odishabhaskar
twitter.com/odishabhaskar

ODISHA BHASKAR
ଯାହା ଆପଣଙ୍କ କଥା କହେ

RNI Regd. No.ORI ORI 2004/12956 Postal Regd. No. BN/294/21-232
Published Simultaneously from Bhubaneswar, Angul & Berhampur.
www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୦ Vol. 22 No-80 20 JUNE 2025 FRIDAY, BHUBANESWAR ଶୁକ୍ରବାର, ୨୦ ଜୁନ୍ ୨୦୨୫ ପୃଷ୍ଠା-୮+୮ ମୂଲ୍ୟ: ୭.୦୦




ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ | ୭



ତେନ୍ଦୁଲକର-ଅଣ୍ଡରସନ ଟ୍ରଫି ଉନ୍ମୋଚିତ | ୭






" ପୁସ୍ତକ ହିଁ ସତ୍ ଚରିତ୍ର ଗଠନର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । "

-ସ୍ୱାମୀ ବିବେକାନନ୍ଦ



" ଅସାଧୁ ହୁଅଇ ସାଧୁ ସାଧୁର ସଙ୍ଗରେ ନିର୍ମଳ ପଙ୍କିଳ ଜଳ ନିର୍ମଳ ଯୋଗରେ । "

-ମଧୁସୂଦନ ରାଓ



# ଲଜ୍ଜାକର-ଦୁର୍ଭାଗ୍ୟଜନକ

## ନର ପିଶାଚଙ୍କୁ ଲୋଡ଼ା କଠୋର ଶାସ୍ତି

ଗତ କିଛିଦିନ ଭିତରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ଦୁଷ୍କର୍ମ ଓ ଯୌନ ନିର୍ଯାତନାର ଏକାଧିକ ଘଟଣା ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି । ଯୌନ ପିପାସୁ ନରରାକ୍ଷସଙ୍କ କବଳରୁ ବିବାହିତା ମହିଳାଙ୍କ ଠାରୁ ଆରମ୍ଭ କରି ନାବାଳିକାଙ୍କ ପର୍ଯ୍ୟନ୍ତ କେହି ବର୍ତ୍ତି ପାରିନାହାନ୍ତି । ସବୁଠାରୁ ସମ୍ବେଦନଶୀଳ ଘଟଣା ରାଜ୍ୟର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗଞ୍ଜାମର ଗୋପାଳପୁର ବେଳାଭୂମିରେ ଘଟିଥିବା ବେଳେ କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର, ମୟୂରଭଞ୍ଜର ବାରିପଦା, କଟକ ଜିଲ୍ଲାର ବାରଙ୍ଗ ଓ ଅନୁଗୁଳ ଜିଲ୍ଲାର କଣିହାଁ ଠାରେ ମଧ୍ୟ ଲଜ୍ଜାକର ଦୁଷ୍କର୍ମ ମାମଲା ସାମ୍ନାକୁ ଆସିଛି । ଗତ ରବିବାର ସନ୍ଧ୍ୟାରେ ଯୁକ୍ତ ତିନି ପଢୁଥିବା ଜଣେ ଛାତ୍ରୀ ତାଙ୍କର ପୁରୁଷ ବନ୍ଧୁଙ୍କ ସହ ଗୋପାଳପୁର ପାନ୍ଥ ନିବାସ ପଛ ବେଳାଭୂମିର ନିର୍ଜନ ସ୍ଥାନରେ ବସିଥିବା ବେଳେ ୧୦ଜଣ ଯୁବକ ସେଠାରେ ପହଞ୍ଚି ଛାତ୍ରୀଙ୍କ ପ୍ରତି ଅସଦ୍ ବ୍ୟବହାର ଆରମ୍ଭ କରି ଦେଇଥିଲେ । ସେମାନଙ୍କ ମଧ୍ୟରୁ ୩ଜଣ ଛାତ୍ରୀଙ୍କୁ ଗଣଦୁଷ୍କର୍ମ କରିଥିବା ବେଳେ ଅନ୍ୟମାନେ ସେହି କାର୍ଯ୍ୟରେ ସହଯୋଗ କରିଥିଲେ । ପୀଡିତା ଛାତ୍ରୀ ଓ ପୁରୁଷ ବନ୍ଧୁ ବିଳମ୍ବିତ ରାତ୍ରୀରେ ଥାନାରେ ପହଞ୍ଚି ସମସ୍ତ ଘଟଣା ଜଣାଇଥିଲେ । ପୋଲିସ ତତ୍ପରତାର ସହ ପଦକ୍ଷେପ ଗ୍ରହଣ କରି ସେହି ରାତିରେ ୭ଜଣଙ୍କୁ ଗିରଫ କରିଥିବାବେଳେ ସୋମବାର ଆଉ ତିନିଜଣ ଏଭଳି ମୋଟ୍ ଦଶ ଜଣଙ୍କୁ ଗିରଫ କରିଛି । ରାଜ୍ୟ ସରକାର ଏହି ବର୍ବରୋଚିତ କାଣ୍ଡକୁ ଅତ୍ୟନ୍ତ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚ ଉପରେ ନ୍ୟସ୍ତ କରିଛନ୍ତି ଏବଂ ମଙ୍ଗଳବାର କ୍ରାଇମବ୍ରାଞ୍ଚର ଛ'ଜଣିଆ ସ୍ୱତନ୍ତ୍ର ଟିମ୍ ଗୋପାଳପୁରରେ ପହଞ୍ଚି ତନାଘନା ତଦନ୍ତ ଚଳାଇଛନ୍ତି । ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ୨୩ବର୍ଷ ବୟସ୍କ ପ୍ରମୋଦ ନାୟକ ନାମରେ ପୂର୍ବରୁ ବୋମା ପ୍ରସ୍ତୁତି ଓ ହତ୍ୟା ଉଦ୍ୟମ ଭଳି ଦୁଇଟି ସଙ୍ଗୀନ ଅଭିଯୋଗ ଥିବାର ପୋଲିସ ସୂତ୍ରରୁ ଜଣାପଡିଛି । ଏହି ଘଟଣାର ଏକ ଉଲ୍ଲେଖନୀୟ ବିଷୟ ହେଉଛି ଯେ, ଅଭିଯୁକ୍ତମାନେ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ ଭିଡ଼ିଓ ଉତ୍ତୋଳନ କରିଥିଲେ, ମାତ୍ର ସେହି ମୋବାଇଲ୍ ଫୋନ୍‌ଟି ଏ ପର୍ଯ୍ୟନ୍ତ ଜବତ ହୋଇପାରିନାହିଁ । କ୍ରାଇମବ୍ରାଞ୍ଚ ଟିମ୍ ସେହି ମୋବାଇଲ୍‌ଟିକୁ ଖୋଜିବାରେ ବ୍ୟସ୍ତ ଅଛନ୍ତି । ଅଭିଯୁକ୍ତମାନଙ୍କ ଠାରୁ ପୋଲିସ ଦୁଇଟି ବାଇକ୍ ଓ ସାତଟି ମୋବାଇଲ୍ ଏଯାବତ୍ ଜବତ କରିଛି । ଗୋପାଳପୁର ଘଟଣାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଡ଼ା ଭାଷାରେ ନିନ୍ଦା କରିବା ସଙ୍ଗେ ସଙ୍ଗେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରକାଶ କରିଛନ୍ତି । ଜାତୀୟ ମହିଳା କମିଶନ ମଧ୍ୟ ଏହି ପୈଶାଚିକ ବର୍ବରତା ନେଇ ନିଜ ଆଡୁ ମାମଲା ରୁଜୁ କରିଛନ୍ତି । କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁରର ପଣ୍ଡାପଡ଼ା ଥାନା ଅଞ୍ଚଳରେ ଜଣେ ୧୬ ବର୍ଷିୟା ନାବାଳିକାକୁ ଗଣ ଦୁଷ୍କର୍ମ ପରେ ହତ୍ୟା କରାଯିବାର ଦୁଃଖଦ ଘଟଣା ଆଲୋଡ଼ନ ସୃଷ୍ଟି କରିଛି । ଦୁର୍ବୃତ୍ତମାନେ ନାବାଳିକାକୁ ହତ୍ୟା କରିବା ପରେ ବେକରେ ଦଉଡ଼ି ବାନ୍ଧି ନିକଟବର୍ତ୍ତୀ ସଜନା ଗଛରେ ଟଙ୍ଗାଇ ଦେଇଥିଲେ । ଏହି ଘଟଣାକୁ କେନ୍ଦ୍ର କରି ଆଖପାଖ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ଉତ୍ୟକ୍ତ ଜନତା ଅଭିଯୁକ୍ତଙ୍କୁ ଗିରଫ ଦାବିରେ କାଠ ଓ ପଥର ପକାଇ ରାସ୍ତା ଅବରୋଧ କରିଥିଲେ । ମିଳିଥିବା ସୂଚନା ଅନୁଯାୟୀ ନାବାଳିକାଜନକ ଶୌଚ ହେବା ପାଇଁ ଘର ନିକଟ ପୋଖରୀକୁ ଯାଇଥିବା ବେଳେ ପିଶାଚମାନେ ତାକୁ ଜୋର ଜବରଦସ୍ତ ଟେକିନେଇ ଦୁଷ୍କର୍ମ କରିବା ପରେ ହତ୍ୟା କରିଥିଲେ । ମୟୂରଭଞ୍ଜର ବାରିପଦାରେ ଘଟିଥିବା ଘଟଣା ମଧ୍ୟ କମ୍ ବୀଭତ୍ସ ଓ ନାରକୀୟ ନୁହେଁ । ସଦର ଥାନା ଅଞ୍ଚଳରେ ୪ଜଣ ଯୁବକ ଜଣେ ବିବାହିତା ମହିଳାଙ୍କୁ ଘରୁ ଟେକିନେଇ ରାତିସାରା ଗଣଦୁଷ୍କର୍ମ କରିବାର ସଙ୍ଗୀନ ଅଭିଯୋଗ ହୋଇଛି । ନିଜେ ପୀଡିତା ମହିଳାଙ୍କ ସ୍ୱାମୀ ଏହି ଘଟଣା ନେଇ ଚାରି ଦୁର୍ବୃତ୍ତଙ୍କ ବିରୋଧରେ ଥାନାରେ ଏତଲା ଦେବା ପରେ ଡାକ୍ତରୀମାଇନା ସହ ତଦନ୍ତ ଜାରି ରହିଛି । ଏହି ସମସ୍ତ ଘଟଣା ଆମ ସମାଜରେ ସଂପ୍ରତି ମୁଣ୍ଡ ଟେକିଥିବା ନିମ୍ନଗାମୀ ବିକୃତ ମାନସିକତାର ପରିଚାୟକ କହିଲେ ଅତ୍ୟୁକ୍ତି ହେବନାହିଁ । ଯେତେ କଡ଼ାଭାଷାରେ ଏ ସବୁକୁ ନିନ୍ଦା କଲେ ମଧ୍ୟ ଯଥେଷ୍ଟ ହେବନାହିଁ । ସରକାର ଅପରାଧୀଙ୍କ ବିରୋଧରେ ଅତି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆଜି ସମୟର ଆହ୍ୱାନ ।

# ମୋଦୀଜୀ ସୁ-ସ୍ୱାଗତମ୍



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜି ଅପରାହ୍ନରେ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଓଡ଼ିଶା ଆସୁଛନ୍ତି । ସାଢ଼େ ଚାରି କୋଟି ଓଡ଼ିଆଙ୍କ ସହିତ ମିଶି ମୁଁ ଜଣେ ଓଡ଼ିଆ ଭାବରେ ଆମର ପ୍ରିୟ ପ୍ରଧାନମନ୍ତ୍ରୀଙ୍କୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ପବିତ୍ର ମାଟିକୁ ସ୍ୱାଗତ କରୁଛି ।

ଏହା ଭିତରେ ମୋଦୀଜୀ ଦେଶର ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ସମ୍ଭାଳିବାର ୧୧ ବର୍ଷ ପୂରଣ ହୋଇସାରିଛି । ମୁଁ ମଧ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କାମ କରିବାର ପ୍ରଥମ ବର୍ଷ ପୂରଣ କରିସାରିଛି । ଗତ ଗୋଟିଏ ବର୍ଷରେ ମୋଦୀଜୀ ୫ଥର ଓଡ଼ିଶାକୁ ଆସି ସାରିଛନ୍ତି । ଆଜିର ତାଙ୍କର ଗସ୍ତକୁ ମିଶାଇଲେ ଓଡ଼ିଶାରେ ଡବଲ ଇଞ୍ଜିନ୍ ସରକାର ଗଠନ ପରେ ଷଷ୍ଠ ଥର ପାଇଁ ସେ ଓଡ଼ିଶା ଆସିବେ । ମୋଦୀଜୀଙ୍କ ପୂର୍ବରୁ ଯେତେ ପ୍ରଧାନମନ୍ତ୍ରୀ ହୋଇଛନ୍ତି, ସେମାନେ ମୋଟରେ ଯେତେଥର ଆସିଛନ୍ତି ଆମର ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକା ତା'ଠାରୁ ଅଧିକ ଥର ଆସିଛନ୍ତି ।

ବାରମ୍ବାର ଓଡ଼ିଶାକୁ ଆସିବା ପଛରେ ରହିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ଅନନ୍ୟ ସମର୍ପଣ ଭାବ ଏବଂ ଓଡ଼ିଶା ପ୍ରତି ତାଙ୍କର ଅହେତୁକ ଭଲପାଇବା । ବିଜେପିର ଜଣେ ବିଧାୟକ ଭାବରେ ବିଭିନ୍ନ ଦଳୀୟ ଓ ସରକାରୀ କାର୍ଯ୍ୟକ୍ରମରେ ମୋଦୀଜୀଙ୍କ ସହ ମିଶିବା ଓ ଦେଖା ହେବାର ସୁଯୋଗ ମିଳିଥିଲା । ମାତ୍ର ଗତ ଗୋଟିଏ ବର୍ଷରେ ତାଙ୍କ ସହ କେବଳ ଅନେକ ଥର ଦେଖା ହେବାର ସୁଯୋଗ ମିଳିଛି ତା ନୁହେଁ, ବରଂ ଓଡ଼ିଶାର ଦ୍ରୁତ ଆର୍ଥିକ ବିକାଶ ପାଇଁ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ଭାବଧାରାକୁ ମୁଁ ମର୍ମେ ମର୍ମେ ଅନୁଭବ କରିଛି । ଓଡ଼ିଶାର ବିକାଶ ସାମ୍ନାରେ ଥିବା ଆହ୍ୱାନ ସମୂହକୁ ସମ୍ଭାବନା ରୂପରେ ସେ ଦେଖୁଛନ୍ତି ଏବଂ ଏହା ଖୁବଶୀଘ୍ର ଓଡ଼ିଶାକୁ ଆର୍ଥିକ ଦୃଷ୍ଟିରୁ ନିଶ୍ଚୟ ଆଗୁଆ ରାଜ୍ୟରେ ପରିଣତ କରିବ । ତାଙ୍କ ମାର୍ଗଦର୍ଶନ ଓଡ଼ିଶାର ବିକାଶ ପାଇଁ ଆମର ଶକ୍ତି ହୋଇଛି ।

ପିଲାଦିନୁ, ମୁଁ ସାମାଜିକ ଓ ରାଜନୈତିକ କାମରେ ସମ୍ପୃକ୍ତ ଥିବା କାରଣରୁ, ଦେଶ ଓ ରାଜ୍ୟର ଲୋକଙ୍କ ଜୀବନର ମାନ କିପରି ରହିଛି ଓ ସେଥିରେ କେମିତି ଦ୍ରୁତ ବିକାଶ କରି ସେମାନଙ୍କୁ କିପରି ସୁଖ ଓ ସମୃଦ୍ଧିର ରାସ୍ତାରେ ନିଆଯାଇପାରିବ, ସେଥିପାଇଁ ଦିନ-ଦିନ ରାତି-ରାତି ବିଚାର ବିମର୍ଷ କରିଛି । ମୂଳରୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜଣେ ସ୍ୱୟଂସେବକ, ପରେ ଶିଶୁ ମନ୍ଦିରରେ ଶିକ୍ଷକ, ସରପଞ୍ଚ, ବିଧାୟକ ଓ ବିଧାନସଭାରେ ଜଣେ ବିରୋଧୀ ଦଳ ନେତା ଭାବେ ରାଜ୍ୟରେ ସାଧାରଣ ଲୋକଙ୍କ ଜନ ଆକାଂକ୍ଷାକୁ ପ୍ରତିଫଳିତ କରିବା ପାଇଁ ଉଦ୍ୟମ କରିଥିଲି । ୨୦୦୦ ମସିହାରେ ବିଧାୟକ ଭାବରେ ବିଧାନସଭାକୁ ଆସିବା ସହ ୨୦୨୪ ମସିହାରେ ମୁଖ୍ୟମନ୍ତ୍ରୀ ହେବା ପର୍ଯ୍ୟନ୍ତ ଏହି ଅଢ଼େଇ ଦଶନ୍ଧି, ମୁଁ ପୁରା ମୋ ବ୍ୟକ୍ତିଗତ ଜୀବନକୁ ଭୁଲି ଲୋକ ସେବାରେ ନିଜକୁ ସମର୍ପିତ କରିଛି ।

ଏବେ ଓଡ଼ିଶାର ବିକାଶର ମଙ୍ଗ ଧରିବାର ଦାୟିତ୍ୱ ଜନ ମଙ୍ଗଳ ପାଇଁ ମୋର ବିଗତ ତିନି ଦଶନ୍ଧିର ଅନୁଭବ, ଅନୁଭୂତି, ଅର୍ଜିତ କଥା, ସର୍ବୋପରି ବିଜେପି ଓ ନରେନ୍ଦ୍ର ମୋଦୀଜୀଙ୍କର ବିକାଶର ଅବଧାରଣା ମୋତେ ଅନେକ ସଂକଳ୍ପ ଆଣିଦେଇଛି । ସଂକଳ୍ପରୁ ସିଦ୍ଧି ରାସ୍ତାରେ ୪.୫ କୋଟି ଓଡ଼ିଆ ମୋର ସହଯାତ୍ରୀ । ଯଦି ଆମେ ପ୍ରତ୍ୟେକ ଓଡ଼ିଆ ଆମର ବିକାଶ ଯାତ୍ରାରେ ସାମିଲ ହୋଇ ସମସ୍ତେ ପାଦେ ପାଦେ ଚାଲିବା ତାହେଲେ ଆମେ ମିଳିତ ଭାବେ ୪.୫ କୋଟି ପାଦ ଆଗକୁ ବଢ଼ିବା । ମୋଦୀ ଶାସନର ପ୍ରଥମ ସର୍ତ୍ତ ହେଉଛି ଜନଭାଗିଦାରୀ । ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଆମ ପାଇଁ ମୋଦୀ ମନ୍ତ୍ର ।

ମୋଦୀଜୀଙ୍କ ୧୧ ବର୍ଷର ଶାସନ ଆମର ପଥ ପ୍ରଦର୍ଶକ । ସାଧାରଣ ଗରୀବ ଘରୁ ଜୀବନର ସଂଘର୍ଷ କରିଥିବା ମୋଦୀଙ୍କ ଚିନ୍ତାଧାରା ସରକାରଙ୍କ କାର୍ଯ୍ୟକ୍ରମରେ ରୂପାନ୍ତରିତ ହେଲା, ତ ଦେଶରେ ଗରୀବଙ୍କ କଲ୍ୟାଣର ନୂଆଯୁଗ ଆରମ୍ଭ ହେଲା । ଗରୀବ ପରିବାର ପାଇଁ ବିଶେଷ କରି ମା' ଓ ଭଉଣୀଙ୍କ ପାଇଁ ଶୌଚାଳୟ କ'ଣ କମ ବଡ଼ କଥା ? ପ୍ରଧାନମନ୍ତ୍ରୀ ଲାଲକିଲ୍ଲାରୁ ଶୌଚାଳୟ କଥା କହି ସ୍ୱଚ୍ଛତାକୁ ଏକ ଜନଆନ୍ଦୋଳନ କଲେ । ଉଜ୍ଜ୍ୱଳା ଯୋଜନା ଗରୀବ ପରିବାରର ରୋଷେଇ ଘରେ ଖାଲି ବିପ୍ଳବ ଆଣିଲାନି, ମହିଳାଙ୍କ ସମୟ, ପିଲାଙ୍କ ପାଠପଢ଼ା ଓ ଆର୍ଥିକ ଗରିବିଙ୍କ ଆୟକୁ ଗଲା । ଜନଧନ ଯୋଜନାରେ ବ୍ୟାଙ୍କ ଖାତା ଯୋଗୁଁ ଓ ହିତାଧିକାରୀଙ୍କ ମଧ୍ୟରେ ମଧ୍ୟସ୍ଥି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଶେଷ କରିଦେଲା । ଡିବିଟି ବା ସିଧା ସିଧା ବ୍ୟାଙ୍କ ଖାତାରେ ଟଙ୍କା ଜମା ହେବା, ଆମ ଦେଶରେ ବଡ଼ ପରିବର୍ତ୍ତନ ଆଣିଲା । ଡିଜିଟାଲ ଇଣ୍ଡିଆରେ ନିପଟ ମଫସଲ ମଧ୍ୟ ସାମିଲ । କେନ୍ଦୁଝରର ଅପହଞ୍ଚ ଅଞ୍ଚଳରେ ବି ଆମ ପିଲା ଡ଼ିଜିଟାଲ ପେମେଣ୍ଟ କରୁଛନ୍ତି ।

ଗରୀବ କଲ୍ୟାଣର ପଥ ପ୍ରଦର୍ଶକ ମୋଦୀଜୀଙ୍କର ଓଡ଼ିଶାକୁ ଭଲପାଇବା ସ୍ୱତନ୍ତ୍ର । ଯୁବାବସ୍ଥାରେ ଅହମ୍ମଦାବାଦର ଜଗନ୍ନାଥ ମନ୍ଦିରରେ ତାଙ୍କର ସମୟ କଟିଛି । ୨୦୧୪ ମସିହାରେ ନିର୍ବାଚନ ପୂର୍ବରୁ ବିଜେପି କ୍ୟାମ୍ପେନ୍ କମିଟିର ଅଧ୍ୟକ୍ଷ ଭାବରେ ସେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ଓଡ଼ିଶା ଓ ଗୁଜରାଟ ମଧ୍ୟରେ ଥିବା ଭାବଗତ ସମ୍ପର୍କ ବିଷୟରେ ଅନେକ କଥା କହିଥିଲେ । ପୂର୍ବଭାରତର ଉଦିତ ସୂର୍ଯ୍ୟଙ୍କ ଆରାଧନା ପାଇଁ ଯେମିତି ସୂର୍ଯ୍ୟ ମନ୍ଦିର ରହିଛି, ଠିକ୍ ସେମିତି ପଶ୍ଚିମ ଭାରତରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେବା ପାଇଁ ଗୁଜରାଟରେ ସୂର୍ଯ୍ୟ ମନ୍ଦିର ଅଛି । ସେତେବେଳେ ମୋଦୀଜୀ କହିଥିଲେ ଗୁଜରାଟରେ ଏମିତି ଜିଲ୍ଲା ନାହିଁ, ଯେଉଁଠି ଗୁଜରାଟର ବିକାଶ ପାଇଁ ଓଡ଼ିଆ ଲୋକମାନଙ୍କର ଖୁନ୍-ପସିନା ଲାଗିନାହିଁ । ମହାପ୍ରଭୁଙ୍କ ଆଶୀର୍ବାଦରୁ ସେ ଦେଶର ପ୍ରଧାନମନ୍ତ୍ରୀ ହେବା ୧୧ ବର୍ଷ ବିତି ସାରିଲାଣି ।

ଗତ ନିର୍ବାଚନ ପ୍ରଚାର ସମୟରେ ମୋଦୀଜୀ ବାରମ୍ବାର କହୁଥିଲେ, ଓଡ଼ିଶା ଧନୀ, ମାତ୍ର ଓଡ଼ିଆମାନେ ଗରୀବ । ବିଗତ ୩୦ ବର୍ଷ ଧରି ମୋର ସାମାଜିକ ରାଜନୈତିକ ଜୀବନରେ ଓଡ଼ିଶା ସଂପଦରେ ଭରପୁର ମାତ୍ର ଲୋକ ଗରୀବ ଉପାଖ୍ୟାନ ଶୁଣି ଶୁଣି ଆସୁଛି । ଏବେ ସମୟ ଆସିଛି, ଖୋଦ୍ ମୋଦୀଜୀଙ୍କ ମାର୍ଗଦର୍ଶନରେ ସମଗ୍ର ଓଡ଼ିଶାରେ ସାଧାରଣ ଗରୀବ ଓଡ଼ିଆ ଲୋକଙ୍କୁ ମଧ୍ୟ ସମାନ ଭାବରେ ଆର୍ଥିକ ଦୃଷ୍ଟିରୁ ମଜବୁତ କରିବାର । ମହାପ୍ରଭୁ ଆମକୁ ଅମାପ ପ୍ରାକୃତିକ ଖଣିଜ ସଂପଦ, ସୁଦୀର୍ଘ ବେଳାଭୂମି, ଜଳ ସଂପଦ, ଜଙ୍ଗଲ ସଂପଦ, ଆଦିବାସୀ ଜନସଂଖ୍ୟା ତଥା ବୁଦ୍ଧିମାନ ଓ ପରିଶ୍ରମୀ ମାନବ ସମ୍ବଳ ଦେଇଛନ୍ତି । ସମୟ ଥିଲା ଆମର ସାଧବ ପୁଅମାନେ ୧୨ ନଇ ୧୩ ସମୁଦ୍ର ଡେଇଁ ବେପାର ବଣିଜ କରୁଥିଲେ । ଓଡ଼ିଶାକୁ ଖାଲି ଭାରତରେ ନୁହେଁ ସମଗ୍ର ବିଶ୍ୱରେ ଏକ ଅଗ୍ରଣୀ ଭୂଖଣ୍ଡ କରିବା ପାଇଁ ସବୁ ଉପାଦାନ ଅଛି ।

ଆଜି ମୋଦୀଜୀଙ୍କ ଗରିମାମୟ ଉପସ୍ଥିତିରେ ଓଡ଼ିଶାର ୧ ବର୍ଷର ବିକାଶ ଏବଂ ୨୦୩୬ ଓ ୨୦୪୭ର ରାଜ୍ୟ ଓ ଦେଶ ବିକାଶର ଚର୍ଚ୍ଚାହେବ । ଏପରି ସୁନ୍ଦର ମୁହୂର୍ତ୍ତରେ ବିକଶିତ ଓଡ଼ିଶା ପାଇଁ ଆମର ପ୍ରତିଟି ସଂକଳ୍ପ ମୋ ଆଖି ଆଗରେ ନାଚି ଯାଉଛି । ସମୟବଦ୍ଧ ଯୋଜନା ମାଧ୍ୟମରେ ସେ ସବୁକୁ ସଫଳତାର ରୂପ ଦେଇ ସାଧାରଣ ଓଡ଼ିଆ ପରିବାର ବିଶେଷ ଭାବରେ ମହିଳା, କୃଷକ, ଯୁବକ ଓ ଗରୀବଙ୍କ ପାଖରେ ବିକାଶର ସୁଫଳ ପହଞ୍ଚାଇବା ପାଇଁ ଆମ ସରକାରଙ୍କ ସଂକଳ୍ପକୁ ଆପଣଙ୍କ ପାଖରେ ଦୋହରାଉଛି ।

ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା ଘର, ଘରେ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ, ଘରେ ଘରେ ସ୍ୱଚ୍ଛ ଇନ୍ଧନ । ସ୍କୁଲ, ଡାକ୍ତରଖାନାର ସୁବନ୍ଦୋବସ୍ତ । ଥାନା ତଥା ସରକାରୀ ଅଫିସ୍‌ମାନଙ୍କ ଦ୍ୱାରା ଲୋକଙ୍କ ସୁରକ୍ଷା ଓ ଶାନ୍ତିର ବ୍ୟବସ୍ଥା ଆମର ମୂଳ ଦାୟିତ୍ୱ । ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ଗରୀବ ଓ ଆର୍ଥିକ ପଛୁଆ ଲୋକମାନଙ୍କୁ ଖାଦ୍ୟ, ଆର୍ଥିକ ସହାୟତା ଓ ମାଗଣା ସରକାରୀ ସେବା ଆମ ଗରୀବ କଲ୍ୟାଣ ବିଚାରର ମୂଳ ଆଧାର ।

ନାଗରିକମାନଙ୍କର ବ୍ୟକ୍ତିଗତ ଓ ପରିବାରର ଆବଶ୍ୟକତା ପୂରଣ ଆମର ପ୍ରାଥମିକତା । କିନ୍ତୁ ରାଜ୍ୟକୁ ଆର୍ଥିକ ଦୃଷ୍ଟିରୁ ଆଗକୁ ନେବା ପାଇଁ ପୁଞ୍ଜି ଆକର୍ଷଣ ମାଧ୍ୟମରେ ଶିଳ୍ପାୟନକୁ ଆମେ ପ୍ରଥମ ବର୍ଷରେ ପ୍ରାଥମିକତା ଦେଇଛୁ । ମୋଦୀ ଗ୍ୟାରେଣ୍ଟି ସହ ଗୋଟିଏ ବର୍ଷରେ ୧୭ଲକ୍ଷ କୋଟିର ପୁଞ୍ଜିନିବେଶ ପାଇଁ ପ୍ରସ୍ତାବ ଆସି ଅନେକ କ୍ରିୟାନ୍ୱୟନର ବିଭିନ୍ନ ପର୍ଯ୍ୟାୟରେ ପହଞ୍ଚିଲାଣି । କେବଳ ଖଣି ଆଧାରିତ ପ୍ରଗତି ନୁହେଁ, ବରଂ ଆଇଟି, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଶିଳ୍ପ, ସେମି କଣ୍ଡକ୍ଟର ଆଦି କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଜି ଦ୍ରୁତ ପ୍ରଗତି ମୁହାଁ ।

ଓଡ଼ିଶାର ତହବିଲକୁ ଅଧିକ ଟଙ୍କା ଆସିବା ପାଇଁ ମୋଦୀଜୀ ବାଟ ଖୋଲି ଦେଇଥିଲେ । ଖଣିଜ ସଂପଦରେ ପରିପୂର୍ଣ୍ଣ ଓଡ଼ିଶାର ବଜେଟ୍ ଆକାର ବୃଦ୍ଧି ପଛରେ ଥିଲା ମୋଦୀ ସରକାରଙ୍କ ଖଣିଜ ନୀତି । ଖଣି ନିଲାମିର ଅର୍ଥ ଏବଂ ଡିଏମ୍‌ଏଫ୍ ପାଣ୍ଠି ଆମ ବଜେଟ୍‌କୁ ବଡ଼ କରିଛି । ଏହା ମୋଦୀଜୀଙ୍କ ଯୋଗୁ ସମ୍ଭବପର ହୋଇପାରିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଆମ ବଜେଟ୍ ୨ ଲକ୍ଷ ୯୦ ହଜାର କୋଟି ଟଙ୍କାରେ ପହଞ୍ଚିଛି । ୨୦ ବର୍ଷ ପୂର୍ବେ ପୁରା ରାଜ୍ୟ ବଜେଟ୍‌ର ଆକାର ଯାହା ଥିଲା ଏବେ ଗୋଟିଏ ଗୋଟିଏ ବିଭାଗର ବଜେଟ୍ ଆକାର ସେତିକି ହେଲାଣି ।

ମାତ୍ର ରାଜ୍ୟ ଧନୀ ଏବଂ ଲୋକ ଗରୀବ । ଏ ଯନ୍ତ୍ରଣାରୁ ଆମକୁ ଉପରକୁ ଉଠିବାକୁ ପଡ଼ିବ । ଖଣି ଆଧାରିତ ଅର୍ଥନୀତି ନୁହେଁ, ବରଂ ଓଡ଼ିଆ ମହିଳା, କୃଷକ, ଯୁବକ ଓ ଗରୀବମାନଙ୍କୁ କିପରି ବିକାଶ କାମରେ ସାମିଲ କରି ସେମାନଙ୍କର କ୍ରୟଶକ୍ତିକୁ ବଢ଼ାଯାଇପାରିବ ସେଥିପାଇଁ ଆମେ ଯୋଜନାବଦ୍ଧ ଭାବରେ କାମ ଆରମ୍ଭ କରିଛୁ ।

ଆଜି ମୋଦୀଜୀଙ୍କୁ ସ୍ୱାଗତ କରିବା ଅବସରରେ ମୋର ପ୍ରିୟ ଓଡ଼ିଆ ଭାଇ ଭଉଣୀମାନଙ୍କୁ ଆଶ୍ୱସ୍ତ କରିବାକୁ ଚାହୁଁଛି । ଆମ ସରକାରରେ ମନ୍ତ୍ରୀ ଠାରୁ ମୁଖ୍ୟମନ୍ତ୍ରୀ ପର୍ଯ୍ୟନ୍ତ ସମସ୍ତେ ଆପଣଙ୍କ ସୁଖ-ଦୁଃଖର ସାଥି ହୋଇ ରହିବେ । ସମ୍ପୂର୍ଣ୍ଣ ସରକାରୀ ବ୍ୟବସ୍ଥା ସାଧାରଣ ଗରୀବଙ୍କ ହିତରେ ରହିବ । ଓଡ଼ିଶା ଧନୀ ମାତ୍ର ଓଡ଼ିଆ ଗରୀବ - ଏଥିରୁ ବାହାରି ପ୍ରତି ପରିବାର ପର୍ଯ୍ୟନ୍ତ ରୋଜଗାର ସୁଯୋଗ ପହଞ୍ଚାଇବା ଆମର ପ୍ରାଥମିକତା ହେବ ।

ଜୟ ଜଗନ୍ନାଥ !

# ବହୁତ କିଛି ବାକି



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ସରକାରୀ ଏବଂ ବେସରକାରୀ ହସ୍ପିଟାଲ ବୃଦ୍ଧି ପାଇଛି । ଭିତ୍ତିଭୂମି ପରିବର୍ତ୍ତନ ହୋଇଛି, ହସ୍ପିଟାଲରେ ସମ୍ବଳ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ସେବା ଉନ୍ନତ ମାନର । କିଡ୍‌ନୀ ଏବଂ ଯକୃତ ପ୍ରତିରୋପଣ ଆରମ୍ଭ ହୋଇଛି । ହୃଦୟ ଏବଂ ଫୁସଫୁସ ପ୍ରତିରୋପଣ ପାଇଁ ପ୍ରସ୍ତୁତି ଚାଲିଛି । କେବଳ ବେସରକାରୀ ନୁହେଁ ସରକାରୀ ପ୍ରତିଷ୍ଠାନରେ ମଧ୍ୟ ରୋବୋଟିକ୍ ଅସ୍ତ୍ରୋପଚାର ଆରମ୍ଭ ହୋଇଛି, କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି ଗ୍ରାମାଞ୍ଚଳ ଜନସଂଖ୍ୟା ଏହାର ଲାଭ ପାଉଛନ୍ତି କି ? ଦୁର୍ଘଟଣାର ପ୍ରଥମ ଘଣ୍ଟାରେ ଅର୍ଥାତ୍ ବଞ୍ଚିବା ଆଶାର ଗୁରୁତ୍ୱପୂର୍ଣ୍ଣ ଘଣ୍ଟାରେ ରୋଗୀ ଚିକିତ୍ସା ପାଉଛନ୍ତି କି ? ରାତିରେ ପ୍ରସବ ଯନ୍ତ୍ରଣାରେ ପୀଡିତ ମହିଳା କ'ଣ ତାଙ୍କ ଘର ପାଖରେ ପ୍ରସବ ସୁବିଧା ପାଉଛନ୍ତି ? ପରିସ୍ଥିତି ଏପରି ଯେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ସ୍ୱାସ୍ଥ୍ୟ ସୂଚକାଙ୍କର ୨୧ ରାଜ୍ୟର ତାଲିକାର ସବୁଠାରୁ ତଳେ ଦୃଶ୍ୟ ହୁଏ ଓଡ଼ିଶା ଓ ଉତ୍ତର ପ୍ରଦେଶ । ସରକାରୀ ଦାବିର ପର୍ଦ୍ଦାଫାସ ସେତେବେଳେ ହୁଏ ଯେତେବେଳେ ନବଜାତ ଶିଶୁ ପାଖରେ ମା'ର ମୃତଦେହ ଥାଏ, ଅଚେତ ମା'ଙ୍କ ଷ୍ଟ୍ରେଚର ଟାଣି ନେଉଥିବା ଶିଶୁର ଚିତ୍ର ପ୍ରକାଶିତ ହୁଏ । ଯେତେବେଳେ ଟର୍ଚ୍ଚ ଆଲୋକରେ ସରକାରୀ ହସ୍ପିଟାଲରେ ଅସ୍ତ୍ରୋପଚାର କରାଯାଏ । ଝାନ୍ସୀର ସରକାରୀ ମେଡିକାଲ କଲେଜରେ ଅଗ୍ନିକାଣ୍ଡରେ ୧୦ଜଣ ଶିଶୁଙ୍କ ମୃତ୍ୟୁ ହୁଏ । ପରେ ଜଣାପଡ଼େ ଯେ ୧୮ଜଣଙ୍କ ବଦଳରେ ୫୦ଜଣ ଶିଶୁଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିଲା । କାନପୁର ଗ୍ରାମାଞ୍ଚଳର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୯ ମେ ମଧ୍ୟରାତ୍ରିରେ ଜଣେ ମହିଳା ଏକ ଶିଶୁକୁ ଜନ୍ମ ଦେଇଥିଲେ ହେଲେ ବେଡ୍ ତଳେ ରଖାଯାଇଥିବା ଡଷ୍ଟବିନ୍‌ରେ ପଡ଼ି ନବଜାତ ଶିଶୁର ମୃତ୍ୟୁ ହୋଇଥିଲା । ସମସ୍ତ କର୍ମଚାରୀ, ଡାକ୍ତର ଶୋଇ ରହିଥିଲେ । ଜରୁରୀକାଳୀନ ସେବାର ଅବସ୍ଥା ଏପରି ଯେ ପୂର୍ବତନ ବିଜେପି ସାଂସଦ ଭୈରୋ ପ୍ରସାଦ ମିଶ୍ରଙ୍କ ପୁଅ ଚିକିତ୍ସା ଅଭାବରୁ ଯନ୍ତ୍ରଣାରେ ମୃତ୍ୟୁବରଣ କରିଥିଲେ । ଗୁଳି ମାଡରେ ଆହତ ଆମ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ବଞ୍ଚାଇବାରେ ବିଫଳ ହୁଏ ସ୍ୱାସ୍ଥ୍ୟସେବା । ଦେଶର ୭୦ ପ୍ରତିଶତରୁ ଅଧିକ ଲୋକ ଗାଁରେ ବାସ କରନ୍ତି କିନ୍ତୁ ଅଧିକାଂଶ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସିଂ ଏବଂ ପାରାମେଡିକାଲ୍ ଷ୍ଟାଫ୍‌ଙ୍କ ଅଭାବ ରହିଛି । ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ ଦେଶରେ ୨୪ ହଜାରରୁ ଅଧିକ ଡାକ୍ତର ପଦବୀ ଖାଲି ପଡିଛି । ସେଥିରେ ଆମ ରାଜ୍ୟରେ ୫୦୧୪ ପଦବୀ । ତଥାପି ବିଭାଗ ଦାବି କରୁଛି ଯେ ଜାତୀୟ ସ୍ୱାସ୍ଥ୍ୟ ମିଶନ ମାଧ୍ୟମରେ ବିଭିନ୍ନ ଯୋଜନାରେ ସଂଖ୍ୟା ଠାରୁ ଅଧିକ ଡାକ୍ତରଙ୍କୁ ନିୟୋଜିତ କରାଯାଇଛି । ଅବସରପ୍ରାପ୍ତ ଡାକ୍ତରମାନଙ୍କୁ ପୁନଃନିଯୁକ୍ତି ଦିଆଯାଏ । ଯଦି କୌଣସି ହସ୍ପିଟାଲ ଯାଞ୍ଚ କରାଯାଏ ତେବେ ବାସ୍ତବତା ସାମ୍ନାକୁ ଆସେ । ଅଲ୍ଟ୍ରାସାଉଣ୍ଡ ମେସିନ୍ ଲଗାଯାଇଛି କିନ୍ତୁ ରେଡିଓଲୋଜିଷ୍ଟ ନାହାନ୍ତି । ଏପରି ସ୍ଥିତିରେ ଘରୋଇ କେନ୍ଦ୍ରଗୁଡ଼ିକରେ ଅଲଟ୍ରାସାଉଣ୍ଡ କରିବା ପାଇଁ ଗର୍ଭବତୀ ମହିଳାଙ୍କୁ ସରକାରୀ ଭାଉଚର ଦେବାକୁ ପଡୁଛି । ପାଥୋଲୋଜି ପରୀକ୍ଷା ପାଇଁ ପବ୍ଲିକ୍ ପ୍ରାଇଭେଟ ପାର୍ଟନରସିପ୍ ( ସାର୍ବଜନୀନ-ବ୍ୟକ୍ତିଗତ ସହଯୋଗ) ମଡେଲ୍ ବ୍ୟବହାର କରିବାକୁ ପଡୁଛି । ସମସ୍ତ ତ୍ରୁଟି ଏବଂ ବିଚ୍ୟୁତି ମଧ୍ୟରେ, ଏହା ସତ୍ୟ ଯେ ଗତ ପାଞ୍ଚ-ଛଅ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ସଫଳତା ହାସଲ ହୋଇଛି । ୨୦୧୭ ତୁଳନାରେ ମସ୍ତିଷ୍କ ଜ୍ୱରରେ ୮୫.୯୪ ପ୍ରତିଶତ ଏବଂ ମୃତ୍ୟୁହାରରେ ୯୯.୫ ପ୍ରତିଶତ ହ୍ରାସ ଘଟିଛି । ଜାପାନୀ ଏନସେଫାଲାଇଟିସ୍ ରୋଗୀଙ୍କ ସଂଖ୍ୟା ଏବଂ ମୃତ୍ୟୁହାରରେ ଏକ ବଡ଼ ହ୍ରାସ ଘଟିଛି । କୁଷ୍ଠ, ଯକ୍ଷ୍ମା ଏବଂ ଆୟୋଡିନ୍ ଅଭାବ ଯୋଗୁଁ ହେଉଥିବା ରୋଗରେ ନିରନ୍ତର ହ୍ରାସ ପାଉଛି । ଜାତୀୟ ଚିକିତ୍ସା କମିଶନ (NMC) ପ୍ରତ୍ୟେକ ଜିଲ୍ଲାରେ ଏକ ମେଡିକାଲ୍ କଲେଜ୍ ରଖିବାର ଲକ୍ଷ୍ୟ ପୂରଣ କରିବା ପାଇଁ ଜିଲ୍ଲାଗୁଡ଼ିକରେ ଖୋଲାଯାଉଥିବା ମେଡିକାଲ୍ କଲେଜଗୁଡ଼ିକର କଡ଼ା ବ୍ୟବସ୍ଥାକୁ ପ୍ରକାଶ କରିଛି ଯେ ଅନେକ କଲେଜରେ ଏମ୍‌ଆର୍‌ଆଇ ମେସିନ୍ ଲଗାଯାଇଛି କିନ୍ତୁ ଗୋଟିଏ ବି ରୋଗୀଙ୍କ ପରୀକ୍ଷା କରାଯାଇ ନାହିଁ । ପୂର୍ଣ୍ଣ କର୍ମଚାରୀ ରହିବାର ଦାବି କରାଯାଉଛି କିନ୍ତୁ ସେମାନଙ୍କର ବାୟୋମେଟ୍ରିକ୍ ଉପସ୍ଥାନ ଜଣାପଡୁନାହିଁ । ପରିସ୍ଥିତି ଏପରି ଯେ ମେଡିକାଲ କଲେଜରେ ଶିକ୍ଷକ ପାଇଁ ବାରମ୍ବାର ଆବେଦନ ଆହ୍ୱାନ ସତ୍ତ୍ୱେ ଡାକ୍ତରୀ ଶିକ୍ଷକ ମିଳୁନାହାଁନ୍ତି । MD-MS ଏବଂ DM-MCH ଡିଗ୍ରୀ ପାଇବା ପରେ, ବିଶେଷଜ୍ଞ ଡାକ୍ତରମାନେ ଘରୋଇ କ୍ଷେତ୍ର କିମ୍ବା ଅନ୍ୟ ଦେଶକୁ ଯାଉଛନ୍ତି ତେଣୁ ଏପରି ସ୍ଥାନରେ ନୀତି ଦାୟୀ ରହିବ । କମିଶନ ଦ୍ୱାରା ମେଡିକାଲ କଲେଜ ପାଇଁ ପ୍ରିନ୍ସିପାଲ, ସହକାରୀ ପ୍ରଫେସରଙ୍କୁ ଚୟନ କରାଯାଏ କିନ୍ତୁ ସେମାନେ ଦାୟିତ୍ୱ ନିଅନ୍ତି ନାହିଁ କିମ୍ବା ସେମାନଙ୍କୁ ସମୟ ମଧ୍ୟରେ ଦାୟିତ୍ୱ ଦିଆଯାଏ ନାହିଁ । ସମସ୍ତ ଅଭିଯାନ ସତ୍ତ୍ୱେ ବେସରକାରୀ ମେଡିକାଲ ମାନଙ୍କରେ ବ୍ୟବସାୟ ଜାରି ରହିଛି । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଗାଁ ଲୋକେ ଚିକିତ୍ସା ବିରୋଧରେ ପ୍ରତିବାଦ କରିବା ଆରମ୍ଭ କଲେ ବିଭାଗ ଯୁକ୍ତି ଦିଅନ୍ତି ଯେ ସେମାନେ ଦୁଇଜଣଙ୍କୁ ମାରିଥିଲେ ବି ଦଶ ଜଣଙ୍କୁ ବଞ୍ଚାଇଥାନ୍ତି । ଘରୋଇ ହସ୍ପିଟାଲଗୁଡ଼ିକ ଛତୁ ପରି ବଢୁଛନ୍ତି । ବିଶେଷଜ୍ଞ ଚିକିତ୍ସା ଅପେକ୍ଷା ଆମର ଏଠି ଝଡା ଫୁଙ୍କା ସୁବିଧା ବେଶୀ । ଅନେକ ରୋଗୀଙ୍କ ଜୀବନ ସହିତ ଖେଳନ୍ତି ଓ ସେମାନଙ୍କୁ କେତେକ ସମୟରେ କଳା ତାଲିକାଭୁକ୍ତ କରାଯାଏ କିନ୍ତୁ ସେମାନେ ସ୍ୱାସ୍ଥ୍ୟ ବିଭାଗର ସହମତିରେ ପଛ ଦ୍ୱାର ଦେଇ କାର୍ଯ୍ୟ କରିଚାଲିଥାନ୍ତି । ରାଜ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ପରିବର୍ତ୍ତନ ଦୃଶ୍ୟ ହୁଏ କିନ୍ତୁ ବହୁତ କିଛି ବାକି ରହିଛି ।

# ସଂକଳ୍ପରୁ ସଫଳତା, ସଫଳତାରୁ ଲୋକପ୍ରିୟତା



ଡଃ. ତପନ କୁମାର ଚାନ୍ଦ
ପୂର୍ବତନ ଅଧକ୍ଷ ସହପରିଚାଳନା ନିର୍ଦ୍ଦେଶକ, ନବରତ୍ନ ନାଲ୍‌କୋ

କଥାରେ ଅଛି, 'ସଂକଳ୍ପରୁ ସିଦ୍ଧି, ସିଦ୍ଧିଦିଏ ସଫଳତା ଓ ସଫଳତା ଆଣେ ଲୋକପ୍ରିୟତା' । ଏହି ସାରମର୍ମଟି ଓଡ଼ିଶା ଭାଜପା ସରକାରର ସ୍ଥାପନା ଓ ସ୍ଥାୟୀତ୍ୱର ମୂଳମନ୍ତ୍ର । ୨୦୨୪ ମସିହା, ଅଷ୍ଟାଦଶ ଲୋକସଭା ଓ ଓଡ଼ିଶାର ଷୋଡ଼ଶ ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ୨୧ ସଂକଳ୍ପ ବିଶିଷ୍ଟ ଏକ ସଂକଳ୍ପ ପତ୍ର ଘୋଷଣା କରିଥିଲା । ସମସ୍ତ ରାଜନୈତିକ ଦଳ ତାଙ୍କର ନିଜ ନିଜ ନିର୍ବାଚନ ଇସ୍ତାହାର ସାଧାରଣ ଜନତାଙ୍କ ଆଗରେ ପ୍ରସ୍ତୁତ କରିଥିଲେ । କିନ୍ତୁ ଭାଜପା ସଂକଳ୍ପ ପତ୍ର (ନିର୍ବାଚନୀ ଇସ୍ତାହାର) ଥିଲା ସର୍ବସ୍ପର୍ଶୀ, ସାମଗ୍ରୀକ ଓ ସନ୍ତୁଳିତ । ଏହି ସଂକଳ୍ପରେ ଥିବା କେତେକ ପ୍ରମୁଖ ସଂକଳ୍ପ ଯଥା –ସୁଶାସନ, ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା, ମାଫିଆ ରାଜର ମୂଳପାଟନ, ଶ୍ରୀମନ୍ଦିରର ଚାରିଦ୍ୱାର ଉନ୍ମୁକ୍ତ କରିବା, ରତ୍ନଭଣ୍ଡାର ଚାବି ହଜିବା ଘଟଣାର ତଦନ୍ତ, ଓଡ଼ିଆ ଅସ୍ମିତା, ଓଡ଼ିଆ ଭାଷା, ସଂସ୍କୃତି, ପରମ୍ପରାର ପୁନରୁଦ୍ଧାର, କୃଷକମାନଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ କ୍ରୟ ମୂଲ୍ୟ ୩୧୦୦ ଟଙ୍କା, ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଡିବିଟି (DBT) ରେ ନଗଦ ରାଶି ପ୍ରଦାନ ଇତ୍ୟାଦି ଜନମନକୁ ବିଶେଷ ରୂପେ ପ୍ରଭାବିତ କରିଥିଲା । ଓଡ଼ିଶାର ଜନସାଧାରଣଙ୍କ ସମର୍ଥନ ମିଳିବାର ପ୍ରମୁଖ କାରଣ ଥିଲା ଭାଜପାର ସଂକଳ୍ପ ସହିତ ମୋଦିଙ୍କର 'ଗ୍ୟାରେଣ୍ଟି'ଯାହା କି ଭାଜପାର ପରିବର୍ତ୍ତନ ସଂକଳ୍ପ ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ଦୃଢ଼ ବିଶ୍ୱାସ ସୃଷ୍ଟି କରିପାରିଥିଲା । ନିର୍ବାଚନର ମାତ୍ର କିଛିଦିନ ପୂର୍ବରୁ ଏହି ପରିବର୍ତ୍ତନର ହାୱା ଏକ ବିରାଟ ଘୂର୍ଣ୍ଣିବାତ୍ୟାରେ ପରିଣତ ହେଲା, ଯାହା କି ୨୪ ବର୍ଷର ନବୀନ ସରକାରଙ୍କୁ ଧରାଶାୟୀ କରିଥିଲା । ନବୀନ ବାବୁ ନିଜେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରୁ ପରାସ୍ତ ହୋଇଥିଲେ ।

ସାଧାରଣତଃ ନିର୍ବାଚନ ପରେ ନିର୍ବାଚନୀ ଇସ୍ତାହାରକୁ ରାଜନୈତିକ ନେତାମାନେ ସହଜରେ ଭୁଲିଯାଇଥାନ୍ତି । କିନ୍ତୁ ୨୦୨୪ ନିର୍ବାଚନର ଭାଜପା ସଂକଳ୍ପପତ୍ରର କାର୍ଯ୍ୟକାରିତା ପାଇଁ ସ୍ୱୟଂ ମୋଦିଙ୍କ ଜନତା ପାଖରେ ଗ୍ୟାରେଣ୍ଟି, ନିର୍ବାଚନୀ ସଂକଳ୍ପ ପତ୍ରକୁ ସରକାରଙ୍କ ସଂକଳ୍ପ ପତ୍ର ଭାବରେ ରୂପାନ୍ତରିତ କରିଥିଲା । ମୋହନ ସରକାର ଦାୟିତ୍ୱ ନେବାର ପ୍ରଥମ ଦିନ ଜୁନ ୧୨, ୨୦୨୪ ତାରିଖରୁ ସଂକଳ୍ପ ପତ୍ରର ବିଭିନ୍ନ ପ୍ରତିଶ୍ରୁତି ଉପରେ ସରକାରୀ କଳରେ କାର୍ଯ୍ୟ ଆରମ୍ଭ କରିବାର ତତ୍ପରତା ଦେଖାଯାଇଥିଲା । ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବାର କିଛି ଘଣ୍ଟା ମଧ୍ୟରେ ପ୍ରଥମ କ୍ୟାବିନେଟ ମିଟିଂରେ ମୋହନ ସରକାର ଚାରୋଟି ପ୍ରମୁଖ ସଂକଳ୍ପ ଉପରେ ନିଷ୍ପତ୍ତି ନେଇଥିଲେ । ଯାହା କି ତାଙ୍କୁ ପ୍ରଥମ ଦିନରୁ ଲୋକପ୍ରିୟ କରିଥିଲା । ଲକ୍ଷଲକ୍ଷ ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ପୁରୀ ଶ୍ରୀମନ୍ଦିରର ପବିତ୍ର ଚାରିଦ୍ୱାର ଭକ୍ତମାନଙ୍କ ପାଇଁ ଉନ୍ମୁକ୍ତ କରି ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦୂରତାକୁ ସମାପ୍ତି କରିବା, ରତ୍ନଭଣ୍ଡାର ଖୋଲି, ଗଣତିମଣତି ତଥା ଏଏସ୍‌ଆଇ ଦ୍ୱାରା ମରାମତି ଆରମ୍ଭ କରିବା ପାଇଁ ନିଷ୍ପତ୍ତି, ଶ୍ରୀଜଗନ୍ନାଥ ସଂସ୍କୃତିର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ, ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଧାନ ପ୍ରତି କୁଇଣ୍ଟାଇକୁ ୮୦୦ ଟଙ୍କାର ବୋନସ ର ପ୍ରାବଧାନ ଏବଂ ସୁଭଦ୍ରା ଯୋଜନାର ପ୍ରଣୟନକୁ ଅନୁମୋଦନ କରାଯାଇଥିଲା । ସୁଭଦ୍ରା ଯୋଜନା ମାଧ୍ୟମରେ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ପାଇଁ ଚେଷ୍ଟା କରୁଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସୁଭଦ୍ରା ଯୋଜନାରେ ଏକ କୋଟିରୁ ଅଧିକ ମହିଳା ଲାଭାନ୍ୱିତ ହୋଇଛନ୍ତି ଏବଂ ସେମାନଙ୍କ ମଧ୍ୟରୁ ୧୭ଲକ୍ଷ ମହିଳା ସୁଭଦ୍ରା ଯୋଜନା ରାଶିକୁ ବ୍ୟବସାୟରେ ଲଗାଇ ଲକ୍ଷପତି ଦିଦି ହୋଇପାରିଛନ୍ତି ।

ମୋହନ ସରକାରଙ୍କ ସବୁଠୁ ବଡ଼ ଉପଲବ୍ଧି ହେଉଛି ସରକାରଙ୍କୁ ସାଧାରଣ ଜନତା ପାଖକୁ ନେଇ ସେମାନଙ୍କ ସମସ୍ୟାର ସମାଧାନ କରିବା । ମୋହନ ମାଝୀ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଯାହା କି ଦୀର୍ଘକାଳ ପାଇଁ ବନ୍ଦ ପଡ଼ିଥିଲା, ତାକୁ କାର୍ଯ୍ୟକାରୀ କରି, ନିଜେ ମୁଖ୍ୟମନ୍ତ୍ରୀ ଜନତାଙ୍କ ଦରବାରରେ ହାଜର ହୋଇ ଅଭିଯୋଗ ଶୁଣାଣି କରୁଛନ୍ତି । ଏହା ସବୁଠୁ ଏକ ବଡ଼ ପରିବର୍ତ୍ତନ ଯାହା ପୂର୍ବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ କାର୍ଯ୍ୟକାରୀ ହୋଇପାରି ନଥିଲା । ବ୍ୟକ୍ତିଗତ ସାକ୍ଷାତକାରରେ ଜନସାଧାରଣଙ୍କର ଅଭିଯୋଗ ଶୁଣାଣି ଏକ ନାଟକ ବା ପ୍ରହସନ ନୁହେଁ ବରଂ ଫଳାଫଳ ଭିତ୍ତିକ (ଆଉଟ କମ୍ ବେସଡ୍) । ବର୍ତ୍ତମାନ ସୁଦ୍ଧା ମୁଖ୍ୟମନ୍ତ୍ରୀ ପ୍ରକୋଷ୍ଠର ଅଭିଯୋଗ ଶୁଣାଣି ମାଧ୍ୟମରେ ଶତକଡ଼ା ୮୫ ଭାଗ ଅଭିଯୋଗ ସମାଧାନ ହୋଇପାରିଛି । ଅଭିଯୋଗ ପୋର୍ଟାଲରେ ୫ଲକ୍ଷରୁ ଅଧିକ ଅଭିଯୋଗର ମଧ୍ୟ ସମାଧାନ କରାଯାଇ ପାରିଛି । 'ଲୋକମାନଙ୍କ ପାଇଁ', 'ଲୋକଙ୍କ ସରକାର' ଏହାକୁ ଚରିତାର୍ଥ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆଞ୍ଚଳିକ କ୍ଷେତ୍ର ସମ୍ବଲପୁରରେ ଅନୁଷ୍ଠିତ ହୋଇଛି । ସରକାରଙ୍କର ବକ୍ତବ୍ୟ ଅନୁସାରେ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ଶୁଣାଣି ବିଭିନ୍ନ ଆଞ୍ଚଳିକ କ୍ଷେତ୍ରରେ, ଜିଲ୍ଲାରେ ଆଗାମୀ ଦିନରେ ଅନୁଷ୍ଠିତ କରାଯିବ । ମୁଖ୍ୟମନ୍ତ୍ରୀ ନିଜେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ପରିଦର୍ଶନ କରି ପ୍ରତ୍ୟକ୍ଷ ଭାବରେ ଲୋକଙ୍କ ସହ ମିଶି ତାଙ୍କର ମତାମତ ନେଇଛନ୍ତି ଏବଂ ସମାଜର ଶେଷ ଧାଡ଼ିର ଲୋକଙ୍କ କଥା ଶୁଣୁଛନ୍ତି । ପୂର୍ବର ବିଜେଡି ସରକାରଙ୍କ ଅମଳରେ ମୁଖ୍ୟମନ୍ତ୍ରୀଙ୍କର ଅଭିଯୋଗ ପ୍ରକୋଷ୍ଠ ସ୍ଥାଣୁ ଅବସ୍ଥାରେ ଥିଲା । ପ୍ରଶାସନ ଏବଂ ଗ୍ରାମୀଣ ଅଞ୍ଚଳ ମଧ୍ୟରେ ଯେଉଁ ଦୂରତା ଥିଲା ତାହା ମୋହନ ସରକାର ଦୂର କରିଛନ୍ତି । ଯେଉଁ ଓଡ଼ିଆ ଅସ୍ମିତାକୁ ଗୁରୁତ୍ୱ ଦେଇ ଭାଜପା ସରକାର ଗଢ଼ିଲା, ସେହି ଓଡ଼ିଆ ଅସ୍ମିତାକୁ ଉଜ୍ଜିବିତ କରିବା ପାଇଁ ୨୦୦ କୋଟି ଟଙ୍କାର କର୍ପସ ଫଣ୍ଡ ଗଠନ କରାଯାଇଛି ।

ଭାଜପା ସରକାରଙ୍କ ପ୍ରଥମ ସଂକଳ୍ପ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା । ପ୍ରଥମ ବର୍ଷରେ ଓଡ଼ିଶାର ପ୍ରଶାସନିକ ବ୍ୟବସ୍ଥାରେ ଏକ ବିରାଟ ପରିବର୍ତ୍ତନ ଦେଖାଯାଇଛି । ପିଅନ ଠାରୁ ପ୍ରଶାସନିକ ଅଧିକାରୀ ତଥା ଉଚ୍ଚ ଅଧିକାରୀ ପର୍ଯ୍ୟନ୍ତ ସମସ୍ତଙ୍କୁ ସ୍ପଷ୍ଟ ସନ୍ଦେଶ ଦିଆଯାଇଛି ଯେ ଦୁର୍ନୀତିର କୌଣସି ସ୍ଥାନ ନାହିଁ । ପ୍ରଶାସନିକ ପ୍ରତିବନ୍ଧକ ଦୂରକରି ସ୍ୱଚ୍ଛ ଶାସନ ନିଶ୍ଚିତ କରି ମୋହନ ସରକାର, ସାଧାରଣ ଲୋକମାନଙ୍କ ନିକଟକୁ ପ୍ରଶାସନକୁ ଆଣିବାରେ ସଫଳ ହୋଇଛନ୍ତି । ଡବଲ ଇଞ୍ଜିନ ସରକାରର ଉପଲବ୍ଧି ଭାବରେ କେନ୍ଦ୍ରର ମୋଦି ସରକାରଙ୍କ ଢାଞ୍ଚାରେ ଓଡିଶାରେ ମୋହନସରକାର ସମସ୍ତ ବର୍ଗରଲୋକଙ୍କୁ ସେବା ସହିତ ସମ୍ମାନ ପ୍ରଦାନ କରୁଛନ୍ତି । ମୋଦିଙ୍କ ମନ୍ତ୍ର "ସବ୍‌କା ସାଥ୍ ସବ୍‌କା ବିକାଶ"କୁ ଅକ୍ଷରଅକ୍ଷର ପାଳନ କରିଛନ୍ତି ଭାଜପା ସରକାର ।

ଯୁବଶକ୍ତିର ଉତ୍‌ଥାନ ପାଇଁ ସରକାର ସଂକଳ୍ପ ପତ୍ରାନୁସାରେ ପାଞ୍ଚବର୍ଷରେ ଦେଢ଼ ଲକ୍ଷ (୧.୫ ଲକ୍ଷ) ସରକାରୀ ଚାକିରି ସୃଷ୍ଟି କରିବା ପାଇଁ ପ୍ରତିଶ୍ରୁତିବଦ୍ଧ । ଏହାର ଅନୁପାଳନ କରିବା ପାଇଁ ପ୍ରଥମ ବର୍ଷରେ ୨୮,୦୦୦ ନିଯୁକ୍ତି ଦିଆସରିଛି । ଏବଂ ଦ୍ୱିତୀୟ ବର୍ଷ ୪୦,୦୦୦ନିଯୁକ୍ତି ଦେବା ପାଇଁ ପ୍ରାବଧାନ କରାଯାଇଛି । ସରକାରୀ ଚାକିରୀର ବୟସ ସୀମାକୁ ୩୨ ବର୍ଷରୁ ୪୨ବର୍ଷକୁ ବଢ଼ାଇ ଲକ୍ଷଲକ୍ଷ ଯୁବକଙ୍କର ଆଶା ଓ ଆକାଂକ୍ଷାକୁ ପୂରଣ କରିଛନ୍ତି ମୋହନ ମାଝୀ ତେଣୁ ମୋହନ ସରକାରଙ୍କ ଲୋକପ୍ରିୟତାରେ ଯୁବଗୋଷ୍ଠୀଙ୍କ ଏକ ଭୂମିକା ରହିଛି ।

ଶିକ୍ଷାର ରୂପାନ୍ତରଣ ପାଇଁ ଜାତୀୟ ଶୀକ୍ଷାନୀତି ୨୦୨୦ ଲାଗୁ କରାଯାଇ ପ୍ରଥମ ବର୍ଷରେ ୧୮,୦୦୦ ଶିକ୍ଷକ ନିଯୁକ୍ତି କରାଯାଇଛି । ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ, ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା, ଶିଶୁ ବାଟିକା କାର୍ଯ୍ୟକ୍ରମ ଅନେକ ଲୋକା ଅଭିମୁଖୀ ହେବା ସହିତ ଲୋକପ୍ରିୟତାକୁ ବୃଦ୍ଧି କରିଛି । ମୋହନ ସରକାରଙ୍କ ଲୋକପ୍ରିୟତାର ଅନ୍ୟ ଏକ କାରଣ ଡବଲ ଇଞ୍ଜିନ ସରକାର । ଆୟୁଷ୍ମାନ ଭାରତ ଯୋଜନା, ପିଏମ କିଷାନ ତଥା ଅନ୍ୟାନ୍ୟ କେନ୍ଦ୍ରୀୟ ଜନହିତକାରୀ ଯୋଜନା ଓଡ଼ିଶାରେ ଲାଗୁ ହେବା ଦ୍ୱାରା ଓଡ଼ିଶାବାସୀ ଦ୍ୱିଗୁଣିତ ଲାଭବାନ ହୋଇଛନ୍ତି । କେନ୍ଦ୍ର ସରକାରଙ୍କ ଓଡ଼ିଶାରେ ରାଜମାର୍ଗ ନିର୍ମାଣ ଓ ରେଳଲାଇନରେ ବିକାଶରେ ଅଭୂତପୂର୍ବ ପ୍ରଗତି ଓ ଉନ୍ନତି ହୋଇଛି । ସବୁ ବର୍ଗର ଲୋକଙ୍କ ପାଇଁ ପ୍ରତିବଦ୍ଧତା ଓଡ଼ିଶାରେ ମୋହନ ସରକାରଙ୍କ ଲୋକପ୍ରିୟତା । ଅନୁସୂଚିତ ଜାତି ଓ ଛାତ୍ରଛାତ୍ରୀଙ୍କ ପାଇଁ ମାଧୋସିଂହ ହାତଖର୍ଚ୍ଚ ଯୋଜନା, ୧୫ଟି ଏକଲବ୍ୟ ଆଦର୍ଶ ବିଦ୍ୟାଳୟ , ୯ ଗୋଟି ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ବାସସ୍ଥାନ, ଶ୍ରମିକ କଲ୍ୟାଣ ପାଇଁ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ୪୩୨ କୋଟି ଟଙ୍କାର ସହାୟତା ରାଶି ଆବଣ୍ଟନ, ସାମାଜିକ ସୁରକ୍ଷା ଯୋଜନା ମାଧ୍ୟମରେ ୮୦ ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀ ଏବଂ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କ ମାସିକ ପେନସନ ୩,୫୦୦ ଟଙ୍କାକୁ ବୃଦ୍ଧି, ରାଜ୍ୟ କିନ୍ନର କଲ୍ୟାଣ ବୋର୍ଡ ଗଠନ ଓ ୨,୫୯୪ ପରିଚୟ ପ୍ରଦାନ ମୋହନ ସରକାରଙ୍କୁ ସବୁ ବର୍ଗର ଲୋକଙ୍କ ଠାରୁ ଶ୍ରେୟ ମିଳୁଛି ।

ସର୍ବୋପରି ମୋହନ ମାଝୀ ଜଣେ ଶାନ୍ତ, ସରଳ, କର୍ମଠ ଏବଂ ଅହଙ୍କାର ବିହୀନ ବ୍ୟକ୍ତିତ୍ୱ । ସଂକଳ୍ପ ପତ୍ରର ପ୍ରତିଟି ସଂକଳ୍ପକୁ ସଫଳତାର ସହିତ ଅନୁପାଳନ କରି ତାଙ୍କ ବିଗତ ଏକ ବର୍ଷର ଶାସନ ମଧ୍ୟରେ ସେ ଲୋକଙ୍କ ପ୍ରିୟ ହୋଇପାରିଛନ୍ତି । ମାତ୍ର ବର୍ଷ ୧ରେ ସରକାର ପାଇଛି ଉପଲବ୍ଧି ଅନେକ, ୨୧ଟି ସଂକଳ୍ପରୁ ୧୧ଟି ସଂକଳ୍ପ କାର୍ଯ୍ୟକାରୀ କରି ଅନ୍ୟାନ୍ୟ ସଂକଳ୍ପ ଉପରେ ପଦକ୍ଷେପ ନେଇ ସେ ଭାଜପା ସରକାରର କାର୍ଯ୍ୟଦକ୍ଷତା ଓ ପାରଦର୍ଶିତାକୁ ଜନସାଧାରଣଙ୍କ ପାଖରେ ପ୍ରମାଣିତ କରିଛନ୍ତି । ବର୍ତ୍ତମାନ ସାରା ରାଜ୍ୟରେ ଏକ ସର୍ବହିତକାରୀ, ଦକ୍ଷ, ସମ୍ବେଦନଶୀଳ ଓ ସୁଶାସନର ବାତାବରଣ ସୃଷ୍ଟି ହୋଇଛି । ଏହା ଓଡ଼ିଶାକୁ ବିକଶିତ ମାର୍ଗର ପ୍ରଥମ ସୋପାନରେ ପହଞ୍ଚାଇ ୨୦୩୬ର ବିକଶିତ ଓଡ଼ିଶାର ଯାତ୍ରାକୁ ତ୍ୱରାନ୍ୱିତ କରିପାରିଛି । ସବୁଠାରୁ ବଡ଼ ଆହ୍ୱାନ ମୋହନ ସରକାରଙ୍କ ପାଖରେ ବିକଶିତ ଓଡ଼ିଶାର ମୁଖ୍ୟ ମାନଦଣ୍ଡର ଲକ୍ଷ୍ୟକୁ ପୂରଣ କରିବା । ବର୍ତ୍ତମାନ ସରକାରଙ୍କ ଲକ୍ଷ୍ୟ ରହିଛି ଓଡ଼ିଶା ଅର୍ଥନୀତିର ଆକାର ୧୨୦ ବିଲିୟନ ଡଲାରକୁ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଡଲାରରେ ପହଞ୍ଚାଇବା ଏବଂ ମୁଣ୍ଡପିଛା ଆୟକୁ ଜାତୀୟ ମୁଣ୍ଡପିଛା ଆୟ ଠାରୁ ଅଧିକ କରିବା । ବିଗତ ଏକ ବର୍ଷ ଭିତରେ ମୁଣ୍ଡପିଛା ଆୟ ହାର ଦଶ ପ୍ରତିଶତ ୧୦.୬% ବୃଦ୍ଧି ପାଇଛି । ଯାହା କି ଜାତୀୟ ବୃଦ୍ଧି ହାର ସହ ସମାନ । ପ୍ରାକ ଦଶନ୍ଧିରେ ଓଡ଼ିଶା ଅର୍ଥନୀତିର ଆକାର ତିନିଗୁଣୁ ବୃଦ୍ଧି ପାଇଥିଲା, କିନ୍ତୁ ବିକଶିତ ଓଡିଶା - ୨୦୩୬ ପାଇଁ ଅର୍ଥନୀତିର ଆକାର ୪ରୁ ୫ ଗୁଣ ବୃଦ୍ଧି ପାଇବା ଆବଶ୍ୟକ , ଏଥିପାଇଁ ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ ଯଥା ଶିଳ୍ପ, ସେବା ଇତ୍ୟାଦି କ୍ଷେତ୍ରରେ ନୂତନ ରଣକୌଶଳର ଆବଶ୍ୟକ । ଶିଳ୍ପାୟନ କ୍ଷେତ୍ରରେ ପୁଞ୍ଜି ନିବେଶକମାନେ ନୂତନ ସରକାରଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଉତ୍କର୍ଷ ଓଡ଼ିଶା - ମେକ ଇନ୍ ଓଡିଶା କନକ୍ଲେଭ -୨୦୨୫ରେ ପାଖାପାଖି ୧୭ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି । ଏହି ପୁଞ୍ଜି ନିବେଶ ୧୩ଲକ୍ଷ ନିଯୁକ୍ତିର ସମ୍ଭାବନା ସୃଷ୍ଟି କରିବ । ଏହି ରାଶି ବିଗତ ମେକ୍‌ଇନ୍ ଓଡ଼ିଶା ଠାରୁ ୭ଲକ୍ଷ କୋଟି ଟଙ୍କାରୁ ଅଧିକ ଓ ଏକ ବିଶେଷ ଉପଲବ୍ଧିରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ଆସିଛି, ଯାହାକି ନୂତନ ଯୁଗର ଶିଳ୍ପ ଯଥା ଗ୍ରୀନ ହାଇଡ୍ରୋଜେନ୍, ଅକ୍ଷୟ ଶକ୍ତି ଇତ୍ୟାଦିକୁ ନେଇ ଶିଳ୍ପାୟନର ମୂଳଦୁଆକୁ ପ୍ରଶସ୍ତ ଓ ମଜବୁ ତ କରିବ । ଖାଲିଯେ ପୁଞ୍ଜି ନିବେଶର ପ୍ରସ୍ତାବ ଆସିଛି ତାହା ନୁହେଁ । ଏହି ବର୍ଷରେ ୧ଲକ୍ଷ ୭୮ହଜାର ଟଙ୍କାର ପୁଞ୍ଜି ତଥା ୧ଲକ୍ଷ ୧୧ହଜାର ନିଯୁକ୍ତିର ପ୍ରକଳ୍ପ ସବୁର ଶିଳାନ୍ୟାସ କରାଯାଇଛି । ଆଶା କରାଯାଉଛି ଏପ୍ରକାର ପୁଞ୍ଜି ନିବେଶ ଅର୍ଥନୀତିର ଆକାରକୁ ବୃଦ୍ଧି କରିବ ଓ ବୃଦ୍ଧିର ହାରକୁ ମଧ୍ୟ ବଢାଇବା, ଓଡ଼ିଶା ସମ୍ଭାବନା, ସୁଯୋଗ ଓ ସମୃଦ୍ଧିର ରାଜ୍ୟ । ଓଡ଼ିଶା ରାଜ୍ୟ ଖଣିସମ୍ପଦ, ଖଣିଜ ସଂପଦ, ଜମି ସଂପଦ, ଜଙ୍ଗଲ ସଂପଦ, ଜନ ସଂପଦ, ଜଳ ସଂପଦ ଇତ୍ୟାଦି ସମସ୍ତ ସଂପଦରେ ପରିପୂର୍ଣ୍ଣ । ବିଗତ ବର୍ଷରେ, ବିଗତ ସରକାରଙ୍କର ଇଚ୍ଛାଶକ୍ତିର ଅଭାବରୁ ଏ ସମସ୍ତ ସମ୍ପଦର ଠିକ୍ ବିନିଯୋଗ ହୋଇପାରି ନଥିଲା । ମୋହନ ସରକାରଙ୍କ ଏକବର୍ଷ ଶାସନରେ ରାଜ୍ୟର ପ୍ରଗତି ଓ ସମୃଦ୍ଧି ପାଇଁ ସରକାରଙ୍କର ଇଚ୍ଛାଶକ୍ତି ଉପରେ କୌଣସି ଦ୍ୱିମତ ନାହିଁ । ଏଣୁ ଓଡ଼ିଶାର ଜନସାଧାରଣ ଆଶା କରନ୍ତି ସଂପଦ ଭରା ଓଡ଼ିଶା ମୋହନ ଓ ମୋଦି ସରକାରଙ୍କ ଡବଲ ଇଞ୍ଜିନ ଶକ୍ତିରେ ବିକଶିତ ଓଡ଼ିଶା @୨୦୩୬ ଉପଲବ୍ଧି କରି ଏକ ବିକଶିତ ରାଜ୍ୟ ଭାବରେ ସାରା ଦେଶରେ ବିକଶିତ ଭାରତ @୨୦୪୭ ଯାତ୍ରାର ନେତୃତ୍ୱ ନେଇପାରିବ ।



ବୋଲଗଡ଼(ଭାସ୍କର ନ୍ୟୁଜ): ବୋଲଗଡ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ପ୍ରସିଦ୍ଧ ରଜ ମହୋତ୍ସବ ଚତୁର୍ଥ ସନ୍ଧ୍ୟା ମହୋତ୍ସବ ସହକାରେ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଯୁବ ସମାଜସେବୀ ନିରଞ୍ଜନ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ବାସୁଦେବ ସାହୁ, ମୁଖ୍ୟବକ୍ତାଭାବେ କଣ୍ଡାବାଜ ଗ୍ରାମ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ଶିଶିର ଆଚାର୍ଯ୍ୟ,ସମ୍ମାନିତ ଅତିଥିଭାବେ ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ପୂର୍ବତନ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସାମ୍ବାଦିକ ଯୋଗେଶ ପଣ୍ଡା,ସମାଜସେବୀ ଶ୍ରୀଧର ଦଳ, ରମେଶ ସାହୁ, ବିଜେଡି ପଂଚାୟତ ସଭାପତି ବିଭରଞ୍ଜନ ମିଶ୍ର, ହେମନ୍ତ ଦେଓ ଓ ସମ୍ମାନିତ ଅତିଥିଭାବେ ବୋଲଗଡ ଏକ୍ସପ୍ରେସ ବ୍ରଜ ବିହାରୀ ସୁବୁଦ୍ଧି, ଚଳଚ୍ଚିତ୍ର ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରମୁଖ ଯୋଗ ଦେଇ ସମସ୍ତଙ୍କୁ ଏକତା ସୂତ୍ରରେ ମହୋତ୍ସବ ବାନ୍ଧି ରଖିଥାଏ ବୋଲି ସମସ୍ତ ନିମନ୍ତ୍ରିତ ଅତିଥିମାନେ ମତ ପ୍ରକାଶ କରିଥିଲେ । ରଜ ପର୍ବ ଏକ ଗଣପର୍ବ ସମସ୍ତ ଯୁବକ ଓ ପୁରୁଷମାନେ ଏହି ରଜ ପର୍ବରେ ଘରମୁହାଁ ହୋଇ ଘରକୁ ଆସୁଥିଲେ, କାରଣ ଏହି ପର୍ବ ଭାଇଭଉଣୀର ପର୍ବ ଭାବରେ ବେଶ ଜଣାଶୁଣା । ରଜ ପର୍ବରେ ନୂତନ ଚାଷ କାର୍ଯ୍ୟ ପାଇଁ ଶୁଭ ସଂକେତ ଦେଇଥାଏ । ଏହି ରଜ ପର୍ବରେ ସମସ୍ତ ମହିଳା ଉଚ୍ଚବର୍ଗ ହୋଇ ନୂତନ ପୋଷାକ ପିନ୍ଧି ଏକାଠି ମିଳିମିଶି ବିଭିନ୍ନ ବ୍ୟଞ୍ଜନ ଖାଇବା ସହିତ ନାନା ଖେଳ ଖେଳିଥାନ୍ତି ବୋଲି ସମ୍ମାନିତ ଅତିଥିମାନେ କହିଥିଲେ । ବୋଲଗଡ ବ୍ଲକରେ ରଜ ୪ ଦିନ ପାଳନ କରାଯାଉଥିବା ବେଳେ ସଂପୁର ଗ୍ରାମରେ ଏହି ପର୍ବ କୁ ୭ ଦିନ ଧରି ପାଳନ କରାଯିବା ସହିତ ୭ ଦିନ ପର୍ଯ୍ୟନ୍ତ ମଧ୍ୟ ସଂସ୍କୃତିକ କାର୍ଯ୍ୟକ୍ରମ ହୋଇଥାଏ । ଏହି ଅବସରରେ ମା' ବିମଳାଙ୍କ ନାଟ୍ୟ ପରିଷଦ ପକ୍ଷରୁ ସାମାଜିକ ନାଟକ ଉର୍ବଶୀ ଆସୁଛି ଇନ୍ଦ୍ର ମହଲ ସଂପୁର ରଜ ନାଟକ ପରିବେଷଣ ହୋଇଥିଲା । ଏହି ଅବସରରେ ମଞ୍ଚସ୍ଥ ସାମାଜିକ ନାଟକକୁ ଦର୍ଶକ ମନଭରି ଉପଭୋଗ କରିଥିଲେ ।

# ୨୦ ପଞ୍ଚାୟତରେ ବୁଲିବ ବିକାଶ ବାହନ



ମାଲକାନଗିରି (ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକର ୨୦ ପଞ୍ଚାୟତରେ ସରକାରଙ୍କ ବିକାଶର ବାର୍ତ୍ତା ବହନ କରୁଥିବା ବାହନ ବୁଲିବ । ଆଗାମୀ ଦିନଗୁଡ଼ିକରେ କେଉଁ ସବୁ ଯୋଜନା କାର୍ଯ୍ୟକାରୀ ହେବ ସେ ନେଇ ଗତ ୧୨ ରୁ ୨୧ ତାରିଖ ପର୍ଯ୍ୟନ୍ତ ବିକଶିତ ଯାତ୍ରା ବିଡିଓ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଚାଲିଛି । ଏହି ବିକଶିତ ବାହନ ଯାତ୍ରା ଗାଁକୁ ଗାଁ ବୁଲି ଲୋକଙ୍କୁ ସଚେତନ କରିବା ସହ ସରକାରଙ୍କ ଯୋଜନାରେ କିଭଳି ଅଧିକରୁ ଅଧିକ ଉପ ଉପକୃତ ହେବେ ଧ୍ୟାନ ଦିଆଯିବ ବୋଲି ଉପସ୍ଥିତ ଅତିଥି ଓ ନେତାମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍‌ରେ ଥିବା ସମସ୍ତ ବିଭାଗ ଯଥା ମୋ ସେବା କେନ୍ଦ୍ର, ଗ୍ରାମ ଅନ୍ତୋଦୟ ଗୃହ ଯୋଜନା, ସାମାଜିକ ସୁରକ୍ଷା ବିଭାଗ, ଶ୍ରମ, ଅର୍ଥ, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା, ମହିଳା ଓ ଶିଶୁ ବିକାଶ, ଖାଦ୍ୟ ଓ ଖାଉଟି କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟ ଜଳ, କୃଷି ଓ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଏଥିରେ ମୁଖ୍ୟ ଅତିଥି ଭିଡିଓ ବେହେରା ଯୋଗଦେଇଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଚିକାପ କୁମାର ଡାକୁଆ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ସୁଦର୍ଶନୀ ମାଛା, କୁନାଲ ମିଶ୍ର, ସଚ୍ୟା ରାଓ, ହଳଧର ପୂଜାରୀ, ଜଳନ୍ଦର ନାୟକ, ଏବିଡିଓ ସରୋଜ କୁମାର ପ୍ରଧାନ, ସମିତି ସଭ୍ୟ ଡମ୍ବରୁଧର ପେରମା, ଏଇ ହୃଦୟ ରଞ୍ଜନ ବାଘ,ଜେଇ ଦଶରଥ ହେମ୍ବ୍ରମ୍‌ଙ୍କ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ।

# ବିନା ସୂଚନା ଫଳକରେ ମହାବିଦ୍ୟାଳୟର ଗୃହ ନିର୍ମାଣ



**ସ୍ଥାୟୀତ୍ୱକୁ ନେଇ ସନ୍ଦେହ**

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ସମସ୍ତ ସରକାରୀ ନୀତି ନିୟମକୁ ଖୋଲାଖୋଲି ଭାବେ ଉଲଙ୍ଘନ କରି ନିଶ୍ଚିନ୍ତକୋଇଲି ବ୍ଲକ ପ୍ରଶାସନ ତରଫରୁ ସ୍ଥାନୀୟ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ ଏକ ଗୃହ ନିର୍ମାଣ ଚାଲିଥିବାର ଅଭିଯୋଗ ହୋଇଛି । ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟର ଏକ ଗୃହ ନିର୍ମାଣ ନିମନ୍ତେ ସରକାରଙ୍କ ତରଫରୁ ପ୍ରଥମ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ନିଶ୍ଚିନ୍ତକୋଇଲି ବ୍ଲକର ବହୁଚର୍ଚ୍ଚିତ କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ ସେନାପତିଙ୍କ ନାମରେ କାର୍ଯ୍ୟାଦେଶ ଦିଆଯାଇଥିଲା। ତେବେ ବିଭାଗୀୟ ଯନ୍ତ୍ରୀ ଶ୍ରୀ ସେନାପତି ସରକାରୀ ନିୟମକୁ ସମ୍ପୂର୍ଣ୍ଣ ଉଲଘଂନ କରିଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ନିର୍ମାଣ ପୂର୍ବରୁ ସୂଚନା ଫଳକ ଦିଆଯିବା କଥା। କିନ୍ତୁ ଏହି ପ୍ରକଳ୍ପରେ ସୂଚନା ଫଳକ ଦିଆଯାଇନଥିବାର ଅଭିଯୋଗ ହୋଇଛି । ଏହି ପ୍ରକଳ୍ପରେ କେତେଟଙ୍କା ମଞ୍ଜୁର ହୋଇଛି ଓ କେଉଁ ଯୋଜନାରେ କାର୍ଯ୍ୟ ହେଉଛି ସେ ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରାଯାଉନଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଅଟକଳ ଅନୁଯାୟୀ ଏହି ନିର୍ମାଣ କାର୍ଯ୍ୟ କରାଯାଉନଥିବାର ଅଭିଯୋଗ ହୋଇଛି। ନିର୍ମାଣ କାର୍ଯ୍ୟରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି। ଫଳରେ ନିମ୍ନମାନର କାର୍ଯ୍ୟଯୋଗୁ ଏହି ଗୃହର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସୂଚନା ଥାଉକି ଏହି ଗୃହ ନିର୍ମାଣସ୍ଥଳୀରେ ପୂର୍ବରୁ ୩ଟି ମୂଲ୍ୟବାନ ଜୀବନ୍ତ ଶାଗୁଆନ ଗଛ ରହିଥିଲା। ବ୍ଲକ ପ୍ରଶାସନ ତରଫରୁ ବିନା ସରକାରୀ ସ୍ୱୀକୃତିରେ ଏହି ଜୀବନ୍ତ ଶାଗୁଆନ ଗଛଗୁଡିକୁ କାଟି ଦିଆଯାଇଥିଲା। ତେବେ ଏସମ୍ପର୍କରେ ଲୋକେ ସ୍ଥାନୀୟ ବନ ବିଭାଗକୁ ଖବର ଦେବା ପରେ ବନ ବିଭାଗର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି କଟାଯାଇଥିବା ୩ଟି ଶାଗୁଆନ ଗଛର କାଠକୁ ଜବତ କରିବା ସହ ୩ଟି ଟାଙ୍ଗିଆ ଏବଂ ଗୋଟିଏ ଯନ୍ତ୍ରଚାଳିତ କରତ ଜବତ କରିଥିଲେ। ଏସମ୍ପର୍କରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ତେବେ ପଣ୍ଡିତ ପୁଅ ମାଙ୍କଡ ମାରିଲେ ଦୋଷ ନାହିଁ ନ୍ୟାୟରେ ଯନ୍ତ୍ରୀ ଯେତେ ଭୁଲ କଲେ ମଧ୍ୟ ତାଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଜଣଙ୍କ ସ୍ଥାନୀୟ ଅଂଚଳର ହୋଇଥିବାରୁ ସୂର୍ଯ୍ୟ ଚନ୍ଦ୍ର ତାରା ମାନୁନଥିବାର ଅଭିଯୋଗ ହୋଇଛି। ତେବେ ଏହି ଗୃହ ନିର୍ମାଣରେ ହୋଇଥିବା ଅନିୟମିତତାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକ୍କାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ବିଭିନ୍ନ ଲଜ ଉପରେ ପୋଲିସର ଚଢାଉ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଟାଉନ ଥାନା ପୋଲିସ ପକ୍ଷରୁ ଗୁରୁବାର ସହରର ବିଭିନ୍ନ ସ୍ଥାନରେ ଥିବା ଲଜ ଉପରେ ଚଢାଉ କରା ଯାଇଛି । ସେହିସବୁ ଲଜକୁ କେଉଁମାନେ ଆସୁଛନ୍ତି ଓ ସେଠାରେ କେଉଁ ମାନେ ରହୁଛନ୍ତି ସେ ସମ୍ପର୍କିତ ସମସ୍ତ କାଗଜପତ୍ର ପୋଲିସ ଯାଞ୍ଚ କରିଛି । ସହରର ତୁଳସୀ ଲଜ୍ ଓ ସାଇ ଲଜ୍ ଉପରେ ଏହି ଚଢାଉ କରାଯାଇ ଥିବା ଜଣାପଡିଛି। ଏ ସମ୍ପର୍କରେ ଟାଉନଥାନା ଅଧିକାରୀ ଦିଲ୍ଲିପ କୁମାର ସାହୁଙ୍କୁ ପଚାରିବାରେ ସେ କହିଥିଲେ ଯେ ଆମେ ଏହି ଦୁଇଟି ଲଜ ଉପରେ ଚଢାଉ କରିବା ସହ ସେହି ଲଜର କାଗଜପତ୍ରକୁ ଯାଞ୍ଚ କରିଥିଲୁ। ପ୍ରକୃତରେ ସେହି ଲଜକୁ କେଉଁମାନେ ଆସୁଛନ୍ତି ଓ ସେଠାରେ କେତେ ସମୟଧରି ରହୁଛନ୍ତି ଏ ସମ୍ପର୍କରେ ଲଜର କର୍ମଚାରୀଙ୍କ ଠାରୁ ତଥ୍ୟ ପଚାରି ବୁଝିବା ସହ ଆବଶ୍ୟକ କାଗଜପତ୍ର ତନଖି କରିଥିଲୁ। ଆଗକୁ ମଧ୍ୟ ଯାଞ୍ଚ ଜାରି ରହିବ।

# ପାଲା ଗାୟକଙ୍କୁ ସମ୍ବର୍ଦ୍ଧନା



ଟାଙ୍ଗୀ (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ପାଲା ମଣ୍ଡପରେ ରଜ ପର୍ବ ଉପଲକ୍ଷେ ଅନୁଷ୍ଠିତ ହୋଇଥିଲା ବାଦି ପାଲା । ଟାଙ୍ଗୀ କୈବର୍ତ୍ତ ମହାସଂଘ ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହୋଇଆସୁଛି ଏହି କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାନର ପାଲା ପରିବେଷଣ କରୁଥିବା ଯୋଗୁଁ ଟାଙ୍ଗୀ ନିକଟସ୍ଥ କୁହୁଡ଼ି-ରତନପୁର ଗ୍ରାମର ଗାୟକରତ୍ନ ସ୍ୱର୍ଗତ ଗୋପାଳ କର ସ୍ମୃତି ସାହିତ୍ୟ ସଂସଦ ପକ୍ଷରୁ ଗାୟକ ବେଦ ବିଶାରଦ ରମେଶ ଚନ୍ଦ୍ର ପଣ୍ଡା ଓ ଗାୟକ ସୌରଭ ଶିଶିର କୁମାର ପଣ୍ଡାଙ୍କୁ ପାଲା ମଣ୍ଡପ ମଞ୍ଚ ଉପରେ ମାନପତ୍ର ସହିତ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଗାୟକରତ୍ନ ସ୍ୱର୍ଗତ ଗୋପାଳ କରଙ୍କର ଜ୍ୟେଷ୍ଠ ପୁତ୍ର ତଥା ପଣ୍ଡିତ ନିରଞ୍ଜନ କର ସମ୍ବର୍ଦ୍ଧିତ କରିଥିଲେ । ସଭ୍ୟ ସମାଜରେ ପାରମ୍ପରିକ ଲୋକକଳା ପାଲା ପରିବେଷଣ ଏଭଳି ବଞ୍ଚି ରହିଥାଉ ବୋଲି ପଣ୍ଡିତ ନିରଞ୍ଜନ କର କହିଛନ୍ତି ।

# ଭାରସାମ୍ୟ ହରାଇ କେନାଲ ଭିତରକୁ ପଶିଗଲା ହାଇୱା



ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ଗତକାଲି ରାତ୍ର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ଗ୍ରାମପଂଚାୟତ ଓଥକା ନିକଟରେ ଭାରସାମ୍ୟ ହରାଇ ୮ନମ୍ବର କେନାଲ ଭିତରକୁ ଏକ ବାଲି ବୋଝେଇ ହାଇୱା ପଶିଯାଇଥିଲା। ତେବେ ରାସ୍ତା ପାର୍ଶ୍ୱରେ ଏକ ନଡିଆ ଗଛଥିବା କାରଣରୁ ଗାଡି ଚାଳକ ଅଳ୍ପକେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ନିଶ୍ଚିନ୍ତକୋଇଲି ଅଞ୍ଚଳ ଦେଇ ଦୈନନ୍ଦିନ ଶହ ଶହ ସଂଖ୍ୟାରେ ବେଆଇନ ଭାବେ ବାଲି ବୋଝେଇ ହାଇୱା ଯା'ଆସ କରୁଛି। ଦୈନନ୍ଦିନ ବେପରୁଆ ଭାବେ ଗାଡି ଚାଳନା ହେତୁ ଏକାଧିକ ଦୁର୍ଘଟଣା ଘଟୁଥିବା ଘଟଣା କାହାରିକୁ ଅଛପା ନାହିଁ। ତେବେ ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ମାହାଙ୍ଗା ଅଂଚଳକୁ ଦ୍ରୁତ ଗତିରେ ବାଲିନେଇ ଯାଉଥିବା ଏକ ହାଇୱା ଓଥକା ନିକଟରେ ୮ନମ୍ବର କେନାଲ ମଧ୍ୟକୁ ପଶି ଯାଇଥିଲା। ଅପରପକ୍ଷରେ ଏହି ସମୟରେ କୌଣସି ଲୋକ ନଥିଲାବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ନଡିଆ ଗଛ ସହ ଗାଡିଟି ପିଟି ହୋଇଯାଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଗାଡି ଚାଳକକୁ ନିଶ୍ଚିତ ମୃତ୍ୟୁମୁଖରୁ ଉଦ୍ଧାର କରିଥିଲେ।

# ପୁଷ୍ପଗିରି ମହାବିଦ୍ୟାଳୟରେ ନୂତନ ଗୃହର ଶିଳାନ୍ୟାସ



ମାହାଙ୍ଗା (ଭାସ୍କର ନ୍ୟୁଜ): ଏରକଣାସ୍ଥ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଅନୁଦାନରେ ଶ୍ରେଣୀ ଗୃହ ପୁନରୁଦ୍ଧାର କାର୍ଯ୍ୟର ଶୁଭ ଶିଳାନ୍ୟାସ ଉତ୍ସବ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶିଳାନ୍ୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେଉରା, ସହକାରୀ ଯନ୍ତ୍ରୀ ଚିନ୍ମୟୀ ପଲେଇ, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସାହୁ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ। ଏହି ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରତଶ୍ରୁତି ଦେଇଥିଲେ।

# ବିକାଶ ବାହନ ରଥ କାର୍ଯ୍ୟକ୍ରମ

ପରଜଙ୍ଗ (ଭାସ୍କର ନ୍ୟୁଜ): ରାଜ୍ୟରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବିକାଶ ଉପରେ ସର୍ବତ୍ର ପାଳନ ହେଉଥିବା ବେଳେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପ୍ରଶାସନ ନେତୃତ୍ୱ ରେ ମୁକ୍ତାପସୀ ଗ୍ରାମ ପଂଚାୟତ ପରିସରରେ ରାଜ୍ୟରେ ବିକାଶ ବାହାନ ରଥ କାର୍ଯ୍ୟକ୍ରମକୁ ପତାକା ଉଡାଇ ଶୁଭାରମ୍ଭ କରାଯଇଥିଲା । ମୁକ୍ତାପସୀ ଗ୍ରାପର ନାଏବ ସରପଞ୍ଚ ଅଶୋକ କୁମାର ସାହୁଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ସମିତି ଅଧକ୍ଷ ଅନ୍ତର୍ଯ୍ୟାମୀ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମୁକ୍ତାପସୀ ଗ୍ରାମ ସଭାପତି ଅଲେଖ ଖିଲାର, ଡାକ୍ତର ସୁରଜ ବେହେରା, ରାଜସ୍ୱ ନିରୀକ୍ଷକ ଦୁଲେଇ କିଷାନ ଯୋଗ ଦେଇ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ କୁ ଶୁଭ ଉଦଘାଟନ କରିଥିଲେ ।ଭିଡିଓ ମାଧ୍ୟମରେ ଲୋକଙ୍କୁ ବିକାଶ ମୂଳକ କାର୍ଯ୍ୟ ଦେଖାଯାଇଥିଲା ଏବଂ ବର୍ଷ ଏକ ଉପଲବ୍ଧି ଅନେକ ଉପରେ ସରକାରଙ୍କ ଦାୟିତ୍ୱ କାଳ ଏକ ବର୍ଷ ପୂରଣ ହୋଇଥିବାରୁ ଏହି ଅବସରରେ ସରକାରଙ୍କ ପ୍ରତେକ ଜନହିତକର ଯୋଜନା ମାନ ସାଧାରଣ ଲୋକଙ୍କୁ କେତେ ସୁବିଧା ଦେଇଛି ତା' ଉପରେ ଅତିଥି ମାନେ ଆଲୋକପତ କରିଥିବା ବେଳେ, କେତେକ ହିତାଧିକାରୀଙ୍କୁ ରାସନ କାର୍ଡ, ଜବକାର୍ଡ ପ୍ରଦାନ କରାଯାଇଥିଲା ।ଏହି କର୍ଯ୍ୟକ୍ରମ କୁ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିପିନି ସାମଲ ପରିଚାଳନା କରିଥିବା ବେଳେ, କାର୍ଯ୍ୟକ୍ରମ କୁ ଏଡିଇଓ ଲକ୍ଷ୍ମୀପ୍ରିୟା ପରିଡା, କେନ୍ଦ୍ର ଓ ରାଜ୍ୟ ସ୍ୱୀକୃତିପ୍ରାପ୍ତ ସେବାକେନ୍ଦ୍ର, ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀଙ୍କ ସମେତ ଗ୍ରାମର ଭଦ୍ରବ୍ୟକ୍ତି ଓ ସରକାରଙ୍କ ଅନୁଗାମୀମାନେ ସହଯୋଗ କରିଥିଲେ ।



# ନୂତନ କ୍ରୀଡ଼ା ଅଧିକାରୀଙ୍କ ଚୌଦ୍ୱାର ଇନ୍‌ଡୋର ଷ୍ଟାଡ଼ିୟମ୍ ଗସ୍ତ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ) : କଟକରେ ନୂତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ଭାବେ ଯୋଗ ଦେଇଥିବା ଅଜୟ ବେହେରା ଚୌଦ୍ୱାର ସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍ ଯାଇ ସ୍ଥିତି ପରଖିଥିଲେ । ପୂର୍ବରୁ ଖୋର୍ଦ୍ଧାର ଜିଲ୍ଲା କ୍ରୀଡ଼ା ଅଧିକାରୀ ଥିବା ଶ୍ରୀ ବେହେରା ଜୁନ୍ ୧ ତାରିଖରେ କଟକକୁ ବଦଳି ହେବା ପରେ ବୁଧବାର ପ୍ରଥମଥର ପାଇଁ ଅପରାହ୍ଣରେ ହଠାତ୍ ଷ୍ଟାଡ଼ିୟମରେ ପହଂଚି ସେଠାରେ ଦିଆଯାଉଥିବା ସମସ୍ତ ବିଭାଗର କ୍ରୀଡ଼ା ପ୍ରଶିକ୍ଷଣ ଉପରେ ଏକ ସମୀକ୍ଷା କରିଥିଲେ। ବ୍ୟାଡମିଣ୍ଟନ କୋର୍ଟ, ଭାରଉତ୍ତୋଳନ ଗୃହ ଓ ଜିମ୍‌ର ସମସ୍ତ ଉପକରଣ ଗୁଡ଼ିକୁ ତଦାରଖ କରି ସମସ୍ତ ଛାତ୍ରଛାତ୍ରୀମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ । ଉପସ୍ଥିତ ଥିବା କିଛି ଅଭିଭାବକମାନଙ୍କ ସହିତ ମଧ କ୍ରୀଡ଼ାର ଉନ୍ନତି ସମ୍ପର୍କରେ ସେ ଆଲୋଚନା କରିଥିଲେ । ସମୀକ୍ଷା ବୈଠକରେ ସମସ୍ତ କର୍ମଚାରୀମାନଙ୍କର ଦାୟିତ୍ୱ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଛାତ୍ରଛାତ୍ରୀମାନଙ୍କୁ କିପରି ଜିଲ୍ଲା ଓ ରାଜ୍ୟସ୍ତରରେ ଖେଳରେ ଭାଗ ନେବାର ସୁଯୋଗ ମିଳିପାରିବ ସେଥିପାଇଁ ଉପଯୁକ୍ତ ତାଲିମ୍ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଆଜିର ଏହି ସମୀକ୍ଷା ବୈଠକରେ ଷ୍ଟାଡ଼ିୟମ୍ ଇନ୍‌ଚାର୍ଜ ରାଜେନ୍ଦ୍ର ନାୟକ, ବ୍ୟାଡମିଣ୍ଟନ ପ୍ରଶିକ୍ଷକ ସଂଜୟ କୁମାର ରାଉତ, ଭାରଉତ୍ତୋଳନ ପ୍ରଶିକ୍ଷକ ସୂର୍ଯ୍ୟକାନ୍ତ ବେହେରା, ଜିମ୍ ପ୍ରଶିକ୍ଷକ ସାର୍ଥକ ମହାନ୍ତିଙ୍କ ସମେତ କର୍ମଚାରୀ ବିଜୟ କୁମାର ଦାସ, ସଂଜୟ ବେହେରା, ମନ୍ଦାକିନୀ ସାହୁ, ସୌମ୍ୟ ବେହେରା ଓ ହିକକା ଜୟରାମ ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ଭାବ୍ୟ ଡାଇରିଆ ପ୍ରତିକାର ପାଇଁ ପ୍ରସ୍ତୁତି ବୈଠକ

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ): ସମ୍ଭାବ୍ୟ ଡାଇରିଆର ପ୍ରତିକାର ଓ ପ୍ରତିଷେଧକ ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମିତ ଜେନା ସଭାପତିତ୍ୱ କରିଥିଲେ। ଏଥିରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଯୋଗଦାନ କରି ସ୍ୱାସ୍ଥ୍ୟ ଓ ପରିବେଶଣ ସୁରକ୍ଷା ସହ ବିଶୁଦ୍ଧ ପାଣି ଯୋଗାଇବା ସହ ନଳକୂପ ତଥା କୁଅ ସମେତ ସନ୍ତସନ୍ତିଆ ସ୍ଥାନରେ ବ୍ଲିଚି ପାଉଡର ପକାଇବା। ପାନୀୟ ଜଳରେ ହାଲୋଜିନ ବଟିକା ପକାଇବା ,ଗାଁ ପରିବେଶକୁ ସ୍ୱାସ୍ଥ୍ୟକର ରଖିବା ନିମନ୍ତେ ଗାଁ କଲ୍ୟାଣ ସମିତିକୁ ସଚେତନ କରାଇବାକୁ ବିଧାୟକ ଶ୍ରୀ ପ୍ରଧାନ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଡାକ୍ତର ଅଜନ୍ତା ମହାନ୍ତି,ଡାକ୍ତର ରାଜଶ୍ରୀ ପ୍ରଧାନ,ଡାକ୍ତର ବଜେନ୍ଦ୍ର ଦାସ, ଫାର୍ମାଶିଷ୍ଟ ଉମାକାନ୍ତ ସାହୁ,ପ୍ରକାଶ ମହାନ୍ତି ପ୍ରମୁଖ ବହୁ ପଦାଧିକାରୀମାନେ ଉପସ୍ଥିତ ଥିଲେ।



# ପେନ୍‌ସନ୍ ଅଦାଲତ

କୋରାପୁଟ(ଭାସ୍କର ନ୍ୟୁଜ): କୋରାପୁଟ ସଦ୍‌ଭାବନା ସଭାଗୃହରେ ପେନସନ ଅଦାଲତ କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ଅନୁଷ୍ଠିତ ହୋଇଯାଇଛି । ପେନସନ ଅଭିଯୋଗ ନିର୍ଦ୍ଦେଶକ ତଥା ସାଧାରଣ ପ୍ରଶାସନ ସ୍ୱତନ୍ତ୍ର ସଚିବ ନିହାର ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପେନସନ ସଂକ୍ରାନ୍ତୀୟ ସମୀକ୍ଷା କରାଯାଇଥିଲା। ଦୁଇ ଜିଲ୍ଲାର ୫୦୦ ବିଚାରଧୀନ ପେନସନ ଉପରେ ସମୀକ୍ଷା କରାଯାଇଥିଲା । ତୁରନ୍ତ ଫଇସଲା କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । କୋରାପୁଟ ଜିଲ୍ଲାର ୭୨ ଏବଂ ମାଲକାନଗିରି ଜିଲ୍ଲାର ୯ଜଣ ପେନସନଧାରୀଙ୍କ ସହ ଆଲୋଚନା କରାଯାଇ ସମାଧାନ କରାଯାଇଛି। ଅବସର ଦିନ ଫାଇନାଲ ପେନସନ ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଯେଉଁମାନଙ୍କ ନାଁରେ ବିଭିନ୍ନ ମାମଲା ରହିଛି ସେମାନଙ୍କ ଅବସର ପୂର୍ବରୁ ସମାଧାନ କରାଯାଇ ଫାଇନାଲ ପେନସନ ଦେବାକୁ ଚେଷ୍ଟା କରାଯିବ । ସାଧାରଣ ଲୋକଙ୍କ ଆପତ୍ତି ଓ ଅଭିଯୋଗ ମିଳିତ ଜନଶୁଣାଣିରେ କିପରି ସମାଧାନ କରାଯାଉଛି ଏବଂ ଆଇନଗତ ବାଧକ ପାଇଁ ସମାଧାନ ହୋଇପାରୁ ନଥିବା ବିଭିନ୍ନ ମାମଲାକୁ ନେଇ ସମୀକ୍ଷା କରାଯାଇଥିଲା । ସାଧାରଣ ଲୋକଙ୍କ ଆପତ୍ତି ଅଭିଯୋଗ କିପରି ଜନଶୁଣାଣିରେ ସମାଧାନ କରାଯିବ ସେଥିପ୍ରତି ବିଭାଗୀୟ ଅଧିକାରୀ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଶ୍ରୀଦାଶ ନିର୍ଦ୍ଦେଶ ଦେଇଛନ୍ତି । କୋରାପୁଟ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ ସଂଜୟ କୁମାର, ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ରଶ୍ମି ରନ ସାହୁ, ଉପସଚିବ ଅସିତ କୁମାର ପାଣି, ଜୟପୁର ଉପଜିଲ୍ଲାପାଳ ଏ.ସସ୍ୟା ରେଡି, ଆଇଏଏସ ପ୍ରୋବେସନର ସନ୍ତୋଷ କୁମାର ପାତ୍ର, ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ସୋମନାଥ ପ୍ରଧାନ, କୋରାପୁଟ ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ଚନ୍ଦ୍ର ନାୟକ, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ ପ୍ରମୁଖ ଉପସ୍ଥିତ ଥିଲେ । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ, ପ୍ରଧାନ ମହାଲେଖାଗରର ମିଳିତ ସହଯୋଗରେ ପେନସନ ଅଦାଲତ ଆୟୋଜନ କରାଯାଇଥିବା ବେଳେ କୋରାପୁଟ ଜିଲ୍ଲା ପ୍ରଶାସନର ଅଧିକାରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

# ମୌଳିକ ସୁବିଧାରୁ ବଞ୍ଚିତ ସୁନାରୀ ସିକୁଆଁ ଗ୍ରାମବାସୀ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ସୁନାରୀ ସିକୁଆଁ ଗ୍ରାମ ପଂଚାୟତର ସୁନାରୀ ସିକୁଆଁ ଗାଁ ଅବସ୍ଥା ନ କହିଲେ ଭଲ। ସମସ୍ୟା ଭିତରେ ଉବୁଟୁବୁ ହେଉଛି ଗାଁ। ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସାଧାରଣ ଲୋକେ ଓ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି ।ଶୁଦ୍ଧ ପିଇବା ପାଣି, ଭଲ ରାସ୍ତା,ଡ୍ରେନେଜର ବ୍ୟବସ୍ଥା ଭଳି ଅନେକ ସମସ୍ୟା ଗାଁରେ ଭରି ରହିଛି। ଖରା ଦିନେ ମଧ୍ୟ ଗାଁ ରାସ୍ତାରେ ମଇଳା ପାଣି ଜମି ରହୁଛି। ଫଳରେ ଗାଁରେ ଝାଡ଼ାବାନ୍ତି ଭଳି ଅନେକ ରୋଗରେ ଲୋକେ ଆକ୍ରାନ୍ତ ହୋଇଥାନ୍ତି। ଗାଁ ବସ୍ତିରେ ଅଳିଆ ଗଦା। ବର୍ଷା ଦିନେ ଗାଁ ଦାଣ୍ଡ କାଦୁଅରେ ଭରିଯାଏ। ଡ୍ରେନେଜର ବ୍ୟବସ୍ଥା ନାହିଁ। ଗାଁ ରେ ବିଜୁଳିର ଅଭାବ ରହିଛି। ଗାଁ ରାସ୍ତା ସଫା, ଡ୍ରେନେଜ ସଫା ଓ ଆଲୁଅ ପାଇଁ ଆସୁଥିବା ଅର୍ଥ ଯାଉଛି କୁଆଡେ ଯେ ଗାଁ ପରିବେଶ ଅସ୍ୱାସ୍ଥ୍ୟକର ଭାବେ ପଡ଼ି ରହିଛି। ଖାଲି କାଗଜ କଲମରେ ଚାଲିଛି ଗାଁର ଉନ୍ନତିକରଣ। ଏସବୁ ସମସ୍ୟା ଖବର କାଗଜରେ ପ୍ରକାଶ ପାଇଲେ ସରପଞ୍ଚଙ୍କ ବାପା ଗାଁ ହାଇସ୍କୁଲ କାର୍ଯ୍ୟରତ ଶିକ୍ଷକ ପ୍ରକାଶ ପାଇଥିବା ଖବର କାଗଜ କଟିଙ୍ଗ କରି ସମ୍ପୂର୍ଣ୍ଣ ମିଥ୍ୟା ବୋଲି ବିଭିନ୍ନ ସାମାଜିକ ସୋସିଆଲ ମିଡିଆରେ ଛାଡି ନିଜକୁ ସଚୋଟପଣିଆ ଦେଖାଉଛନ୍ତି। ସରପଞ୍ଚଙ୍କ ପାୱାରକୁ ତାଙ୍କ ବାପା ଉପଭୋଗ କରୁଥିବାରୁ ସାଧାରଣରେ ଅଶାନ୍ତି ଦେଖା ଦେଉଛି। ଏନେଇ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରୁଛନ୍ତି।

# ପାନୀୟ ଜଳ ପ୍ରକଳ୍ପରୁ ବାହାରୁଛି ଦୂଷିତ ଓ ଆଇରନ୍‌ଯୁକ୍ତ ପାଣି

**ରୋଗ ବ୍ୟାପିବା ନେଇ ଆଶଙ୍କା**

ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍): ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନିଶ୍ଚିନ୍ତକୋଇଲି ବ୍ଲକ ବଡଖିର ଗ୍ରାମପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପ କୌଣସି କାମରେ ଆସୁନଥିବାର ସାଧାରଣରେ ଅଭିଯୋଗ ହୋଇଛି। ଏହି ପାନୀୟ ଜଳ ପ୍ରକଳ୍ପରୁ ଦୂଷିତ ଓ ଆଇରନ ଯୁକ୍ତ ପାଣି ବାହାରୁଥିବା କାରଣରୁ ଆଗାମୀ ଦିନରେ ଏଠାରେ ଲୋକେ ସଂକ୍ରାମକ ଜନିତ ରୋଗରେ ଆକ୍ରାନ୍ତ ହେବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ତରଫରୁ ବଡଖିର ଗ୍ରାମପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ମାତ୍ର ଠିକାଦାର ଅଟକଳ ଅନୁଯାଇ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରିନଥିବାର ଅଭିଯୋଗ ହୋଇଛି। ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାର ଅଭିଯୋଗ ହୋଇଛି। ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ଏହି ପାନୀୟ ଜଳ ପ୍ରକଳ୍ପର ବହୁ ଅଂଶ ଭାଙ୍ଗିରୁଜି ଯାଇଥିବାର ଅଭିଯୋଗ ହୋଇଛି। ଏପରିକି ସ୍ଥାନୀୟ ଅଂଚଳରେ ସ୍ଥାପନ କରାଯାଇଥିବା ପାଇପ ଷ୍ଟାଣ୍ଡ ଗୁଡିକ ମଧ ଭାଙ୍ଗିରୁଜି ଗଲାଣି। ବିଛା ଯାଇଥିବା ପାଇପ ଗୁଡିକ ଅନେକ ସ୍ଥାନରେ ଫାଟି ଯାଇ ରାସ୍ତାରେ ପାଣି ମାଡୁଥିବାର ଦେଖିବାକୁ ମିଳିଛି। ତେବେ ଏହି ଫଟା ପାଇପରେ ବିଭିନ୍ନ ଜୀବାଣୁ ପଶି ଯାଉଥିବା କାରଣରୁ ଲୋକେ ଏହି ପାଣିକୁ ପିଇବା ନିମନ୍ତେ ଉଚିତ ମଣୁନଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ପାନୀୟ ଜଳ ପ୍ରକଳ୍ପରୁ ଦୂଷିତ ଓ ଆଇରନଯୁକ୍ତ ପାଣି ବାହାରୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ପାଣି ପିଇବା ଦ୍ୱାରା ଲୋକେ ବିଭିନ୍ନ ପ୍ରକାର ସଂକ୍ରାମକ ରୋଗର ଆକ୍ରାନ୍ତ ହେଉଥିବାର ଅଭିଯୋଗ ହୋଇଛି। ଏପରିସ୍ଥଳେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ପରିମଳ ଓ ଜଳ ଯୋଗାଣ ବିଭାଗ ତରଫରୁ ଏହାର ପ୍ରତିକାର ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନଥିବା ଯୋଗୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷରେ ଏହି ପାନୀୟ ଜଳ ପ୍ରକଳ୍ପ ଏକ ରକମ ଅଚଳ ହୋଇପଡିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ସୂଚନା ଥାଉକି ଏବେ ରାଜ୍ୟର ବହୁ ଜିଲ୍ଲାରେ ସଂକ୍ରାମକ ଝାଡାବାନ୍ତି ରୋଗ ଭୟଙ୍କର ରୂପ ନେଇଥିଲା ବେଳେ ଏହି ଦୂଷିତ ଓ ଆଇରନ ଯୁକ୍ତ ପାଣି ପିଇବା ଦ୍ୱାରା ଆଗାମୀ ଦିନରେ ଏହି ଅଂଚଳରେ ଝାଡାବାନ୍ତି, କାମଳ ରୋଗ ବ୍ୟାପିବାର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସେହିପରି ଭାବେ ସରକାର ସ୍ଥାନୀୟ ବିଭାଗୀୟ ଯନ୍ତ୍ରୀଙ୍କୁ ମାସିକ ମୋଟା ଅଙ୍କର ଦରମା ଦେଉଥିଲା ବେଳେ ବିଭାଗୀୟ ଯନ୍ତ୍ରୀ ଏଥିପ୍ରତି ଆଖି ବୁଜିଦେବା ଘଟଣାକୁ ନେଇ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରାଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି। ନଚେତ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।



ନୂଆଦିଲ୍ଲୀ : ଦେଶର ବଡ଼ ନେତାଙ୍କ ମଧ୍ୟରେ ଜଣାଶୁଣା ରାହୁଲ ଗାନ୍ଧିଙ୍କ ଆଜି ଜନ୍ମ ଦିନ। ସେ କେବଳ ରାଜନୀତିରେ ତାଙ୍କର ପରିଚୟ ସୃଷ୍ଟି କରି ନାହାନ୍ତି ପାଠ ପଢାରେ ମଧ୍ୟ ବେଶ୍ ସଫଳତା ହାସଲ କରିଛନ୍ତି। ରାହୁଲ ଗାନ୍ଧି ଭାରତ ଓ ବିଦେଶର ନାମୀ କଲେଜରେ ଅଧ୍ୟାପନା କରିଛନ୍ତି। ସୁରକ୍ଷାଗତ କାରଣରୁ ତାଙ୍କୁ ଅନେକ ବାର ତାଙ୍କ ପାଠ ପଢା ସ୍ଥାନ ବଦଳାଇବାକୁ ପଡିଛି। ଏହା ସତ୍ତ୍ୱେ ସେ ପାଠ ପଢା ଜାରି ରଖିବା ସହିତ ଅନେକ ଡିଗ୍ରି ହାସଲ କରିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଜନ୍ମ ୧୯ଜୁନ ୧୯୭୦ରେ ଦିଲ୍ଲୀରେ ହୋଇଥିଲା। ଦେଶର ପ୍ରତିଷ୍ଠିତ ରାଜନୈତିକ ପରିବାର ସହିତ ତାଙ୍କର ସମ୍ପର୍କ। ତାଙ୍କ ପିତା ରାଜୀବ ଗାନ୍ଧି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଥିଲେ। ସେହିପରି ତାଙ୍କ ମା ସୋନିଆ ଗାନ୍ଧି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷା ଥିଲେ। ରାହୁଲ ଗାନ୍ଧି ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ଓ ଫିରୋଜ ଗାନ୍ଧିଙ୍କ ନାତି। ତାଙ୍କ ବାଲ୍ୟ ଜୀବନ ରାଜନୈତିକ ପରିବେଶରେ କଟିଥିଲା। ତେବେ ତାଙ୍କ ପରିବାରକୁ ମିଳିଥିବା ଦାୟିତ୍ୱ ଓ ସୁରକ୍ଷା ଚିନ୍ତା କାରଣରୁ ତାଙ୍କ ପିଲାଦିନ ଅନ୍ୟ ପିଲାଙ୍କ ଠାରୁ ଅଲଗା ଥିଲା।

### ଭାଷାକୁ ନେଇ ନୂଆ ବିବାଦ

## ଦେଶରେ ଇଂରାଜୀ କହୁଥିବା ଲୋକେ ଦିନେ ଲଜ୍ଜିତ ହେବେ : ଶାହା



ନୂଆଦିଲ୍ଲୀ: ଦେଶରେ ବର୍ତ୍ତମାନ ବିଭିନ୍ନ ରାଜ୍ୟରେ ଭାଷା ବିବାଦ ଲାଗି ରହିଥିବା ବେଳେ ଇଂରାଜୀ ଉପରେ ଟିପ୍ପଣୀ କରି ପୁଣି ଏକ ନୂଆ ବିବାଦକୁ ଜନ୍ମ ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଦେଶରେ ଯେଉଁମାନେ ଇଂରାଜୀ କହୁଛନ୍ତି ସେମାନେ ଖୁବ୍‌ଶୀଘ୍ର ଲଜ୍ଜିତ ହେବେ ବୋଲି ଶାହ କହିଛନ୍ତି। ଏକ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଭାଷଣ ଦେଇ ଗୃହମନ୍ତ୍ରୀ ମାତୃ ଭାଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ମାତୃଭାଷା ଭାରତର ପରିଚୟର କେନ୍ଦ୍ରବିନ୍ଦୁ ଏବଂ ବିଦେଶୀ ଭାଷା ଅପେକ୍ଷା ଏହାକୁ ପ୍ରାଧାନ୍ୟ ଦିଆଯିବା ଉଚିତ ବୋଲି ଶାହ କହିଛନ୍ତି। ଗୃହମନ୍ତ୍ରୀ ଆହୁରି କହିଛନ୍ତି 'ଏହି ଦେଶରେ, ଯେଉଁମାନେ ଇଂରାଜୀ କୁହନ୍ତି ସେମାନେ ଶୀଘ୍ର ଲଜ୍ଜିତ ହେବେ। ଏହିପରି ସମାଜର ନିର୍ମାଣ ହେବା ଆଉ ବେଶି ଦୂର ନୁହେଁ। ମୋ ମୋତରେ ଆମ ଦେଶର ଭାଷାଗୁଡ଼ିକ ଆମ ସଂସ୍କୃତିର ରତ୍ନ। ଆମ ଭାଷା ବିନା, ଆମେ ପ୍ରକୃତ ଭାରତୀୟ ହୋଇପାରିବା ନାହିଁ।' ଏଥିସହିତ ଗୃହମନ୍ତ୍ରୀ ଭାରତର ଭାଷାଗତ ଐତିହ୍ୟକୁ ପୁନରୁଦ୍ଧାର କରିବା ପାଇଁ ସାରା ଦେଶରେ ଏକ ନୂଆ ପ୍ରୟାସ ଆରମ୍ଭ ହେବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏବଂ ଇଂରାଜୀ ଭାଷକୁ କଟାକ୍ଷ କରି ଶାହ ଭବିଷ୍ୟବାଣୀ କରିଛନ୍ତି। ସେ କହିଛନ୍ତି ଦିନେ ସାରା ବିଶ୍ୱରେ ଇଂରାଜୀ ଭାଷାକୁ ଉପନିବେଶବାଦୀ ଦାସତ୍ୱର ପ୍ରତୀକ ଭାବରେ ଦେଖାଯିବ। ଗୃହମନ୍ତ୍ରୀ କହିଛନ୍ତି ଆମ ଦେଶ, ଆମର ସଂସ୍କୃତି, ଆମର ଇତିହାସ ଏବଂ ଆମର ଧର୍ମକୁ ବୁଝିବା ପାଇଁ, କୌଣସି ବିଦେଶୀ ଭାଷା ଯଥେଷ୍ଟ ନୁହେଁ। ଅଧା ବିଦେଶୀ ଭାଷା ମାଧ୍ୟମରେ ଏକ ସମ୍ପୂର୍ଣ୍ଣ ଭାରତର କଳ୍ପନା କରାଯାଇପାରିବ ନାହିଁ। ବର୍ତ୍ତମାନ ଦେଶରେ ବାଷା ବିବାଦ ଚରମ ସୀମାରେ ରହିଛି। ମହାରାଷ୍ଟ୍ର ଠାରୁ ଆରମ୍ଭ କରି ଦକ୍ଷିଣ ଭାରତୀୟ ରାଜ୍ୟ ସବୁ ହିନ୍ଦୀକୁ ବିରୋଧ କରୁଛନ୍ତି। କେନ୍ଦ୍ର ସରକାର ନୂଆ ଶିକ୍ଷା ନୀତିରେ 'ତ୍ରି-ଭାଷା ସୂତ୍ର' କାର୍ଯ୍ୟକାରୀ କରି ହିନ୍ଦୀକୁ ଲଦିବାକୁ ଚେଷ୍ଟା କରୁଛନ୍ତି ବୋଲି ବିରୋଧୀ ଶାସିତ ରାଜ୍ୟରେ ଅଭିଯୋଗ ହେଉଛି। ବିଶେଷ କରି ତାମିଲନାଡୁରେ ଏହାକୁ ଘୋର ବିରୋଧ କରାଯାଉଛି। ସେହିପରି କର୍ଣ୍ଣାଟକ, ପଶ୍ଚିମବଙ୍ଗରେ ମଧ୍ୟ ଏହାକୁ ନେଇ ବିଜେପିକୁ ଟାର୍ଗେଟ୍ କରିଛନ୍ତି।

### ସେନାଙ୍କୁ ଟ୍ରମ୍ପଙ୍କ ନିର୍ଦ୍ଦେଶ

## କଥା ନ ମାନିଲେ ଆକ୍ରମଣ କର

### ଚୂଡ଼ାନ୍ତ ନିର୍ଦ୍ଦେଶକୁ ଅପେକ୍ଷା



ନୂଆଦିଲ୍ଲୀ: ଇରାନ ଉପରେ ଆକ୍ରମଣ କରିବ ଆମେରିକା। ଏଥିପାଇଁ ଆମେରିକା ସେନାକୁ ଅନୁମତି ମିଳିସାରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏ ନେଇ ମଞ୍ଜୁରୀ ପ୍ରଦାନ କରିଛନ୍ତି। କିନ୍ତୁ ଚୂଡ଼ାନ୍ତ ନିର୍ଦ୍ଦେଶ ଦେଇନାହାନ୍ତି। ଟ୍ରମ୍ପଙ୍କ ଅନ୍ତିମ ନିର୍ଦ୍ଦେଶକୁ ଅପେକ୍ଷା କରିଛି ପେଣ୍ଟାଗନ। ପରମାଣୁ କାର୍ଯ୍ୟକ୍ରମ ନେଇ ଇରାନର ଜବାବକୁ ଟ୍ରମ୍ପ ଅପେକ୍ଷା କରି ଆକ୍ରମଣ ଯୋଜନାକୁ ସ୍ଥଗିତ ରଖିଛନ୍ତି ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଟ୍ରମ୍ପ ନିଜର ବରିଷ୍ଠ ପରାମର୍ଶଦାତାମାନଙ୍କୁ ଗତ ବୁଧବାର ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ଲକ୍ଷ୍ୟ କରି ଆକ୍ରମଣ ଯୋଜନା କରାଯାଇଥିବା ଟ୍ରମ୍ପ କହିଛନ୍ତି। ଇରାନ ପରମାଣୁ ଅସ୍ତ୍ର ବିକାଶ ବନ୍ଦ କରି ନିଃସର୍ତ୍ତ ଆତ୍ମସମର୍ପଣ କରିବାକୁ ଟ୍ରମ୍ପ ଦାବି କରିଛନ୍ତି। ଇସ୍ରାଏଲ-ଇରାନ ମଧ୍ୟରେ ଯୁଦ୍ଧ ବିରତି ବଦଳରେ ସେ ସମ୍ପୂର୍ଣ୍ଣ ବିଜୟ ଚାହୁଁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି। ଆକ୍ରମଣ ଯୋଜନା ସମ୍ପର୍କରେ ଟ୍ରମ୍ପ କହିଛନ୍ତି, ମୁଁ ଏହା କରିପାରେ ଏବଂ ନ କରିପାରେ ମଧ୍ୟ। ପରିସ୍ଥିତିକୁ ଦେଖି ସେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଆଗାମୀ ଏକ ସପ୍ତାହ କିମ୍ବା ତା'ଠାରୁ କମ୍ ସମୟ ମଧ୍ୟରେ କିଛି ବଡ଼ ଘଟଣା ଘଟିବ। ଇରାନର ସବୁଠୁ ବଡ଼ ତଥା ଫର୍ଡୋ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ କରାଯିବ। ଏହା ଭୂମିର ଅତି ଗଭୀରରେ ନିର୍ମିତ ହୋଇଛି। ଏହାକୁ ନଷ୍ଟ କରିବା କଷ୍ଟକର ବୋଲି କୁହାଯାଉଛି। କିନ୍ତୁ ଅଧିକ ଶକ୍ତିଶାଳୀ ବୋମାଦ୍ୱାରା ଏହାକୁ ଧ୍ୱଂସ କରାଯାଇପାରିବ ବୋଲି ବିଶେଷଜ୍ଞମାନେ କହୁଛନ୍ତି। ତେବେ ଇରାନ ଯଦି ଆମେରିକା ଦାବି ନ ମାନେ, ତେବେ ଆମେରିକା ପକ୍ଷରୁ ବଡ଼ ଧରଣର ଆକ୍ରମଣ କରାଯିବାର ସମ୍ଭାବନା ରହିଥିବା କୁହାଯାଉଛି।

### ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫

## ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ଓ ସୁସ୍ଥତା ଲାଗି ବିଶ୍ୱକୁ ଭାରତର ବାର୍ତ୍ତା

ନୂଆଦିଲ୍ଲୀ: ପ୍ରାଚୀନ ଭାରତୀୟ ପରମ୍ପରାର ଏକ ଅମୂଲ୍ୟ ଉପହାର ଯୋଗ ଆଜି ମନୁଷ୍ୟର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ବିକାଶ ପାଇଁ ଏକ ସର୍ବୋତ୍ତମ ମାଧ୍ୟମ ପାଲଟିଛି। 'ଯୋଗ' ଶବ୍ଦ ସଂସ୍କୃତ ମୂଳ ଧାତୁ 'ଯୁଜ' ରୁ ଆସିଛି ଯାହାର ଅର୍ଥ 'ଯୋଗ କରିବା' କିମ୍ବା 'ଏକୀକରଣ' । ଏହା ଶରୀର ଏବଂ ମନ, ବିଚାର ଏବଂ କାର୍ଯ୍ୟ, ମଣିଷ ଏବଂ ପ୍ରକୃତି ଏବଂ ଏକ ସାମଗ୍ରିକ ସ୍ୱାସ୍ଥ୍ୟ ଆଭିମୁଖ୍ୟ ମଧ୍ୟରେ ସନ୍ତୁଳନର ପ୍ରତୀକ ପାଲଟିଛି। ଯୋଗର ବିଶ୍ୱସ୍ତରୀୟ ଲୋକପ୍ରିୟତାକୁ ସ୍ୱୀକାର କରି, ଜାତିସଂଘ ୧୧ ଡିସେମ୍ବର ୨୦୧୪ ରେ ୨୧ ଜୁନକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବରେ ଘୋଷଣା କରିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୭ ସେପ୍ଟେମ୍ବର ୨୦୧୪ରେ ଜାତିସଂଘ ସାଧାରଣ ସଭାରେ ଏହି ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହାକୁ ୧୭୫ଟି ଦେଶ ଦ୍ୱାରା ଅନୁମୋଦନ କରାଯାଇଥିଲା। ୨୧ ଜୁନକୁ ବଛାଯାଇଥିଲା କାରଣ ଏହା ଉତ୍ତର ଗୋଲାର୍ଦ୍ଧର ସବୁଠାରୁ ଲମ୍ବା ଦିନ । ପୁଣି ବିଭିନ୍ନ ସଂସ୍କୃତିରେ ମହତ୍ତ୍ୱ ରଖୁଥିବା ଏହି ଦିନଟି ପ୍ରକୃତି ଓ ମାନବ ସୁସ୍ଥତାର ଏକ ପ୍ରତୀକ। ୨୦୧୫ ମସିହାରେ ଏହାର ପ୍ରଥମ ସଂସ୍କରଣ ଠାରୁ, ଆୟୁଷ ମନ୍ତ୍ରଣାଳୟର ତତ୍ତ୍ୱାବଧାନରେ ତଥା ବିଭିନ୍ନ ରାଜ୍ୟ ସରକାର, ବିଦେଶରେ ଥିବା ଭାରତୀୟ ମିଶନ ଏବଂ ଜାତିସଂଘ ଏଜେନ୍ସିଗୁଡ଼ିକର ସକ୍ରିୟ ସମର୍ଥନ ସହିତ ଭାରତ ସାରାବିଶ୍ୱରେ ଏହି ଉତ୍ସବର ନେତୃତ୍ୱ ନେଇ ଆସୁଛନ୍ତି। ନମସ୍କାର ଭଙ୍ଗୀ ସଂଯୋଗର ପ୍ରତୀକ-ବ୍ୟକ୍ତିଗତ ଚେତନା ଓ ଜାଗତିକ ଚେତନା ମଧ୍ୟରେ ସଂଯୋଗ, ମନ ଓ ଶରୀର, ମଣିଷ ଓ ପ୍ରକୃତି ମଧ୍ୟରେ ଚମତ୍କାର ସମନ୍ୱୟ, ସ୍ୱାସ୍ଥ୍ୟ ଓ ସୁସ୍ଥତା ଲାଗି ଏକ ସାମଗ୍ରିକ ପ୍ରୟାସ। ବିଶ୍ୱବ୍ୟାପୀ ଅନ୍ତର୍ଜାତୀୟ ଯୋଗ ଦିବସ ଲାଗି ଉତ୍ସାହ ବଢ଼ିଚାଲିଛି । ୨୦୧୮ରେ ବିଶ୍ୱବ୍ୟାପୀ ୯.୫୯ କୋଟି ଲୋକ ଏଥିରେ ଅଂଶଗ୍ରହଣ କରିଥିବାବେଳେ ୨୦୨୪ ରେ ମୋଟ ୨୪.୫୩ କୋଟି ଲୋକ ଏଥିରେ ଅଂଶଗ୍ରହଣ କରିଥିଲେ, ଯାହା ଦର୍ଶାଉଛି ଯେ ଯୋଗ ସାରା ବିଶ୍ୱରେ ସୁସ୍ଥତାର ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏବର୍ଷ ଲାଗି ଅନ୍ତର୍ଜାତୀୟ ଯୋଗ ଦିବସର ଶୀର୍ଷ ହେଉଛି 'ଏକ ବିଶ୍ୱ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ'। ଏହା ଭାରତର ଜି-୨୦ ସଭାପତିତ୍ୱ ସମୟରେ ଥିବା ଶୀର୍ଷକ 'ଏକ ବିଶ୍ୱ-ଏକ ପରିବାର-ଏକ ଭବିଷ୍ୟତ' ସହ ମେଳ ଖାଉଛି । ଯୋଗ ସଂଗମ ହେଉଛି ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ର ମୁଖ୍ୟ କାର୍ଯ୍ୟକ୍ରମ ଯାହାକି ଜୁନ ୨୧ ସକାଳ ୬.୩୦ରୁ ସକାଳ ୭.୪୫ ପର୍ଯ୍ୟନ୍ତ ସାରା ଭାରତରେ ୧ ଲକ୍ଷରୁ ଅଧିକ ସ୍ଥାନରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ ଯୋଗ ଦିବସରେ ଲୋକମାନଙ୍କ ସର୍ବାଧିକ ଅଂଶଗ୍ରହଣ ସୁନିଶ୍ଚିତ କରିବାକୁ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ କେତେକ ପଦକ୍ଷେପ ନିଆଯାଇଛି। ଯୋଗକୁ ପ୍ରୋତ୍ସାହିତ ଏବଂ ଯୋଗାଭ୍ୟାସ କ୍ଷେତ୍ରରେ ଉତ୍କର୍ଷତାକୁ ସ୍ୱୀକୃତି ଦେବାପାଇଁ ପ୍ରଧାନମନ୍ତ୍ରୀ ଯୋଗ ପୁରସ୍କାର ଉଦ୍ଦିଷ୍ଟ । ମୋଟ ୪ଟି ପୁରସ୍କାର ଥିବାବେଳେ ସେଥିମଧ୍ୟରୁ ୨ଟି ଅନ୍ତର୍ଜାତୀୟ ଓ ୨ଟି ଜାତୀୟ। ପ୍ରତ୍ୟେକ ବିଜେତା ବ୍ୟକ୍ତି ଏବଂ ସଂଗଠନ ୨୫ ଲକ୍ଷ ଟଙ୍କା, ଏକ ଟ୍ରଫି ଏବଂ ଏକ ପ୍ରମାଣପତ୍ର ପାଆନ୍ତି। ୨୦୨୫ ପାଇଁ ଆବେଦନ ବନ୍ଦ ହୋଇଯାଇଛି; ବିଜେତାମାନଙ୍କୁ ୨୧ ଜୁନ୍ ୨୦୨୫ରେ ଘୋଷଣା କରାଯିବ।

## 'କେସରୀ ଚାପ୍ଟର ୨'କୁ ନେଇ ମାମଲା ରୁଜୁ କଲା ଟିଏମ୍‌ସି

ନୂଆଦିଲ୍ଲୀ: ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମସି) ବୁଧବାର ବଲିଉଡ୍ ଫିଲ୍ମ 'କେସରୀ ଚାପ୍ଟର ୨'ର ନିର୍ମାତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ରାଜ୍ୟର ଅବଦାନର ଇତିହାସକୁ ବଦନାମ କରିବା ଏବଂ ବଙ୍ଗାଳୀ କ୍ରାନ୍ତିକାରୀଙ୍କୁ ଅପମାନିତ କରିବାର ଅଭିଯୋଗ ଆଣିଛି। ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ବିଭିନ୍ନ ଧାରା ଅନୁଯାୟୀ 'କେସରୀ ଚାପ୍ଟର ୨'ର ସାତ ଜଣ ପ୍ରଯୋଜକଙ୍କ ବିରୋଧରେ ବିଧାନନଗର ଦକ୍ଷିଣ ପୋଲିସ ଷ୍ଟେସନରେ ଏକ ଏଫଆଇଆର ରୁଜୁ କରାଯାଇଛି। ଫିଲ୍ମର ଏକ ଦୃଶ୍ୟକୁ ନେଇ ବିବାଦ ଆରମ୍ଭ ହୋଇଛି ଯେଉଁଥିରେ ବଙ୍ଗର ପ୍ରମୁଖ ସ୍ୱାଧୀନତା ସଂଗ୍ରାମୀ, ବିଶେଷକରି ବିପ୍ଳବୀ ଖୁଦିରାମ ବୋଷ ଏବଂ ବରିନ୍ଦ୍ର କୁମାର ଘୋଷଙ୍କୁ ଭୁଲ ଭାବରେ ଦର୍ଶାଯାଇଛି। ଟିଏମସିର ଅନୁଯାୟୀ, ଫିଲ୍ମରେ ଖୁଦିରାମ ବୋଷଙ୍କୁ ଖୁଦିରାମ ସିଂହ ଏବଂ ଅମୃତସରର ବରିନ୍ଦ୍ର କୁମାର ଘୋଷଙ୍କୁ ବୀରେନ୍ଦ୍ର କୁମାର ଭାବରେ ଉପସ୍ଥାପନ କରାଯାଇଛି। ଏକ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଟିଏମସି ନେତା କୁନାଲ ଘୋଷ ଏବଂ ଅରୂପ ଚକ୍ରବର୍ତ୍ତୀ ଏହାକୁ ନିନ୍ଦା କରି ଏହାକୁ 'ଜାଣିଶୁଣି ଇତିହାସର ବିକୃତି' ଏବଂ 'ବଙ୍ଗଳାର ଗଭୀର ଅପମାନ' ବୋଲି କହିଛନ୍ତି।

## ଦୁର୍ବଳ ହୋଇଯାଇଛି ଇସ୍ରାଏଲ୍ : ଖୋମିନି



ତେହେରାନ: ଇସ୍ରାଏଲ ଏବଂ ଇରାନ ପରସ୍ପର ଉପରେ ପ୍ରତିଦିନ ଭୟଙ୍କର ଆତ୍ମଘାତୀ ଆକ୍ରମଣ କରୁଛନ୍ତି। ଇରାନ ଉପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ପ୍ରତିକ ବୟାନ ଏବଂ ତା'ପରେ ରୁଷ-ଚୀନର ପ୍ରତିକ୍ରିୟା ଏହି ଅଞ୍ଚଳରେ ଚାଲିଥିବା ଯୁଦ୍ଧ ପ୍ରତି ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏହି ସମୟରେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖେମେନି କହିଛନ୍ତି ଯେ ଇସ୍ରାଏଲ ଆମେରିକାଠାରୁ ସାହାଯ୍ୟ ମାଗିବା ଏହା ଦୁର୍ବଳ ହେବାର ଏକ ସଙ୍କେତ। ଖାମେନି 'ଏକ୍ସ'ରେ ଏକ ପୋଷ୍ଟ କରି ଇରାନର ଲୋକମାନଙ୍କୁ ସେମାନଙ୍କର ସାହସ ବଜାୟ ରଖିବାକୁ ଅପିଲ କରିଛନ୍ତି। ସେ ଲେଖିଛନ୍ତି, 'ମୁଁ ମୋର ପ୍ରିୟ ଦେଶକୁ କହିବାକୁ ଚାହେଁ ଯେ ଯଦି ଶତ୍ରୁ ଜାଣିପାରେ ଯେ ତୁମେ ସେମାନଙ୍କୁ ଭୟ କରୁଛ, ତେବେ ସେମାନେ ତୁମକୁ ଛାଡିବେ ନାହିଁ। ଆଜି ପର୍ଯ୍ୟନ୍ତ ତୁମେ ଯେଉଁ ପ୍ରକାରର ସାହସ ଦେଖାଇଛ ତାହା ଜାରି ରଖ।' ପବିତ୍ର କୋରାନକୁ ଉଲ୍ଲେଖ କରି ସେ କହିଛନ୍ତି, 'ବିଜୟ କେବଳ ଆଲ୍ଲାଙ୍କଠାରୁ ଆସେ, ସର୍ବଶକ୍ତିମାନ ପରମେଶ୍ୱର ନିଶ୍ଚିତ ଭାବରେ ଇରାନ ଜାତି, ସତ୍ୟ ଏବଂ ଉଚିତ ପକ୍ଷକୁ ବିଜୟୀ କରାଇବେ।' ସେପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଯେ ଖେମେନିଙ୍କ ଅନ୍ତ ସହିତ ହିଁ ଇରାନ-ଇସ୍ରାଏଲ ଯୁଦ୍ଧ ବନ୍ଦ ହେବ। ସେହିପରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କୌଣସି ସର୍ତ୍ତ ବିନା ଆତ୍ମସମର୍ପଣ କରିବାକୁ କହିଛନ୍ତି।

## କେନ୍ଦ୍ର ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ସମୀକ୍ଷା ବୈଠକ

ନୂଆଦିଲ୍ଲୀ: ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଏୟାର ଇଣ୍ଡିଆର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତିନୋଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା ହୋଇଥିଲା । ସେଗୁଡ଼ିକ ହେଉଛି ଚାଳନା ନିରନ୍ତରତା ବଜାୟ ରଖିବା, ଜନସାଧାରଣଙ୍କ ସହିତ ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ଯୋଗାଯୋଗ ସୁନିଶ୍ଚିତ କରିବା ଏବଂ ଯାତ୍ରୀ ସୁରକ୍ଷା ଏବଂ ସୁବିଧା ସୁନିଶ୍ଚିତ କରିବା। ଏହି ବୈଠକରେ ଉଲ୍ଲେଖ କରାଯାଇଥିଲା ଯେ ମଧ୍ୟପ୍ରାଚ୍ୟର ପରିସ୍ଥିତି, ବର୍ଦ୍ଧିତ ସୁରକ୍ଷା ଯାଞ୍ଚ ଏବଂ ୟୁରୋପରେ ରାତି ଉଡ଼ାଣ ପ୍ରତିବନ୍ଧକ ଯୋଗୁଁ ଏୟାର ଇଣ୍ଡିଆ ବିମାନ ଉପଲବ୍ଧତା ଅଭାବର ସମ୍ମୁଖୀନ ହେଉଛି। ଫଳସ୍ୱରୂପ, ସାମୟିକ ଭାବରେ ବିମାନ ଚାଳନା ହ୍ରାସ କରାଯିବ, ଫ୍ଲାଇଟ ଗୁଡ଼ିକରେ ପରିବର୍ତ୍ତନ କରାଯିବ ଏବଂ ଏସବୁ ପରିବର୍ତ୍ତନଗୁଡ଼ିକ ଗଣମାଧ୍ୟମ ମାଧ୍ୟମରେ ଘୋଷଣା କରାଯିବ। ପ୍ରଭାବିତ ଯାତ୍ରୀମାନଙ୍କ ଟିକେଟ୍ ପୁଣି ବୁକ୍ କରାଯିବ କିମ୍ବା ପୂର୍ଣ୍ଣ ଅର୍ଥ ଫେରସ୍ତ ଦିଆଯିବ। ଏୟାର ଇଣ୍ଡିଆକୁ ବିମାନବନ୍ଦରରେ ଏହାର ଭୂମି ସ୍ତରୀୟ ସମନ୍ୱୟକୁ ମଜବୁତ କରିବା, ବାତିଲ/ବିଳମ୍ବ ସମ୍ପର୍କରେ ଯାତ୍ରୀଙ୍କ ସହିତ ଯୋଗାଯୋଗ ଉନ୍ନତ କରିବା ଏବଂ ଗ୍ରାହକ ସେବା ଦଳଗୁଡ଼ିକ ପ୍ରତିକ୍ରିୟାଶୀଳ ଏବଂ ସହାନୁଭୂତି ଏବଂ ସ୍ପଷ୍ଟତାର ସହିତ ବର୍ଦ୍ଧିତ ଯାତ୍ରୀଙ୍କ ଚିନ୍ତାକୁ ପରିଚାଳନା କରିବାକୁ ପ୍ରସ୍ତୁତ ରହିବାକୁ ଏହି ଅବସରରେ ଅନୁରୋଧ କରାଯାଇଥିଲା। ସ୍ୱାଇସ୍ ଜେଟ୍, ଇଣ୍ଡିଗୋ ଏବଂ ଆକାଶର ବରିଷ୍ଠ ପରିଚାଳନା ସହିତ ମଧ୍ୟ ୧୮ ଏବଂ ୧୯ ଜୁନ୍ ବୈଠକ ଅନୁଷ୍ଠିତ ହୋଇଥିଲା। ମାନ୍ୟବର ମନ୍ତ୍ରୀ ଫ୍ଲିଟ୍ କାର୍ଯ୍ୟଦକ୍ଷତା, ସୁରକ୍ଷା ଯାଞ୍ଚ, ଯାତ୍ରୀ ଅଭିଜ୍ଞତା ଏବଂ ସୁବିଧା ଏବଂ ବିମାନ ଯୋଗାଯୋଗ ରଣନୀତି ସମୀକ୍ଷା କରିଥିଲେ। ଉତ୍ତମ ତଦାରଖ ଏବଂ ସମନ୍ୱୟ ପାଇଁ ବିମାନ କମ୍ପାନୀଗୁଡ଼ିକ ସହିତ କାର୍ଯ୍ୟକ୍ଷମ ବିଷୟଗୁଡ଼ିକରେ ସାମୟିକ ସମୀକ୍ଷା ପ୍ରକ୍ରିୟାକୁ ଆନୁଷ୍ଠାନିକ କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ (ଏଏଆଇବି) ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାର ଆନୁଷ୍ଠାନିକ ତଦନ୍ତ ଆରମ୍ଭ କରିଛି। ଏଏଆଇବିର ଏକ ବିଭିନ୍ନ ବିଷୟରେ ବିଶେଷଜ୍ଞ ଦଳ ୧୨ ଜୁନ୍ ୨୦୨୫ରୁ ତଦନ୍ତ ଆରମ୍ଭ କରିଛି। ଏଏଆଇବିର ମହାନିର୍ଦ୍ଦେଶକଙ୍କ ଦ୍ୱାରା ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଆଇସିଏଓ ପ୍ରୋଟୋକଲ୍ ଅନୁଯାୟୀ ଏନଟିଏସବି ଏବଂ ଓଇଏମ ଦଳ ଏଏଆଇବିକୁ ସହାୟତା କରିବା ପାଇଁ ପହଞ୍ଚିଛନ୍ତି। ୧୩ ଜୁନ୍ ୨୦୨୫ରେ ଦୁର୍ଘଟଣାସ୍ଥଳରୁ ଡିଜିଟାଲ୍ ଫ୍ଲାଇଟ୍ ଡାଟା ରେକର୍ଡର୍ ଏବଂ କକପିଟ୍ ଭଏସ୍ ରେକର୍ଡର୍ (ସିଭିଆର) ଉଦ୍ଧାର କରାଯାଇଛି ଏବଂ ୧୬ ଜୁନ୍ ରେ ଦ୍ୱିତୀୟ ସେଟ୍ ମିଳିଛି। ବିମାନର ଏହି ମଡେଲ୍ରେ ଦୁଇଟି ବ୍ଲାକବକ୍ସ ସେଟ୍ ଥିଲା। ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ଏଜେନ୍ସିଗୁଡ଼ିକଙ୍କଠାରୁ ସମସ୍ତ ଆବଶ୍ୟକ ସହାୟତା ସହିତ ଏଏଆଇବି ତଦନ୍ତ ଭଲଭାବରେ ଅଗ୍ରଗତି କରୁଛି। ସ୍ଥାନ ଡକ୍ୟୁମେଣ୍ଟେସନ୍ ଏବଂ ପ୍ରମାଣ ସଂଗ୍ରହ ସମେତ ପ୍ରମୁଖ ଉଦ୍ଧାର କାର୍ଯ୍ୟ ସମାପ୍ତ ହୋଇଛି ଏବଂ ବର୍ତ୍ତମାନ ଅଧିକ ବିଶ୍ଳେଷଣ ଚାଲିଛି। ମନ୍ତ୍ରଣାଳୟ ଚାଲୁଥିବା ତଦନ୍ତରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ପାଇଁ ପ୍ରତିବଦ୍ଧ ଏବଂ ଯାତ୍ରୀ ସୁରକ୍ଷା ଏବଂ ଆରାମର ସର୍ବୋଚ୍ଚ ମାନଦଣ୍ଡର ବୃହତର ସ୍ୱାର୍ଥରେ ସମସ୍ତ ବାଧ୍ୟତାମୂଳକ ପ୍ରୋଟୋକଲ୍ ଏବଂ ମାନଦଣ୍ଡ ପାଳନ କରିବ।

# ବାଣିଜ୍ୟ

AXIS BANK

ନୂଆଦିଲ୍ଲୀ: ନୂତନ ଉନ୍ମୋଚନ ହୋଇଥିବା ଓ୍ୱେଭ ଫର୍ଚୁନ ସ୍ମାର୍ଟ ଓ୍ୱାଚ ପାଇଁ ନିରବଚ୍ଛିନ୍ନ ସମନ୍ୱିତ ଟ୍ୟାପ ଆଣ୍ଡ ପେ ଏନଏଫସି ସକ୍ଷମ ପେମେଣ୍ଟ ଲାଗି ଆକ୍ସିସ ବ୍ୟାଙ୍କ ପକ୍ଷରୁ ବୋଟ ଓ ମାଷ୍ଟର କାର୍ଡ ସହସହଯୋଗିତା ସ୍ଥାପନ କରାଯାଇଛି। ଓ୍ୱେଭ ଫର୍ଚୁନର ମୂଲ୍ୟ ୩୨୯୯ ଟଙ୍କା ରହିଥିବା ବେଳେ ସ୍ୱତନ୍ତ୍ର ଅଫର ଅବଧିରେ ୨୫୯୯ ଟଙ୍କା ରହିଛି। ଏହା ଗ୍ରାହକଙ୍କୁ ସୁବିଧା, ନିରାପତ୍ତା ଓ ପରବର୍ତ୍ତୀସ୍ତରର ସ୍ମାର୍ଟ ଓ୍ୱାଚ ଅନୁଭୂତି ସହ ସକ୍ଷମ କରିବ। ଆକ୍ସିସ ବ୍ୟାଙ୍କ କାର୍ଡଧାରୀମାନେ ବୋଟର ଅଫିସିଆଲ ପେମେଣ୍ଟ ଆପ କ୍ରେଷ୍ଟପେରେ ଓ୍ୱେଭ ଫର୍ଚୁନ ସ୍ମାର୍ଟଓ୍ୱାଚ ପାଇଁ ସେମାନଙ୍କ ଡେବିଟ ଓ କ୍ରେଡିଟ କାର୍ଡକୁ ଟୋକନାଇଜ କରିବା ସହ ଷ୍ଟୋର କରିପାରିବେ। ଏହି ସୁବିଧାକୁ ମାଷ୍ଟରକାର୍ଡର ଟୋକେନାଇଜେସନର ସମର୍ଥନ ଥିବା ବେଳେ ଟାପିଟେକ୍ନୋଲୋଜିର ଭିତିଭୂମି ସହାୟତା ରହିଛି। ଯାହା ଫଳରେ ପିନ ନ ଦେଇ ପିଓଏସ ଡିଭାଇସରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ଗୋଟିଏ ସୋପାନର ପେମେଂଟ ଦ୍ରୁତ ଗତିରେ ଓ ସୁରକ୍ଷିତ ଭାବେ ହୋଇପାରୁଛି।

## ଧାରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ସ୍ଥାପନ କରିବ କେବିସି ଗ୍ଲୋବାଲ

KBC GLOBAL

ମୁମ୍ବାଇ: ନାସିକରେ ଅବସ୍ଥିତ ଏବଂ ଭିତିଭୂମି ଓ ଇପିସି ସେବାଗୁଡିକ କ୍ଷେତ୍ରରେ ଏକ ଅଗ୍ରଣୀ ନାମ କେବିସି ଗ୍ଲୋବାଲ ଲିମିଟେଡ ଅକ୍ଷୟ ଶକ୍ତି କ୍ଷେତ୍ରରେ ତାହାର ସମ୍ପ୍ରସାରଣର ଅଂଶ ଭାବରେ ଧାରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ନାମରେ ଏକ ନୂତନ ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ ସ୍ଥାପନ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସ ୨୦୨୫ ଜୁନ ୧୩ ତାରିଖରେ ଅନୁଷ୍ଠିତ ଏହାର ବୈଠକରେ ଏହି ପଦକ୍ଷେପକୁ ଅନୁମୋଦନ କରିଛନ୍ତି। ଧାରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ବିନିର୍ମାଣ, ଡିଜାଇନ, ବିକାଶ, ଅକ୍ଷୟ ଶକ୍ତି ମଡ୍ୟୁଲ, ସେଲ୍ ଏବଂ ଆନୁଷଙ୍ଗିକ ସାମଗ୍ରୀଗୁଡିକର ଉନ୍ନୟନ ସମେତ ବହୁବିଧ କାର୍ଯ୍ୟକଳାପରେ ନିୟୋଜିତ ରହିବ। ଏଥିମଧ୍ୟରେ ଗବେଷଣା କାର୍ଯ୍ୟ, ଟ୍ରେଡିଂ, କ୍ରୟ, ବିକ୍ରୟ, ପାଇକାରୀ ବିକ୍ରି, ଖୁଚୁରା ବିକ୍ରି, ଆବଂଟନ, ଆମଦାନୀ, ରପ୍ତାନି, ଆସେମ୍ବ୍ଲିଂ, ଫାବ୍ରିକେଟିଂ, ମରାମତି, ରକ୍ଷଣାବେକ୍ଷଣ, ଅଲଟରିଂ ଏବଂ ସୌର ଶକ୍ତି ପ୍ରକଳ୍ପସମୂହ ଏବଂ ହାଇବ୍ରିଡ ସିଷ୍ଟମଗୁଡିକର ପରିଚାଳନା ଆଦି ସାମିଲ ରହିଛି ଯେଉଁଥିରେ ଅକ୍ଷୟ ଶକ୍ତିର ଅନ୍ୟାନ୍ୟ ଆକାର ସହିତ ସୌର ଫଟୋଭୋଲଟାଇକ ପ୍ରଯୁକ୍ତି ମିଶ୍ରିତ ଭାବରେ ରହିଛି- ଏବଂ ଏହାଦ୍ୱାରା ସୌର ଶକ୍ତି ପ୍ରକଳ୍ପଗୁଡିକ ନିମନ୍ତେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମାଧାନଗୁଡିକ ଯୋଗାଇଦେବା ଲକ୍ଷ୍ୟ ରହିଛି। କମ୍ପାନୀର ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଯେ, 'ଆମର ବିବିଧକରଣ ଯାତ୍ରାରେ ଧାରନ ଇନଫ୍ରା ସୋଲାର ସ୍ଥାପନ ଏକ ସ୍ୱାଭାବିକ ପ୍ରଗତି ହୋଇଛି। ଅକ୍ଷୟ ଶକ୍ତି ଆଉ ଏକ ବିକଳ୍ପ ନୁହେଁ ବରଂ ଏବ ଆବଶ୍ୟକତା ହୋଇଛି। ଏହି ପ୍ରୟାସ ଏକ ସ୍ୱଚ୍ଛ, ସବୁଜ ଭବିଷ୍ୟତ ନିମନ୍ତେ ଅବଦାନ ରଖିବା ଏବଂ ସେହି ସମୟରେର ଦୀର୍ଘସ୍ଥାୟୀ ବ୍ୟବସାୟିକ ଅଭିବୃଦ୍ଧି ନିମର୍ଟେ ନୂତନ ସୁଯୋଗ ଉନ୍ମୁକ୍ତ କରିବାକୁ ଆମର ଦୀର୍ଘସୂତ୍ରୀ ଦୂରଦୃଷ୍ଟିକୁ ପୁନଃଦୃଢୀଭୂତ କରୁଛି।' କେବିସି ଗ୍ଲୋବାଲ ଲିମିଟେଡ ଭାରତର ସଂରଚନା ଓ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଏବଂ ଇଂଜିନିୟରିଂ, ପ୍ରୋକ୍ୟୋରମେଂଟ ଏବଂ ନିର୍ମାଣ (ଇପିସି) ସେବାଗୁଡିକ କ୍ଷେତ୍ରରେ ଏହାର ବର୍ଦ୍ଧିତ ପୋର୍ଟଫୋଲିଓ ରହିଛି। ଉଚ୍ଚ ଗୁଣାତ୍ମକ ମାନର ସଂରଚନା ପ୍ରକଳ୍ପଗୁଡିକ ଯୋଗାଇଦେବାର ଇତିହାସ ଥିବା ଏହି କମ୍ପାନୀ ସମ୍ପ୍ରତି ଅକ୍ଷୟ ଶକ୍ତି ବର୍ଗରେ ନିଜର ଉପସ୍ଥିତି ସୁଦୃଢ଼ କରୁଛି।

## ଏନ୍‌ଟିପିସ ପକ୍ଷରୁ ପରିମଳ ଯନ୍ତ୍ରପାତି ପ୍ରଦାନ



ସୁନ୍ଦରଗଡ଼, (ଭାସ୍କର ନ୍ୟୁଜ୍): ସାମୁଦାୟିକ ବିକାଶ ଏବଂ ସ୍ୱଚ୍ଛ ଭାରତ ମିଶନ ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରି, ଏନ୍‌ଟିପିସି ଦର୍ଲିପାଲି ୧୯ ତାରିଖରେ ଅନୁଷ୍ଠିତ ଏକ ଆନୁଷ୍ଠାନିକ ଉତ୍ସବରେ ସୁନ୍ଦରଗଡ଼ ପୌରପାଳିକାକୁ ଉନ୍ନତ ପରିମଳ ଯନ୍ତ୍ରପାତି ହସ୍ତାନ୍ତର କରିଛି। ହସ୍ତାନ୍ତର ସମାରୋହକୁ ଏନ୍‌ଟିପିସି ଦର୍ଲିପାଲିର ମହାପ୍ରବନ୍ଧକ (ଓଏଣ୍ଡ୍‌ଏମ୍) ହରେ ରାମ ସିଂହ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ପୌରପାଳିକାର ଅଧ୍ୟକ୍ଷ, ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ୱାଇ. ଦେବାଶିଷ, ଡିଜିଏମ୍ (ଏଚ୍‌ଆର୍), ଏନ୍‌ଟିପିସି ଏବଂ ଏନ୍‌ଟିପିସିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପଦକ୍ଷେପର ଏକ ଅଂଶ ସ୍ୱରୂପ ୧ କୋଟି ମୂଲ୍ୟର ପରିମଳ ଯନ୍ତ୍ରପାତି ହସ୍ତାନ୍ତର କରାଯାଇଥିଲା, ଯେଉଁଥିରେ ୦୨ଟି ଟ୍ରଲି ସହିତ ଟ୍ରାକ୍ଟର, ୦୯ଟି ବ୍ୟାଟେରୀ-ଚାଳିତ ଯାନ (ଇ-ରିକ୍ସା) ଅଳିଆ ସଂଗ୍ରହ ପାଇଁ, ୦୧ଟି ସ୍ୱୟଂଚାଳିତ ଫଗିଂ ମେସିନ୍, ୦୧ଟି ଆଗ ଏବଂ ପଛ ହୋ ଲୋଡର ସହିତ ଟ୍ରାକ୍ଟର ଅନ୍ତର୍ଭୁକ୍ତ। ଏହି ଅବସରରେ, ହରେ ରାମ ସିଂହ ଏନ୍‌ଟିପିସି ଦାର୍ଲିପାଲିର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଅଧୀନରେ ଜନସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ପରିବେଶଗତ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସହଯୋଗୀ ପଦକ୍ଷେପ ସୁନ୍ଦରଗଡ଼ର ପରିମଳ ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ, ଦୈନିକ ଅଳିଆ ସଂଗ୍ରହ ଦକ୍ଷତାରେ ଉନ୍ନତି ଆଣିବ ଏବଂ ଆଧୁନିକ ଫଗିଂ କାର୍ଯ୍ୟ ମାଧ୍ୟମରେ ଭେକ୍ଟର ନିୟନ୍ତ୍ରଣରେ ସହାୟତା କରିବ ବୋଲି ଆଶା କରାଯାଉଛି। ଏନ୍‌ଟିପିସିର ସମର୍ଥନ ସ୍ୱଚ୍ଛ, ସବୁଜ ଏବଂ ସୁସ୍ଥ ସମ୍ପ୍ରଦାୟକୁ ପ୍ରୋତ୍ସାହିତ କରିବା ପାଇଁ ଏହାର ବ୍ୟାପକ ମିଶନର ଏକ ଅଂଶ, ଯାହା ସାମାଜିକ କଲ୍ୟାଣ ଏବଂ ସ୍ଥାୟୀ ବିକାଶ ପ୍ରତି ଏହାର ଗଭୀର ଉତ୍ସର୍ଗକୁ ପ୍ରତିଫଳିତ କରେ। ପୌର ଅଧିକାରୀମାନେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ ସୁନ୍ଦରଗଡ଼ରେ ସ୍ୱଚ୍ଛ ଭାରତ ମିଶନର ଲକ୍ଷ୍ୟ ହାସଲ କରିବା ପାଇଁ ନାଗରିକ ସୁବିଧାକୁ ସୁଦୃଢ଼ କରିବା ଏବଂ ଲକ୍ଷ୍ୟ ହାସଲ କରିବାରେ ଏକ ମାଇଲଖୁଣ୍ଟ ଭାବରେ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

## ଜେଏସ୍‌ଡବ୍ଲୁ ପକ୍ଷରୁ ଗୋଶାଳା ଉଦ୍‌ଘାଟିତ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପଶୁ କଲ୍ୟାଣ ଏବଂ ଗ୍ରାମୀଣ ଉନ୍ନତି ଦିଗରେ ଏକ ଅର୍ଥପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଜେଏସ୍‌ଡବ୍ଲୁ ଫାଉଣ୍ଡେସନ ଝାରସୁଗୁଡାରେ ନବୀକରଣ ହୋଇଥିବା ଶ୍ରୀକୃଷ୍ଣ ଗୋଶାଳାକୁ ଉଦଘାଟନ ଏବଂ ଆନୁଷ୍ଠାନିକ ଭାବରେ ହସ୍ତାନ୍ତର କରିଛି। ହସ୍ତାନ୍ତର ଉତ୍ସବରେ ଝାରସୁଗୁଡାର ବିଧାୟକ ଟଙ୍କଧର ତ୍ରିପାଠି; ଏଚ୍‌ଓଡି ସିଭିଲ୍, ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍ ସମ୍ବଲପୁରର ଆକାଂକ୍ଷା ଲେଡିଜ୍ କ୍ଲବର ସଭାପତି ନୀଲମ ସିଂହ; ଏଚ୍‌ଓଡି ସିଭିଲ୍, ଜେଏସ୍‌ଡବ୍ଲୁ ବିପିଏସ୍‌ଏଲ୍, ମିହିର ମିଶ୍ର; ସମ୍ବଲପୁରର ଜେଏସ୍‌ଡବ୍ଲୁ ଫାଉଣ୍ଡେସନର ସିଏସ୍‌ଆର୍ ମୁଖ୍ୟ ବିଶାଲ ରାଜ ଏବଂ ଗୋଶାଳାର ସଭାପତି ସନ୍ଦୀପ ଅବସ୍ଥି ପ୍ରମୁଖ ଉପସ୍ଥିତ ଥିଲେ, ଯେଉଁମାନେ ଆନୁଷ୍ଠାନିକ ଭାବରେ ଉନ୍ନତ ସୁବିଧାର ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିରେ ବ୍ୟାପକ ନବୀକରଣରେ ତିନୋଟି ଗୋଶାଳାର ଆଧୁନିକୀକରଣ ଏବଂ ଏକ ଶସ୍ୟଭଣ୍ଡାର ସହିତ ସଜ୍ଜିତ ଏକ ନୂତନ ପରିଚାଳନା କେନ୍ଦ୍ର ନିର୍ମାଣ ଅନ୍ତର୍ଭୁକ୍ତ ଅଟେ। ଏହି ଉନ୍ନତିକରଣଗୁଡ଼ିକ ଗୋରୁଙ୍କ ଯତ୍ନ ପାଇଁ ଏକ ସୁରକ୍ଷିତ ଏବଂ ଅଧିକ ଦକ୍ଷ ପରିବେଶ ପ୍ରଦାନ କରିବା ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ବ୍ୟକ୍ତିମାନେ ଏପରି ସୁବିଧାଗୁଡ଼ିକୁ ଯତ୍ନ ଏବଂ ଶ୍ରଦ୍ଧାର ସହିତ ସଂରକ୍ଷଣ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ସମ୍ପ୍ରଦାୟ ଏବଂ ଗୋମାତା ଉଭୟଙ୍କୁ ସମ୍ମାନର ସହିତ ସେବା କରିବାରେ ସେମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ପଦକ୍ଷେପ ସାଂସ୍କୃତିକ ସଂରକ୍ଷଣ, କରୁଣା-ଚାଳିତ ପ୍ରକଳ୍ପ ଏବଂ ଅନ୍ତର୍ଭୁକ୍ତ ଗ୍ରାମୀଣ ବିକାଶ ପ୍ରତି ଜେଏସ୍‌ଡବ୍ଲୁ ଫାଉଣ୍ଡେସନର ସ୍ଥାୟୀ ସମ୍ପ୍ରଦାୟ ଅଭିବୃଦ୍ଧି ପାଇଁ ଏହାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ସ୍ଥାୟୀ ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରେ।







ପୁରୀ (ଭାସ୍କର ନ୍ୟୁଜ) : ଓଡିଶା ସାଇକେଲ ପୋଲୋ ସଙ୍ଘର ଗଭର୍ଣ୍ଣିଂ ବଡି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀ ୟୁଥ ହଷ୍ଟେଲ ଠାରେ ଓଡିଶା ସାଇକେଲ ପୋଲୋ ସଂଘର ନୂତନ ସଭାପତି ଭାବେ ବିନୟ ନୃସିଂହ ମହାପାତ୍ର ଏବଂ ବିଭିନ୍ନ କାର୍ଯ୍ୟକର୍ତ୍ତା ନିର୍ବାଚିତ ହୋଇଛନ୍ତି ବୋଲି ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ରାଜକିଶୋର ମହାନ୍ତି କହିଛନ୍ତି। ଏହି ସଭାରେ ଓଡ଼ିଶାର ୧୦ଟି ଅଫଫିଲିଆଟେଡ଼ ୟୁନିଟ ଅଂଶଗ୍ରହଣ କରିଥିଲେ। ଏହି ମିଟିଂରେ ଗୋପୀନାଥ ସାହୁ, ଅଭିମନ୍ୟୁ ଶତପଥୀ, ରଂଜିତ ମିଶ୍ର, ସଚ୍ଚିଦାନନ୍ଦ ଦାଶ (ବ୍ରହ୍ମପୁର), ଶରତ ମହାନ୍ତି, ଅମର ଆନନ ପଟ୍ଟନାୟକ, ପ୍ରିତିଶ ମହାନ୍ତି, ପ୍ରତୀକ ଦାଶ, ଶିବାଶିଷ ମହାନ୍ତି, ଅଂଶୁମାନ ଶତପଥୀ, ଶୁଭମ ଜେନା, ଶୁଭ୍ରଜିତ ମିଶ୍ର ଏବଂ ସମସ୍ତ ଜିଲ୍ଲାର ସମ୍ପାଦକ ମାନେ ଯୋଗଦାନ କରିଥିଲେ ବୋଲି ଓଡିଶା ସାଇକେଲ ପୋଲୋ ସଂଘର ରାଜ୍ୟ ସାଧରଣ ସମ୍ପାଦକ କହିଛନ୍ତି। ଆଗାମୀ ଦିନରେ ଜାତୀୟ ସ୍ତରୀୟ ପ୍ରତିଯୋଗୀତା ଡିସେମ୍ବର ମାସରେ ଅନୁଷ୍ଠିତ ହେବ। ଏହି ଖେଳର ଉନ୍ନତି ନିମନ୍ତେ ସ୍କୁଲ ସ୍ତରରୁ ଖେଳାଳି ମାନଙ୍କୁ ଚୟନ କରାଯିବ ଏବଂ ଆବଶ୍ୟକ କାର୍ଯ୍ୟକ୍ରମ କରାଯିବ ବୋଲି ସଂଘର ରାଜ୍ୟ ସଭାପତି କହିଛନ୍ତି। ସରକାର ଙ୍କ ନିକଟରେ ଖେଳାଳି ମାନଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯିବ ସେ ନେଇ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ନୂତନ ସଭାପତିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନଭେମ୍ବର ସୁଧ ୨୦ଟି ଜିଲ୍ଲାରେ ଏହି ଖେଳକୁ ପଞ୍ଜିକରଣ କରାଯିବ। ସାଇକେଲ ପୋଲୋ ଖେଳର ସମସ୍ତ ସୁବିଧା ଅସୁବିଧା ସରକାରଙ୍କ ନିକଟରେ ପହଞ୍ଚେଇବା ନୂତନ ସଭାପତିଙ୍କ ନେତୃତ୍ୱ କ୍ରମେ ଏକ ୩ଜଣିଆ ଡ୍ରାଫଟିଂ କମିଟି ଗଠନ କରାଯାଇଛି। ଡିସେମ୍ବର ସୁଦ୍ଧା ଜାତୀୟ ସ୍ତରୀୟ ସାଇକେଲ ପୋଲୋ ପ୍ରତିଯୋଗିତା ପୁରୀ ଠାରେ ଅନୁଷ୍ଠିତ ହେବ ବୋଲି ସଙ୍ଘର ସଭାପତି ପ୍ରକାଶ କରିଛନ୍ତି।

## ଶ୍ରୀଲଙ୍କା-ବାଂଲାଦେଶ ଟେଷ୍ଟ ସିରିଜ୍

# ବାଂଲାଦେଶ ୪୯୫,ଶ୍ରୀଲଙ୍କା ୩୬୮/୪



**ତୃତୀୟ ଦିବସ**

ନୂଆଦିଲ୍ଲୀ: ବାଂଲାଦେଶ ଓ ଶ୍ରୀଲଙ୍କ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ବାଂଲାଦେଶ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ବାଂଲାଦେଶ ପ୍ରଥମେ ବ୍ୟାଟିଂ ବିପର୍ଯ୍ୟ ଘଟି ୩ଓ୍ୱିକେଟ ହରାଇ ୪୫ରନ୍ କରିଥିବା ବେଳେ ନଜମୁଲ ହୋସେନ ଓ ଅଭିଜ୍ଞ ମୁସଫିକର ରାହୁମ ଦୃଢ଼ତାର ସହ ବ୍ୟାଟିଂ କରିଥିଲେ। ଆଉ ଓ୍ୱିକେଟ ପତନ ଘଟିବାକୁ ଦେଇନଥିଲେ। ଯାହାଫଳରେ ବାଂଲାଦେଶ ପ୍ରଥମ ଦିନରେ ୧୦ଓ୍ୱିକେଟ ହରାଇ ୪୯୫ରନ୍ ସଂଗ୍ରହ କରି ନେଇଛି। ଦଳ ପକ୍ଷରୁ ଶାହଦମ୍ୟାନ୍ ଇସ୍‌ଲାମ ୧୪, ଅନ୍‌ମୋଲ ହକ୍ ୦, ମୋମିନୁଲ୍ ୨୯, ଅଧିନାୟକ ହୋସେନ ଶାଣ୍ଟୋ ୧୪୮, ମୁସଫିକର ରହିମ ୧୬୩, ଓ୍ୱିକେଟକିପର ଲିଟନ୍ ଦାସ ୯୦, ଜାକର ଅଲି ୮, ନୟମ ଅଲ୍ଲି ୧୧, ତାଜୁଲ ଇସ୍‌ଲାମ ୬, ହାସନ ମାମୁଦ ୭ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଆସିଥା ଫରାନେ୍‌ଡୋ ୪ଓ୍ୱିକେଟ, ରଥନାୟକ ୩, ଥାରିନିଡା ରତ୍ନାକେ ୩ ଓ୍ୱିକେଟ ଅକ୍ତିଆର କରିଥିଲେ। ସେହିପରି ଶ୍ରୀଲଙ୍କା ଦୃଢ଼ତାର ସହ ବ୍ୟାଟିଂ ଆରମ୍ଭ କରିଛି। ଦଳ ୪ଓ୍ୱିକେଟ ହରାଇ ୩୬୮ରନ୍ କରିଛି। ଦଳ ପକ୍ଷରୁ ପାଥୁମ୍ ନିଶଙ୍କ ୧୮୭, ଲାହିରୁ ଉଦରା ୨୯, ଦିନେଶ ଚାନ୍ଦିମାଲ ୫୪, ଆଞ୍ଜେଲ ମାଥ୍ୟୁସ୍ ୩୯ ରନ୍ କରିଥିବା ବେଳେ କାମିନ୍ଦୁ ମେଣ୍ଡିସ୍ ୩୭, ଅଧିନାୟକ ଧନଞ୍ଜୟ ଡିସେଲ୍‌ଭା ୧୭ରନ୍ କରି କ୍ରିଜ୍‌ରେ ଅଛନ୍ତି। ବାଂଲାଦେଶ ପକ୍ଷରୁ ହାସନ ମାମୁଦ୍, ତାଜୁଲ ଇସ୍‌ଲାମ, ନୟମ ହାସନ ଓ ମୋମିନୁଲ ହକ୍ ପ୍ରତ୍ୟେକ ଗୋଟିଏ ଲେଖାଏଁ ଓ୍ୱିକେଟ ଅକ୍ତିଆକର କରିଛନ୍ତି।

# କିକ୍ ବକ୍ସିଂରେ ଉବେଦାଙ୍କୁ ରୌପ୍ୟ ପଦକ

**ୟୁଟ୍ୟୁବରୁ କରୁଥିଲେ ଶିକ୍ଷା**




ଉମରକୋଟ (ଭାସ୍କର ନ୍ୟୁଜ୍) : ଉମରକୋଟର ଜଣେ ୧୭ ବର୍ଷର ଯୁବକ ଜାତୀୟ ସ୍ତରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ଓଡ଼ିଶାର ସୁନାମ ଅର୍ଜନ କରିଛନ୍ତି। ଯୁବକ ଜଣକ ହେଲେ ମହମ୍ମଦ ଉବେଦ ହିଙ୍ଗୋର। ହରିଆନାର ରତକ ଠାରେ ଥିବା ଏମ୍‌ଡି ବିଶ୍ୱବିଦ୍ୟାଳୟ ଠାରେ ଅନୁଷ୍ଠିତ ୬ ଷ୍ଠ ଜାତିୟ ସ୍ତର କିକ ବକ୍ସିଂ (ମଇଥାଇ) ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ରୌପ୍ୟ ପଦକ ହାସଲ କରିବାରେ ସଫଳ ହେଇ ଛନ୍ତି। ୨୩ ବର୍ଷରୁ କମ ବୟସ୍କ ପାଇଁ ଉଦ୍ଦିଷ୍ଟ ଏହି ପ୍ରତିଯୋଗିତାରେ ସମଗ୍ର ଭାରତ ବର୍ଷ ରୁ ୮୦୦ ରୁ ଉର୍ଦ୍ଧ୍ୱ କ୍ରୀଡ଼ା ବିତ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାରୁ ମୋଟ ୧୭ ଜଣ କ୍ରୀଡା ବିତ ଅଂଶ ଗ୍ରହଣ କରିଥିଲେ। ଓଡ଼ିଶାରୁ ୫ ଜଣ କ୍ରୀଡାବିତ ରୌପ୍ୟ ପଦକ ହାସଲ କରିଥିଲେ। ସେମାନଙ୍କ ମଧ୍ୟରୁ ଉବେଦ ଅନ୍ୟତମ। ଉବେଦ ବର୍ତ୍ତମାନ ଉମରକୋଟ ଗୁରୁକୃପା ପବ୍ଲିକ ସ୍କୁଲରେ ଯୁକ୍ତ ୨ ରେ ପାଠ ପଢୁଥିଲେ। ସେ ଯଦି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ସୁଯୋଗ ପାଇ ପାରିଥାଆନ୍ତେ ବୋଲି କୁହନ୍ତି ଉବେଦ। ସେ ଆଗମୀ ଦିନରେ ଆହୁରି ଅଧିକ ପରିଶ୍ରମ କରି ସ୍ୱର୍ଣ୍ଣ ପଦକ ହାସଲ କରି ଆନ୍ତର୍ଜାତିକ ସ୍ତରରେ ଅଂଶ ଗ୍ରହଣ କରିବା ମୋ ଲକ୍ଷ ବୋଲି କହିଛନ୍ତି ଉବେଦ। ଯେହେତୁ ଉମରକୋଟ ଠାରେ କୀକ୍ ବକ୍ସିଂରେ କେହି କୋଚ ନାହାନ୍ତି ସେ ନିଜ ମୋବାଇଲର ୟୁଟ୍ୟୁବରେ ଶିକ୍ଷା ଗ୍ରହଣ କରି ଆଜି ସେ ଜଣେ ଜାତୀୟ ସ୍ତରରେ ଜଣେ କ୍ରୀଡାବିତ ହେବାରେ ସଫଳ ହେଇଛନ୍ତି। ଉବେଦଙ୍କୁ ଯଦି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସହଯୋଗର ହାତ ବଢେଇ ଥାଆନ୍ତା ତେବେ ସେ ଆହୁରି ଅଧିକ ଉଚ୍ଚ ସ୍ଥାନକୁ ଯାଇ ଓଡ଼ିଶାର ସୁନାମ ଅର୍ଜନ କରିଥାନ୍ତେ। ଏଥିପାଇଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ପକାଇବା ପାଇଁ ସଧାରଣରେ ଦାବି ହେଉଛି। ଉବେଦଙ୍କ ଏହି ସଫଳତା ପରେ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଚେସ୍ ଚୟନ ପ୍ରକ୍ରିୟା ଆରମ୍ଭ



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ୧୫ ବର୍ଷରୁ କମ୍ ଏବଂ ଓପେନ ବର୍ଗରେ ବାର୍ଷିକ ଚେସ୍ ଚୟନ ଟ୍ରାୟାଲ ଚଳିତ ବର୍ଷ ଜୁନ୍ ୧୭ ତାରିଖରେ ସେକ୍ଟର-୫ ସ୍ଥିତ ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଆରମ୍ଭ ହୋଇଥିଲା। ଏଥିରେ ୧୫ ବର୍ଷରୁ କମ୍ ବର୍ଗରେ ୯୨ ଜଣ ପ୍ରତିଯୋଗୀ ଏବଂ ଓପେନ ବର୍ଗରେ ୨୪ ଜଣ ଅଂଶଗ୍ରହଣକାରୀ ଏହି ଟ୍ରାୟାଲରେ ଅଂଶଗ୍ରହଣ କରୁଛନ୍ତି ଯାହା ଜୁନ୍ ୨୨ ତାରିଖରେ ଶେଷ ହେବ। ଆନ୍ତଃ ଜିଲ୍ଲା ଏବଂ ଆନ୍ତଃ ଷ୍ଟିଲ୍ ଚାମ୍ପିଅନସିପରେ ଆରଏସପିର ପ୍ରତିନିଧିତ୍ୱ କରିବା ପାଇଁ ଚୟନ ଟ୍ରାୟାଲରୁ ଖେଳାଳିଙ୍କ ଏକ ପ୍ୟାନେଲ୍ ପ୍ରସ୍ତୁତ କରାଯିବ। ଆରଏମଏଚପି ବିଭାଗର ଜୁନିଅର ମ୍ୟାନେଜରପ୍ରକାଶ ସାହୁ ଏହି ଟ୍ରାୟାଲର ଆର୍ବିଟର ଅଛନ୍ତି। କ୍ରୀଡା ବିଭାଗର ଡେପୁଟି ମ୍ୟାନେଜର ଶ୍ରୀ ରଘୁ ନନ୍ଦନ ପାଢୀ ଏବଂ କ୍ରୀଡା ବିଭାଗ ଦଳ ଏହି କାର୍ଯ୍ୟକ୍ରମର ପରିଚାଳନା କରୁଛନ୍ତି।

# ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ଉନ୍ମୋଚିତ



ଲଣ୍ଡନ: ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଏବେ ତେନ୍ଦୁଲକର-ଆଣ୍ଡରସନ ଟ୍ରଫି ଭାବେ ନାମିତ ହେବ। ପୂର୍ବରୁ ଏହି ସିରିଜର ନାମ ପଟୌଦି ଟ୍ରଫି ପାଇଁ ଖେଳା ଯାଉଥିଲା । ଇଂଲଣ୍ଡ ଓ ଓ୍ୱେଲ୍ସ କ୍ରିକେଟ ବୋର୍ଡ ତେନ୍ଦୁଲକର ଓ ଆଣ୍ଡରସନଙ୍କ ଉପସ୍ଥିତିରେ ଏହି ଟ୍ରଫି ଉନ୍ମୋଚନ କରିଥିଲେ। ସିରିଜର ବିଜେତା ଦଳର ଅଧିନାୟକଙ୍କୁ ପଟୌଦି ପଦକ ପ୍ରଦାନ କରାଯିବ। ଟ୍ରଫି ଉନ୍ମୋଚନ ବେଳେ ଏହା ମୋ ପରିବାର ପାଇଁ ଗର୍ବର କ୍ଷଣ ବୋଲି ଆଣ୍ଡରସନ କହିଥିଲେ। ଟେଷ୍ଟ କ୍ରିକେଟକୁ ମୁଁ ବେଶୀ ଭଲ ପାଏ । ଏକ ପ୍ରତିଷ୍ଠିତ ସିରିଜ ନିଜ ନାମରେ ନାମିତ ହେବା ନିଶ୍ଚିତ ଭାବେ ସମ୍ମାନର କ୍ଷଣ ବୋଲି ସଚିନ କହିଛନ୍ତି। ଜୁନ ୨୦ରୁ ଏହି ସିରିଜ ଆରମ୍ଭ ହେବ। ଦ୍ୱିତୀୟ ଟେଷ୍ଟ ଜୁଲାଇ ୨ରୁ ବର୍ମିଂହାମରେ, ତୃତୀୟ ଟେଷ୍ଟ ୧୦ ଜୁଲାଇରେ ଲର୍ଡସରେ, ୪ର୍ଥ ଟେଷ୍ଟ ମାଂଚେଷ୍ଟରମରେ ୨୩ ଜୁଲାଇରୁ ଏବଂ ୩୧ ଜୁଲାଇରେ ଅନ୍ତିମ ଟେଷ୍ଟ ଓଭାଲରେ ଖେଳାଯିବ । ପଟୌଦି ଟ୍ରଫିକୁ ଅବସର ନେବା ନିଷ୍ପତ୍ତିକୁ ଭାରତର ଅନେକ ମହାନ ଖେଳାଳି ପସନ୍ଦ କରି ନ ଥିଲେ । ଏବେ ଏହାର ବିଜେତାଙ୍କୁ ପଦକ ପ୍ରଦାନ କରାଯିବା ସେମାନେ ଗ୍ରହଣ କରିଛନ୍ତି।

## ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍

# ୪ନଂ ସ୍ଥାନରେ ଖେଳିବେ ଗିଲ୍

ନୂଆଦିଲ୍ଲୀ: ଶୁକ୍ରବାରଠାରୁ ହେଡ଼ଂଲିରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଭାରତ ପ୍ରଥମ ଟେଷ୍ଟମାଚ୍ ଖେଳିବ। ଏ ନେଇ ଇଂଲଣ୍ଡ ଇଂଲଣ୍ଡ ତା'ର ଚୂଡ଼ାନ୍ତ ଏକାଦଶ ଘୋଷଣା କରି ସାରିଥିବା ବେଳେ ଭାରତ ଏହାକୁ ନେଇ ମାନସ ମନ୍ଥନ ଚଳାଇଛି। ବୁଧବାର ଭାରତୀୟ ଉପଅଧିନାୟକ ଋଷଭପନ୍ତ କହିଛନ୍ତି ଯେ ଅଧିନାୟକ ଶୁଭମନ ଗିଲ୍ ୪ନଂ ସ୍ଥାନରେ ବ୍ୟାଟିଂକରିବେ; ଯେଉଁସ୍ଥାନରେ ଗତ ଏକ ଦଶନ୍ଧି ଧରି ବିରାଟ କୋହଲି ଖେଳୁଥିଲେ। ତେବେ ୩ନଂ ସ୍ଥାନରେ କିଏ ଖେଳିବେ; ତାହା ସ୍ପଷ୍ଟ ହୋଇନାହିଁ। ଏହି ସ୍ଥାନ ପାଇଁ ୨ ଜଣ ଦାବିଦାର ଅଛନ୍ତି। କରୁଣ ନାୟର ଓ ସାଇ ସୁଦର୍ଶନଙ୍କ ମଧ୍ୟରୁ ଜଣେ ଖେଳିବେ। ତେବେ ଅଭିଜ୍ଞତା ଓ ଟେକ୍‌ନିକ୍ ଦୃଷ୍ଟିରୁ ନାୟାର ୩ ସ୍ଥାନରେ ଖେଳିବାର ସମ୍ଭାବନା ଅଧିକ। ଯଶସ୍ୱୀ ଜୟସୱାଲ ଓ ଲୋକେଶ ରାହୁଲ ଇନିଂସ ଓପନ୍ କରିବା ନିଶ୍ଚିତ। ରାହୁଲଙ୍କର ଇଂଲଣ୍ଡରେ ଖେଳିବାର ବେଶ ଅଭିଜ୍ଞତା ରହିଛି। ୫ନଂ ସ୍ଥାନରେ ଓ୍ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ଖେଳିବା ନେଇ କୌଣସି ସନ୍ଦେହ ନାହିଁ । ୬ନଂ ସ୍ଥାନ ପାଇଁ ମାନସ ମନ୍ଥନ ଚାଲିଛି। ଏହି ସ୍ଥାନରେ ଦୁଇ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡ଼େଜା ଓ ନୀତୀଶ କୁମାର ରେଡ୍‌ଡୀଙ୍କ ମଧ୍ୟରୁ ଜଣେ ଖେଳିପାରନ୍ତି। ଯଦି ଭାରତ ବ୍ୟାଟିଂକୁ ମଜଭୁତ କରିବାକୁ ଚାହିଁବ; ତେବେ ଏହି ସ୍ଥାନରେ ସାଇ ସୁଦର୍ଶନ ଖେଳିପାରନ୍ତି । ଫଳରେ ୭ନଂ ସ୍ଥାନ ଅଲ୍‌ରାଉଣ୍ଡରଙ୍କୁ ଯାଇପାରେ। ୮ନଂ ସ୍ଥାନ ପାଇଁ ୩ ଜଣ ଦାବିଦାର ଅଛନ୍ତି। ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ଓ୍ୱାଶିଂଟନ ସୁନ୍ଦର, ପେସ୍ ବୋଲି ବାଙ୍ଗି ଅଲ୍‌ରାଉଣ୍ଡର ସାର୍ଦ୍ଦୁଳ ଠାକୁର ଓ ଚାଇନାମ୍ୟାନ୍ ସ୍ପିନର କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣେ ଖେଳିବେ। ଯଶପ୍ରୀତ ବୁମ୍‌ରା ଓ ମହମ୍ମଦ ସିରାଜ୍ ପେସ୍ ବୋଲର ଭାବେ ପ୍ରଥମ ପସନ୍ଦ। ୩ୟ ପେସ୍ ବୋଲର ସ୍ଥାନ ପ୍ରସିଦ୍ଧ କୃଷ୍ଣଙ୍କୁ ମିଳିପାରେ।

# ମହିଳା ଦିନିକିଆ ବିଶ୍ୱକପ୍ କାର୍ଯ୍ୟସୂଚୀ ଘୋଷିତ




ନୂଆଦିଲ୍ଲୀ: ଆସନ୍ତାବର୍ଷ ଇଂଲଣ୍ଡ ଏବଂ ଓ୍ୱେଲସରେ ଆଇସିସି ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପର ୧୦ମ ସଂସ୍କରଣ ଖେଳାଯିବ। ଏହି ବିଶ୍ୱକପ ଜୁନ୍ ୧୨ରୁ ଆରମ୍ଭ ହୋଇ ଜୁଲାଇ ୫ପର୍ଯ୍ୟନ୍ତ ଚାଲିବ । ଏହି ୨୪ଦିନରେ ମୋଟ ୩୩ଟି ମ୍ୟାଚ୍ ଖେଳାଯିବ। ଇଂଲଣ୍ଡ ଓ ଓ୍ୱେଲସର ୬ଟି ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବା ନେଇ ବୁଧବାର ମହିଳା ଟ୍ୱେଣ୍ଟି୨୦ ବିଶ୍ୱକପର ଖେଳସୂଚୀ ଆଇସିସି ଘୋଷଣା କରିଛି । ଜୁନ୍ ୧୨ରେ ଏଜବାଷ୍ଟନରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦଘାଟନ ମ୍ୟାଚ୍ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ମୋଟ ୧୨ଟି ଦେଶ ଭାଗନେବେ। ସେମାନଙ୍କୁ ୨ଟି ଗ୍ରୁପରେ ରଖାଯାଇଛି। ଅନ୍ୟାବଧି ୮ଟି ଦେଶ ବିଶ୍ୱକପ ପାଇଁ ସିଧାସଳଖ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ବାକି ୪ଟି ଦଳ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳି ବିଶ୍ୱକପରେ ସାମିଲ ହେବେ। ଭାରତୀୟ ମହିଳା ଦଳ ଜୁନ ୧୪ରେ ପାକିସ୍ତାନ ବିପକ୍ଷରେ ଏଜବାଷ୍ଟନରେ ଖେଳି ଅଭିଯାନ ଆରମ୍ଭ କରିବ । ଗତଥରର ଚମ୍ପିଆନ୍ ନ୍ୟୁଜିଲାଣ୍ଡ ଜୁନ୍ ୧୩ରେ ପ୍ରଥମ ମ୍ୟାଚରେ ଓ୍ୱେଷ୍ଟଇଣ୍ଡିଜକୁ ଭେଟିବ । ଗ୍ରୁପ୍-୧ରେ ଭାରତ ସହ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ୨ଟି ଯୋଗ୍ୟତା ଅର୍ଜନକାରୀ ଦଳ ରହିଛନ୍ତି। ଅକ୍ଟୋବର ୯ରେ ଭାରତ-ଦକ୍ଷିଣ ଆଫ୍ରିକା, ଅକ୍ଟୋବର ୧୯ରେ ଭାରତ-ଇଂଲଣ୍ଡ ଓ ଅକ୍ଟୋବର ୨୩ରେ ଭାରତ-ନ୍ୟୁଜିଲାଣ୍ଡ ମଧ୍ୟରେ ମ୍ୟାଚ ଖେଳାଯିବ । ଗତ ସଂସ୍କରଣର ଚାମ୍ପିୟନ ଅଷ୍ଟ୍ରେଲିଆ ଅକ୍ଟୋବର ୧ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତା'ର ଅଭିଯାନ ଆରମ୍ଭ କରିବ ।

**Government of Jharkhand**
**Home, Prison and Disaster Management Department**
**(Disaster Management Division)**
**T.A. Division Building, Near Golchakar, Dhurwa, Ranchi, Jharkhand, Pin Code-834004.**

**Expression of Interest (Request for Proposal)**

HIRING SERVICES OF CHARTERED ACCOUNTANT FIRM FOR STATUTORY AUDIT FOR THE FINANCIAL YEAR - 2010-11 TO FINANCIAL YEAR 2025-26

Due to unavoidable reasons the date of Pre bid meeting, Submission of Proposal and Opening of Technical bid of the advertisement published on 10.06.2025 PR No.-354502 is revised as follows :-

**Important Dates**

i. Date of pre bid meeting- **25.06.2025 - 2.00 P.M.**
ii. Last date of submission of proposal- **03.07.2025 - 05.00 P.M.**
iii. Date of opening of technical bid - **04.07.2025 - 03.00 P.M**

Under Secretary,
Home, Prison and Disaster Management Department
(Disaster Management Division)
Jharkhand, Ranchi
T.A. Division Building, Near Golchakkar, Dhurwa,
Ranchi, Jharkhand, Pin Code-834004.

PR 355524 Disaster Management(25-26).D

**JHARKHAND URJA SANCHARAN NIGAM LIMITED**
**(CIN No. – U40108JH2013SGC001704)**
**Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002**
**(E-mail:cetjusnl@gmail.com)**

**e-TENDER NOTICE**

**NIT No. – 214/PR/ JUSNL/ 2025-26**

E-tender in two parts i.e. Technical (Part-I) and Financial (Part – II) is invited from reputed, capable, experienced and financially sound firm for the following works : -

| | |
|---|---|
| Name of work | Design, Engineering, Supply, Erection, Testing & Commissioning of 01 no. 50 MVA Power Transformer, 01 nos. 33 kV Bays, 01 no. Gantry Tower, 01 no. Gantry Beam & associated work at 132/33 kV GSS, Daltonganj on turnkey basis. |
| Estimated cost (Rs.) | Rs. 7,88,98,366.00 (including GST) |
| Earnest Money Deposit | Rs. 15,78,000.00 (On line mode) |
| Completion Period | 09 (Nine) Months |
| e-Tender fee | Rs. 15,000.00 + 18% (Online mode). |
| Start Date & Time of Download the Tender Documents | 20.06.2025 at 11:00 AM |
| Start Date and time of upload of BID | 20.06.2025 at 11:00 AM |
| End date and time of upload of BID | 10.07.2025 upto 04:00 PM |
| BID Opening date for technical part | 11.07.2025 at 04:00 PM |
| BID Opening date for price part | Will be communicated |
| Procurement Officer and address for communication | General Manager, C&M (NWBP), 2nd Floor, JUSNL (SLDC) Building, Kusai Colony, Doranda, Ranchi – 834002 |

1. e-Tender document and BOQ including terms & conditions, tender specification can be downloaded from website https://jharkhandtenders.gov.in. Any details required in this regard can also be had from the office of the undersigned **(6202162568)** during office hours.
2. The bids will be received through electronic tendering mode only.
3. No claim shall be entertained on account of disruption of internet services being used by bidders. Bidders are advised to upload their bids well in advance to avoid last minute technical snag.

वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager, D&M (NWBP)
JUSNL, Ranchi

PR 355456 Jharkhand Urja Sancharan Nigam Ltd(25-26).D

**Jharkhand Bijli Vitran Nigam Limited (JBVNL)**
**(CIN: U40108JH2013SGC001702)**
**Registered office :-ENGINEERING BUILDING, HEC, DHURWA, RANCHI-4,**
**FAX No. 0651 – 2400799, email – cere_jseb@yahoo.co.in**
**(Department of Rural Electrification)**

**Short E-Tender Notice**
**(Through e-procurement mode only www.jharkhandtenders.gov.in)**

Online Short e-tender is invited by General Manager (RP), JBVNL for Electrification of ST/Non-ST Household & Public Institution of Un-electrified/Partial Electrified Habitations/Tolas of Jharkhand State under Dharti AabaJanjatiya Gram Utkarsh Abhiyan (DA-JGUA) and Pradhan Mantri – AnusuchitJaati Abhyudaya Yojana (PM – AJAY) of RDSSon fully turnkey basis for followingPackages as detailed below:-

| Pkg. | NIT No. | Name of Scheme | | Total estimated Cost (In Rs.) | Bid Security (EMD) (In Rs.) | Cost of Tender Documents + Processing Fee including GST (In Rs.) |
|---|---|---|---|---|---|---|
| | | DA - JGUA (In Rs.) | PM - AJAY (In Rs.) | | | |
| Package-1 (Comprising Bokaro, Dhanbad, Koderma, Ramgarh, Chatra, Khunti& Ranchi Districts) | 60/PR/J BVNL/ 2025-26 | 241391451.73 | 15719411.81 | 257110863.54 | 5142217.27 | 29500.00 |
| Package-2 (Comprising Garhwa, Latehar&Palamu Districts) | 61/PR/J BVNL/ 2025-26 | 167620932.23 | 40611445.68 | 208232377.90 | 4164647.56 | 29500.00 |
| Package-3 (Comprising Jamtar, Dumka &Sahibganj Districts) | 62/PR/J BVNL/ 2025-26 | 240564463.03 | 0.00 | 240564463.03 | 4811289.26 | 29500.00 |
| Package-4 (Comprising Pakur District) | 63/PR/J BVNL/ 2025-26 | 359541713.98 | 0.00 | 359541713.98 | 7190834.28 | 29500.00 |
| Package-5 (Comprising West Singhbhum& East Singhbhum Districts) | 64/PR/J BVNL/ 2025-26 | 287218053.14 | 3379460.05 | 290597513.19 | 5811950.26 | 29500.00 |
| Package-6 (Comprising Saraikela-Kharsawan District) | 65/PR/J BVNL/ 2025-26 | 310370719.43 | 14133762.56 | 324504481.99 | 6490089.64 | 29500.00 |
| Package-7 (Comprising Gumla, Lohardaga&Simdega Districts) | 66/PR/J BVNL/ 2025-26 | 202340689.02 | 72788.37 | 202413477.39 | 4048269.55 | 29500.00 |
| Date of publish of tender notice | | | | | 19.06.2025 | |
| Date of publish of tender documents | | | | | 20.06.2025 | |
| Date and place of pre-bid meeting | | | | | 11:30 Hours (IST) of 26.06.2025 | |
| Last date of online submission of tender | | | | | Upto 16:00 Hours (IST) of 03.07.2025 | |
| Date of opening of technical & commercial Part | | | | | After 16:00 Hours (IST) of 04.07.2025 | |

Date of opening of price part will be notified after technical bid Evaluation. The tender documents will be available at website www.jharkhandtenders.gov.in. Tender Fee and EMD will be received through online mode only. Bidders can use internet banking facility for faster processing of tender fee and EMD. Alternatively, Bidders can use NEFT/RTGS challan generated for the tender from jharkhandtenders.gov.in portal and upload payment evidence / details along with bid documents.

Refund will only be issued to the originated bank account used for the payment of Tender Fee and EMD. So, Bidders are advised NOT to close Bank Account used for online payment/(NEFT/RTGS) of tender fee and EMD.

No Hard copy/physical copy is required to be submitted for tender opening /Evaluation. However, Department may ask original documents for verification before award of contract.

.स्वहित एवं राष्ट्रहित में ऊर्जा बचावें। कृपया अपनीशिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (RP)
JBVNL

PR 355502 Jharkhand Bijlee Vitran Nigam Ltd(25-26).D

**Government of Jharkhand**
**Urban Development and Housing Department**
**Dhanbad Municipal Corporation, Dhanbad**

**e-Procurement Tender Notice No. DMC/13/2025-26**
**NIT No.- DMC/13/2025-26 Date :- 19.06.2025**

| | | |
|---|---|---|
| 1. | Name of the work | SITC of 9 mtr High Mast Light at different locations under DMC, Dhanbad. |
| 2. | Estimated Amount | Rs 3,54,88,595.00 |
| 3. | Tender Fee and Bid Security | Tender document fee: - INR 10,000/- (Ten Thousand Only) Non-Refundable. Bid Security: Rs **3,54,885.00** (Rupees Three Lakh Fifty Four Thousand Eight Hundred & Eighty Five Only). |
| 4. | Time of Completion | 365 Days |
| 5. | Date / Time of Publication of Tender on Website | 26.06.2025 at 03:00 PM |
| 6. | Date of Pre-Bid meeting time and Place | 02.07.2025 at 03:00 PM **Dhanbad Municipal Corporation, Dhanbad** |
| 7. | Last Date / Time for receipt of bids Online | 16.07.2025 (On line) till 03:00 PM |
| 8. | Date and Time of Technical Bid Opening Online. | 17.07.2025 (On line) from 03:00 PM |
| 9. | Name & address of office Inviting tender | Chief Executive Officer, Dhanbad Municipal corporation,Dhanbad. |
| 10. | Helpline number of e-Procurement cell | **8986892064** |
| 11. | e-mail id | **dhanbadmunicipalcorporationadm@gmail.com** |

**NOTE:-** (i) Only e-Tenders will be accepted. Further details can be seen on website http://www.jharkhandtenders.gov.in.
(ii) Contractor should be registered in Class (I) First class as per NIT
(iii) Estimated Cost / Quantity May Vary
(iv) Any Change/Information can be seen on Website on http://www.jharkhandtenders.gov.in.

S/d-
Executive Engineer,
Dhanbad Municipal Corporation, Dhanbad

PR.NO.355508 Urban Development and Housing(25-26):D

**ई0 प्रोक्यूरमेंट सेल,**
**कार्यपालक अभियंता का कार्यालय,**
**भवन निर्माण विभाग, भवन प्रमंडल, सिमडेगा।**

**Email Id :- eengbcdsimdega@gmail.com**

अति अल्पकालिन ई–प्रोक्योरमेन्ट नोटिस

ई–टेन्डर रेफरेंस नं0– **04/2025-26/EE/BCD/BD,SIMDEGA.**
दिनांक–**17-06-2025**

| | | |
|---|---|---|
| 1. | कार्य का नाम | **Renovation of Old Circuit House at Simdega in the District of Simdega.** |
| 2. | प्राक्कलित राशि (रू0) | रूपया 1,92,39,300.00 (एक करोड़ बानव्वे लाख उनचालीस हजार तीन सौ) रुपये मात्र। |
| 3. | कार्य पूर्ण करने की अवधि | 06 (छः) माह। |
| 4. | वेबसाईड पर निविदा प्रकाशन की तिथि | 02.07.2025 को 11:00 बजे |
| 5. | बिड प्राप्ति के लिए अन्तिम तिथि/समय | 09.07.2025 को दोपहर 11:00 बजे तक |
| 6. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता, भवन निर्माण विभाग, भवन प्रमंडल, सिमडेगा–835223 |
| 7. | निविदा खोलने की तिथि/समय एवं स्थान | 10.07.2025 के अपराह्न 11:30 बजे तक नोडल पदाधिकारी, ई0 प्रोक्यूरमेंट सेल, मुख्य अभियंता का कार्यालय, भवन निर्माण विभाग, लाईन टैंक रोड, झारखण्ड, राँची। |
| 8. | प्रोक्योरमेन्ट पदाधिकारी का सम्पर्क संख्या | 86748–35234 |
| 9. | ई–प्रोक्योरमेन्ट सेल का हेल्पलाईन संख्या | 86748–35234 |

10. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
11. सूचना प्रौद्योगिकी एवं ई–गवर्नेंस विभाग, झारखण्ड सरकार के आदेश ज्ञापांक 120 दिनांक 03-10-2023 के द्वारा निर्गत **SOP** (मानक संचालन प्रक्रिया) एवं भवन निर्माण विभाग, झारखण्ड सरकार के पत्रांक 2229 दिनांक 06-10-2023 के आलोक में निविदा शुल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
12. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा **SOP** के तहत अग्रधन की राशि उसी खाते में वापस होगी। अगर खातों को बंद कर दिया जाता है तो उसकी संपूर्ण जवाबदेही निविदादाता की होगी।
13. अन्य किसी भी प्रकार के बदलाव की सूचना http://jharkhandtenders.gov.in पर देखा जा सकता है।

**Note :- UCAN Registration is mandatory for the Bidders.**

कार्यपालक अभियंता, भवन निर्माण विभाग,
भवन प्रमंडल, सिमडेगा।

PR 355425 Simdega
(25-26) D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़।**
रामगढ़ थाना के सामने, थाना चौक/गांधी चौक, रामगढ़ कैन्ट,
जिला–रामगढ़, झारखण्ड– 829122, ई-मेल–eercdramgarh-jhr@nic.in

**" सूचना "**

एतद् द्वारा सूचित किया जाता है कि पथ प्रमण्डल, रामगढ़ अन्तर्गत एस0बी0डी0 आधारित अति–अल्पकालीन ई–निविदा आमंत्रण सूचना का प्रसंग संख्या–RCD/RAMGARH/490/2025-26 दिनांक–13.06.2025 का P.R. No.- 355050 Road(25-26)_D द्वारा आमंत्रित अतिअल्पकालीन ई–निविदा में निम्न प्रकार संशोधित किया जाता है:–

| क्रमांक | विवरणी | पूर्व में आमंत्रित तिथि | संशोधन की तिथि |
|---|---|---|---|
| 1. | वेबसाईट पर निविदा प्रकाशित होने की तिथि एवं समय | 19.06.2025 03:00 बजे अपराह्न | 23.06.2025 10:30बजे पूर्वाह्न |
| 2. | निविदा प्राप्ति की अंतिम तिथि एवं समय | 25.06.2025 12:00 बजे दिन तक | 01.07.2025 12:00 बजे दिन तक |

शेष यथावत रहेंगे।

कार्यपालक अभियंता,
पथ निर्माण विभाग, पथ प्रमण्डल,
रामगढ़।

PR 355515 (Road) 25-26 (D)

**पुलिस अधीक्षक का कार्यालय, सिमडेगा**

**(सर्वसाधारण के लिए सूचना)**

गुमशुदा बालिका सुशीला कुमारी, उम्र लगभग–16 वर्ष, पिता–घुरन सिंह, सा0–मयंगसोर, थाना–बानो, जिला–सिमडेगा राज्य–झारखण्ड, जो एक (01) बिना किसी को बताए घर से कहीं चली गई है, जो अभी तक अपना घर वापस नहीं लौटी है। गुमशुदा बालिका की बरामदगी अभी तक नहीं हो पायी है, जिसका विवरणी निम्नवत् है:–

हुलिया की विवरणी :–
**लिंग** :– स्त्रीलिंग
**उम्र** :– 16 वर्ष
**रंग** :– साँवली
**बाल** :– काला।
**उँचाई** :– 05 फीट
**भाशा** :– सादरी एवं हिन्दी।



अतः सर्व साधारण को सूचित किया जाता है कि उक्त गुमशुदा बालिका के बारे में पता चलता है तो नीचे अंकित दूरभाष नं0 पर अविलंब सूचित करेंगे।

पुलिस अधीक्षक, सिमडेगा – मोबाइल नं0–9431116444
पुलिस उपाधीक्षक, (मु0) सिमडेगा – मोबाइल नं0–9431706227
थाना प्रभारी, बानो – मोबाइल नं0–9431706236
पुलिस नियंत्रण कक्ष, सिमडेगा – मोबाइल नं0–9262998531
मानव तस्करी संबंधी टोल फ्री नं0– मोबाइल नं0–1800–3456–256

पुलिस अधीक्षक,
सिमडेगा

PR 355538 Simdega(25-26)#D



ନିଶ୍ଚିନ୍ତକୋଇଲି (ଭାସ୍କର ନ୍ୟୁଜ୍) : ଯାତ୍ରା କଳାକାରଙ୍କର ଦୁଇମାସର ପ୍ରାପ୍ୟ ନଦେଇ ମାଲିକ ଓ ମ୍ୟାନେଜର ଚମ୍ପଟ ମାରିଥିବାର ଅଭିଯୋଗ ହୋଇଛି। ୧୫ଜଣ କଳାକାର ଭୋକଉପାସରେ କାଳାତିପାତ କରୁଥିବାର ଅଭିଯୋଗ ହୋଇଛି। ଅବଶେଷରେ କଳାକାରମାନେ ନ୍ୟାୟ ପାଇବା ନିମନ୍ତେ ନେମାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପବିତ୍ର ରଜ ପର୍ବ ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଜନାର୍ଦ୍ଦନପୁରସ୍ଥିତ ଶନିଶ୍ଚରଙ୍କ ପୀଠ ନିକଟରେ ଯାତ୍ରା ପରିବେଷଣ କରିବା ନିମନ୍ତେ ମଡର୍ଣ୍ଣ ଓଡିଶା ଅପେରା ଆସିଥିଲା। ଏହି ଅପେରା ଏଠାରେ ଯାତ୍ରା ପରିବେଷଣ କରିଥିଲା। ମାତ୍ର ଯାତ୍ରା ପାର୍ଟିର ମାଲିକ ଓ ମ୍ୟାନେଜର ୧୫ଜଣ କଳାକାରଙ୍କୁ ସେମାନଙ୍କର ୨ମାସର ପ୍ରାପ୍ୟ ନଦେଇ ଚମ୍ପଟ ମାରିଥିବାର ଅଭିଯୋଗ ହୋଇଛି। ଏହି କଳାକାରମାନେ ଭୋକଉପାସରେ କାଳାତିପାତ କରିବା ପରେ ଶେଷରେ ନେମାଳ ଥାନାରେ ମାଲିକ ଓ ମ୍ୟାନେଜରଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗ ଉପରେ ନେମାଳ ଥାନା ପୋଲିସ ରିପୋର୍ଟ ଲେଖାହେଲା ବେଳକୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାର ଜଣାଯାଇଛି।



# ଏସ୍‌ପିଙ୍କୁ ଭେଟି ଦାବିପତ୍ର ପ୍ରଦାନ



କେନ୍ଦୁଝର (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଜିଲ୍ଲାର ହରିଚନ୍ଦପୁର ବ୍ଲକ ଅନ୍ତର୍ଗତ ତଥା ପଣ୍ଡାପଡା ଥାନାର ତେନ୍ତେଳାପଶି ନାବାଳିକା ଗଣଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ନାବାଳିକାଙ୍କ ପରିବାରକୁ ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀ ଗତକାଲି ଭେଟିବା ସହ ଶ୍ମଶାନକୁ ଯାଇ ତାଙ୍କ ବାପାଙ୍କ ସହ ଆଲୋଚନା କରି ସମବେଦନା ଜଣାଇଛନ୍ତି । ଘଷିପୁରା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ବିଜୁ ଜନତା ଦଳ ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ପାଟଣା ବିଧାୟକ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜଗନ୍ନାଥ ନାୟକ, ପୂର୍ବତନ ସାଂସଦ ତଥା ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ମାଧବ ସର୍ଦ୍ଦାର, ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁ,ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ ସାଗରିକା ସାହୁ,କେନ୍ଦୁଝରଗଡ ପୌରପାଳିକାର ପୂର୍ବତନ ଅଧକ୍ଷା ଶ୍ରୀମତୀ ମିନା ମାଝୀ,ହରିଚନ୍ଦନପୁର ବ୍ଲକ ଅଧକ୍ଷା ଶ୍ରୀମତୀ ସୁନେଲୀ ନାୟକ,ଅମର କୁଅଁର,ପ୍ରମୋଦ ପଟ୍ଟନାୟକ,ରଞ୍ଜନ ଦାସ ପ୍ରମୁଖ ପ୍ରଥମେ ଶ୍ମଶାନକୁ ଯାଇ ମୃତ ବାଳିକାଙ୍କ ବାପା ଓ ପରିଜନଙ୍କ ସହ ଆଲୋଚନା କରିବା ପରେ ଘରକୁ ଯାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କ ସହ ଆଲୋଚନା କରି ଏପରି ଅମାନୁଷିକ କାର୍ଯ୍ୟର କଡା ନିନ୍ଦା କରିଥିଲେ । ଏହାପରେ ଦଳର ଉପରୋକ୍ତ ନେତୃବୃନ୍ଦ ଜିଲ୍ଲା ସଦରମହକୁମାକୁ ଯାଇ ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକରଙ୍କୁ ସାକ୍ଷାତ କରି ଏକ ଚାରିଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରିଥିଲେ । ଏଥିରେ ସଂପୃକ୍ତ ଆସାମୀମାନଙ୍କୁ ତୁରନ୍ତ ଗିରଫ କରିବା,କଡା ଦଫା ପକାଇବା,ଅପରାଧିଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ପଦକ୍ଷେପ ନେବା ଯେପରିକି ଏପରି ଅମାନବୀୟ କାର୍ଯ୍ୟ କେହି ଭବିଷ୍ୟତରେ କରିବାକୁ ଆଉ ଦୁଃସାହସ କରିବେ ନାହିଁ ଓ ଜିଲ୍ଲାର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ସହ ବାଳିକାମାନଙ୍କୁ ସୁରକ୍ଷାକୁ ଅଗ୍ରାଧିକାର ଦେବାକୁ ଦାବୀ ଜଣାଇଛନ୍ତି ।

### ଶବ ହସ୍ତାନ୍ତରକୁ ନେଇ ବିବାଦ

# ରାଜପଥକୁ ଅବରୋଧ କଲେ ଲୋକେ

ଜଳେଶ୍ୱର (ଭାସ୍କର ନ୍ୟୁଜ୍) :ଜଣେ ପ୍ରସୂତୀର ବିବଦମାନ ମୃତ୍ୟୁ ଘଟଣା ଆଲୋଚ୍ୟର ବିଷୟ ହୋଇଥିବା ବେଳେ ଆଜି ତାର ଶବକୁ ବ୍ୟବଚ୍ଛେଦ ହୋଇଛି । ଶାଶୁଘରେ ମୃତ ଶରୀରକୁ ନେବାରେ ସମସ୍ୟା ସୃଷ୍ଟି ହେବାରୁ ବାପଘର ଲୋକଙ୍କ ପକ୍ଷରୁ ଜିକେ ଭଟ୍ଟର ହସ୍‌ପିଟାଲ ସମ୍ମୁଖରେ ଥିବା ୫୭ରାଜ୍ୟ ରାଜପଥକୁ ଅବରୋଧ କରାଯାଇଥିଲା । ଦୀର୍ଘ ସମୟଧରୀ ରାସ୍ତା ଅବରୋଧ ହେବାରୁ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତାରେ ଯାନବାହନ ଚଳାଚଳ ଠପ୍ ହୋଇଥିଲା। ବୁଧବାର ପୂର୍ବାହ୍ନରେ ମ୍ୟୁନିସିପାଲଟିର ପଥରପୁରା ଅଂଚଳର ବିଜୟ କାମିଲାଙ୍କ ସାନ ପୁଅ ରିତେଶ କାମିଲାଙ୍କ ସ୍ତ୍ରୀ ନମିତା କାମିଲା ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ଚିକିତ୍ସାଲାଗି ଅଣାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶାଶୁଘର ଲୋକେ ଆତ୍ମହତ୍ୟାର ରୂପ ଦେଇଥିଲାବେଳେ ବାପଘର ଲୋକେ ହତ୍ୟା ଅଭିଯୋଗ କରି ଥାନାରେ ମାମଲା ରୁଜୁ କରିଥିଲେ । ପରେ ପୁଲିସ୍ ସ୍ୱାମୀ ରିତେଶ କାମିଲା, କାକାଶୁର ବସନ୍ତ କାମିଲା, ଶ୍ୱଶୁର ବିଜୟ କାମିଲାଙ୍କୁ ଅଟକ ରଖିଥିଲା । ଆଜି ପୂର୍ବାହ୍ନରେ ଫରେନ୍‌ସିକ ଟିମ୍ ତଦନ୍ତ କରିବାପରେ ଶବ ବ୍ୟବଚ୍ଛେଦ ସରିଥିଲା । ମୃତ ଶରୀରକୁ ଶାଶୁ ଘର ଲୋକେ ନେବାକୁ ଅମଙ୍ଗ ହେବା ଓ ଅଭିଯୁକ୍ତ ଶାଶୁ ଉପନଗରପାଳଙ୍କୁ ଗିରଫ କରାଯାଇନଥିବାରୁ ଘଟଣା ସଂପର୍କରେ ସନ୍ଦେହ ସୃଷ୍ଟି ହୋଇଥିଲା । ଅପରାହ୍ନରେ ବାପଘର ଚକବିଷ୍ଣୁ ଗାଁରୁ ଶହ ଶହ ମହିଳା ଜିକେ ଭଟ୍ଟର ହସ୍‌ପିଟାଲ ସମ୍ମୁଖରେ ଥିବା ୫୭ରାଜ୍ୟ ରାଜପଥକୁ ଅବରୋଧ କରି ଶାଶୁ ଉପନଗରପାଳ ପୁଷ୍ପପ୍ରିୟା କାମିଲାଙ୍କୁ ପୁଲିସ୍ ଗିରଫ କରିବା ଦାବିରେ ଅଟଳ ରହିଥିଲେ। ଘଟଣାସ୍ଥଳରେ ଏସ୍‌ଡିପିଓ ମାନସ କୁମାର ଦେଓ, ଆଇଆଇସି ଜୟନ୍ତ ବେହେରା ସଦଳବଳେ ପହ□ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ପ୍ରାୟ ୨ଘଣ୍ଟା ଧରି ରାସ୍ତା ଅବରୋଧ ହେବାଫଳରେ ଉଭୟପଟୁ ଯାନବାହନ ଚଳାଚଳ ଠପ୍ ହୋଇ ଯାଇଥିଲା । ପରେ ଜଳେଶ୍ୱର ପୁଲିସ୍ ଶବକୁ ନେଇ ଶାଶୁ ଘରକୁ ହସ୍ତାନ୍ତର କରିବାପରେ ସମସ୍ୟାର ସମାଧାନ ହୋଇଥିଲା।

# ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ



ବାରିପଦା (ଭାସ୍କର ନ୍ୟୁଜ୍) : ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀ ୱାର୍ଡ଼ ନଂ୯ ,ମଧୁବନ, ବାରିପଦା ଆନୁକୂଲ୍ୟରେ ଆଶ୍ରୟସ୍ଥଳୀ ସ୍ତରୀୟ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମୟୂରଭଞ୍ଜ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଭୁବନେଶ୍ୱରଙ୍କ ସୌଜନ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ପୌରପରିଷଦ, ବାରିପଦା,ଆଶ୍ରୟସ୍ଥଳୀ ରକ୍ଷଣ ବେକ୍ଷଣ ଓ ପରିଚାଳନା ସମିତି ମଧୁବନ ୱାର୍ଡ଼ ନଂ୯ ଓ ସ୍ୱାର୍ଡ଼ା ସ୍ୱେଚ୍ଛାସେବୀ ଅନୁଷ୍ଠାନ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।ଆଶ୍ରୟସ୍ଥଳୀର ସମ୍ପାଦକ ଶ୍ରୀ ବିକ୍ରମ କେଶରୀ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ସାଧାରଣ ବୈଠକରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ଭାରତୀ ହାଁସଦା, ମୁଖ୍ୟ ବକ୍ତା ଭାବେ ବାରିପଦା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ଜରୁରିକାଳୀନ ଅଧିକାରି ଶ୍ରଦ୍ଧା ସୁମନ, ସ୍ୱାର୍ଡ଼ା ସ୍ୱଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ବିବେକାନନ୍ଦ ପଟ୍ଟନାୟକ, ଓଡ୍ରାଫ୍‌ର ଅରୁଣ କୁମାର ମହାନ୍ତ । ଅବସରପ୍ରାପ୍ତ ଅଧକ୍ଷ ଡ.କୁଞ୍ଜବନ ତ୍ରିପାଠୀ, ୱାର୍ଡ ନଂ୮ ର କାଉନସିଲର ମୁର୍ଚ୍ଛନା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସକାଳେ ଏକ ଡମି ମେସେଜ୍ ବାଲେଶ୍ୱର ଜିଲା ଚାନ୍ଦିପୁର ନିକଟରେ ଲଘୁଚାପ ସୃଷ୍ଟି ହୋଇ ଅତି ପ୍ରବଳ ବର୍ଷା ସମ୍ଭାବନା ଅଛି ତାହାରି ଉପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଲୋକ ମାନେ ସାପ କାମୁଡ଼ା ଓ ବଜ୍ର ପାତ ସମୟରେ କିଭଳି ଭାବେ ସଚେତନ ରହିବେ ସେ ସମ୍ପର୍କରେ ଙଓଜଇର ତରଫରୁ ତାଲିମ ଦିଆ ଯାଇଥିଲା । ଉକ୍ତ ବୈଠକରେ ଆଶ୍ରୟସ୍ଥଳୀର ସଭ୍ୟ ଡ.ଯୋଗେନ୍ଦ୍ର ନାଥ ପଣ୍ଡା , ରଘୁନାଥ ପଣ୍ଡା, ବସନ୍ତ କୁମାର ଦାସ,ଇଶ୍ୱର ଚନ୍ଦ୍ର ଦାସ, ସୁବୋଧ କୁମାର ପଲେଇ, ପାର୍ବତୀ ମୁଣ୍ଡା, ଜ୍ୟୋସ୍ନାରାଣୀ ଜେନା, ସତ୍ୟଭାମା ସାହୁ , ପବିତ୍ର ସାମଲ ଏବଂ ଭିନ୍ନକ୍ଷମ ପତିନିଧି ,ଅଜୟ କୁମାର ବାରିକ, ସ୍ୱର୍ଡା ର ମୋହନ ମୁର୍ମୁ ତଥା ବିଭିନ୍ନ ଶ୍ରେଣୀର ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଡ.କୁଞ୍ଜବନ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ବିପର୍ଯ୍ୟୟ ମୁକାବିଲା ନେଇ ବ୍ଲକ୍‌ସ୍ତରୀୟ ମକ୍‌ଡ୍ରିଲ

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଓସଡ଼ମା ତରଫରୁ ପ୍ରତିବର୍ଷ ଜୁନ ମାସ ୧୯ତାରିଖରେ ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ମକଡ୍ରିଲ ଆୟୋଜନ କରାଯାଇଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟ ସମୟରେ ସମସ୍ତ ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନ ମଧ୍ୟରେ ସହଯୋଗ ଏବଂ ସମନ୍ୱୟ ରକ୍ଷା ସହ ସମ୍ଭାବ୍ୟ ବିପର୍ଯ୍ୟୟକୁ ମୁକାବିଲା କରିବା, ବିପର୍ଯ୍ୟ ଦ୍ୱାରା ହେବାକୁ ଥିବା କ୍ଷୟକ୍ଷତିକୁ କିପରି ରକ୍ଷା କରାଯାଇ ପାରିବ ସେହି ଉପଲକ୍ଷେ ଗୁରୁବାର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କେନ୍ଦ୍ରାପଟି ପଞ୍ଚାୟତ ନିକଟସ୍ଥ ବହୁମୁଖି ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ଉପସ୍ଥିତରେ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ବିଭିନ୍ନ ପ୍ରକାର ଜୀବନ ରକ୍ଷାକାରି କୌଶଳ ପ୍ରଦର୍ଶନ କରାଯାଇଥିଲା। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଅତିଥି ଭାବେ ଅସ୍ତରଙ୍ଗ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ଅତିରିକ୍ତ ତହସିଲଦାର ପ୍ରଭୁ ପ୍ରସାଦ ପଣ୍ଡା, ବ୍ଲକ ଉପାଧକ୍ଷ ଦୃଜୟ ମିଶ୍ର, ଅସ୍ତରଙ୍ଗ ଅଗ୍ନିଶମ କେନ୍ଦ୍ରର ଷ୍ଟେସନ ଅଫିସର ପ୍ରହଲ୍ଲାଦ ରାୟ, ନୋଡାଲ ଏନଜିଓ ଅନୁଶୟା ପରିଡା, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ଅସ୍ତରଙ୍ଗ ବ୍ଲକର ୧୨ଟି ବାତ୍ୟା ଆଶ୍ରୟସ୍ଥଳୀ ଏହି ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରତ୍ୟେକ ବାତ୍ୟା ଆଶ୍ରୟସ୍ଥଳୀରେ ମକଡ୍ରିଲ କାର୍ଯ୍ୟକ୍ରମକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପରିଚାଳନା କରିଥିଲେ।

# ଆଳିରେ ବ୍ୟାପୁଛି ଝାଡା ବାନ୍ତି: ବଢୁଛି ଆକ୍ରାନ୍ତଙ୍କ ସଂଖ୍ୟା



ଆଳି (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଅଞ୍ଚଳରେ ଦିନକୁ ଦିନ ଝାଡା ବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅନେକ ଲୋକ ଆକ୍ରାନ୍ତ ଥିବା ବେଳେ ଆଳି ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ସୂଚନାରୁ ପ୍ରକାଶ ଯେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିକିତ୍ସାଧୀନ ଥିବା ବେଳେ ତନ୍ମଧ୍ୟରୁ ୮ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ବାକି ସିଙ୍ଗିରି ନାଉଡ଼ିହର ଲଳିତା ଶତପଥି (୨୫), କୁମ୍ଭାରଟଙ୍କାର ଶାଶ୍ୱତୀ ନାୟକ (୬୦), ମେଂଢପୁର ସାବିତ୍ରୀ ବେହେରା (୮୦), ରାଜକନିକା ବରୁଣାଡ଼ିହା ଉଷାରାଣୀ ପୁହାଣ (୫୨), ରସୁଲପୁରର ସୋଫିଆ ତାବୁଷୁମ (୧୬), ମେଣ୍ଢପୁରର ସୋମନାଥ ସ୍ୱାଇଁ (୧୫) ଓ ଗୌଡ଼ପାଟଣା ଗ୍ରାମର କବିତା ପରିଡ଼ା(୫୫) ଙ୍କ ସହ ଅନ୍ୟମାନଙ୍କର ଚିକିତ୍ସା ଚାଲିଛି। ଆଳିରେ ଝାଡାବାନ୍ତି ବଢ଼ିଯିବା ପରେ ଆଳି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଡା ପ୍ରଣବ ଶୁକ୍ଲାଙ୍କ ନେତୃତ୍ୱରେ ଏକ ଟିମ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଥିବା ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବାଟିପଡ଼ା, ମହୁ, ଦଶିପୁର ଆଦିକୁ ଯାଇ ସ୍ଥିତି ପରଖିବା ସହିତ ସ୍ୱାସ୍ଥ୍ୟକର୍ମୀଙ୍କୁ ନେଇ ସତର୍କ ରହିବାକୁ ଆଲୋଚନା କରିଥିଲେ। ଏହି ବୈଠକ ସମସ୍ତ ସ୍ୱାସ୍ଥ୍ୟ କର୍ମଚାରିମାନେ ଉପସ୍ଥିତ ରହି ଡ଼ାଇରୀଆକୁ କିପରି ନିରାକରଣ କରାଯିବ ସେ ନେଇ ଆଲୋଚନା ହୋଇଛି। ପ୍ରଥମତଃ ଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥିତି ସ୍ଥିର ରହିଛି। ତତସହିତ ସମସ୍ତ କର୍ମଚାରୀଙ୍କ ଛୁଟି ବାତିଲ ହୋଇଛି। ଏ ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା ପ୍ରଣବ ଶୁକ୍ଲା ସୂଚନା ଦେଇଛନ୍ତି।

# ନାଲ୍‌କୋ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ନିମନ୍ତେ ପ୍ରାକ୍-ପ୍ରସ୍ତୁତି



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲକୋ) ପକ୍ଷରୁ ଚଳିତ ବର୍ଷର ଅନ୍ତର୍ଜାତୀୟ ଯୋଗଦିବସ ପାଳନ ତଥା ଯୋଗ ର ପ୍ରଚାର ପ୍ରସାର ନିମନ୍ତେ ସ୍ୱାସ୍ଥ୍ୟ, ନିରାମୟ ଓ ଦୈନନ୍ଦିନ ଜୀବନରେ ଯୋଗର ଭୂମିକା ଓ ସଚେତନତା ସମ୍ବନ୍ଧୀୟ ବିଭିନ୍ନ ବିଭିନ୍ନ କାର୍ଯ୍ୟକ୍ରମଆୟୋଜନ କରାଯାଉଛି। ଆସନ୍ତା ଜୁନ ୨୧ ତାରିଖରେ କମ୍ପାନୀ ପକ୍ଷରୁ ବିଭିନ୍ନ ୟୁନିଟରେ ମେଗା ଯୋଗ କ୍ୟାମ୍ପର ମଧ୍ୟ ଆୟୋଜନ କରାଯାଉଛି ।ଏଥିସହ ଗତ ଏକ ମାସ ଧରି ପ୍ରାକ-ପ୍ରସ୍ତୁତି ରୂପେ କମ୍ପାନୀର ସମସ୍ତ ପରିଚାଳନା ୟୁନିଟରେ 'ଯୋଗ ବୁଟ-କ୍ୟାମ୍ପ','ୱାଇ-ବ୍ରେକ ଆଟ ୱାର୍କପ୍ଲେସ' ଏବଂ 'ଯୋଗାଭ୍ୟାସ' ଅଧିବେସନର ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମ ଗୁଡ଼ିକରେ କମ୍ପାନୀର କର୍ମଚାରୀ, ପରିବାର ବର୍ଗ, ଠିକା କର୍ମଚାରୀ, ବିଦ୍ୟାଳୟ ତଥା ଚିକିତ୍ସାଳୟର ସମସ୍ତ କର୍ମଚାରୀ ଉତ୍ସାହର ସହିତ ଅଂଶଗ୍ରହଣ କରିଛନ୍ତି। 'ଜନ ଭାଗୀଦାରୀ'କୁ ପ୍ରୋତ୍ସାହିତ କରିବା ନିମନ୍ତେ,ନାଲକୋ ଖଣି ଓ ପରିଶୋଧନ ପ୍ରକଳ୍ପ, କୋରାପୁଟ ତଥା ସ୍ମେଲଟରଏବଂପାୱାର୍କମ୍ପ୍ଲେକ୍ସ, ଅନୁଗୋଳ ର ପରିପାର୍ଶ୍ୱିକ ଗ୍ରାମମାନଙ୍କରେ ମଧ ଯୋଗାଭ୍ୟାସ ଅଧିବେସନ ମାନ ଆୟୋଜନ କରାଯାଉଛି। କମ୍ପାନୀରେ କାର୍ଯ୍ୟରତ ମହିଳା ତଥା ସ୍କୁଲ ଛାତ୍ରୀ ମାନଙ୍କ ନିମନ୍ତେ ସ୍ୱାସ୍ଥ୍ୟ ସଚେତନତା ଅଧିବେସନର ଆୟୋଜନ କରାଯାଇଛି।




# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

RNI Regd. No.ORI ORI 2004/12956 Postal Regd. No. BN/294/21-232 www.odishabhaskar.com

Published Simultaneously from Bhubaneswar, Angul & Berhampur.

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୮୦ | Vol. 22 No-80 | 20 JUNE 2025 FRIDAY BHUBANESWAR

ଶୁକ୍ରବାର, ୨୦ ଜୁନ୍ ୨୦୨୫ | ପୃଷ୍ଠା-୧୨ | ପୃଷ୍ଠା-୮+୮ | ମୂଲ୍ୟ: ୭.୦୦


## ଆଜି ଆସୁଛନ୍ତି ମୋଦୀ

# ବିକଶିତ ଓଡ଼ିଶା ନେଇ ଦେବେ ଗୁରୁମନ୍ତ୍ର





ଜନତା ମଇଦାନରେ ପ୍ରସ୍ତୁତିର ଅନୁଧ୍ୟାନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟମାନେ

- ବିମାନବନ୍ଦରରୁ ଜନତା ମଇଦାନ କରିବେ ରୋଡ ଶୋ
- ସରକାରଙ୍କ ବର୍ଷପୂର୍ତ୍ତି ସମାରୋହରେ ହେବେ ସାମିଲ
- ଗସ୍ତ ପ୍ରସ୍ତୁତିର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ
- ୬୦ ପ୍ରକଳ୍ପର ଶିଳାନ୍ୟାସ, ୪୫ ପ୍ରକଳ୍ପର କରିବେ ଲୋକାର୍ପଣ
- ସୁରକ୍ଷା କଡ଼ାକଡ଼ି, ୧୩୩ ପ୍ଲାଟୁନ୍ ଫୋର୍ସ ମୁତୟନ

ଭୁବନେଶ୍ୱର,୧୯।୬(ଭାସ୍କର ନ୍ୟୁଜ): ରାଜ୍ୟରେ ଶାସକ ବିଜେପି ସରକାରର ଏକବର୍ଷ ପୂର୍ତ୍ତି ହୋଇଛି। ଏଥିପାଇଁ ଭୁବନେଶ୍ୱରର ଜନତା ମଇଦାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଦିନିକିଆ ଓଡ଼ିଶା ଗସ୍ତରେ ଆସି ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଏଥିପାଇଁ ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମୋଦୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଶୁକ୍ରବାର ଉତ୍ତରପ୍ରଦେଶର କୁଶିନଗରରୁ ଶ୍ରୀ ମୋଦୀ ବାହାରି ଅପରାହ୍ନ ୩.୪୦ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ୩.୪୫ରେ ପ୍ରଧାନମନ୍ତ୍ରୀ ବିମାନବନ୍ଦରରୁ ଜନତା ମଇଦାନ ଅଭିମୁଖେ ରୋଡ ଶୋ'ରେ ଆସିବେ। ୪.୧୫ରେ ସେ ରାଜ୍ୟ ସରକାରଙ୍କଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହେବେ। ୪.୧୫ରୁ ୫.୩୦ ପର୍ଯ୍ୟନ୍ତ ମୋଦୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ବିକଶିତ ଓଡ଼ିଶା ନେଇ ଗୁରୁମନ୍ତ୍ର ଦେବେ। ଏଥିସହ ସରକାରଙ୍କ ବର୍ଷକର ଉପଲବ୍ଧି ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବେ। ୫.୩୫.ରେ ଜନତା • ପୃଷ୍ଠା ୫ ଦେଖନ୍ତୁ






PATANJALI®

## ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସରେ ଏକ ସୁସ୍ଥ, ସମୃଦ୍ଧ ଏବଂ ପରମ ବୈଭବଶାଳୀ ଭାରତ ଗଠନ ପାଇଁ ସଂକଳ୍ପ ନିଅନ୍ତୁ

### ଯୋଗମୟ ଭାରତ: ସ୍ୱାମୀ ରାମଦେବଙ୍କ ଆହ୍ୱାନ



ବିଶ୍ୱର ସବୁଠାରୁ ବଡ଼ ଯୋଗଗୁରୁ
ଯୋଗଋଷି ସ୍ୱାମୀ ରାମଦେବ ମହାରାଜଙ୍କ ସହ ସିଧା ଯୋଡ଼ି ହୋଇ ଯୋଗ ଶିଖନ୍ତୁ

ଆସ୍ଥା LIVE: ପ୍ରତିଦିନ ସକାଳ ୫.୩୦ରୁ ୭.୩୦ ଏବଂ ରାତି ୮ଟାରେ | INDIA TV: ପ୍ରତିଦିନ ସକାଳ ୭.୫୬ରେ

ଏହି ଅନ୍ତର୍ଜାତୀୟ ଯୋଗ ଦିବସରେ, ଆସନ୍ତୁ ଆମେ ସ୍ୱାମୀ ଜୀଙ୍କ ନେତୃତ୍ୱରେ ଯୋଗବତୀ ଏବଂ ସ୍ୱଦେଶୀ ହୋଇ ଏକ ସୁସ୍ଥ, ସମୃଦ୍ଧ, ସକ୍ଷମ, ସଂଗଠିତ ଏବଂ ପରମ ଗୌରବଶାଳୀ ଭାରତ ନିର୍ମାଣ କରିବା।
ଗତ ତିନି ଦଶନ୍ଧିରେ, ପତଞ୍ଜଳି ମାଧ୍ୟମରେ, ଯୋଗ, ଆୟୁର୍ବେଦ ଏବଂ ସ୍ୱଦେଶୀ ବିଶ୍ୱର ୨୦୦ଟି ଦେଶର ୨୦୦ କୋଟିରୁ ଅଧିକ ଲୋକଙ୍କୁ ରୋଗରୁ ମୁକ୍ତି, ନିଶାରୁ ମୁକ୍ତି ଏବଂ ଆଧ୍ୟାତ୍ମିକ ଜାଗରଣର ପଥ ଦେଖାଇଛନ୍ତି। ଏହା କେବଳ ଲକ୍ଷଲକ୍ଷ କୋଟି ଟଙ୍କା ସଞ୍ଚୟ କରିନାହିଁ ବରଂ ଏକ ଆଧ୍ୟାତ୍ମିକ, ଅନନ୍ତ ଜୀବନ ପଥ ମଧ୍ୟ ସ୍ଥାପନ କରିଛି।

#### 'ଜାଗରଣର ଦେବତା'

ଦେଶର ଶ୍ରେଷ୍ଠ ସନ୍ଥମାନଙ୍କ ସମେତ କୋଟି କୋଟି ଲୋକ ସ୍ୱାମୀ ଜୀ ମହାରାଜଙ୍କୁ ଜାଗରଣର ଦେବତା ଭାବରେ ଦେଖନ୍ତି, ଯିଏ ଦେଶ ସାରା ୨୫ ଲକ୍ଷ କିଲୋମିଟର ଯାତ୍ରା କରି ୧୦ କୋଟିରୁ ଅଧିକ ଲୋକଙ୍କୁ ଯୋଗରେ ତାଲିମ ଦେଇଥିଲେ ଏବଂ ନିଃସ୍ୱାର୍ଥପର ସେବା କରୁଥିବା ଏକ କୋଟି ସମର୍ପିତ କର୍ମୀଙ୍କୁ ପ୍ରସ୍ତୁତ କରିଥିଲେ। ପତଞ୍ଜଳିର ସେହି ପ୍ରଶିକ୍ଷିତ ଯୋଗୀ ଭାଇ ଓ ଭଉଣୀମାନେ ଦେଶର ପ୍ରତ୍ୟେକ ଗ୍ରାମ, ସହର, ରାସ୍ତା ଏବଂ ଅଞ୍ଚଳରେ ଏକ ଲକ୍ଷରୁ ଅଧିକ ଯୋଗ ଶିବିର ଏବଂ ନିୟମିତ ଯୋଗ ଶ୍ରେଣୀ ମାଧ୍ୟମରେ ଲୋକମାନଙ୍କୁ ସ୍ୱାସ୍ଥ୍ୟ ଏବଂ ସଚେତନତାର ବାର୍ତ୍ତା ପ୍ରଦାନ କରୁଛନ୍ତି। ସକାଳୁ ଶୀଘ୍ର ଉଠି ଯୋଗ କରିବାର ଏହି ବିପ୍ଳବ ଭାରତକୁ ଏକ ନୂତନ ଦିଗଦର୍ଶନ ଦେଉଛି।



#### ନିଃସ୍ୱାର୍ଥପର ଭାବନା ସହିତ ମାନବ କଲ୍ୟାଣ ପାଇଁ ଅଭିଯାନ

ଆଜି, ସାରା ଦେଶରେ ପତଞ୍ଜଳିର ୧୦,୦୦୦ରୁ ଅଧିକ କେନ୍ଦ୍ର ଏବଂ ୨,୫୦୦ ଯୋଗ୍ୟ ଏବଂ ପ୍ରଶିକ୍ଷିତ ବୈଦ୍ୟଙ୍କ ମାଧ୍ୟମରେ ଯୋଗ, ଆୟୁର୍ବେଦ ଏବଂ ସ୍ୱଦେଶୀ କ୍ଷେତ୍ରରେ ଏକ ବିରାଟ ସେବା ଚାଲିଛି। ଯଦି ଆମେ ଏହି ସେବାର ମୂଲ୍ୟାଙ୍କନ କରିବା, ତେବେ ଏହା ରାଷ୍ଟ୍ର ସେବାରେ ଏକ ଲକ୍ଷ କୋଟି ଟଙ୍କାରୁ ଅଧିକ ଅବଦାନ। ପତଞ୍ଜଳିର ପ୍ରତ୍ୟେକ ପ୍ରକଳ୍ପ ଭାରତ ମାତାର ସେବା ପାଇଁ ଉତ୍ସର୍ଗୀକୃତ।

#### ସ୍ୱଦେଶୀରୁ ସମୃଦ୍ଧି: ଅର୍ଥରୁ ପରମାର୍ଥ

ଅକ୍ସଫାମ୍ ଗ୍ଲୋବାଲ୍ ୟୁକେ ଏବଂ ଅନ୍ୟାନ୍ୟ ସୂତ୍ରର ସର୍ଭେ ଅନୁଯାୟୀ, ୧୭୬୫ ରୁ ୧୯୦୦ ମଧ୍ୟରେ, ବିଦେଶୀ କମ୍ପାନୀ ଏବଂ ଆକ୍ରମଣକାରୀମାନେ ଭାରତରୁ ୧୦୦ ଟ୍ରିଲିୟନ ଡଲାରରୁ ଅଧିକ ଲୁଟ କରିଥିଲେ ଏବଂ ଆଜି ମଧ୍ୟ ଏହି ଲୁଟ ଜାରି ରହିଛି। ସ୍ୱାମୀ ଜୀ ସ୍ୱଦେଶୀ ମାଧ୍ୟମରେ ଏହି ଲୁଟ୍ ବନ୍ଦ କରିବାକୁ ଏବଂ ଭାରତକୁ ଏକ ଆର୍ଥିକ ମହାଶକ୍ତି କରିବାକୁ ସଂକଳ୍ପବଦ୍ଧ। 'ଦାନ ପାଇଁ ସମୃଦ୍ଧି': ପତଞ୍ଜଳି ଭାରତ ମାତାର ସେବାରେ ଏହାର ଲାଭର ୧୦୦% ବିନିଯୋଗ କରିଛି, ବିନିଯୋଗ କରୁଛି ଏବଂ କରିଚାଲିବ।

#### ଭାରତୀୟ ଶିକ୍ଷା ବୋର୍ଡ ଦ୍ୱାରା ମ୍ୟାକାଲେଙ୍କ ଶିକ୍ଷା ବ୍ୟବସ୍ଥାରୁ ମୁକ୍ତି

୧୮୩୫ ମସିହାରୁ ପ୍ରଚଳିତ ମ୍ୟାକାଲେଙ୍କ ଶିବ ବ୍ୟବସ୍ଥାରୁ ଦେଶକୁ ମୁକ୍ତ କରିବା ପାଇଁ, ପତଞ୍ଜଳି ଗୁରୁକୁଳମ୍ ଏବଂ ଆଚାର୍ଯ୍ୟକୁଳମ୍ ଭଳି ପ୍ରତିଷ୍ଠାନ ଭାରତୀୟ ଶିକ୍ଷା ବୋର୍ଡ ସହିତ ସହଯୋଗରେ ସର୍ବୋତ୍ତମ ବ୍ୟକ୍ତିତ୍ୱ, ଚରିତ୍ର ଏବଂ ନେତୃତ୍ୱ ସହିତ ପିଲାମାନଙ୍କୁ ସୃଷ୍ଟି କରୁଛନ୍ତି। ଏହା ବ୍ୟତୀତ, ଲକ୍ଷ ଲକ୍ଷ ସ୍କୁଲକୁ ଭାରତୀୟ ଶିକ୍ଷା ବୋର୍ଡ ସହିତ ଜଡିତ କରି, ଆମେ ଏକ ନୂତନ ଭାରତ ନିର୍ମାଣ କରୁଛୁ। ଆପଣଙ୍କ ପିଲାମାନଙ୍କୁ ପତଞ୍ଜଳି ଗୁରୁକୁଳମ୍, ଆଚାର୍ଯ୍ୟକୁଳମ୍, ପତଞ୍ଜଳି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦିଅନ୍ତୁ ଏବଂ ଆପଣଙ୍କ ସ୍କୁଲକୁ ବିଏସ୍‌ବି ସହିତ ଜଡିତ କରି ରାଷ୍ଟ୍ର ନିର୍ମାଣର ମହାନ ଯଜ୍ଞରେ ଆପଣଙ୍କର ଭୂମିକା ଗ୍ରହଣ କରନ୍ତୁ।

#### ସ୍ୱାସ୍ଥ୍ୟ ବିପ୍ଳବ: ସୁସ୍ଥ ଭାରତ

ଚରକ, ସୁଶ୍ରୁତ, ଧନ୍ୱନ୍ତରୀ ଏବଂ ପତଞ୍ଜଳି ଭଳି ମହାନ ଋଷିଙ୍କ ଜ୍ଞାନ ଉପରେ ଆଧାରିତ ବୈଜ୍ଞାନିକ ଗବେଷଣା ସହିତ ପତଞ୍ଜଳି ସୁସ୍ଥତା, ଯୋଗଗ୍ରାମ ଏବଂ ନିରାମୟ ଭଳି ବିଶ୍ୱସ୍ତରୀୟ ସମନ୍ୱିତ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠିତ ହୋଇଛି, ଯେଉଁଠାରେ କୋଟି କୋଟି ଲୋକ ସୁସ୍ଥ ହେଉଛନ୍ତି। ସ୍ୱାମୀଜୀଙ୍କ ଆହ୍ୱାନ ହେଉଛି ପ୍ରତ୍ୟେକ ବ୍ୟକ୍ତି ନିଜେ ଯୋଗ କରିବା ଉଚିତ ଏବଂ ଦଶ ଜଣଙ୍କୁ ଯୋଗ କରାଇବା ଉଚିତ। ଯଦି ସଚେତନ ଲୋକଙ୍କ ମଧ୍ୟରୁ ୧% ମଧ୍ୟ ସକାଳେ ଯୋଗ କରନ୍ତି ଏବଂ ଯୋଗ ଉପରେ ଆଧାରିତ ସନାତନ ଜୀବନଶୈଳୀ ଗ୍ରହଣ କରନ୍ତି, ତେବେ ଭାରତର ସ୍ୱାସ୍ଥ୍ୟ ବଜେଟ୍ ଶୂନ୍ୟ ହୋଇପାରେ।

#### ପ୍ରଦାହ ଏବଂ ସମାଧାନ:ବିଜ୍ଞାନ ଏବଂ ପରମ୍ପରାର ସଙ୍ଗମ

ବିଶ୍ୱବିଦ୍ୟାଳୟର ୫୦୦ରୁ ଅଧିକ ବୈଜ୍ଞାନିକ ବର୍ଷ ବର୍ଷ ଧରି ଗବେଷଣା ପରେ ପ୍ରମାଣ-ଭିତ୍ତିକ ପତଞ୍ଜଳି ଔଷଧ ବିକଶିତ କରିଛନ୍ତି, ଯାହା ଯକୃତ, ବୃକକ୍, ହୃଦୟ, ଛାତି ଏବଂ ଶ୍ୱାସକ୍ରିୟା ପ୍ରଣାଳୀର ରୋଗକୁ ସୁସ୍ଥ କରୁଛି। ୫୦୦ରୁ ଅଧିକ ଅନ୍ତର୍ଜାତୀୟ ପତ୍ରିକାରେ ୫,୦୦୦ରୁ ଅଧିକ ଗବେଷଣା ପ୍ରୋଟୋକଲ୍ ଏବଂ ଗବେଷଣା ପତ୍ର ପ୍ରକାଶନ ଆୟୁର୍ବେଦକୁ ଏକ ଗବେଷଣା ଏବଂ ପ୍ରମାଣ-ଭିତ୍ତିକ ଔଷଧର ମାନ୍ୟତା ଦେବାରେ ଏକ ମହାନ କାର୍ଯ୍ୟ କରିଛି।

#### ଯୋଗ ଏବେ ଯୁଗଧର୍ମ: ସନାତନ ହିଁ ଏକମାତ୍ର ସମାଧାନ

ଆଜି, ଯୋଗ ଏବଂ ସନାତନ ଧର୍ମ ବିଶ୍ୱର ଆବଶ୍ୟକତା। ପତଞ୍ଜଳି ଯୋଗ ଏବଂ ସନାତନ ମୂଲ୍ୟବୋଧ ମାଧ୍ୟମରେ ଚାପ, ରୋଗ, ସାମାଜିକ ଏବଂ ସାଂସ୍କୃତିକ ଅବକ୍ଷୟ ସହିତ ଜଡ଼ିତ ବିଶ୍ୱକୁ ଦିଗଦର୍ଶନ ଦେଉଛନ୍ତି। ଆସନ୍ତୁ, ଯୋଗଧର୍ମ ଉପରେ ଆଧାରିତ ସନାତନ ଜୀବନଶୈଳୀ ଗ୍ରହଣ କରନ୍ତୁ।

#### ପାଞ୍ଚଟି ମହାନ ବିପ୍ଳବର ଶଙ୍ଖନାଦ

ଶିକ୍ଷା, ଚିକିତ୍ସା, ଅର୍ଥନୈତିକ ଏବଂ ସାଂସ୍କୃତିକ କ୍ଷେତ୍ରରେ ଭାରତକୁ ଦାସତ୍ୱରୁ ମୁକ୍ତ କରିବା ଏବଂ ଭାରତକୁ ଆର୍ଥିକ ଏବଂ ଆଧ୍ୟାତ୍ମିକ କରିବା ପାଇଁ, ପତଞ୍ଜଳି ଏକ ଲକ୍ଷରୁ ଅଧିକ ଗାଈଙ୍କ ସେବା କରୁଛି ଏବଂ ଗାଈ ପରିବାରକୁ ରକ୍ଷା କରିବା ପାଇଁ ଏକ ବଡ଼ କାର୍ଯ୍ୟ ଯୋଜନା ଉପରେ କାମ କରୁଛି।

ପତଞ୍ଜଳିର ଶୁଦ୍ଧ ଏବଂ ସାତ୍ୱିକ ଉତ୍ପାଦ ଗ୍ରହଣ କରନ୍ତୁ, ଆପଣଙ୍କ ପିଲା ଏବଂ ପରିବାରକୁ ଭେଜାଲର ବିଷରୁ ରକ୍ଷା କରନ୍ତୁ।





ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ଲକ୍ଷ୍ମୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସର ମଧ୍ୟରେ ପ୍ରାକୃତିକ ଦୁର୍ବିପାକ ର ମୁକାବିଲା ପାଇଁ ଅଗ୍ନିଶ୍ରମ ବିଭାଗ ତରଫରୁ ଏକ ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି ।ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ କିପରି ଆମେ ସଜାଗ ହେବା ଓ ବିପର୍ଯ୍ୟୟ ସମୟରେ କିପରି ଧନ ଜୀବନ ଉଧାର କରାଯିବ ଓ ଗ୍ୟାସ ସିଲିଣ୍ଡର ରେ ନିଆଁ ଲାଗିଲେ ତାକୁ ଲିଭାଯିବ ତାକୁ ନେଇ ଅଗ୍ନି ଶ୍ରମ ବିଭାଗର ବବିଶ କୁମାର୍ ଗୌଡ଼,ଚିତ୍ରସେନ ବେହେରା, ଯାଦବ ଚନ୍ଦ୍ର ନାୟକ ଓ କରୁଣାକର ଶବର ଯୋଗ ଦେଇ ମକ୍ ଡ୍ରୀଲ ମାଧ୍ୟମରେ ଦେଖାଇଥିଲେ । ଏହି କାର୍ଯ୍ୟକ୍ରମର ପରିଚାଳନା ଦାୟିତ୍ୱ ଜିପିଓ ସୁଧୀର ବେହେରା ନେଇଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଆଇ କୁଳେଶିକା, ଉପାଧ୍ୟକ୍ଷା ଆରତୀ କୁଳଦୀପ, ସହାୟକ ନିର୍ବାହୀ ଯନ୍ତ୍ରୀ ମୁବାଲା ପବନ କୁମାର, ଯୋଗାଣ ଅଧିକାରୀ ଆଦିତ୍ୟ ପ୍ରସାଦ ନାୟକଙ୍କ ସମେତ ଅଙ୍ଗନବାଡି କର୍ମୀ, ଏମ୍ବିକେ ଓ ସ୍ୱଂୟ ସହାୟକ ଗୋଷ୍ଠୀର ମହିଳା ମାନେ ଉପସ୍ଥିତ ଥିଲେ । ପ୍ରାକୃତିକ ଦୁର୍ବିପାକର ସଫଳ ମୁକାବିଲା କରିବା ପାଇଁ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ବନ୍ଧେ ଚିଠି କରାଯାଇଥିଲା କିନ୍ତୁ କିଛିଟା ହାତ ଗଣତି ବିଭାଗର କର୍ମଚାରୀ ଏଥିରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା ।

## ତୁରନ୍ତ ନିର୍ମାଣ ପାଇଁ ଦାବି

# ବର୍ଷାରେ ଭାଙ୍ଗିଲା ବିଦ୍ୟାଳୟ ପାଚେରୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ସହର ସ୍ଥିତ କମାରଗୋଡାରେ ଥିବା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ରହ୍ମଣ ଗାଁର ପାଚେରୀ ଗତ ରାତିର ବର୍ଷା ଯୋଗୁଁ ଭାଙ୍ଗିଯାଇଛି । ରାସ୍ତାରେ ଭଙ୍ଗା ପାଚେରୀ ର ଇଟା ବିଛେଇ ହୋଇ ପଡ଼ିଥିବାରୁ ସେହି ରାସ୍ତା ଦେଇ ସାଧାରଣ ଲୋକଙ୍କ ଯାତାୟାତ ବାଧାପ୍ରାପ୍ତ ହେଉଛି । ଏ ନେଇ ତୁରନ୍ତ ରାସ୍ତା ସଫା କରି ବର୍ଜ୍ୟବସ୍ତୁ ସବୁକୁ ଉଠାଇବା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଲଳିତ କୁମାର ନାଏକଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଏହା ସହିତ ଗଛ ଭାଙ୍ଗିଯାଇଥିବା କାରଣରୁ ଏହି ଗଛକୁ କାଟିବା ପାଇଁ ମଧ୍ୟ କେନ୍ଦୁଝର ବନଖଣ୍ଡ ଅଧିକାରୀଙ୍କୁ ଅନୁମତି ମାଗିଛନ୍ତି । ଭାଙ୍ଗି ଯାଇଥିବା ପାଚେରୀ ପ୍ରାୟ ୨୦ ଫୁଟ ଲମ୍ବର ହୋଇଥିବା ବେଳେ ଆଉ ୨୦ଫୁଟ୍ ବିପଦ ଶଙ୍କୁଳ ଅବସ୍ଥାରେ ରହିଥିବାରୁ ଏହାକୁ ତୁରନ୍ତ ଭାଙ୍ଗି ନୂତନ ଭାବେ ନିର୍ମାଣ କରିବାକୁ ସେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଜଣାଇଛନ୍ତି । ଆସନ୍ତା କିଛିଦିନ ଭିତରେ ବିଦ୍ୟାଳୟ ଖୋଲୁଥିବାରୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପାଚେରୀକୁ ତୁରନ୍ତ ନିର୍ମାଣ କରା ନଗଲେ ଅସୁବିଧାର ସମ୍ମୁଖିନ ହେବାର ଆଶଙ୍କା ରହିଛି । ସ୍ଥାନୀୟ ଲୋକେ ଯାତାୟାତ ପାଇଁ ରାସ୍ତାରୁ ଭଙ୍ଗା ଇଟା ପଥର ସବୁକୁ କଡ଼କୁ କରି ଯିବାଆସିବା କରୁଥିବା ବେଳେ ପିଲାଙ୍କ ସୁରକ୍ଷା ପ୍ରତି ଉଦବେଗ ପ୍ରକାଶ କରିଛନ୍ତି । ଏହି ବିଦ୍ୟାଳୟ ପରିସରରେ କିଛି ଗଛ ବର୍ଷାପବନ ଯୋଗୁଁ ଭାଙ୍ଗି ପଡିବା ଆଶଙ୍କା ଥିବାରୁ ବନବିଭାଗ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥାନୀୟ ଅଧିବାସୀ ବ୍ରଜକିଶୋର ଓଝା ଦାବି କରିଛନ୍ତି ।

# ହୋଟେଲ ଓ ରେଷ୍ଟୋରାଣ୍ଟ୍ ଖାଦ୍ୟର ମାନ ଯାଞ୍ଚ ପାଇଁ ଦାବି

ଆସିକା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ବର୍ତ୍ତମାନ ହଇଜା ଜିଲ୍ଲା ପରେ ଜିଲ୍ଲାକୁ ବ୍ୟାପିବାକୁ ଲାଗିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ହୋଟେଲ, ରେଷ୍ଟୋରାଣ୍ଟ, ଖାଦ୍ୟ ନିର୍ମାଣ କମ୍ପାନୀ ଆଦିରେ ଘନ ଘନ ଚଢ଼ାଉ ଚାଲିଥିଲା ବେଳେ ଆସିକାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଯାହାଦ୍ୱାରା ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀ ମହଲରେ ବାରମ୍ବାର ଦାବି ହୋଇଆସୁଛି । ପ୍ରକାଶ ଥାଉକି ଆସିକା ତଥା ଏହାର ଆଖପାଖ ଅଞ୍ଚଳରେ ଦିନକୁଦିନ ଛତୁ ଫୁଟିଲା ଭଳି ହୋଟେଲ ଓ ରେଷ୍ଟୋରାଣ୍ଟ ଖୋଲି ଚାଲିଛି । ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟବସାୟୀଙ୍କ ନିକଟରେ ଫୁଡ ଲାଇସେନ୍ସ ମଧ୍ୟ ନଥିବାର ଅଭିଯୋଗ ହେଉଛି । ଏହି ହୋଟେଲ ଗୁଡିକରେ ବାସି ଖାଦ୍ୟ ସହ ପଚାଶଢା ପନିପରିବା ସହିତ ନିମ୍ନମାନର ମସଲା, ଖାଦ୍ୟ କଲର, ଚାଇନା ସଲ୍ଟ ସହିତ ନିମ୍ନମାନର ତେଲ ଯାହାକୁ ବାରମ୍ୱାର ବ୍ୟବହାର କରିବା ଦ୍ୱାରା ତାହା ଅତି କଦର୍ଯ୍ୟ ଅବସ୍ଥାରେ ବ୍ୟବହୃତ ହେଉଛି । ହୋଟେଲ ଓ ରେଷ୍ଟୋରାଣ୍ଟ ଗୁଡିକରେ ସ୍ୱଛତା ମଧ୍ୟ ଅତି ନିମ୍ନମାନର ଅଭିଯୋଗ ହେଉଛି ।ଆସିକା ଓ ଏହାର ଆଖପାଖ ଅଞ୍ଚଳ ରେ ସୋଡ଼ା,ମୃଦୁ ପାନୀୟ ଠାରୁ ଆରମ୍ଭ କରି, ମିଠା ସାମଗ୍ରୀ, ପାଉଁରୁଟି, କେକ ଭଳି ଅନେକ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି । ହେଲେ ଅଧିକାଂଶ ଖାଦ୍ୟସାମଗ୍ରୀରେ ମାନ ଅଧିକାରୀ ମାନେ ଯାଞ୍ଚ କରୁନାହାନ୍ତି କି ଏକ୍ସପାଏରୀ ତାରିଖ ମଧ୍ୟ ଲେଖାଯାଉନି । ଏହା ବ୍ୟତିତ ଖାଦ୍ୟରେ ବ୍ୟବହୃତ ସାମଗ୍ରୀର ତାଲିକା ମଧ୍ୟ ଲେଖାଯାଉନି । ଫଳରେ ବିଭିନ୍ନ ସମୟରେ ଏକ୍ସପାଏରୀ ଖାଦ୍ୟ ସାମଗ୍ରୀ ଖାଇ ଜନସାଧାରଣ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ନଜର ରହିଛି । ସୁପ୍ରିମକୋର୍ଟଙ୍କ ଦ୍ୱାରା ବାରମ୍ବାର ସୂଚିତ କରାଯାଇଛି ଯେ ଖାଦ୍ୟର ଅଧିକାର ହେଉଛି ଭାରତ ସମ୍ବିଧାନର ଧାରା ୨୧ ଅନୁଯାୟୀ ସୁନିଶ୍ଚିତ ଜୀବନର ଅଧିକାର । ଏହା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ସେହିପରି ଏହା ମଧ୍ୟ ଭାରତର ସମ୍ବିଧାନର ଧାରା ୧୪ର ଉଲ୍ଲଂଘନ । କାରଣ ଗରିବମାନେ ବଡ ଦୋକାନରୁ ଏକ ଜିନିଷ କିଣିପାରିବେ ନାହିଁ ଏବଂ ଧନୀ ଲୋକମାନେ ବଜାରରୁ ଅପରିଷ୍କାର ପଦାର୍ଥ ନେଉନାହାଁନ୍ତି । ତେଣୁ ଏହା ଅତ୍ୟନ୍ତ ଅସମାନ ସମାଜ, ଯେଉଁଠାରେ କେବଳ ଗରିବ ଲୋକ ଦୁଃଖ ପାଆନ୍ତି ଆଉ ମରନ୍ତି । ଏନେଇ ବିଭିନ୍ନ ସମୟରେ ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରସାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ପ୍ରକାଶ ଥାଉକି ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଜଣେ ଖାଦ୍ୟ ସୁରକ୍ଷା ଅଧିକାରୀ ନିଯୋଜିତ କରି ନିୟମିତ ଭାବେ ଖାଦ୍ୟର ମାନ ପରୀକ୍ଷଣ କରିବା ସହିତ ଯେଉଁମାନେ ଏହାର ଉଲ୍ଲଂଘନ କରୁଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦୋକାନସିଲ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

## ବାଇକ-ସ୍କୁଟି ଧକ୍କା, ତିନି ଗୁରୁତର

ବେତନଟୀ, (ଭାସ୍କର ନ୍ୟୁଜ୍): ବେତନଟୀ ସ୍ଥିତ ୧୮ନଂ ଜାତୀୟରାଜପଥ ବଙ୍ଗଲାଛକ ଠାରେ ଆଜି ଅପରାହ୍ନରେ ଦୃତଗାମୀ ବାଇକ ଏବଂ ସ୍କୁଟି ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣା ଘଟି ୩ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଜଣେ ଅଳ୍ପକେ ବର୍ତ୍ତିଯାଇଛନ୍ତି ଘଟଣାରୁ ପ୍ରକାଶ ଓଡି-୧୧ଏଏଫ ୩୯୮୨ ନମ୍ବର ବିଶିଷ୍ଟ ସ୍କୁଟିଯୋଗେ ବୈଶିଙ୍ଗା ଥାନା ଅଧୀନ ନଡପୁର ଗ୍ରାମର ସୁଜିତ କୁମାର ପାତ୍ର(୪୧) ଏବଂ ସେହି ନଡପୁର ଗ୍ରାମର ମକରା ମହାକୁଡ (୪୪) ବେତନଟୀ ଅଭିମୁଖେ ଆସୁଥିବା ବେଳେ ବାଇକ ଯୋଗେ ମୋରଡା ଥାନା ଅଧୀନ ଘୋଳମୁହା ଗ୍ରାମର ରବୀନ୍ଦ୍ର ସିଂ (୨୮) ନିଜର ସହଯୋଗୀଙ୍କ ସହିତ ବୈଶିଙ୍ଗା ଅଭିମୁଖେ ଅତ୍ୟନ୍ତ ଦୃତଗତିରେ ଯାଉଥିବା ବେଳେ ବଙ୍ଗଳାଛକ ଠାରେ ମୁହାଁମୁହିଁ ଧକ୍କା ହୋଇଥିଲା । ଦୁର୍ଘଟଣା ଏତେ ଶକ୍ତିଶାଳୀ ଥିଲା ଯେ ବ୍ୟାଟେରୀ ଚାଳିତ ସ୍କୁଟି ଭାଙ୍ଗି ଚୁରମାର ହୋଇଯାଇଥିଲା । ରାସ୍ତାରେ ରକ୍ତାକ୍ତ ଅବସ୍ଥାରେ ପଡିଥିବା ୩ ଜଣଙ୍କୁ ଉଦ୍ଧାର କରି ସମାଜସେବୀ ଜଗଦୀଶ ବେହେରା ସ୍ଥାନୀୟ ଲୋକଙ୍କ ସହାୟତାରେ ବେତନଟୀ ଡାକ୍ତର ଖାନାରେ ଭର୍ତ୍ତି କରାଇଥିଲେ । ୩ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବାରିପଦା ଜିଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି ।

## ଓ୍ୱାଡେ, ଶିରୁଆ ଓ ପୂଜାରୀଙ୍କ ଦ୍ୱାରା ଜିଲ୍ଲାପାଳଙ୍କୁ ଦାବିପତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାରେ ଥିବା ୧୪ ଗୋଟି ବିଭିନ୍ନ ଜନଜାତି ସମ୍ପ୍ରଦାୟ, ଓ୍ୱାଡେ, ଶିରୁଆ ଓ ପୂଜାରୀମାନଙ୍କ ଦ୍ୱାରା ମାଲକାନଗିରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପାହାନ୍ଦୀ ପାରୀ କୁମ୍ପାର ଲିଙ୍ଗ ବାଲାରାଜୁ, ପୋତରାଜୁ, କାନାମରାଜୁ ଓ ମୁତ୍ୟୋଲାମ୍ମା ଟ୍ରଷ୍ଟର ସଭାନେତ୍ରୀ ଶୁକ୍ରୀ ମାଡକାମୀଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ମାଲକାନଗିରି ତାରିଣୀ ମନ୍ଦାର ଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା । ଆଦିବାସୀ ସମାଜ ଓ୍ୱାଡେ, ଶିରା ଓ ପୂଜାରୀମାନେ ବିଜ୍ଞାନର ଅଗ୍ରଗତି ହୋଇ ନଥିଲା ବେଳେ ଚେରମୂଳି ଔଷଧ ଦ୍ୱାରା ଜୀବନ ରକ୍ଷା କରୁଥିଲେ । ଆଦିବାସୀ ସମାଜ ଜନ୍ମ, ମୃତ୍ୟୁ, ବିବାହ ଓ ଉତ୍ସବଗୁଡିକେ ଏମାନଙ୍କ ଦ୍ୱାରା ସଂସ୍କାର କାର୍ଯ୍ୟ ସମ୍ପନ୍ନ ହୋଇଆସୁଛି । ଆଦିବାସୀ ସଭ୍ୟତାର ପ୍ରାରମ୍ଭରୁ ଓ୍ୱାଡେ, ଶିରା ଓ ପୂଜାରୀମାନଙ୍କ ଗୁରୁତ୍ୱ ରହି ଆସିଥିଲା ବେଳେ ସେମାନଙ୍କୁ ସରକାରୀ ସୁବିଧା ସୁଯୋଗର କୌଣସି ବ୍ୟବସ୍ଥା ନାହିଁ । ଯେଉଁମାନେ ସାଧାରଣତଃ କୀର୍ତ୍ତନ କରୁଛନ୍ତି, ରାଜ୍ୟ ସରକାର କଳାକାର ଭତ୍ତା ପ୍ରଦାନ କରୁଥିବାବେଳେ ଆଦିବାସୀ ସମାଜରେ ମୁଖ୍ୟ ଭୂମିକା ନିର୍ବାହ କରୁଥିବା ଏହି ତିନି ପ୍ରକାର ଓ୍ୱାଡେ, ଶିରୁଆ ଓ ପୂଜାରୀମାନଙ୍କୁ ଅବହେଳା କରାଯାଇଛି । ଏଣୁ ସଂଘ ତରଫରୁ ମାନସିକ ଭତ୍ତା ପ୍ରଦାନ କରିବା ସହିତ, ଆଦିବାସୀ ମନ୍ଦିରଗୁଡ଼ିକର ଓ୍ୱାଡେ, ଶିରା ଓ ପୂଜାରୀମାନଙ୍କ ପୂଜା ବିଧି ସମୟରେ ରହଣୀ କରିବା ଓ ରୋଷେଇ କାର୍ଯ୍ୟ ସକାଶେ ଗୃହ ନିର୍ମାଣ କରିବାକୁ ଦାବିରେ ଉଲ୍ଲେଖ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଲଳିତ ନାରାୟଣ ମାଡକାମୀ, ସଂଘର ସମ୍ପାଦକ ଇର୍ମା ମାଡି କୋଷାଧ୍ୟକ୍ଷ ବୁଦ୍ରା ମାଡି ଉପସ୍ଥିତ ରହିଥିଲେ ।

## କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ଜନ୍ମ ଦିବସ ପାଳିତ

ଜଳେଶ୍ୱର, (ଭାସ୍କର ନ୍ୟୁଜ୍): ବିରୋଧୀ ଦଳର ନେତା ଜନନାୟକ ରାହୁଲ ଗାନ୍ଧୀଙ୍କ ୫୫ ତମ ଜନ୍ମ ଦିବସ ଉପଲକ୍ଷେ ଜଳେଶ୍ୱର କଂଗ୍ରେସ ପକ୍ଷରୁ ଜଳେଶ୍ୱର ନଗର ସ୍ଥିତ ଶାନ୍ତିଆ ସ୍ଥିତ ଗାନ୍ଧୀ ସେବାଶ୍ରମ ରେ ଅନାଥ ପିଲାମାନଙ୍କୁ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା । ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ରାଜୀବ କୁମାର ପରିଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସତ୍ୟ ସୁନ୍ଦର ଦାସ, ପୂର୍ବତନ ଟାଉନ ସଭାପତି ଗିରିଜା ଶଙ୍କର ଦାସ, କୃଷକ ନେତା ସୁଦାମ ଚରଣ ପାତ୍ର, ସବ୍ୟସାଚୀ ଦାସ, ହରିଶଙ୍କର ଜେନା, ସପନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ମୋବାଇଲ ପୋଲିସ ପକ୍ଷରୁ ଚଢ଼ାଉ

ବେତନଟୀ, (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗର ମୋବାଇଲ ପୋଲିସ ପକ୍ଷରୁ ବଡସାହି ଥାନା ଅଧୀନ ହଳଦୀପଦା ଗ୍ରାମରେ ଚଢାଉକରି ଚୋରା ଦେଶୀମଦ ଜବତ କରିବା ସହିତ ଏହି ବେଆଇନ କାରବାରରେ ଜଡିତ ଜଣକୁ ଗିରଫକରି କୋର୍ଟଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଉଛି ହଳଦୀପଦା ଗ୍ରାମର ହେମେନ୍ଦ୍ର ବେହେର । ହେମେନ୍ଦ୍ର ଚୋରାମଦ କାରବାର କରୁଥିବାର ଖବରପାଇ ମୋବାଇଲଟିମ ଇନସ୍ପେକ୍ଟର ଶ୍ରୀଧର ମହାନ୍ତି ସଦଳବଳେ ଚଢାଉ କରିଥିଲେ । ଚଢାଉ ସମୟରେ ହେମେନ୍ଦ୍ର ନିକଟରୁ ୪୦ଲିଟର ଚୋରା ଦେଶୀମଦ ଜବତ କରାଯାଇଥିଲା । ଏନେଇ ଏକ ମାମଲା ରୁଜୁକରି ଗିରଫ ଅଭିଯୁକ୍ତ ହେମେନ୍ଦ୍ରର ସ୍ୱାସ୍ଥ୍ୟ ପରୀକ୍ଷା ପୂର୍ବକ ବେତନଟୀ ଜେଏମଏଫସି କୋର୍ଟକୁ ଚାଲାଣ କରାଯାଇଥିଲା ।

# ଜିଲ୍ଲାସ୍ତରୀୟ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ




ବାରିପଦା, (ଭାସ୍କର ନ୍ୟୁଜ୍): ଜିଲ୍ଲା ସ୍ତରୀୟ ଟେବୁଲ ଟପ୍ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଡେପୁଟି କଲେକ୍ଟର ଶ୍ରଦ୍ଧାସୁମନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥି ଓ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ଏସ ଆର.ସି କାର୍ଯ୍ୟାଳୟର ଦେବବ୍ରତ କର ଯୋଗ ଦେଇଥିଲେ । ପ୍ରାରମ୍ଭରେ ଡେପୁଟି କଲେକ୍ଟର ସୁମନ ଏହି ଟେବୁଲ ଟପ ଏକ୍ସରସାଇଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଟେବଲ ଟପ ଏକ୍ସରସାଇଜ ମାଧ୍ୟମରେ ଆମେ କିଭଳି ବିପର୍ଯ୍ୟୟ ପରିଚାଳନା ଯୋଜନା ସବୁକୁ ଗୋଟିଏ ମଞ୍ଚରେ ସମୀକ୍ଷା କରି, ଯେଉଁ ସବୁ ପ୍ରତିବନ୍ଧକ ଅଛି ତା'ର ସମାଧାନ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବା, ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁସଂଗଠିତ କରିବା ସହିତ ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ଅଧିକରୁ ଅଧିକ ଗୁଣାତ୍ମକ, ପାରଦର୍ଶୀ, ଲୋକାଭିମୁଖୀ ଓ ସମୟୋପଯୋଗୀ କରିପାରିବା ତା'ର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଆସନ୍ତା ୧୯ ତାରିଖରେ ୧୦ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ହେବାକୁ ଥିବା ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀ ଅନୁସାରେ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଡିପିଓ ଜଗବନ୍ଧୁ ମହାନ୍ତି ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମ -୨୦୨୫ ନିମନ୍ତେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ମୟୂରଭଞ୍ଜ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନାକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରିଥଲେ । ମୟୂରଭଞ୍ଜ ଜିଲ୍ଲା ବିଶେଷତଃ ବନ୍ୟା, ବାତ୍ୟା, ବଜ୍ରପାତ, ସାପକମୁଡ଼ା ଓ ଭୂସ୍ଖଳନ ଭଳି ବିପର୍ଯ୍ୟୟର ସାମ୍ନା କରିଥାଏ ଓ ଏହାର ପ୍ରଶମନ ନିମନ୍ତେ ଏଭଳି ଅଭ୍ୟାସ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି କର ଟେବୁଲ ଟପ ଏକ୍ସରସାଇଜ ଓ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କାର୍ଯ୍ୟକ୍ରମର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହିତ ଏହା କିଭଳି 'ଶୂନ୍ୟ ମୃତ୍ୟୁହାର' ମିଶନକୁ ସାକାର କରିବାରେ ସହାୟକ ହେବ ଓ ଆମର ବିପର୍ଯ୍ୟୟ ପରିଚାଳନା ଅତି ଉଚ୍ଚକୋଟିର ହୋଇପାରିବ ତାହା ବୁଝାଇଥିଲେ । ଏହି ଅବସରରେ ଉପସ୍ଥିତ ବିଭାଗୀୟ ଅଧିକାରୀ ମାନେ ନିଜନିଜ ବିଭାଗର ବିପର୍ଯ୍ୟୟ ପରିଚାଳନା ଯୋଜନା ସବୁକୁ ଉପସ୍ଥାପନା କରିଥଲେ ଓ ଏକ ମୁକ୍ତ ଆଲୋଚନା ମାଧ୍ୟମରେ ସମ୍ମାନୀତ ଅତିଥି ବିପର୍ଯ୍ୟୟ ପରିଚାଳନା ପାଇଁ ସୁଦୂର ପ୍ରସାରି, ସୁଚିନ୍ତିତ ଓ ମୂଲ୍ୟବାନ ପରାମର୍ଶ ମାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ୍ରାଫ, ଅଗ୍ନିଶମ ବିଭାଗ, ଖାଦ୍ୟ ଯୋଗାଣ, ଜଳ ଓ ପରିମଳ ବିଭାଗ, କୃଷି, ଜଳସେଚନ, ବ୍ଲକ, ପୌରପାଳିକା ଆଦିର ଅଧିକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନ ଫୋର୍ଡ, ସ୍ୱର୍ଦ୍ଧା, ଦାସୀ, ଆଧାର, ସଙ୍କଳ୍ପ, ଶକ୍ତିଶିଖା, ଭାର୍ଡ ଏବଂ ୧୦ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳର ସଚିବ ଓ ସଭାପତି ଅଂଶଗ୍ରହଣ କରିଥିଲେ । ଶେଷରେ ଡେପୁଟି କଲେକ୍ଟର ଶ୍ରଦ୍ଧାସୁମନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦୁଇ ଯାଆଁଳା ଭାଇ ନୀଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ



କଣ୍ଟାବାଞ୍ଜି /ମୁରିବାହାଲ, (ଭାସ୍କର ନ୍ୟୁଜ୍): ପ୍ରାପ୍ତ ସୂଚନା ଅନୁସାରେ ସର୍ବଭାରତୀୟ ସ୍ତରରେ ନିଟ ପରୀକ୍ଷାରେ ବଲାଙ୍ଗୀର ଜିଲ୍ଲାର ତୁଷୁରା ନିବାସୀ ରିଜୁଲ ଜୈନ ୪୭ତମ ଓ ସୁବ୍ରତ ଜୈନ ୧୬୭୫ତମ, ସ୍ଥାନ ଅର୍ଜନ କରିଛନ୍ତି । ସେମାନେ ୨୦୨୩ରେ ବଲାଙ୍ଗିର ଥିବା ଲିଟିଲ୍ ଫ୍ଲାୱାର ସ୍କୁଲ୍‌ରୁ ଦଶମ ଶ୍ରେଣୀ ପାସ୍ କରି ଏବଂ ପରେ ଦିଲ୍ଲୀକୁ ଯାଇ ୧୨ମ ଶ୍ରେଣୀ ପଢିଥିଲେ ଏବଂ ନୀଟ ପାଇଁ ପ୍ରସ୍ତୁତି ହେଉଥିଲେ । ଦୁଇ ଯାଆଁଳା ଭାଇ ପ୍ରତିଦିନ ୧୩ ରୁ ୧୪ ଘଣ୍ଟା ପଢି ଅନୁଶାସନ ଓ ପ୍ରତିଶ୍ରୁତି ସହିତ ପ୍ରସ୍ତୁତି ନେଇ ଏହି ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି । ଏହା ପ୍ରଥମ ଥର ନୁହେଁ ସେମାନେ ଆଗରୁ ମଧ୍ୟ ବହୁତ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି । ଏହି ସଫଳତାରେ ତାଙ୍କ ବାପା ରାକେଶ କୁମାର ଜୈନ, ମା ସୀମା ଜୈନ, ଦାଦା ତୁଳସୀରାମ ଜୈନ, ଦାଦୀ ଅଙ୍ଗୁରୀ ଜୈନ ଓ ମାମୁଁ ଗଣେଶ ଅଗ୍ରୱାଲ ଏବଂ ସମ୍ପୂର୍ଣ୍ଣ ପରିବାର ମଧ୍ୟରେ ଖୁସିର ଲହରି ବ୍ୟାପିଛି । ବିଶେଷ କଥା ହେଉଛି, ବିଗତ ଦୁଇବର୍ଷ ଧରି ମା ସୀମା ଜୈନ ଦିଲ୍ଲୀରେ ଏହି ସନ୍ତାନ ମାନଙ୍କୁ ସହଯୋଗ କରୁଥିଲେ । ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ଦୁଇ ଯାଆଁଳା ଭାଇ ସ୍ୱର୍ଗତ ଶଙ୍କର ଅଗ୍ରୱାଲ (ପଟାଖା ବାଲେ)ଙ୍କ ଘରକୁ, ତାଙ୍କ ଅଜା ଘରକୁ ପହଞ୍ଚିଥିଲେ, ଯେଉଁଠାରେ ମାମୁଁ ଗଣେଶ ଅଗ୍ରୱାଲ ଓ ସମ୍ପୂର୍ଣ୍ଣ ପରିବାର ଦ୍ୱାରା ଭବ୍ୟ ଭାବରେ ସ୍ୱାଗତ କରାଯାଇଛି । ଏହି ସଫଳତା ଅବସରରେ ମାରୱାଡ଼ି ଯୁବା ମଞ୍ଚ ବିକାଶ ଶାଖା କଣ୍ଟାବାଞ୍ଜି ଶାଖା ସମ୍ପାଦକ ନବନୀତ ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଆଶୀଷ ଖେତାନ, ପୂର୍ବ ପ୍ରାନ୍ତୀୟ କାର୍ଯ୍ୟକାରିଣୀ ସଦସ୍ୟ ମନୀଷ ଜୈନ, ଓ କାର୍ଯ୍ୟକାରିଣୀ ସଦସ୍ୟ ନାରାୟଣ ଜିନ୍ଦଲ, ସୁନାମ ଅର୍ଜନ କରିଥିବା ଦୁଇଛାତ୍ର ସ୍ମୃତି ଚିହ୍ନ ପ୍ରଦାନ କରି ପୂରା ପରିବାରକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

# ବିବାଦୀୟ ମନ୍ତବ୍ୟ ଦେଇ ଅଡୁଆରେ ଭଣ୍ଡବାବା



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ପ୍ରଦାନ କରି ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ଜଣେ ବହୁ ଚର୍ଚ୍ଚିତ ଭଣ୍ଡବାବା ଅଡୁଆରେ ପଡିବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଏହି ଘଟଣାକୁ ନେଇ ଦିନକୁଦିନ ବିବାଦ ତୀବ୍ରତର ହେବାରେ ଲାଗିଛି । ସେପଟେ ବାବା ଫେରାର ହୋଇଯାଇଥିବାର ଜଣାଯାଇଛି । ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଞ୍ଚାୟତ ବଡ ଥାକନ ଗ୍ରାମରେ କାଲୁବାବା ଓରଫ ସୁକାନ୍ତ ଦାସ ମହାରାଜ ଏକ ବିରାଟକାୟ ମଠ ସ୍ଥାପନ କରି ଅୟସରେ କାଳାତିପାତ କରୁଛନ୍ତି । ଦୈନନ୍ଦିନ ଏହି ମଠ ଓ ବାବାଙ୍କ ନିକଟକୁ ଓଡିଶାର ବିଭିନ୍ନ ପାନ୍ତରରୁ ଶହଶହ ଶ୍ରଦ୍ଧାଳୁ ଭକ୍ତମାନେ ଆସିଥାନ୍ତି । ଏପରିକି ବାବା ବିଭିନ୍ନ ଧର୍ମାନୁଷ୍ଠାନ ମାନଙ୍କରେ ପ୍ରବଚନ ପ୍ରଦାନ କରିଥାନ୍ତି । ଏପରିକି ଗତ କିଛି ବର୍ଷ ହେଲା ବାବା ନାନା ପ୍ରକାର ବିବାଦରେ ଛନ୍ଦି ହୋଇଆସୁଥିବା ଘଟଣା କାହାରିକୁ ଅଛପା ନାହିଁ । ତେବେ ନେମାଳରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପଦ୍ମ ବନ ପୀଠ ନେମାଳ ଚିତ୍ରୋତ୍ପଳା ନଦୀ ଶଯ୍ୟାରେ ଅନୁଷ୍ଠିତ ବାଲି ଯାତ୍ରାର ଉଦଯାପନ ଦିବସରେ କାଲୁବାବା ଓରଫ ସୁକାନ୍ତ ଦାସ ମହାରାଜ ମହାପୁରୁଷ ଅଚ୍ୟୁତାନନ୍ଦ ଓ ଅଚ୍ୟୁତ ଖାଁଙ୍କ ସମ୍ପର୍କକୁ ନେଇ କେତେକ ବିବାଦୀୟ ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ବିବାଦୀୟ ମନ୍ତବ୍ୟ ଏବେ ସାମାଜିକ ଗଣ ମାଧ୍ୟମରେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି । ଏହି ବିବାଦୀୟ ମନ୍ତବ୍ୟକୁ ନେଇ ଅଚ୍ୟୁତ ପ୍ରେମୀ ଓ ହିନ୍ଦୁ ଧର୍ମାବଲମ୍ବୀ ମାନଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି । ଦିନକୁ ଦିନ ଏହି ବିବାଦ ଉଗ୍ରରୂପ ନେବାକୁ ବସିଛି । ତେବେ ବାବାଙ୍କ ଏହି ବିବାଦୀୟ ମନ୍ତବ୍ୟ ସାଧାରଣରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଥିଲା ବେଳେ ପରିସ୍ଥିତି ଜଟିଳ ହେବାର ଆଶଙ୍କା ନେଇ ବାବା ଚମ୍ପଟ ମାରିଥିବାର ଜଣାଯାଇଛି । ବାବାଙ୍କ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ତାଙ୍କ ମୋବାଇଲକୁ ଯୋଗାଯୋଗ କରିଥିଲେ ମଧ୍ୟ ରହସ୍ୟଜନକ ଭାବେ ତାଙ୍କ ମୋବାଇଲ ସୁଇଚଅଫ ଥିବା କାରଣରୁ ତାଙ୍କର ମତାମତ ନେବା ସମ୍ଭବପର ହୋଇପାରି ନାହିଁ । ତେବେ ଏଠାରେ ସୂଚନା ଯୋଗ୍ୟ ଯେ ଏହି ଭଣ୍ଡ ବାବାଙ୍କ କଳା କାରନାମା ଦିନକୁ ଦିନ ପ୍ରକାଶ ପାଇବାରେ ଲାଗିଛି । ତାଙ୍କର କଳାକାରନାମା ସମ୍ପର୍କରେ ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ବହୁ ଲୁକାୟିତ ରହସ୍ୟର ପର୍ଦ୍ଦାଫାର୍ସ ହୋଇପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏଠାରେ ସୂଚନା ଯୋଗ୍ୟ ବିଗତଦିନରେ ବଡ ଥାକନ ଠାରେ ଗୋଟିଏ ଛୋଟିଆ ଚାଳିଘରେ ମଠ ତିଆରି କରିଥିବା ଏହି ଭଣ୍ଡବାବା କିପରି କୋଟିକୋଟି ଟଙ୍କାର ମାଲିକ ହେଲେ ଓ ଏତେ ପରିମାଣର ସ୍ୱର୍ଣ ଅଳଙ୍କାର କେଉଁଠି ଆଣିଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଅଗ୍ନିଶ୍ରମ ବିଭାଗ ତରଫରୁ ମକ ଡ୍ରିଲ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍): ନାରାୟଣ-ପାଟଣା ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ବିଡ଼ିଓ ବିକ୍ରମ କୁମାର ଦୋରାଙ୍କ ପରିଚାଳନାରେ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାକୁ ନେଇ ନେଇ ଅଗ୍ନିଶ୍ରମ ବିଭାଗ ତରଫରୁ ଏକ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଘୂର୍ଣ୍ଣିବାତ୍ୟା, ପ୍ରବଳ ବର୍ଷା, ବନ୍ୟା, ଭୂସ୍ଖଳନ, ସାପକାମୁଡ଼ା, ବଜ୍ରପାତ, ମରୁଡ଼ି ଏବଂ ସୁନାମି ସହ ଜଡ଼ିତ ଭଳି ପ୍ରାକୃତିକ ବିପର୍ଯ୍ୟ ସମୟରେ ଘଟଣା ସ୍ଥଳରେ ପହଞ୍ଚି କିପରି ଉଧାର କାର୍ଯ୍ୟ କରାଯିବ ତାହା ଉପରେ ଅଗ୍ନିଶ୍ରମ କର୍ମଚାରୀ ମାନେ ମକ ଡ୍ରିଲ ମାଧ୍ୟମରେ ବୁଝାଇ ଥିଲେ । ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସିଡ଼ିପିଓ ଇନ୍ଦୁମତି ପାଣିଗ୍ରାହୀ, ନିର୍ବାଚିତ ପ୍ରତିନିଧି, ଆଶା



କର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା, ଟାସ୍କଫୋର୍ସ, ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ବ୍ଲକ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଅର୍ଥ ଆଦାୟ ଅଭିଯୋଗରେ କୋଲ ଟ୍ରାନ୍ସପୋର୍ଟରଙ୍କ ସମେତ ୪ ଗିରଫ



ବେଲପାହାଡ, (ଭାସ୍କର ନ୍ୟୁଜ୍): ଝାରସୁଗୁଡା ଜିଲା ଲଖନପୁର କୋଇଲା ଖଣିରେ ବେଆଇନ ଅର୍ଥ ଅସୁଲି ଅଭିଯୋଗରେ କୋଇଲା ଟ୍ରାନ୍ସପୋର୍ଟର ତଥା ବ୍ରଜରାଜନଗର ପୂର୍ବତନ ଅଧକ୍ଷ ନନ୍ଦକିଶୋର ଅଗ୍ରୱାଲଙ୍କ ସମେତ ୪ ସହଯୋଗୀ ଗିରଫ ହୋଇଛନ୍ତି । ଗୁରୁବାର ଦିନ ଏକ ଟ୍ରକ୍ ଡ୍ରାଇଭରର ଅଭିଯୋଗ କ୍ରମେ ଲଖନପୁର ପୋଲିସ ତଦନ୍ତ କରି ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଜଣାପଡିଛି । ଗିରଫ ଅଭିଯୁକ୍ତ ମାନେ ବ୍ରଜରାଜନଗର ଅଞ୍ଚଳରୁ ଟ୍ରାନ୍ସପୋଟର ନନ୍ଦକିଶୋର ଅଗ୍ରୱାଲ (୬୫), ସହଯୋଗୀ ଅମରେନ୍ଦ୍ର ସିଂ (୫୦), ଷ୍ଟିଫେନ୍ ପରମାଣିକ (୪୮)ଙ୍କ ସମେତ ବେଲପାହାଡ ଅଞ୍ଚଳରୁ ସୁଜିତ୍ କେର୍କେଟା (୪୦) ଓ ଶଶିଧର ଚୌହାନ୍ (୪୨) । ପୋଲିସ ଜବତ କରିଥିବା ଜିନିଷ ମାନଙ୍କ ମଧ୍ୟରେ ଏକ ହୁଣ୍ଡାଇ କାର, ୭ଟି ମୋବାଇଲ ଫୋନ୍, ୩ଟି ମଟରସାଇକଲ, ଅଫିସ କାଗଜପତ୍ର ସହ ଟ୍ରକ ନମ୍ବର ଏଣ୍ଟ୍ରି ରେଜିଷ୍ଟର ପ୍ରଭୃତି ଅଛି । ତେବେ ଗୁରୁବାର ଦିନ ଝାରଖଣ୍ଡ ରାଜ୍ୟ ସିମଡେଗା ଅଞ୍ଚଳର ଜଣେ ଟ୍ରକ ଡ୍ରାଇଭର ଠାରୁ ଡରେଇ ଧମକାଇ ଲୋଡିଂ ପାଇଁ ପର୍ଚିରେ ସିଲ୍ ମାରିବା ପାଇଁ କହି ବେଆଇନ୍ ଅର୍ଥ ଅସୁଲି ଖୋଦ୍ ଟ୍ରାନ୍ସପୋର୍ଟର ଦ୍ୱାରା ନିୟୋଜିତ ଜୁବକମାନେ କରିଥିବା ଲଖନପୁର ଥାନାରେ ଅଭିଯୋଗ ହୋଇଥିଲା । ଲଖନପୁର ପୋଲିସ ଏ ସମ୍ବନ୍ଧରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା । ତେବେ ଥାନାଧିକାରୀ ବି.କେ.ରାଓ ତଦନ୍ତ କରି କୋଇଲା ପରିବହନରେ ବେଆଇନ ଅର୍ଥ ଅସୁଲି ଅଭିଯୋଗରେ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ପ୍ରକାଶ ।

## 'ବିକାଶ ବାହନ ଯାତ୍ରା'ର ଶୁଭାରମ୍ଭ

ଶୁଳିଆପଦା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ମୋହନ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ଜୁନ୍ ମାସ ୧୨ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ 'ବିକାଶ ବାହନ ଯାତ୍ରା' ରଥ ବ୍ଲକ୍ ଅଧିନ ସମସ୍ତ ପଞ୍ଚାୟତ ର ଗାଁ ଗହଳିକୁ ଯାଇ ସରକାରଙ୍କ ବିକାଶର ବାର୍ତ୍ତା ଦେବା ସହିତ ଗାଁ ଗହଳିରେ ବସବାସ କରୁଥିବା ଲୋକଙ୍କ ମୌଳିକ ଅଧିକାର ବାବଦରେ ସଚେତନ କରି ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନାରୁ କୌଣସି ବ୍ୟକ୍ତି ଯେପରି ବାଦ୍ ନପଡନ୍ତୁ ସେ ବାବଦରେ ସଚେତନ କରିବା କାର୍ଯ୍ୟକ୍ରମ ରହିଥିବା ବେଳେ ଆଜି ଶୁଳିଆପଦା ବ୍ଲକ୍ ଅଧିନ ଦେଉଳି ପଞ୍ଚାୟତରେ 'ବିକାଶ ବାହନ ଯାତ୍ରା'ର ଶୁଭାରମ୍ଭ ଅନୁଷ୍ଠିତ ହୋଇଯାଇଛି । ଦେଉଳି ସରପଞ୍ଚ ସୋନାଲି ସରେନ୍‌ଙ୍କ କରକମଳରେ ଏହି ଯାତ୍ରା ଶୁଭାରମ୍ଭ ହୋଇଥିବା ବେଳେ ଯୋଗାଣ ଅଧିକାରୀ ନିରଞ୍ଜନ ସାହୁ, ଜିପିଓ ସୁଶାନ୍ତ କୁମାର ରାଉଳ, ପିଇଓ ଅଲିଫ୍ ମହାନ୍ତ, ଏଡିଓ ସୁମିତ୍ରା ଘଡେଇଙ୍କ ସହିତ ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର କର୍ମଚାରୀ ଉପସ୍ଥିତ ଥିଲେ ।

# ମୂର୍ଚ୍ଛନା ଓ ଓକା ପକ୍ଷରୁ ଜିଲ୍ଲା ସ୍ତରୀୟ ରଜ ମହୋତ୍ସବ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମୂର୍ଚ୍ଛନା ଓ ଓଡିଶା କଲଚର ଆର୍ଟ ଏକାଡେମୀ ପକ୍ଷରୁ ସୁଦର୍ଶନ ଉଚ୍ଚ ବିଦ୍ୟାଳୟ ପଡିଆ ଠାକୁର ହାଟରେ ୩ ଦିନ ଧରି ଜିଲ୍ଲା ସ୍ତରୀୟ ରଜମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମ ରଜରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ତଥା ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ପ୍ରଦୀପ କୁମାର ବିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ରଜ ମହୋତ୍ସବର ସଭାପତି ଶିବାନୀ ଶଙ୍କର ଦାସ ଅତିଥର ପରିଚୟ ପ୍ରଦାନ କରିଥିବା ବେଳେ ଉପ ସଭାପତି ରମେଶ ଚନ୍ଦ୍ର ସେଠୀ ସ୍ୱାଗତ ଭାଷଣ ଓ ସମ୍ପାଦକ ନିରାକାର ମହାରଣା ବିବରଣୀ ପାଠ କରିଥିଲେ । ଦ୍ୱିତୀୟ ରଜ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପିର ରାଜ୍ୟ ପ୍ରବକ୍ତା ଓ ସାମାଜିକ ଗଣମାଧ୍ୟମ ସଂଯୋଜକ ଉମାକାନ୍ତ ପଟ୍ଟନାୟକ, ସମ୍ମାନୀତ ଅତିଥି ଭାବେ ବିଜେପି ଜିଲ୍ଲା ସମ୍ପାଦିକା ମନିଷା ପଣ୍ଡା, ପାରାଦ୍ୱୀପ ଟ୍ରକ୍ ମାଲିକ ସଂଘ ସମ୍ପାଦକ ରାଜେଶ ମହାନ୍ତି, ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଦାସ, ପୂର୍ବତନ ସରପଞ୍ଚ ବଟକୃଷ୍ଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଶେଷ ରଜର ମୁଖ୍ୟ ଅତିଥି ଭାବେ ପଞ୍ଜାବର ସୁଫି ସିଙ୍ଗର ତଥା ସଙ୍ଗୀତ ନିର୍ଦ୍ଦେଶକ ପିସି ରାଉତ ରାଜପୁତ ଯୋଗ ଦେଇଥିବା ବେଳେ ବିଶିଷ୍ଟ ଅତିଥି ଭାବେ କେ.ପି.ଏସ.ର ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ, ସମ୍ମାନୀତ ଅତିଥି ଭାବେ ଯୁବ ସମାଜସେବୀ କଳିଙ୍ଗ କେଶରୀ ପରିଡ଼ା, ଶିକ୍ଷାବିତ୍ ସୁରେନ୍ଦ୍ର ପଣ୍ଡା, ସମାଜସେବିକା ଆର୍ଜୁ ବିବି ଓ ପୂଜା ଚାରିଟେବୁଲ ଟ୍ରଷ୍ଟର ପୂଜା, ପାଲା ଗାୟକ ଗଗନ ବିହାରୀ ସିଂହ ପ୍ରମୁଖ ଯୋଗଦେଇ ଦେଇଥିଲେ । ମୂର୍ଚ୍ଛନା ଓ ଓକା ଅନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ବସନ୍ତ କୁମାର ଦାସ ମହୋତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି ଅବସରରେ ଅତିଥିମାନଙ୍କୁ ତୁଳସୀକ୍ଷେତ୍ର ସମ୍ମାନ ପ୍ରଦାନ କରାଯାଇଥିଲା ।ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତି-ଯୋଗୀତାର କୃତି ପ୍ରତିଯୋଗୀମାନଙ୍କୁ ରଜ କୁଇନ ଆୱାର୍ଡ଼ ଓ ରଜ କିଙ୍ଗ ଆୱାର୍ଡ଼ ଅତିଥି ମାନେ ପ୍ରଦାନ କରିଥିଲେ । କଳାକାର, କବି ଓ ସମାଜସେବୀ ମାନଙ୍କୁ ଲଛମନଜୀଉ ସମ୍ମାନରେ ସମ୍ବର୍ଦ୍ଧିତ କରା ଯାଇଥିଲା । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ ଦଳ ମାନଙ୍କ ଦ୍ୱାରା ଚିତାକର୍ଷକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ବିଜୟ କେତନ ସାହୁ ଓ ସନ୍ତୋଷ ପୋଥାଳ ପ୍ରମୁଖ ଉତ୍ସବରେ ପରିଚାଳନାରେ ସହଯୋଗ କରିଥିଲେ ।



ଛତ୍ରପୁର(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଓ ଜିଲ୍ଲା ଅବକାରୀ ଅଧିକ୍ଷକଙ୍କ ତତ୍ତ୍ୱାବଧାନରେ ଛତ୍ରପୁର ଅବକାରୀ ନିରୀକ୍ଷକ ବାଳକ ବିଶି ଓ ଖଲ୍ଲିକୋଟ ଆଦର୍ଶ ଅବକାରୀ ଥାନା ଓଆଇସି ତେଜସ୍ୱିନୀ ପ୍ରଧାନ ଓ ତାଙ୍କର କର୍ମଚାରୀଙ୍କ ମିଳିତ ଚଢାଉରେ ବୁଧବାର ସକାଳେ ଖଲ୍ଲିକୋଟର ଏନ୍‌ଏଚ୍-୩୦ ରାସ୍ତା ଓ କଞ୍ଚଣା ଛକରେ ପୃଥକ ପୃଥକ ଭାବେ ଦୁଇଟି ଗଞ୍ଜାଇ କେଶ ହୋଇଛି । ଏଥିରେମୋଟ ୧୪ କେଜି ଗଞ୍ଜାଇ ଓ ଏକ ସ୍କୁଟି ଜବତ କରାଯାଇଛି । ଉକ୍ତ କେଶରେ ସମ୍ପୃକ୍ତ ବେଗୁନିଆପଦାର ନାରାୟଣ ସାହୁ ଓ କୋଦଳାର ମୁଣା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଚଢାଉରେ ଅବକାରୀ ଉପନିରୀକ୍ଷକ ଅଙ୍କିତା ମହାକୁଡ, ଅବକାରୀ ସିପାହୀ ଏସ. ପରଶୁରାମ ରେଡ୍ଡୀ , ଅନନ୍ତ କନହର, ଅଞ୍ଜନ ଦାସ, ଟୁଟୁ ସାମଲ, ମନୋଜ କୁମାର ଲେଙ୍କା, ହରିହର ଦାସ ପ୍ରମୁଖ ସାମିଲ ଥିଲେ । ବର୍ତ୍ତମାନ ଓଡିଶା ସରକାର ଓ ଅବକାରୀ ବିଭାଗର ଆମ ସଂକଳ୍ପ, ନିଶା ନୁହେଁ ଜୀବନ ଅଭିଯାନ ମେ ୩୧ ତାରିଖ ରୁ ଜୁନ ୨୬ ତାରିଖ ପର୍ଯ୍ୟନ୍ତ ଚାଲିଥିବାରୁ ଗଞ୍ଜାଇ କେଶ କରିବା ସହିତ ବେଆଇନ ମଦ ଓ ବିଷାକ୍ତ ମଦରୁ ଜନସାଧାରଣଙ୍କୁ ନିଶା ଠାରୁ ଦୂରେଇ ରହିବା ପାଇଁ ଗଞ୍ଜାମ ଜିଲ୍ଲାର ସମସ୍ତ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ଏବଂ ସମସ୍ତ ଗ୍ରାମରେ ବିଭିନ୍ନ ପ୍ରୋଗ୍ରାମ ଯଥା ପାଲା, ଦାଶକାଠିଆ, ଭାରତ ଲୀଳା, ଘୁଡୁକି ଓ ଗାହଣା ଆଦି ପଥପ୍ରାନ୍ତ ନାଟକ କରି ଅବଗତ କରାଯାଉଛି ।

### ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

# ଜିଲ୍ଲାର ବିକାଶ ଆହୁରି ଆଗକୁ ଯିବ: ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର



ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ ମହିଷାପାଟ ସ୍ଥିତ ପଲ୍ଲିଶ୍ରୀ ମେଳା ପଡିଆରେ ଜିଲ୍ଲା ସ୍ତରୀୟ ବିକାଶ ମେଳର ଉଦଯାପନ ସମାରୋହ ଅନୁଷ୍ଠିତ ହେଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର କୃଷ୍ଣ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ବିକାଶ ଆହୁରି ଆଗକୁ ଯିବ ବୋଲି ମତବ୍ୟକ୍ତ କରିଥିଲେ । ସେ କହିଥିଲେ ଢେଙ୍କାନାଳରେ ଗତ ଏକବର୍ଷ ମଧ୍ୟରେ ନିରବଚ୍ଛିନ୍ନ ବିକାଶର ଧାରା ଚାଲୁ ରହିଛି । ନିକଟରେ ମୁଖ୍ୟମନ୍ତ୍ରୀ ଜିଲ୍ଲାରେ ନୂତନ ମେଡିକାଲ କଲେଜ ହେବା ନେଇ ଘୋଷଣା କରିଛନ୍ତି କ୍ଷ ଏହାସହ ମହିମା ଗାଦିର ବିକାଶ ପାଇଁ ୧୭୧କୋଟି ଟଙ୍କାର ବ୍ୟୟ ବରାଦ ରାଜ୍ୟ ସରକାର କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ରାଜ୍ୟ ସରକାର ଗରିବ କଲ୍ୟାଣ ଯୋଜନା ଦିଗରେ କାର୍ଯ୍ୟ କରୁଛନ୍ତି କ୍ଷ ଏହି ପ୍ରରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲାରେ ୧୫ ହଜାର ୧୪୪ ଜଣଙ୍କୁ ନୂତନ ରାସନ କାର୍ଡ ଦେବାକୁ ଲକ୍ଷ୍ୟ ରଖାଯାଇଛି କ୍ଷ ଏହାସହିତ ଢେଙ୍କାନାଳ ଜିଲ୍ଲା ଧାନ ସଂଗ୍ରହ କ୍ଷେତ୍ରରେ ନୂତନ ରେକର୍ଡ କରିଛି । ଜିଲ୍ଲାରେ ଏହି ବର୍ଷ ୧୭ ଲକ୍ଷ ୨୫ ହଜାର ୧୯୫

### ଜିଲ୍ଲା ଶିକ୍ଷ ସମୃଦ୍ଧ ହେବ: ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି ଏବଂ ସେଥି ମଧ୍ୟରୁ ୧୧ ଲକ୍ଷ ୭୩ ହଜାର କୁଇଣ୍ଟାଲ ଚାଉଳ ଉତ୍ପାଦନ କରି ଢେଙ୍କାନାଳ ଜିଲ୍ଲା ବଳକା ଜିଲ୍ଲା ଭାବେ ପରିଚୟ ସୃଷ୍ଟି କରିଛି । କାର୍ଯ୍ୟକ୍ରମ ରେ ସ୍ୱତନ୍ତ୍ର ଅତିଥି ତଥା ଜିଲ୍ଲାର ପ୍ରଭାରୀ ମନ୍ତ୍ରୀ ଭାବେ ମନ୍ତ୍ରୀ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ ଯେ ଢେଙ୍କାନାଳ ଜିଲ୍ଲା ଆଗାମୀ ଦିନରେ ଶିକ୍ଷ କ୍ଷେତ୍ରରେ ସମୃଦ୍ଧ ହେବ । ନିକଟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ପାଇଁ ୫୦ ହଜାର କୋଟିଟଙ୍କାର ନିବେଶ ପାଇଁ ଘୋଷଣା କରିଛନ୍ତି । ସେଥିମଧ୍ୟରୁ ୩୦ହଜାର କୋଟି କେବଳ ସୌର ଶକ୍ତି ଶିଳ୍ପ ଅଟେ । ଏହା ସହିତ ଜିଲ୍ଲାର କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ୧୨୦ କୋଟି ଟଙ୍କା ବ୍ୟୟରେ ବାଜି ରାଉତ ଆଞ୍ଚଳିକ କ୍ରୀଡା କେନ୍ଦ୍ର ବନମାଳିପ୍ରସାଦ ଠାରେ ପ୍ରତିଷ୍ଠା କରାଯିବ । ଏନେଇ ମୁଖ୍ୟମନ୍ତ୍ରୀ ଏହାର ଶିଳାନ୍ୟାସ କରିଛନ୍ତି । ଏହାସହିତ ସେ କହିଥିଲେ ଏହି ବିକାଶ ମେଳା ଓ ଗାଁ ଗାଁ ରେ ଯେଉଁ ବିକାଶ ବାହାନ ବୁଲୁଛି ତାର ପ୍ରମୁଖ ଉଦ୍ୟେଶ ହେଉଛି, ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଁଞ୍ଚାଇବା ଓ ଏଦିଗରେ ଜନସାଧାରଣଙ୍କୁ ସଚେତନ କରାଇବା । ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ କାମାକ୍ଷାନଗରରେ ଏକ ନୂତନ କେନ୍ଦ୍ରୀୟ ବିଦ୍ୟାଳୟର ଶୁଭାରମ୍ଭ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କରକମଳରେ ଶୁଭ ଉଦଘାଟନ ହେଇଯାଇଛି । ଏହା ସହିତ ଜିଲ୍ଲାରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୨୦୨୫ - ୨୫ ଆର୍ଥିକ ବର୍ଷ ପାଇଁ ୪ ଗୋଟି ବିଦ୍ୟାଳୟ ଓ ୨୫-୨୬ ଆର୍ଥିକ ବର୍ଷ ପାଇଁ ୬୨ଗୋଟି ବିଦ୍ୟାଳୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ପାଇଁ ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଉଦଯାପନୀ ସମାରୋହରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ନିଜ ବକ୍ତବ୍ୟରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦୀପ୍ତି ରଞ୍ଜନ ସେଠି ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଧାୟକ କାମାକ୍ଷାନଗରର ଶତ୍ରୁଘ୍ନ ଜେନା, ବିଧାୟକ ପରଜଙ୍ଗ ବିଭୂତି ଭୂଷଣ ପ୍ରଧାନ, ବିଧାୟିକା ହିନ୍ଦୋଳ ସୀମାରାଣୀ ନାୟକ, ପୌରପରିଷଦ ଅଧକ୍ଷା ଜୟନ୍ତୀ ପାତ୍ର, ଜିଲ୍ଲାର ଅଧିକାରୀଗଣ, ମା' ଭଉଣୀମାନେ, ବୁଦ୍ଧିଜୀବୀ, ସାଧାରଣ ଜନତା ଓ ସାମ୍ବାଦିକ ବନ୍ଧୁଗଣ ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପରିଚାଳନା ଅବନୀ ମିଶ୍ର କରିଥିଲେ ।

### ଡାଇରିଆ ସମୀକ୍ଷା କଲା ପିସିସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍

## ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା ଦେବାରେ ବିଫଳ: ଲଲୁ



ଯାଜପୁର(ଭାସ୍କର ନ୍ୟୁଜ): ପ୍ରଦେଶ କଂଗ୍ରେସ କମିଟିର ଓଡିଶା ପ୍ରଭାରୀ ଅଜୟ କୁମାର ଲଲୁଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନକାରୀ ଟିମ ଯାଜପୁର ଗସ୍ତରେ ଆସି ଡାଇରିଆ ସଂକ୍ରମଣର ସମୀକ୍ଷା କରିଛନ୍ତି। ପ୍ରଥମେ ଧର୍ମଶାଳା ମେଡିକାଲ ଯାଇ ରୋଗୀଙ୍କ ସହ ଆଲୋଚନା ପରେ ଅରାବଳର ଆକ୍ରାନ୍ତ ପରିବାରଙ୍କ ସହ ଆଲୋଚନା କରିଛନ୍ତି। ପରେ ଟିମ୍ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଦାୟିତ୍ୱରେ ଥିବା ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ହଇଜାକୁ ରୋକିବା ପାଇଁ ପର୍ଯ୍ୟାପ୍ତ ଔଷଧ ବାଣ୍ଟିବା, ପ୍ରତି ପରିବାର ପାଖରେ ଶୁଦ୍ଧ ପାନୀୟଜଳ ପହଞ୍ଚାଇବାକୁ ପ୍ରଶାସନ ଉଦ୍ୟମ ଜରୁରି ବୋଲି କହିଥିଲେ। ଶ୍ରୀ ଲଲୁ ବିଜେପି ସରକାର ଉପରେ ବର୍ଷିବା ସହ ଗୋଟିଏ ବର୍ଷ ସରକାରରେ ମାଳ ମାଳ ଦୁର୍ନୀତି, ଅନିୟମିତତା, ବଳାତ୍କାର, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ଓଡିଶାବାସୀ ଦେଖିସାରିଲେଣି। ପୁରୁଣା ପ୍ରକଳ୍ପରେ ରଙ୍ଗମାରି ସରକାର ବାହାବା ନେଉଥିବା ବେଳେ ହଇଜା ରୋଗରେ ଶହ ଶହ ଲୋକ ଆକ୍ରାନ୍ତ ଓ କେତେକଙ୍କ ମୃତ୍ୟୁ ହେବା ସରକାରଙ୍କ ପାରିବାପଣିଆକୁ ପଦାରେ ପକାଇଛି। ଶ୍ରୀ ଲଲୁଙ୍କ ସହ ଆବାହକ ତଥା ରାଜଗାଙ୍ଗପୁର ବିଧାୟକ ଡ.ରାଜନ ଏକା, ପିସିସି ସଂପାଦିକା ଡ.ଦେବସ୍ମିତା ଶର୍ମା, ପିସିସି ସଭାପତିଙ୍କ ରାଜନୈତିକ ସଚିବ ସୁଧାଂଶୁ ଦେଓ, ସେବାଦଳ ଅଧ୍ୟକ୍ଷ ଶୁବେନ୍ଦୁ ମହାନ୍ତି, ଅଶୋକ ସ୍ୱାଇଁ, ସୁଶାନ୍ତ ତ୍ରିପାଠୀ, ନଳିନୀକାନ୍ତ ମହାନ୍ତି, ମିହିର ଆଚାର୍ଯ୍ୟ ହଇଜାର ସମୀକ୍ଷା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲା ସଭାପତି ମନୋଜ ରାଉତ, ଅଂଚଳ ଦାସ, ସୁଦିପ କୁମାର କର, ସନ୍ତୋଷ ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ଦିଲିପ ଦାସ, ଗଦାଧର ଦାସ, ଦୁର୍ଯ୍ୟୋଧନ ବେହେରା, ପଦ୍ମାକର ଗୁରୁ, ଭାସ୍କର ମହାନ୍ତି, ସଂଗ୍ରାମ ଜେନା, ସନ୍ତୋଷ ସାହୁ, ଅରଜିତ ଯେନା, ଅର୍ଣ୍ଣବ ମିଶ୍ର, ମୁନା ଖାଁ, ଅବଦୁଲ ରୌପ ପ୍ରଭୃତି ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ମୃତ୍ୟୁବରଣ କରିଥିବା ଗାନ୍ଧୀବାଦୀ ନେତା ବାଇଧର ମହାପାତ୍ରଙ୍କ ବାସଭବନ ଯାଇ ପରିବାରକୁ ଆଶ୍ୱସନା ଓ ସମବେଦନା ଜଣାଇଥିଲେ।

## ନାବାଳିକା ଅପହରଣ ନେଇ ଥାନାରେ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଅଳଣ୍ଡା ଫଂଚାୟତର ଜୈନିକ ନାବାଳିକା ବସ୍କୁ ଅପେକ୍ଷା କରିଥିବା ବେଳେ ଅପହରଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ନାବାଳିକାକୁ ଉଦ୍ଧାର କରିବା ପାଇଁ ତଦନ୍ତ ଜାରି ରଖିଛନ୍ତି । ସୂଚନା ଅନୁଯାୟୀ, ଅଳଣ୍ଡା ଫଂଚାୟତର ୧୭ ବର୍ଷିୟା ନାବାଳିକା ଗତ ୧୬ ତାରିଖ ସକାଳ ୮ଟାରେ ନିମାପଡ଼ା କମ୍ପ୍ୟୁଟର କ୍ଲାସ୍‌କୁ ଯିବା ପାଇଁ ଆସିଥିଲେ । ସଂଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଯୋଗାଯୋଗ କରିଥିଲେ ମଧ୍ୟ ନାବାଳିକା ଫୋନ ଉଠାଇ ନଥିଲେ । ତାଙ୍କ ସାଙ୍ଗସାଥୀଙ୍କୁ ପଚାରି ବୁଝିବା ସହ ସଂପର୍କୀୟଙ୍କ ଘରକୁ ଯାଇ ପଚାରି ବୁଝିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳିପାରି ନାହିଁ । ଏନେଇ ପରିବାର ବିଭିନ୍ନ ଆଶଙ୍କାରେ ଥିବାବେଳେ ଏ ସଂପର୍କରେ ନାବାଳିକାଙ୍କ ବାପା ନିମାପଡ଼ା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସ ଦଫା ୧୩୭/୨ରେ ମାମଲା ରୁଜୁ କରି ନାବାଳିକାଙ୍କୁ ଉଦ୍ଧାର ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିଲେ ମଧ୍ୟ କୌଣସି ସନ୍ଧାନ ମିଳିପାରି ନାହିଁ ।

## ମେଣ୍ଢା ଫସଲ ଖାଇବାରୁ ଜମି ମାଲିକଙ୍କ ମାଡ଼ରେ ଜଣେ ଗୁରୁତର

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ବ୍ଲକ୍ ଚାରିଛକ ଥାନା ଅଞ୍ଚଳରେ ମେଣ୍ଢା ଫସଲ କିଆରୀରେ ପଶି ଯିବାରୁ ଜୈନିକ ବ୍ୟକ୍ତିଙ୍କୁ ଠେଙ୍ଗା ଦ୍ୱାରା ଆକ୍ରମଣ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିବା ବେଳେ ଗୁରୁତର ଆହତ ବର୍ତ୍ତମାନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଛନ୍ତି । ସୂଚନା ଅନୁଯାୟୀ, ଚାରିଛକ ଥାନା ସୁଧବାରୀମୂଳ ଗ୍ରାମର ଗୌରାଙ୍ଗ ଚରଣ ଦାସ ଅଭିଯୋଗ କରିଛନ୍ତି, ଗତ ୧୮ ତାରିଖ ଅପରାହ୍ନରେ ବିଲକୁ ମେଣ୍ଢା ଚରାଇବାକୁ ନେବା ବେଳେ ଅସାବଧାନତାବଶତଃ ଗୋଟିଏ ମେଣ୍ଢା ଏକ ବିଲକୁ ପଶି ଯାଇଥିଲା । ଏନେଇ ପ୍ରଫୁଲ୍ଲ ଦାସଙ୍କ ପୁତ୍ର ଏବଂ ସ୍ତ୍ରୀ ପ୍ରତିଶୋଧ ପରାୟଣ ହୋଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରି ଠେଙ୍ଗାରେ ଗୌରାଙ୍ଗଙ୍କୁ ମାଡ଼ ମାରିଥିଲେ । ଜୀବନରୁ ମାରି ଦେବାକୁ ଉଦ୍ୟମ କରୁଥିବା ବେଳେ ତାଙ୍କ କବଳରୁ ଅଭିଯୋଗକାରୀ ଅଳ୍ପକେ ରକ୍ଷା ପାଇଥିଲେ । ଠେଙ୍ଗା ମାଡ଼ରେ ଗୌରାଙ୍ଗ ଶରୀରରେ କ୍ଷତ ଚିହ୍ନ ସୃଷ୍ଟି ହୋଇଥିବା ବେଳେ ମୁଣ୍ଡ ଫାଟି ଯାଇଥିଲା । ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ୍ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି । ଗୌରାଙ୍ଗଙ୍କ ଅଭିଯୋଗ ଆଧାରରେ ଚାରିଛକ ଥାନା ପୋଲିସ ଦଫା ୨୯୬/ ୧୧୫(୨/୩୫୧(୨)ରେ ମାମଲା ରୁଜୁ କରିଛି । ପୂର୍ବ ବିବାଦକୁ ନେଇ ଏହି ଗଣ୍ଡଗୋଳ ଘଟିଥିବା ଶୁଣିବାକୁ ମିଳିଛି ।

## ପାରାଦୀପ ମ୍ୟୁନିସିପାଲିଟିରେ ହଇଜା ନିରାକରଣ ପ୍ରସ୍ତୁତି ବୈଠକ



ପାରାଦୀପ(ଭାସ୍କର ନ୍ୟୁଜ): ସମ୍ପ୍ରତି ରାଜ୍ୟରେ ହଇଜା ରୋଗ ମାରାତ୍ମକ ଭାବେ ବ୍ୟାପିବାରେ ଲାଗିଛି ଏବଂ ବିଭିନ୍ନ ଜିଲ୍ଲାରେ ହଇଜା ରୋଗରେ ବହୁ ଲୋକ ଆକ୍ରାନ୍ତ ହେଲେଣି । ଏହାକୁ ଦୃଷ୍ଟିରେ ରଖି ପ୍ରାକ ମୁକାବିଲା ଲାଗି ପାରାଦୀପ ମୁନିସିପାଲିଟି ପକ୍ଷରୁ ଏକ ଜରୁରୀ କାଳୀନବୈଠକ ଅନୁଷ୍ଠିତ ହୋଇଯାଇଛି । ବୁଧବାର ଅପରାହ୍ନରେ ପୌରାଧକ୍ଷ ବସନ୍ତ ବିଶ୍ୱାଳଙ୍କ ଅଧକ୍ଷତାରେ ମୁନିସିପାଲିଟି ସଭା ଗୃହରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ଅଠରବାଙ୍କି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ବି.କେ.ରାଉତ, ପାରାଦୀପ ବନ୍ଦର ପିଏଚଡ଼ି ନିର୍ବାହୀ ଯନ୍ତ୍ରୀ କୁଳମଣି ବେହେରା, ପିଏଚଓ ଅଧିକାରୀ ଡା. ପାର୍ଥସାରଥୀ ରାୟ, ମୁନିସିପାଲିଟି ସହକାରୀ ଯନ୍ତ୍ରୀ ମାନସ ମୁର୍ମୁଙ୍କ ସମେତ ମ୍ୟୁନିସିପାଲିଟିର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ । ବୈଠକରେ ହଇଜାର ନିରାକରଣ ପାଇଁ ସମସ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି । ହଇଜାରେ କୌଣସି ବ୍ୟକ୍ତି ଆକ୍ରାନ୍ତ ହେଲେ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଖବର ଦେବା, ରାସ୍ତା ପାର୍ଶ୍ୱରେ ଥିବା ଦୋକାନରୁ ଖାଦ୍ୟ ନଖାଇବା, ବାସି ଖାଦ୍ୟ ନ ଖାଇବା, ଜଳକୁ ବିଶୋଧନ କରି ପିଇବା ଆଦି ଉପରେ ଏହି ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

## ଚିଙ୍ଗୁଡି ଗାଡ଼ି ଅପହରଣ ନେଇ ଥାନାରେ ପୃଥକ ମାମଲା

ଚାନ୍ଦବାଲି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ଚାନ୍ଦବାଲିର ମୋତ ବଜାରରେ ଚିଙ୍ଗୁଡ଼ି ଗାଡି ଅପହରଣକୁ କେନ୍ଦ୍ର କରି ଚିଙ୍ଗୁଡ଼ି କମ୍ପାନୀର କର୍ମଚାରୀ ଥାନାରେ ଏତଲା କରିଥିବା ବେଳେ ଅପରପକ୍ଷରେ ମିଛ ଅଭିଯୋଗ ଦର୍ଶାଇ ଡ୍ରାଇଭର ସମେତ ଚିଙ୍ଗୁଡ଼ି ମାଫିଆଙ୍କ ସମ୍ପୃକ୍ତି ଥିବା ପାଲଟା ଅଭିଯୋଗ । ଅଭିଯୋଗ ଅନୁଯାୟୀ ଭରତ ଚନ୍ଦ୍ର ଦାସ ଡ୍ରାଇଭର ସହାୟତାରେ କଣ୍ଟେନର ଚଳାଇ ଚିଙ୍ଗୁଡ଼ି ଗାଡି ବିକ୍ରି ପାଇଁ ଭଦ୍ରକ ଯାଉଥିବା ବେଳେ ଚାନ୍ଦବାଲି ମତୋ ବଜାର ନିକଟରେ ବନ୍ଧୁକ ଦେଖାଇ ଡ୍ରାଇଭର ଓ ଦୁଇ ସହଯୋଗୀଙ୍କୁ ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଅଞ୍ଚଳର ଏକ ଫାର୍ମରେ ଅଟକ ରଖି ଥିଲେ। ମାଛ ଖାଲି କରି ଜାତୀୟ ରାଜପଥ କଡ଼ରେ ଛାଡ଼ି ଦେଇଥିଲେ। ଅପହରଣକୁ ନେଇ ଥାନାରେ ଅଭିଯୋଗ କରିଥିଲେ ଭରତ ଦାସ। ନିଶାସକ୍ତ ହୋଇ ବିଜେପିର ନେତା ଅଶୋକ ରାଉଳ ଏବଂ ତାଙ୍କର ସହଯୋଗୀ କାଣ୍ଡ ଭିଆଇଛନ୍ତି ବୋଲି ଚାନ୍ଦବାଲି ଥାନାରେ ଅଭିଯୋଗ କରିଛନ୍ତି। ଘଟଣାରେ ବିଜେପି ନେତା ଅଶୋକ ରାଉଳ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କର କହିବା କଥା ସେ ମ୍ୟାଗନମ୍ ଲିଃ. କମ୍ପାନୀର ଏଜେନ୍ସୀ ପାଇଁ ଅଥୋରାଇଜ୍ ଭାବେ ବିଭିନ୍ନ ଜିଲ୍ଲାରେ ତାଙ୍କୁ ଦାୟିତ୍ୱ ଦିଆଯାଇଛି । ପ୍ରତ୍ୟେକ ଚିଙ୍ଗୁଡ଼ି ଚାଷୀ କମ୍ପାନୀରୁ ମାଛର ଖାଦ୍ୟ ଏବଂ ଔଷଧପତ୍ର ନେଇଥିଲେ ମଧ୍ୟ ଚିଙ୍ଗୁଡ଼ି ମାଫିଆ ମାଛଧରି ଅନ୍ୟତ୍ର ବିକ୍ରି କରି ଦେଉଛନ୍ତି। ତେଣୁ କମ୍ପାନୀର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଥିଲେ ମଧ୍ୟ ଏମାନେ ବାକି ରଖି ଅନ୍ୟତ୍ର ବିକ୍ରି କରି ଲାଭବାନ ହେଉଛନ୍ତି। କମ୍ପାନୀର କ୍ଷତି ପାଇଁ ମୋ କର୍ମଚାରୀ ପଚାରିଲେ ମଧ୍ୟ କଣ୍ଟେନର ଡ୍ରାଇଭର ଓ ସହଯୋଗୀ ଫାଙ୍କି ଦେଇ ମାଛ ଅନ୍ୟତ୍ର ବିକ୍ରି କରି ଆମ ମୁଣ୍ଡରେ ଦୋଷ ଲଦିଛନ୍ତି। ଏଥିରେ ମୋର କୌଣସି ଭୂମିକା ନାହିଁ। ଭିତ୍ତିହୀନ ଅଭିଯୋଗ କରିଛନ୍ତି ସେମାନେ। ସେମାନଙ୍କ ଡ୍ରାଇଭର ଓ ତାଙ୍କର ସହଯୋଗୀ ମାଛ ବିକ୍ରି କରି ବଦନାମ କରିବା ପାଇଁ ଏକ ଚକ୍ରାନ୍ତ ବୋଲି ଅଭିଯୋଗ କରିଛନ୍ତି ବିଜେପି ନେତା । ଘଟଣାରେ ଚାନ୍ଦବାଲି ଥାନାରେ ପୃଥକ ଏତଲା କରାଯାଇଛି। ପୋଲିସ ଏହି ଘଟଣାକୁ ନେଇ ତଦନ୍ତ ଚଳାଇଛି।

## ପ୍ରକାଶଙ୍କ ସଂଘରେ ୧୫୦ରୁ ଉର୍ଦ୍ଧ୍ୱ ଶ୍ରମିକ ସାମିଲ୍



ପାରାଦୀପ(ଭାସ୍କର ନ୍ୟୁଜ): ପିଆଇସିଟିରେ କାର୍ଯ୍ୟରତ ସଂଘ ଭାଗ ଶ୍ରମିକ ଜଣାଶୁଣା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ନେତୃତ୍ୱାଧୀନ ପାରାଦୀପ ପୋର୍ଟ ମଜଦୁର ସଂଘ (ପିପିଏମଏସ)ରେ ସଭ୍ୟ ଥିବା ବେଳେ ଅଳ୍ପ ସଂଖ୍ୟକ ଶ୍ରମିକ ବିଭିନ୍ନ ଶ୍ରମିକ ସଂଗଠନରେ ସଭ୍ୟ ଅଛନ୍ତି । ପିଆଇସିଟିର ଶ୍ରମିକ ମାନେ ପାରାଦୀପ ପୋର୍ଟ ମଜଦୁର ସଙ୍ଘ ଦ୍ୱାରା ନ୍ୟାୟ ପାଉଥିବାରୁ ଅନ୍ୟ ଶ୍ରମିକ ସଂଗଠନ ଗୁଡିକ ଛାଡି ଏହି ସଙ୍ଘରେ ସଭ୍ୟ ହେବାକୁ ଅନେକ ଉଚିତ ମନେ କରୁଛନ୍ତି । ବାପି ସର୍କେଲଙ୍କ ଶ୍ରମିକ ସଂଘରେ ପିଆଇସିଟିରେ କାମ କରୁଥିବା ଷ୍ଟିଚର, ଫିଲର ଅପରେଟର ଓ ହପର ଭାବେ କାର୍ଯ୍ୟ କରୁଥିବା ଦେଢଶହରୁ ଉର୍ଦ୍ଧ ଶ୍ରମିକ ବାପିଙ୍କ ଦ୍ୱାରା ପ୍ରତାରିତ ହେଲାପରେ ସଂଘରୁ ଇସ୍ତଫା ଦେଇ ଗୁରୁବାର ବିଧିବଧ ପ୍ରକାଶଙ୍କ ଶ୍ରମିକ ସଂଘରେ ସାମିଲ ହୋଇଛନ୍ତି । ଶ୍ରମିକଙ୍କ କହିବା କଥା ସର୍କେଲଙ୍କ ସଂଘରେ ଆମେ ୫ ବର୍ଷରୁ ଉର୍ଦ୍ଧ ହେବ ଆମ ନ୍ୟାଯ୍ୟ ଦାବି ପାଇବା ପାଇଁ ବିଶ୍ୱାସ ଓ ଭରଷା କରି ରହିଥିଲୁ । କିନ୍ତୁ ବାପି ଆମ କଥା ବୁଝିବା ପରିବର୍ତ୍ତେ କମ୍ପାନୀ ସହ ସଲାସୁତୁରାରେ ରହିଲେ ଏବଂ ଆମକୁ ବିଭିନ୍ନ ମିଛ ପ୍ରତିଶ୍ରୁତି ଦେଇ ସମୟ ପରେ ସମୟ ଗଡ଼ାଇ ଚାଲିଲେ । ଯେତେବେଳେ ଆମେ ଅନୁଭବ କଲୁ, ସର୍କଲ କମ୍ପାନୀ ଠାରୁ ମୋଟା ଅଙ୍କର ଅର୍ଥ ଆଣି ଆମକୁ ଭଣ୍ଡାଇବାକୁ ଲାଗିଛନ୍ତି ସେତେବେଳେ ଆମେ ବାଧ୍ୟ ହୋଇ ଶୋଷଣକାରୀ ନେତା ସର୍କେଲଙ୍କୁ ଛାଡି ପୋଷଣକାରୀ ଲଢୁଆ ଶ୍ରମିକ ନେତା ପ୍ରକାଶଙ୍କ ପାରାଦୀପ ପୋର୍ଟ ମଜଦୁର ସଂଘରେ ସାମିଲ ହେଲୁ ଏବଂ ଆମେ ଦୃଢ଼ ନିଶ୍ଚିତ ଯେ ଦିଗଦର୍ଶୀ ଶ୍ରମିକ ନେତା ପ୍ରକାଶଙ୍କ ମାଧ୍ୟମରେ ଆମର ବହୁ ପ୍ରତିକ୍ଷିତ ସମସ୍ୟାର ସମାଧାନ ହୋଇ ଆମେ ନ୍ୟାୟ ପାଇବୁ । ଏହି ଶ୍ରମିକ ମିଶ୍ରଣ ପର୍ବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା, ସାଧାରଣ ସମ୍ପାଦକ ପରେଶ ମୁର୍ମୁ, ଉପସଭାପତି ସୁବ୍ରତ ପ୍ରଧାନ, ଉପଦେଷ୍ଟା ସର୍ବେଶ୍ୱର ବଳିୟାରସିଂ ପ୍ରମୁଖ ଉପସ୍ଥିତ ଥିଲେ ।

## ସରକାରୀ ରାସ୍ତା ନିର୍ମାଣକୁ ବିରୋଧ, ଥାନାରେ ଅଭିଯୋଗ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ରେଞ୍ଚ ପଞ୍ଚାୟତ ଖେଲାର ଗ୍ରାମରେ ବ୍ଲକ୍ ଅନୁଦାନରେ ନିର୍ମାଣ ରାସ୍ତାକୁ ନେଇ ବିବାଦ ଦେଖାଦେଇଛି । କାର୍ଯ୍ୟ କରୁଥିବା ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ସଲା ସୁତୁରାରେ ଘରୋଇ ଜାଗାରେ ରାସ୍ତା ନିର୍ମାଣ କରାଯାଉଥିବା ବେଳେ ସରକାରୀ ରାସ୍ତାରେ ରାସ୍ତା ନିର୍ମାଣ କରା ନଯାଇ ଗୃହ ମାଲିକଙ୍କୁ ଧମକ ଦିଆଯିବା ସହ ଜଣେ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ମହିଳାଙ୍କ ଘର ଆଗରେ କେତେକ ବ୍ୟକ୍ତି ଶାବଳ ଓ କୋଦାଳ ଧରି ଆତଙ୍କ ରଚିଛନ୍ତି । ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାସ୍ଥଳରେ ଅନୁଧ୍ୟାନ କରିଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ରେଞ୍ଚ ପଞ୍ଚାୟତ ଖେଲାର ମହାନ୍ତି ସାହିରେ ବ୍ଲକ୍ ଅନୁଦାନ ଅର୍ଥରେ ରାସ୍ତା ନିର୍ମାଣ କରାଯାଉଛି । ମାତ୍ର ରାସ୍ତା ନିର୍ମାଣ କରାଯାଉଥିବା ଜାଗାର କିଛି ଅଂଶ ଘରୋଇ ଥିବାବେଳେ ମାପଚୁପ କରି ରାସ୍ତା ନିର୍ମାଣ କରିବାକୁ ସିପ୍ରା ମହାନ୍ତି କହିଥିଲେ । ମାତ୍ର ରାସ୍ତା ନିର୍ମାଣ କରୁଥିବା ଦଳୀୟ କର୍ମୀ ଓ ଠିକାଦାର ଏଥିପ୍ରତି ଗୁରୁତ୍ୱ ନ ଦେଇ ନିର୍ମାଣ କରିବାରୁ ମହିଳା ପ୍ରତିବାଦ କରିଥିଲେ । ନିର୍ମାଣ କରୁଥିବା ଏକାଧିକ ବ୍ୟକ୍ତି ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଧରି ଆତଙ୍କ ରଚି ନିର୍ମାଣ କାର୍ଯ୍ୟ ଚଳାଇଥିଲେ । ଏ ସଂପର୍କରେ ମହିଳା ସିପ୍ରା ମହାନ୍ତି ନିମାପଡ଼ା ଥାନାରେ ଅଭିଯୋଗ ଦେଇଥିବା ବେଳେ ପୋଲିସ ଯାଇ ରାସ୍ତା କାମ ବାରଣ କରିଥିଲେ ମଧ୍ୟ ଦଳୀୟ କର୍ମୀମାନେ ପୋଲିସ କଥା ନ ଶୁଣି ରାସ୍ତା ନିର୍ମାଣ କାର୍ଯ୍ୟ ଚଳାଇଛନ୍ତି ଓ ମହିଳାଙ୍କୁ ଏପରି ବ୍ୟବହାର କର୍ମୀଙ୍କ ଉଦ୍ଧତ ବେଳକୁ ବେଳ ବଢ଼ି ଚାଲିଛି । ସିପ୍ରା ମହାନ୍ତି ଥାନାରେ ଅଭିଯୋଗ କରିବା ସହ ମାମଲା ରୁଜୁ ପାଇଁ ପୋଲିସ ନିକଟରେ ଦାବି କରିଥିବା ବେଳେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା କରାଯାଇ ପ୍ରଶାସନକୁ ପକ୍ଷ କରାଯିବ ବୋଲି କହିଛନ୍ତି । ଘଟଣାକୁ ନେଇ ବିବାଦ ତୀବ୍ର ରୂପ ଧାରଣ କରିଥିବା ବେଳେ କ'ଣ ପାଇଁ ବ୍ଲକ୍ ପ୍ରଶାସନ ମାପଚୁପ ନ କରି ରାସ୍ତା ନିର୍ମାଣ କଲା ତାହା ଏବେ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ବ୍ଲକ୍ ପ୍ରଶାସନ ମାପଚୁପ କରିବାକୁ କାହିଁକି ମଙ୍ଗୁ ନାହିଁ ଏହା ପଛରେ କାହାର ହାତ ରହିଛି ତାହାକୁ ନେଇ ମହିଳା ପ୍ରଶାସନକୁ ପ୍ରଶ୍ନ କରିଛନ୍ତି ।

## ପିଏମ୍‌ଏୱାଇ କାର୍ଯ୍ୟାଦେଶ ବଣ୍ଟନ ଓ ବିକାଶ ବାହନ ଶୁଭାରମ୍ଭ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ( ସହରାଞ୍ଚଳ)ର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶ ବାହନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୩୦୪ ଜଣ ଆବାସ ହିତାଧିକାରୀଙ୍କ ମଧ୍ୟରୁ ପ୍ରତି ୱାର୍ଡରୁ ଦୁଇଜଣ ଲେଖାଏଁ ୧୫ଟି ୱାର୍ଡର ୩୦ ଜଣଙ୍କୁ କାର୍ଯ୍ୟାଦେଶ, ୧୧ ଜଣଙ୍କୁ ବାର୍ଦ୍ଧକ୍ୟ/ ବିଧବା ଭତ୍ତା, ଦୁଇଜଣଙ୍କୁ ରାସନ କାର୍ଡ ଓ ଜଣେ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ବଣ୍ଟନ କରିଥିଲେ । ପରେ ରାଜ୍ୟ ସରକାରଙ୍କ ସଫଳତା ବାର୍ତ୍ତା ପ୍ରଚାର ପାଇଁ ବିକାଶ ବାହନର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ (ଇନଚାର୍ଜ),



କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁ, କୃପାସିନ୍ଧୁ ବେହେରା, ନରେନ୍ଦ୍ର କୁମାର ବେହେରା, ମନମୋହନ ସାହୁ, ସସ୍ମିତା ନାୟକ, ମଞ୍ଜୁଲତା ସେଠୀ, ଗୋଷ୍ଠୀ ସଂଗଠିକା ଚିନ୍ମୁମୀନା ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ଗୁଣନିଧି ପାତ୍ର ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ୍ ୨ ମହିଳା ଗୁରୁତର

ରଘୁନାଥପୁର(ଭାସ୍କର ନ୍ୟୁଜ): ରଘୁନାଥପୁର ଥାନା ଅନ୍ତର୍ଗତ କଟକ ପାରାଦୀପ ରାସ୍ତାର ତାରପୁର ପୁରୁଣା ବଜାର ନିକଟରେ ଏକ ପିକ୍‌ଅପ୍ ଭ୍ୟାନ୍ ଚାଲି ଚାଲି ଯାଉଥିବା ୨ ମହିଳାଙ୍କୁ ପଛପଟୁ ଧକ୍କା ଦେଇଥିଲା । ଫଳରେ ସେମାନେ ନିକଟରେ ଥିବା ଗଛରେ ପିଟିହୋଇ ତଳେ ପଡିଯାଇଥିଲା । ସ୍ଥାନୀୟ ଲୋକେ ମହିଳାଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା । ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ମେଡ଼ିକାଲକୁ ରେଫର କରିଛନ୍ତି । ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ତାରପୁର ଗ୍ରାମର ବାବୁନା ସେଠୀଙ୍କ ସ୍ତ୍ରୀ ବେବିନା ସେଠି ଓ ଶଙ୍କର ସେଠୀଙ୍କ ସ୍ତ୍ରୀ ନମିତା ସେଠି । ଘଟଣା ସ୍ଥଳରେ ରଘୁନାଥପୁର ଥାନା ପୋଲିସ ପହଞ୍ଚି ଓଡି ୦୨ ସିଜେ ୩୮୭୮ ଭ୍ୟାନକୁ ଜବତ କରିବା ସହ ଏହାର ଚାଳକଙ୍କୁ ଅଟକ ରଖିଛି ।

## ଅନ୍ତର୍ଜାତୀୟ ଯୋଗ ଦିବସରେ ତଟରକ୍ଷୀ ବାହିନୀର ଯୋଗାଭ୍ୟାସ୍

ପାରାଦୀପ(ଭାସ୍କର ନ୍ୟୁଜ): ଆସନ୍ତା ଜୁନ ୨୧ ତାରିଖ ଅନ୍ତର୍ଯ୍ୟାତିୟ ଯୋଗ ଦିବସ ୨୦୨୫ ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ସଚେତନତା ନିମିତ୍ତ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଆର୍ଟ ଅଫ ଲିଭିଙ୍ଗ ସହଯୋଗରେ ଗୁରୁବାର ତଟରକ୍ଷୀ ବାହିନୀ ଜାହାଜ ଆଇସିଜିଏସ ବିଜୟରେ ଏକ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଯୋଗଦେଇ ଯୋଗ ଅଭ୍ୟାସ କରିବା ସହ ଯୋଗ ଅଭ୍ୟାସର ଉପକାରିତା ଉପରେ ଆଲୋକପାତ କରିଥିଲେ । ଯୋଗଗୁରୁ ତାପସ ରଞ୍ଜନ ପତିଙ୍କ ଦ୍ୱାରା ପ୍ରଶିକ୍ଷିତ ଏହି ଯୋଗ ଅଭ୍ୟାସ କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ସମେତ ତଟରକ୍ଷୀ ବାହିନୀର ବହୁ ଅଧିକାରୀ ସାମିଲ ହୋଇଥିଲେ । ଆସନ୍ତା ୨୧ରେ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିଅମ ଠାରେ ଆନ୍ତର୍ଯ୍ୟାତିୟ ଯୋଗ ଦିବସ ମହା ସମାରୋହରେ ପାଳନ କରାଯାଉଥିବା ବେଳେ ଏଥିରେ ବହୁ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ଯୋଗ ଅଭ୍ୟାସ କରିବା ନେଇ ଆଶା କରାଯାଉଛି ।

# ନୂଆସାହି ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍



ତିହିଡ଼ି(ଭାସ୍କର ନ୍ୟୁଜ): ଭଦ୍ରକ ଜିଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ଗୁରୁବାର ପୂର୍ବାହ୍ନରେ ବାତ୍ୟା ଆଶୟସ୍ଥଳୀୟ ସାମୁହିକ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ଓ ବାତ୍ୟା ଆଶ୍ରୟ ସ୍ଥଳୀର ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଡ଼ିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟ ଏବଂ ତ୍ରିବେଣୀ ଟ୍ରଷ୍ଟର ଅଧକ୍ଷା ରଞ୍ଜୁଲତା ଗାହାଣଙ୍କ ସଞ୍ଚାଳନରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଯୋଗଦେଇ ବିପର୍ଯ୍ୟୟ ସମୟରେ ନିଜକୁ ରକ୍ଷା କରିବା ସହିତ ଅନ୍ୟ ବିପନ୍ନଙ୍କୁ ମଧ୍ୟ ସୁରକ୍ଷା ଦେବା ଜରୁରୀ ବୋଲି କହିଥିଲେ । ବରେଣ୍ୟ ଅତିଥି ଭାବେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଏବିଡ଼ିଓ ମାନସ କୁମାର ଜେନା, ସରପଞ୍ଚ ତଥା ବତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ଓ ରକ୍ଷଣାବେକ୍ଷଣ ସମିତି ସଭାପତି ସୁପ୍ରଭା ପାଣି, ସ୍ୱାସ୍ଥ୍ୟ ନିରୀକ୍ଷକ ରବିନ୍ଦ୍ର ପାଣିଗ୍ରାହୀ, ଟିଆରଓ ଅମିତ କୁମାର ପାଢ଼ୀ, ଅଙ୍ଗନୱାଡି ସୁପରଭାଇଜର ହାରାମଣି ଦାସ, ରାଜସ୍ୱ ସୁପରଭାଇଜର ଧନେଶ୍ୱର ମାରାଣ୍ଡି, ଅଗ୍ନିଶମ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବାତ୍ୟା ଓ ବନ୍ୟା ସମୟରେ କିପରି ନିଜକୁ ସୁରକ୍ଷିତ ରଖି ଅନ୍ୟମାନଙ୍କୁ ରକ୍ଷା କରିପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ । ପରେ ଅଗ୍ନିଶମ ବିଭାଗ ଅଧିକାରୀ ଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ କର୍ମଚାରୀମାନେ ସାମୁହିକ ଅଭ୍ୟାସ ପ୍ରଦର୍ଶନ କରିଥିଲେ । ବନ୍ୟା, ବାତ୍ୟା ପରି ବିପର୍ଯ୍ୟୟ ସମୟରେ ବିପନ୍ନମାନଙ୍କୁ ଉଦ୍ଧାର କରାଯିବା, ଭାଙ୍ଗି ପଡ଼ିଥିବା ଗଛକୁ କାଟି ସଫା କରାଯିବା, ଗ୍ୟାସ ସିଲିଣ୍ଡରରେ ଆକସ୍ମିକ ଭାବେ ଲାଗିଯାଇଥିବା ନିଆଁ ଲିଭାଯିବା, ଅଗ୍ନି ବିପନ୍ନଙ୍କୁ ଘରର ଉପରତାଲାରୁ ଉଦ୍ଧାର କରାଯିବା ଇତ୍ୟାଦି କୌଶଳ ପ୍ରଦର୍ଶନ କରିଥିଲେ । ଏଥିସହିତ ସାପକାମୁଡ଼ା ବେଳେ କିପରି ନିଜକୁ ରକ୍ଷା କରିପାରିବ ସେନେଇ ମଧ୍ୟ ସୂଚନା ଦିଆଯାଇଥିଲା । ତିହିଡ଼ି ଅଗ୍ନିଶମ ବିଭାଗ ପକ୍ଷରୁ ସୁବାସ ଚନ୍ଦ୍ର ରାଉତ ମକଡ୍ରିଲରେ ସହଯୋଗ କରିଥିବା ବେଳେ ତିହିଡ଼ି ଓ ଗଦି ଅଗ୍ନିଶମ ବିଭାଗ କର୍ମଚାରୀମାନେ ମକଡ୍ରିଲ ପ୍ରଦର୍ଶନ କରି ଜନସାଧାରଣଙ୍କୁ କୌଶଳ ଶିଖାଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତ, କନିଷ୍ଠ ଯନ୍ତ୍ରୀ ତଥା ନୋଡାଲ ଅଫିସର ଲଳାଟେନ୍ଦୁ ପାଲ, ବାତ୍ୟା ଆଶ୍ରୟସ୍ଥଳୀ ପରିଚାଳନା ସମିତି ସମ୍ପାଦକ ଦୀପକ ଦାସ, ପିଇଓ ରମାକାନ୍ତ ଦାସ, ରାଜସ୍ୱ ନିରୀକ୍ଷକ ଆଶୁତୋଷ ଦାସ, ଆପଦମିତ୍ର ପବିତ୍ର ମୋହନ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ବିନା ଫୁଡ୍ ଲାଇସେନ୍ସରେ ଖୋଲିଛି ଶତାଧିକ ହୋଟେଲ ଓ ଦୋକାନ

# ଝାଡାବାନ୍ତି ଭୟ ବଢୁଛି, ସିଲ୍ କରୁନି ପ୍ରଶାସନ



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଦାୟିତ୍ୱ ହୀନ ପାଲଟିଛି ଖାଦ୍ୟ ନିରାପତ୍ତା ଓ ଜନସ୍ୱାସ୍ଥ୍ୟ ବିଭାଗ । ବିନା ଫୁଡ ଲାଇସେନ୍ସ ରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ସମେତ ଗାଁ ଯାଏଁ ଖୋଲିଛି ଛତୁ ଫୁଟିବା ଭଳି ଖାଦ୍ୟ ବିକ୍ରି ଠେଲା ଗାଡି, ଦୋକାନ, ହୋଟେଲ ଓ ରେଷ୍ଟରାଣ୍ଟ । ଖାଦ୍ୟ ବିକ୍ରି କରୁଥିବା ଏହି ଦୋକାନୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି । ଜିଲ୍ଲାପାଳ, ଉପଜିଲ୍ଲାପାଳ, ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ବିନା ଫୁଡ ଲାଇସେନ୍ସରେ କିମ୍ବା ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ଦୋକାନ, ଚାଟ, ଗୁପଚୁପ, ଦହିବରା, ମିଷ୍ଟାନ ଭଣ୍ଡାର, ଫାଷ୍ଟ ଫୁଡ, ପାଣି ଫାକ୍ଟ୍ରି ପ୍ରଭୃତି ସିଲ କରାଯିବା କଥା । ଏଥିସହ ବିକ୍ରି ଖାଦ୍ୟ ଜବତ କରି ସେମାନଙ୍କ ବିରୋଧରେ ଆଇନି ଅନୁଯାୟୀ ଜରିମାନା ଓ କାର୍ଯ୍ୟନୁଷ୍ଠାନ ହେବା କଥା । ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଛାତି ଉପରେ ଶତାଧିକ ବେଆଇନି ଖାଦ୍ୟ ବିକ୍ରି ଦୋକାନ ଖୋଲିଛି ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ହେଉନି ସେଠାରେ ଗ୍ରାମାଞ୍ଚଳ କଥା ନକହିବା ଭଲ । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଝାଡାବାନ୍ତି ଆକ୍ରାନ୍ତ ଦେଖା ଯିବା ପରେ ଶୋଇ ରହିଥିବା ବିଭାଗ ହଠାତ ଚେଇଁ ଉଠିଛି । ଝାଡାବାନ୍ତି ବ୍ୟାପିବାର କାରଣ ଖୋଜିବା ସହିତ ବିଷାକ୍ତ ଖାଦ୍ୟ ପାଇଁ ଏହା ସନ୍ଦେହ କରି ବୁଧବାର ବିପୁଳ ପରିମାଣର ବିକ୍ରି ହେଉଥିବା ଖାଇବା ଅନୁପଯୋଗୀ ଖାଦ୍ୟ ଓ ପାଣିର ନମୁନା ସଂଗ୍ରହ କରି ନେଇଛନ୍ତି । ମାତ୍ର ଏ ପର୍ଯ୍ୟନ୍ତ ଖାଇବା ଅନୁପଯୋଗୀ ଖାଦ୍ୟ ବିକ୍ରି କରୁଥିବା ପ୍ରତିଷ୍ଠାନ କିମ୍ବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଲାନି । ଯାହା ବୁଦ୍ଧିଜୀବୀଙ୍କୁ ତାଜୁବ କରିଛି । ହେଲେ ଏ ପର୍ଯ୍ୟନ୍ତ ପୂର୍ଣ୍ଣ ଆକ୍ସନ ମୋଡ଼କୁ ପ୍ରଶାସନ ଆସି ପାରିଲା ନାହିଁ । କେବଳ ଚଢ଼ାଉରେ କାର୍ଯ୍ୟ ସୀମିତ ରହିଛି । ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ବିଭିନ୍ନ ଗ୍ରାମାଞ୍ଚଳ ରେ କିଛି ଦିନହେବ ମାତିଛନ୍ତି ନକଲି ଫୁଡ ଅଫିସର, ନିଜକୁ ଖାଦ୍ୟ ନିରାପତ୍ତା ବିଭାଗ ଅଧିକାରୀ କହି ବିଭିନ୍ନ ଦୋକାନରେ ନକଲି ଫୁଡ ଲାଇସେନ୍ସ ଦେଇ ବ୍ୟବସାୟୀଙ୍କୁ ଠକୁଥିବା ବେଳେ ଯାହା ବୁଧବାର ଖାଦ୍ୟ ନିରାପତ୍ତା ବିଭାଗ ଅସ୍ତରଙ୍ଗ ବଜାରରେ ଚଢ଼ାଉ ଜାରୀ ରଖିଥିବା ବେଳେ ଜଣେ ବ୍ୟବସାୟୀଙ୍କ ଲାଇସେନ୍ସ କାଗଜ ଦେଖି ତାଜୁବ ହେବା ସହ ବ୍ୟବସାୟୀଙ୍କୁ ସଚେତନ କରିଥିଲେ କିନ୍ତୁ କାହିଁକି ନକଲି ଫୁଡ ଅଫିସର ସାଜିଥିବା ବ୍ୟକ୍ତି କୁ ଧରିବାକୁ ଚାହିଁଲା ନାହିଁ । ନକଲି ଅଫିସରଙ୍କଠାରୁ ଦୂରେଇ ରହିବାକୁ ସଚେତନ କରିଥିଲେ ସର୍ବେ ସମ୍ମୁଖରେ । ବିନା ଫୁଡ ଲାଇସେନ୍ସରେ ଅନେକ ବ୍ୟବସାୟୀ ବିଭିନ୍ନ ପ୍ରକାର ପ୍ୟାକେଟ ଖାଦ୍ୟ ବିକ୍ରି କରୁଛନ୍ତି । ଖାଦ୍ୟକୁ ଆକର୍ଷଣୀୟ କରିବା ନିମନ୍ତେ ହାନିକାରକ ରଙ୍ଗ, ସ୍ୱାଦ ସାଙ୍ଗକୁ ଖାଦ୍ୟକୁ ଅଧିକ ସମୟ ସତେଜ ରଖିବାକୁ ରାସାୟନିକ ମିଶ୍ରଣ କରାଯାଉଛି । ଏହାକୁ ଖାଇ ଲୋକେ ଝାଡାବାନ୍ତିରେ ପଡୁଛନ୍ତି । ହେଲେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ଅସାଧୁ ମେଣ୍ଟ ଏହାର କାରଣ ହୋଇଛି । ଯାହା ଅସନ୍ତୋଷ ବିଷୟ ହୋଇଛି । ଏ ନେଇ ଖାଦ୍ୟ ନିରାପତ୍ତା ଅଧିକାରୀ କହିଛନ୍ତି ଏବେ କେବଳ ବିଭାଗ ପକ୍ଷରୁ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରାଯାଉଛି । ଅପମିଶ୍ରିତ ଖାଦ୍ୟ, ପାନୀୟ ପ୍ରଭୃତି ଜବତ କରାଯିବା ସହ ସଚେତନ କରାଯାଉଛି । ବର୍ତ୍ତମାନ ସୁଦ୍ଧା ଅପମିଶ୍ରିତ ବା ଅଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ପ୍ରତିଷ୍ଠାନ ଓ ଦୋକାନ ସିଲ କରାଯାଇନି । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମିଳିଲେ ଏପରି କାର୍ଯ୍ୟାନୁଷ୍ଠାନ ହେବ ।



ନବରଙ୍ଗପୁର, (ଭାସ୍କର ନ୍ୟୁଜ) : ସ୍ଥାନୀୟ ନୂତନ ମଣ୍ଡେଇ ପଡ଼ିଆ ଠାରେ ଅନୁଷ୍ଠିତ ବିକାଶମେଳା ୨୦୨୫ କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା, ନବରଙ୍ଗପୁର ତରଫରୁ ନିପୁଣ ଓଡ଼ିଶା ଏବଂ ଦକ୍ଷତା ବିକାଶ ବିଭାଗ ତରଫରୁ ବିଭାଗୀୟ ବିଭିନ୍ନ ଯୋଜନା ବିଷୟରେ ଏକ ତଥ୍ୟଭିତ୍ତିକ ସୁଚନା ଭିଡିଓ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ନନ୍ଦାହାଣ୍ଡି ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁରଜ କୁମାର ପାତ୍ର ନିପୁଣ ଓଡ଼ିଶା ଉପରେ ବିଭିନ୍ନ ସରକାରୀ ସୁଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଜିଲ୍ଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ଡିଆଇପିଆର୍ ଓ ମନୋଜ କୁମାର ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ୧୦ଟି ବ୍ଲକ୍‌ର ଗୋଷ୍ଠୀ ଶିକ୍ଷାଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସି.ଆର୍‌ସିସି, ଶିକ୍ଷକ, ଶିକ୍ଷୟିତ୍ରୀ, ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା, ଏକଲବ୍ୟ ବିଦ୍ୟାଳୟ, ମୋଡ଼େଲ ଡିଗ୍ରୀ ମହାବିଦ୍ୟାଳୟ ଓ ପଲିଟେକ୍ନିକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ । ଶିକ୍ଷାବିଭାଗର ବିଗତ ବର୍ଷର ଉପଲବ୍ଧି ଉପସ୍ଥାପନ କରାଯାଇଥିଲା। ଜିଲ୍ଲା ନିୟୋଜନ ଓ ଦକ୍ଷତା ବିକାଶ ଅଧିକାରୀ ଆନନ୍ଦ ପଲେଇଙ୍କ ଦ୍ୱାରା ନିୟୋଜନ ଓ ଦକ୍ଷତା ବିକାଶ କ୍ଷେତ୍ରରେ ନିଆଯାଉଥିବା ପଦକ୍ଷେପ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରାଯାଇଥିଲା।

## ମିନତିଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର



ଭାପୁର, (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ ଶାଳପଡା ପଞ୍ଚାୟତ ବାରବାଟି ଗ୍ରାମର ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ ସ୍ତ୍ରୀ ମିନତି ପଣ୍ଡାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି । ଗୃହିଣୀ ହୋଇ ଗଛ ଲଗେଇବା ରୁଚି ଥିବାରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୨୪-୨୫ ବର୍ଷ ପାଇଁ ତାଙ୍କୁ ନୟାଗଡସ୍ଥ ମିନି ଷ୍ଟାଡିୟମ୍ ଠାରେ ଆୟୋଜିତ ବିକାଶ ମେଳାର ଉଦ୍‌ଯାପନୀ ଦିବସ ବୁଧବାର ସଂନ୍ଧ୍ୟାରେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଛି। ସେ ଘର କାମରୁ ସମୟ ମିଳିଲେ ଗଛ ଲଗେଇବା ସହିତ ଗଛର ଯତ୍ନ ନେଇଥାନ୍ତି ଏବଂ ସୁମଧୁର ସଙ୍ଗୀତ ଗାନ କରନ୍ତି । ଏମିତି ଗଛ ଲଗେଇ ଲଗେଇ ଦୀର୍ଘ ୧୦/୧୨ ବର୍ଷ ମଧ୍ୟରେ ଏକ ଏକର ଜମିରେ ୨୦୦ରୁ ଉର୍ଦ୍ଧ୍ୱ ଆମ୍ବ, ପଣସ, ପିଜୁଳି, ଆକାସିଆ, ଶାଗୁଆନ ଆଦି ଫଳ ଓ ଜଙ୍ଗଲ ଜାତ ଗଛ ଲଗେଇ ଯତ୍ନ ସହକାରେ ବଡ କରିଛନ୍ତି । କାର୍ଯ୍ୟକ୍ରମରେ, ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁ, ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ, ପ୍ରଫେସର ପୃଥ୍ୱୀରାଜ, ଶିକ୍ଷାବିତ୍ ରାଜେନ୍ଦ୍ର ସାହୁ, ଲୋକ ଓ ସଂସ୍କୃତି ବିଭାଗ ଅଧିକାରିଣୀ ସୁଜାତା ସାହୁ ଉପସ୍ଥିତ ରହି ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ମିନତି ପଣ୍ଡାଙ୍କୁ ମାନପତ୍ର ସହିତ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୩ ମସିହାରେ ସେହି ଗ୍ରାମର ଗୃହିଣୀ ରିତାଞ୍ଜଳି ଷଡ଼ଙ୍ଗୀ ମଧ ଏହି ପୁରସ୍କାର ପାଇଥିଲେ।

## ମାଦକ ଦ୍ରବ୍ୟ ନିବାରଣ ଜନସଚେତନ କାର୍ଯ୍ୟକ୍ରମ



ବାଲିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧିନସ୍ତ ଗୋପବନ୍ଧୁ କ୍ଲବ ପଡିଆ ଠାରେ ଓରକେଲ ପୋଲିସ ଓ ବାଲିମେଳା ଅବକାରୀ ବିଭାଗ ଦ୍ୱାରା ନିଶା ନିବାରଣ ଓ ମାଦକ ଦ୍ରବ୍ୟ ନିବାରଣକୁ ନେଇ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ପୂର୍ବାହ୍ନ ସମୟରେ ସ୍ଥାନୀୟ ଖେଳ ପଡିଆ ଠାରେ ସ୍ଥାନୀୟ ଯୁବ ଗୋଷ୍ଠୀ କୁନେଇ ଏକ ସଭାର ଆୟୋଜନ କରାଯାଇଥିଲା ଏଥିସହିତ ଭଲିବଲ ମ୍ୟାଚ ଖେଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଥାନା ଭାରପ୍ରାପ୍ତ ଅଧିକାରୀ ଧୀରେନ କୁମାର ପଟନାୟକ, ଅନ୍ୟତମ ଅତିଥି ଭାବରେ ଓଆଇସି ରମେଶ ଚନ୍ଦ୍ର ସାହୁକାର, ଅବକାରୀ ବିଭାଗ ଏସ୍‌ଆଇ ଆଶିଷ କୁମାର ନାୟକ, ଏସ୍‌ଆଇ ବ୍ରଜ ନାୟକ, ଏଏସ୍‌ଆଇ ରାମଚନ୍ଦ୍ର ହନ୍ତାଲ, ଏଏସ୍‌ଆଇ ପ୍ରଦୀପ କୁମାର ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମ୍ୟାଚ ଦୁଇ ଦଳ ହେଲେ ମନୋରଞ୍ଜନ ଟିମ୍ ଓ ମଦ ଭାଟି ଟିମ୍ ମଧ୍ୟରେ କରାଯିବାବେଳେ ମଦ ନିବାରଣ ଓ ନିଶା ଦ୍ରବ୍ୟ ସେବନ ଉପରେ ମୁଖ୍ୟ ଅତିଥି ଶ୍ରୀ ପଟନାୟକ ନିଜର ବକ୍ତବ୍ୟ ରଖିଥିଲେ ଏବଂ ମାଦକ ଦ୍ରବ୍ୟ ଠାରୁ ଦୁରେଇ ରହିବା ପାଇଁ ଉପଦେଶ ଦେଇଥିଲେ।

## ହତ୍ୟା ଅଭିଯୋଗ ଆଣିଲେ ପରିବାର

# ସନ୍ଦେହ ଘେରରେ ପ୍ରସୂତୀଙ୍କ ମୃତ୍ୟୁ



କଳେଶ୍ୱର, (ଭାସ୍କର ନ୍ୟୁଜ୍): କଳେଶ୍ୱର ଥାନା ଅନ୍ତର୍ଗତ ମ୍ୟୁନିସିପାଲଟିର ପଥରପୁରାରେ ଜଣେ ପ୍ରସୂତୀର ମୃତ୍ୟୁ ଘଟିଛି। ଏହା ଏକ ଆତ୍ମହତ୍ୟା ଘଟଣା ଶାଶୁଘର ଲୋକେ କହୁଥିବା ବେଳେ ବାପଘର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଘଟଣାରୁ ପ୍ରକାଶ, ମ୍ୟୁନିସିପାଲଟିର ଚକବିଜୁର ଜଳନ୍ଧର ପ୍ରଧାନଙ୍କ ଝିଅ ନମିତା (୨୩)କୁ ୨୦୨୨ ମସିହାରେ ପଥରପୁରା ଗାଁର ବିଜୟ କାମିଳା ଓରଫ ରଣାଙ୍କ ସାନ ପୁଅ ରିତେଶ ରଣା ଓରଫ କାମିଳାଙ୍କୁ ବୈଦିକ ରିତିରେ ବିବାହ ଦିଆଯାଇଥିଲା। କିନ୍ତୁ ଦୁଇ ପରିବାର ମଧ୍ୟରେ କିଛି କିଛି ଛୋଟ ଘଟଣାକୁ ନେଇ ବିବାଦ ଲାଗି ରହିଥିଲା। ଗତ ୮ଦିନ ତଳେ ନମିତାର ଏକ ଘରୋଇ ନର୍ସିଂହୋମରେ ପ୍ରଥମ କନ୍ୟା ସନ୍ତାନ ପ୍ରସବ ହୋଇଥିଲା। ସନ୍ତ ଚିକିତ୍ସାରେ କନ୍ୟାଜାତ ହୋଇଥିବାରୁ ଗତ ମଙ୍ଗଳବାର ସେ ଘରକୁ ଫେରିଥିଲେ। କିନ୍ତୁ ଆଜି ସକାଳେ ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ଉଚ୍ଚତର ହସ୍‌ପିଟାଲକୁ ଅଣାଯାଇଥିଲା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମହିଳା ଜଣକ ଘରେ ଝୁଲନ୍ତା ଅବସ୍ଥାରେ ଥିବା ଦେଖି ଶାଶୁଘର ଲୋକେ ଡାକ୍ତରଖାନା ଆଣିଥିବାବେଳେ ବାପଘର ଲୋକେ ଆଣିଛନ୍ତି ହତ୍ୟା ଅଭିଯୋଗ । ସତ୍ୟ ଚିକିତ୍ସା ହୋଇଥିବା ନମିତା ଫାସି ଲଗାଇବା ସମ୍ଭବ ନୁହଁ ବୋଲି ମୃତ ମହିଳାଙ୍କ ଭଉଣୀ ସୁମିତ୍ରା ଥାନାରେ ଲିଖିତ ଭାବେ ଜଣାଇଛନ୍ତି । ଶ୍ୱଶୁର ବିଜୟ କାମିଳା ଓ ଶାଶୁ ତଥା ଉପନଗରପାଳ ପୁଷ୍ପପ୍ରିୟା କାମିଳା ପୌରପରିଷଦ ବୈଠକରେ ଉପସ୍ଥିତ ଥିବା ବେଳେ ନମିତାର ମୃତ୍ୟୁକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ସୂଚନାଯୋଗ୍ୟ କିଛିଦିନ ପୂର୍ବରୁ ବିଜୟ କାମିଳାଙ୍କ ବଡ଼ବୋହୂ ଫାସି ଲଗାଇ ଆତ୍ମହତ୍ୟା କରିଥିଲେ ।

## ଥମୁନି ଡାଇରିଆ: ୯୦ ବର୍ଷୀୟ ବୃଦ୍ଧ ମେଡ଼ିକାଲରେ ଭର୍ତ୍ତି

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶରେ ଡାଇରିଆ ଥମିବା ନାଁ ଧରୁନି । ଗତ ଚାରିଦିନ ହେଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତର ଶ୍ୟାମସୁନ୍ଦରପୁର ଗ୍ରାମରେ ଡାଇରିଆ ତାର ପ୍ରଭାବ ବିସ୍ତାର କରି ରଖିଛି । ଡାଇରିଆରେ ଏହି ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୭ ଜଣ ଆକ୍ରାନ୍ତ ହୋଇ ମେଡ଼ିକାଲରୁ ଭଲ ହୋଇ ଫେରିଛନ୍ତି । ଏହି ଗ୍ରାମରେ ଅସ୍ଥାୟୀ ଡାକ୍ତରଖାନା ଖୋଲାଯାଇ ଲୋକଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ତୀକ୍ଷଣ ନଜର ରଖାଯାଇଛି । ହେଲେ ଆଜି ଗ୍ରାମର ଜଣେ ୯୦ ବର୍ଷ ବୟସ୍କ ବୃଦ୍ଧ ନିଳାମ୍ବର ମଲିକଙ୍କର ଝାଡ଼ାବାନ୍ତି ହେଉଥିବାରୁ ତାଙ୍କୁ ଛତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ହେଲେ ସେ ସେଠାରୁ ସୁସ୍ଥ ଅନୁଭବ କରିବାରୁ ତାଙ୍କ ପରିବାର ଲୋକ ଘରକୁ ନେଇ ଆସିଥିଲେ । ହେଲେ ହଠାତ୍ ଅପରାହ୍ନରେ ସେ ପୁନର୍ବାର ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ୧୦୮ ଯୋଗେ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି । ସେ ଏବେ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି ।

## ୨୩ କର୍ମଚାରୀ ଛଟେଇ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : କନ୍ଧମାଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣଙ୍କ ମନମୁଖୀରେ ୨୩ ଜଣ କର୍ମଚାରୀ ଛଟେଇ ହୋଇଛନ୍ତି। ଏହି ୨୩ ଜଣଙ୍କ ମଧ୍ୟରୁ ଏମ୍‌ଜିଏନ୍‌ଆର୍‌ଇଜିଏ ଏସିପି, ଏମ୍‌ଜିଏନ୍‌ଆର୍‌ଇଜିଏ ଆସିଷ୍ଟାଣ୍ଟ ଅଛନ୍ତି। କନ୍ଧମାଳ ଜିଲ୍ଲାର ୧୨ ଗୋଟି ବ୍ଲକରେ ଥିବା ୱାଟର ସେଡ଼ ପିଆଇଏଙ୍କ କାର୍ଯ୍ୟାଳୟ ମାନଙ୍କରେ ଦୁଇ ଜଣ ଲେଖାଏଁ ସର୍ଭିସ ପ୍ରୋଭାଇଡ଼ର ଚାକିରୀ କରିଆସୁଥିଲେ। ଉକ୍ତ ଚାକିରୀରୁ ଯାହା ଦରମା ପାଉଥିଲେ ନିଜର ପରିବାର ଚଳୁଥିଲା। କିନ୍ତୁ ବର୍ତ୍ତମାନ କନ୍ଧମାଳ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣର ମନମୁଖୀ, ସର୍ଭିସ ପ୍ରୋଭାଇଡରଙ୍କୁ ହାତ କରି ଏଗ୍ରିମେଣ୍ଟର ୪ ମାସ ଆଗରୁ କର୍ମଚାରୀ ମାନଙ୍କୁ ବାହାର କରିଦେଇଛନ୍ତି। ସେତିକିରେ ଅଧିକାରୀଙ୍କ ମନ ସନ୍ତୁଷ୍ଟ ହେଲା ନାହିଁ ଯେ ଦରମା ହେଲେବି ଦେଇ ନାହାନ୍ତି। ଏହା ଏକ ଅତ୍ୟନ୍ତ ଦୁଃଖ ଘଟଣା। ଏହି ବିଷୟ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରିଛନ୍ତି ୨୩ ଜଣଙ୍କୁ ପୁନଃ ଚାକିରୀ ଦିଆଯାଉ। ଏଥିରେ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜଳ ବିଭାଜିକା ଓ ମୃତ୍ତିକା ସଂରକ୍ଷଣ ଅଧିକାରୀ ଶୁଣୁନାହାନ୍ତି ତେଣୁ ବୁଧବାର ଠାରୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି।

## ଗୌରବ ଆଣିଲେ ଅମରଜିତ୍ ଓ ବିକାଶ



କଣିହାଁ, (ଭାସ୍କର ନ୍ୟୁଜ୍) : କଣିହାଁ ବ୍ଲକ୍ ବିଜିଗୋଳ ପଞ୍ଚାୟତ ତଥା ବିଜିଗୋଳ ଗ୍ରାମ ଛାତ୍ର ଅମରଜିତ୍‌ଙ୍କୁ ନିଟ ପରୀକ୍ଷାରେ ସଫଳତା ମିଳିଛି। ସେ ୬୩୫ ନମ୍ବର ପାଇଥିବା ବେଳେ ୪୧୪ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନଟିପିସି ଥାନା ବିଜିଗୋଳ ଗ୍ରାମର ଅଖିଳ ପାଣି ଓ ମଞ୍ଜୁବାଳା ପାଣିଙ୍କ ପୁତ୍ର ହେଉଛନ୍ତି ଅମରଜିତ୍। ଦୈନିକ ୯ ରୁ ୧୧ଘଣ୍ଟା ଅମରଜିତ୍ ପରିଶ୍ରମ କରିଥିଲେ।ସଫଳତା ପଛରେ ଅଭିଭାବକ, ଶିକ୍ଷାନୁଷ୍ଠାନ ଅଧ୍ୟାପକ/ଅଧ୍ୟାପିକା ମାନଙ୍କୁ ଶ୍ରେୟ ଦେଇଛନ୍ତି ଅମରଜିତ୍। ତାଙ୍କ ସଫଳତା ନେଇ କଣିହାଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ସାମାଜିକ ଅନୁଷ୍ଠାନ ବିଜିଗୋଳ ସୁରକ୍ଷା ସଙ୍ଘ ପକ୍ଷରୁ କୃତଜ୍ଞତା ଜଣାଇବା ସହିତ ଆମରଜିତ ର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେହିପରି କଣିହାଁ ପାଇଁ ଗୌରବ ଆଣିଛନ୍ତି କମରେଇ ପଞ୍ଚାୟତ ଦଣ୍ଡସିଂହା ଗ୍ରାମର ଛାତ୍ର ବିକାଶ ରଞ୍ଜନ ପରିଡା (୨୦)। ସେ ନିଟ ପରୀକ୍ଷାରେ ସଫଳତା ପାଇଛନ୍ତି। ରାଜ୍ୟରେ ୫୯୮ ନମ୍ବର ଓ ସର୍ବଭାରତୀୟ ସ୍ତରରେ ୧୪୮୫ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଣିହାଁ ଥାନା ଦଣ୍ଡସିଂହା ଗ୍ରାମର ବାନମ୍ବର ପରିଡା ଓ ସୁନିତା ମାଳିନୀ ଭୁତିଆଙ୍କ ପୁତ୍ର ହେଉଛନ୍ତି ବିକାଶ। ଭୁବନେଶ୍ୱର ଡିଏଭି ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇ ପାଠ ପଢୁଥିବା ବେଳେ ଦୈନିକ ୧୦ରୁ ୧୨ଘଣ୍ଟା ପରିଶ୍ରମ କରିଥିଲେ। ସଫଳତା ପଛରେ ଅଭିଭାବକ, ଶିକ୍ଷାନୁଷ୍ଠାନ ଅଧ୍ୟାପକମାନଙ୍କୁ ଶ୍ରେୟ ଦେଇଛନ୍ତି ବିକାଶ। ତାଙ୍କ ସଫଳତା ନେଇ କଣିହାଁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଏନେଇ ଉତ୍କଳ ଗୋପାଳ ସମାଜ ପକ୍ଷରୁ କୃତଜ୍ଞତା ଜଣାଇବା ସହିତ ବିକାଶର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ପଞ୍ଚାୟତ ସମିତିର ପଞ୍ଚମ ସାଧାରଣ ଅଧିବେଶନ



କୁଜଙ୍ଗ, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା କୁଜଙ୍ଗ ପଞ୍ଚାୟତ ସମିତି ସଭା ଗୃହରେ ପଞ୍ଚମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଅଧକ୍ଷା ନିନାରାଣୀ ସାହୁଙ୍କ ଅଧକ୍ଷତାରେ ବ୍ଲକ୍ ମଣ୍ଡଳ ଉନ୍ନୟନ ଅଧିକାରୀ ଦ୍ୱିପକ ପ୍ରସାଦ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି ପଞ୍ଚମ ଅଧିବେଶନରେ ପାରାଦ୍ୱୀପ ବିଧାୟକ ତଥା ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ଡ଼ ବିଭୁ ପ୍ରସାଦ ତରାଇ, ବ୍ଲକ୍ ଉପାଧକ୍ଷ ଜ୍ଞାନଜିତ ସ୍ୱାଇଁ, ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଯୋଗାଣ ନିରୀକ୍ଷକ ଦୀପକ ପାତ୍ର, ଗ୍ରାମ ପଞ୍ଚାୟତ ଅଧିକାରୀ ଦେବେନ୍ଦ୍ର ମଲ୍ଲିକ, ମନ୍ତ୍ରୀଙ୍କ ବ୍ଲକ୍ ପ୍ରତିନିଧି ଦିଲ୍ଲୀପ କୁମାର ବେହେରା, ସାଂସଦଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ଚରଣ ସ୍ୱାଇଁ, କନକ ପ୍ରଭା ବେହେରା, ପୁଷ୍ପଲତା ବେହେରା, ରବି ନାରାୟଣ ସାହୁ, ଗୋପିଆକୁଦ ସରପଞ୍ଚ ଶ୍ରିନୀବାସ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ, ପାରାଦୀପଗଡ଼ ସରପଞ୍ଚ ସସ୍ମିତା ବେହେରା, ପଣ୍ଡୁଆ ସରପଞ୍ଚ ସିଦ୍ଧାର୍ଥ ମହାନ୍ତି, ସାଇଲୋ ସରପଞ୍ଚ ସରୋଜ ସେଠୀ, ପୋତାନଇ ସରପଞ୍ଚ ବ୍ରଜ୍ ମହାରାଜା, ଭୂତମୁଣ୍ଡାଇ ସରପଞ୍ଚ ରୋହିତ ଜେନା, ପଙ୍କପାଳ ସରପଞ୍ଚ ସରୋଜ ସେଠୀ, ବାଗୋଇ ସରପଞ୍ଚ ପ୍ରଭାଞ୍ଜଳୀ ସେଠୀ, ଅଗପାଳ ସରପଞ୍ଚ ବିପିନ୍ ବିଶ୍ୱାଳ, ମଲ୍ଲାସାହି ସରପଞ୍ଚ ଧ୍ରୁବ ଚରଣ ନାୟକ ପ୍ରମୁଖଙ୍କ ସମେତ ୨୮ଗୋଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ-ସଭ୍ୟା ମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। କୁଜଙ୍ଗ ପଞ୍ଚାୟତ ସମିତିରେ ଦୀର୍ଘ ଦେଢ଼ ବର୍ଷ ପରେ ଏହି ପଞ୍ଚମ ଅଧିବେଶନ ଅନୁଷ୍ଠିତ ହୋଇଥଲା। ଏହି ଅଧିବେଶନରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନ, ପାନୀୟ ଜଳ, ବିଦ୍ୟୁତ, କୃଷି ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ସମସ୍ତ ବିଭାଗର ସମସ୍ୟା ଉପରେ ଅବଗତ ହେବା ସହିତ ଏହାର ସମାଧାନ ଖୁବ୍‌ଶୀଘ୍ର ସାରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଉପଲକ୍ଷେ ପ୍ରସ୍ତୁତି ବୈଠକ



ବାଙ୍କୀ /ବରପୁଟ (ଭାସ୍କର ନ୍ୟୁଜ୍) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରାକୁ ଦୃଷ୍ଟିରେ ରଖି ବରପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେବଗିରି ପୀଠରେ ଘୋଷଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଶରତ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଅବସର ପ୍ରାପ୍ତ ଶିକ୍ଷକ ସଦାନନ୍ଦ ଦାସ ମନ୍ଦିରର ଅନେକ ଅସୁବିଧା ସମ୍ପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ମନ୍ଦିରଟି ବାମଦେବ ସାଗର ନିକଟବର୍ତ୍ତୀ ଦେବଗିରି ପର୍ବତରେ ଅବସ୍ଥିତ। ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାଟି ପ୍ରତି ବର୍ଷ ରଥଯାତ୍ରା ପୂର୍ବରୁ ମରାମତି ହେଉଥିଲେ ମଧ ବର୍ଷାରେ ଧୋଇହୋଇ ନଷ୍ଟ ହୋଇଯାଉଛି। ତେଣୁ ଉକ୍ତ ରାସ୍ତା ଏକ ପକ୍କା ରାସ୍ତାରେ ପରିବର୍ତ୍ତନ କରିବା ପାଇଁ ମନ୍ଦିର ପ୍ରସାଶନ ଏବଂ ସର୍ବସାଧାରଣ ଦାବି କରିଛନ୍ତି। ସମସ୍ତ ସଭ୍ୟ ଏକ ଚିଠି ମାଧ୍ୟମରେ ଗ୍ରାମ୍ୟଉନ୍ନୟନ ବିଭାଗକୁ ମନ୍ଦିର ଚାରିପାଖରେ ହେବାକୁ ଥିବା ପରିକ୍ରମା ପ୍ରକଳ୍ପକୁ ଶୀଘ୍ର ସମାପ୍ତ କରିବା ପାଇଁ ଅନୁରୋଧ କରିଛନ୍ତି। ଉକ୍ତ ସଭାରେ ବୈଦେଶ୍ୱର ଥାନାର ଭାରପ୍ରାପ୍ତ ଅଧିକାରୀ,ନୂଆଗାଁ ସରପଞ୍ଚ ପ୍ରତିନିଧି ଯୋଗେଶ ସିଂ, ବରପୁଟ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ରଘୁନାଥ ସ୍ୱାଇଁ, ଯୁବ ସମାଜସେବୀ ଦେବାଶିଷ୍ ପଣ୍ଡା, ରୁଦ୍ର ପ୍ରତାପ ପଣ୍ଡା, ଭରତ ମହାନ୍ତି, କାଳିପୋଇ ଗ୍ରାମପଞ୍ଚାୟତ ପୂର୍ବତନ ସରପଞ୍ଚ ଭଗବାନ୍ ପ୍ରଧାନ, ପୂଜକ ପ୍ରଭାତ ତ୍ରିପାଠୀ ପ୍ରମୂଖ ଉପସ୍ଥିତ ଥିଲେ।ସର୍ବ ଶେଷ ରେ ସମ୍ପାଦକ ମହୋଦୟ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତ କରିଥିଲେ ।

## ଓକିଲ ସଂଘ ପକ୍ଷରୁ ବିଚାରପତିଙ୍କୁ ବିଦାୟ ସମ୍ବର୍ଦ୍ଧନା



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର ଓକିଲସଂଘ ପକ୍ଷରୁ ସମ୍ବର୍ଦ୍ଧନା ଉସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ତଥା ସରକାରୀ ଓକିଲ କୃଷ୍ଣ ଚନ୍ଦ୍ର ଗୌଡଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ ସେସନ୍ସ ସିନିୟର ସିଭିଲ ଜର୍ଜ ଶରତ କୁମାର ସାହୁ ଓ ପ୍ରଥମ ଶ୍ରେଣୀ ବିଚାର ପତି ପୂଜା ପ୍ରିୟଦର୍ଶନୀ ପତି ଯୋଗଦେଇଥିଲେ । ଏହି ଅବସରରେ ପ୍ରଥମ ଶ୍ରେଣୀ ବିଚାରପତି ପୂଜା ପ୍ରିୟଦର୍ଶନୀ ପତିଙ୍କ ଭବାନିପାଟଣା କୋର୍ଟକୁ ବଦଳି ହୋଇ ଯାଇଥିବାରୁ ଓକିଲ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାସହ ସେ ଏଠାରେ ୨୦୨୨ମସିହା ଜୁଲାଇ ୨୨ ତାରିଖରେ ଯୋଗଦେବା ପରଠୁ ତାଙ୍କର କାର୍ଯ୍ୟକାଳ ସମୟରେ ପୁରୁଷୋତ୍ତମପୁର ଅଞ୍ଚଳବାସୀଙ୍କ ଲାଗି ବଡ ସଫଳତା ରୁପେ ନୂତନ ଭାବରେ ଆସିଷ୍ଟେଣ୍ଟ ସେସନ୍ସ ଜର୍ଜ୍ ତଥା ସିଭିଲ ଜର୍ଜ ସିନିୟର ଡିଭିଜନ କୋର୍ଟ ପ୍ରତିଷ୍ଠା ହୋଇ ପାରିଥିବା ବେଳେ ପ୍ରାୟ ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନୂତନ ଭାବରେ ଜୁଡିସିଆଲ କମ୍ପ୍ଲେସ ନିର୍ମାଣ ହେବାଭଳି ଉନ୍ନୟନମୂଳକ କାର୍ଯ୍ୟ ମାନ ହୋଇପାରିଥିବା ସହ ବାର ଓ ବେଞ୍ଚ ମଧ୍ୟ୍ୟରେ ସୁସମ୍ପର୍କ ସ୍ଥାପନକରି ଦିର୍ଘଦିନ ଧରି ପଡିରହିଥିବା ମାମଲାର ଫଇସଲା କରି ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ ପ୍ରଦାନ କରିଥିବାକୁ ନେଇ ତାଙ୍କର କର୍ମମୟ ଜୀବନ ଉପରେ ଓକିଲ ମାନେ ଆଲୋକ ପାତ କରି ଦୀର୍ଘାୟୁ କାମନା କରିଥିଲେ। ଏଥିରେ ଓକିଲ ସଂଘ ଉପସଭାପତି ଦୂର୍ଗା ଚରଣ ଦାଶ, ସଂପାଦକ ରବିନ୍ଦ୍ର କୁମାର ସାହୁ, ସହ ସଂପାଦକ କେ ଶଶାଙ୍କ ଶେଖର ରାଓ, ସରକାରୀ ଓକିଲ ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ବରିଷ୍ଠ ଓକିଲ ବାସୁଦେବ ଜେନା, ପ୍ରଦୋଶ କୁମାର ବାହିନୀପତି, ସିମାଞ୍ଚଳ ମିଶ୍ର, ଅକ୍ଷୟ କୁମାର ବେହେରା ପ୍ରଭାତ କୁମାର ପଟ୍ଟନାୟକ, ନିରଞ୍ଜନ ବେହେରା, ଦୟାନିଧି ପଣ୍ଡା, ରମାରଞ୍ଜନ ଦାଶ, ପ୍ରଫୁଲ କୁମାର ପଣ୍ଡା, ପାଣ ବେହେରା, କୃଷ୍ଣ ଚନ୍ଦ୍ର ସାହୁ, ରବିନ୍ଦ୍ର ବେହେରା,କାମେଶ୍ୱର ଗୌଡ, ନାରାୟଣ ପାଣିଗ୍ରାହି, ତୁସାର କାନ୍ତ ରାଉଳଙ୍କ ସମେତ ବହୁଓକିଲ ଉପସ୍ଥିତ ରହି ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ ।

## ହାତୀ ଦେଖିବା ପଡ଼ିଲା ମହଙ୍ଗା

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ହାତୀ ଦେଖିବାକୁ ଯାଇ ହାତୀ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଥିବା ଜଣାପଡିଛି। ଆହତ ଯୁବକ ଜଣକ ହେଲେ ଚମ୍ପୁଆ ବ୍ଲକ ପର୍ଶଳା ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ଚିତ୍ରସେନ ମହାନ୍ତଙ୍କ ପୁଅ ଗୁରୁଚରଣ ମହାନ୍ତ (୧୭)। ଗୁରୁଚରଣ ଗତକାଲି ଅପରାହ୍ନରେ ଚମ୍ପୁଆ ବନାଞ୍ଚଳ ଉଖୁଣ୍ଡା ସେକ୍ସନ ଜ୍ୟୋତିପୁର ବିଟ ଝାଳିଆବେଡା ଜଙ୍ଗଲକୁ ହାତୀ ଦେଖିବାକୁ ଯାଇଥିବା ବେଳେ ଏହି ଜଙ୍ଗଲରେ ଥିବା ଗୋଠଛଡ଼ା ଦନ୍ତା ହାବୁଡ଼ରେ ପଡ଼ିଥିଲେ। ହାତୀଟି ଗୁରୁଚରଣଙ୍କୁ ଶୁଣ୍ଢରେ ବାଡେଇ ଦେବାରୁ ତାଙ୍କର ଗୋଡ଼ ଭାଙ୍ଗିବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ନନ୍ଦପୁର ଗ୍ରାମର ସମାଜସେବୀ ଦେବାଶିଷ ପ୍ରଧାନ ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଖବର ପାଇ ବନ କର୍ମଚାରୀ ଡାକ୍ତରଖାନାରେ ପହଞ୍ଚି ଆହତଙ୍କୁ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣା ପଡିଛି।

## ଆକ୍ରାନ୍ତଙ୍କ ସଂଖ୍ୟା ୨୦ ଛୁଇଁଲା, ପ୍ରଶାସନ ପକ୍ଷରୁ କୂଅ ସିଲ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ସଫା ପଂଚାୟତର ସୁଆଁରୀ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିବାର ନାଁ ଥମୁନାହିଁ। ପ୍ରଥମେ ଗୋଟିଏ ପରିବାରର ସଦସ୍ୟ ଆକ୍ରାନ୍ତ ହେବା ପରେ ଏବେ ସମଗ୍ର ଗାଁକୁ ବ୍ୟାପିବାରେ ଲାଗିଲାଣି ଏହି ମହାମାରୀ। ପ୍ରଥମରୁ ୫ଟି ପରିବାରର ମୋଟ ୧୭ଜଣ ଆକ୍ରାନ୍ତ ହୋଇଥିବାବେଳେ ଆଜି ୩ଜଣ ବ୍ୟକ୍ତିଙ୍କର ପଜିଟିଭ୍ ରିପୋର୍ଟ ଆସିବା ପରେ ପ୍ରଶାସନର ଚେତା ପଶିଛି। ଗତକାଲି ଏହି ଗ୍ରାମର ଉର୍ମିଳା ବଳ ଝାଡ଼ିବାନ୍ତିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିବା ପରେ ଗାଁରେ ଭୟର ବାତାବରଣ ଦେଖିବାକୁ ମିଳିଛି। ତିନିଦିନ ହେବ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗ୍ରାମରେ ଅସ୍ଥାୟୀ କ୍ୟାମ୍ପ୍ କରାଯାଇ ଲୋକଙ୍କ ଚିକିତ୍ସା କରାଯାଉଛି। ୬୯୫ ଜଣ ବସବାସ କରୁଥିବା ଏହି ଗ୍ରାମଟିର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ସମସ୍ତ ଗ୍ରାମବାସୀ ମାନେ ଗ୍ରାମରେ ଥିବା ଏକମାତ୍ର କୂଅ ଓ ୬ଟି ନଳକୂପ ଉପରେ ନିର୍ଭରକରିଥାନ୍ତି। ମାତ୍ର ୫ଟି ନଳକୂପରୁ ଗୋଳିଆ ପାଣି ନିର୍ଗତ ହେଉ ଥିବାବେଳେ ଗୋଟିଏ କୂଅ ଓ ଗୋଟିଏ ନଳକୂପ ଉପରେ ଗ୍ରାମବାସୀମାନେ ପିଇବା ପାଇଁ ନିର୍ଭର କରିଥାନ୍ତି। ବହୁ ବର୍ଷ ଧରି ଗ୍ରାମବାସୀମାନେ ଗ୍ରାମରେ ଏକ ପୋଖରୀ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଆସୁଥିଲେ। ମାତ୍ର ଗ୍ରାମରେ କୌଣସି ପୋଖରୀ ନଥିବାରୁ ଗ୍ରାମବାସୀମାନେ ଗାଧୋଇବା, ଲୁଗାସଫା କରିବା ଭଳି ଦୈନନ୍ଦିନ କାର୍ଯ୍ୟ ପାଇଁ ଏହି କୂଅ ଓ ନଳକୂପ ଉପରେ ନିର୍ଭର କରିଥାନ୍ତି। ଯାହାଫଳରେ ଝାଡ଼ାବାନ୍ତି ରୋଗ ବ୍ୟାପିବାର ଏକ ମୁଖ୍ୟ କାରଣ ହୋଇପାରେ ବୋଲି ଡାକ୍ତରୀ ଟିମ୍ ପ୍ରାଥମିକ ସ୍ତରରୁ ଅନୁମାନ କରିଛନ୍ତି। ଏହି ନଳକୂପରେ ବ୍ୟବହୃତ ହେଉଥିବା ପାଣି ଗୁଡ଼ିକ ନିଷ୍କାସନ ପାଇଁ ଗ୍ରାମରେ କୌଣସି ଡ୍ରେନେଜ୍ ସୁବିଧା ନଥିବାରୁ ପାଣି ଗୁଡ଼ିକ ଗ୍ରାମ ଚାରିପଟେ ଜମି ରହୁଛି। ଯାହାଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଗ୍ରାମରେ ପ୍ରଥମରୁ ଆକ୍ରାନ୍ତ ହୋଇଥିବା ପରିବାର ଲୋକେ ବ୍ୟବହାର କରୁଥିବା ନିକଟସ୍ଥ କୂଅ ପାଣିର ନମୁନା ପାଇଁ ପଠାଯାଇଥିବା ବେଳେ ଉକ୍ତ ପାଣି ପଜିଟିଭ୍ ଆସିବା ପରେ କୂଅଟିକୁ ସମ୍ପୂର୍ଣ୍ଣ ରୂପେ ପ୍ରଶାସନ ପକ୍ଷରୁ ସିଲ କରିଦିଆଯାଇଛି। ଗ୍ରାମରେ ଦେଖାଯାଇଥିବା ଏହି ଭଳି ଗମ୍ଭୀର ସମସ୍ୟାର ସ୍ଥିତି ପରଖିବା ପାଇଁ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଧେ ଗ୍ରାମରେ ପହଂଚି ଗ୍ରାମବାସୀଙ୍କ ସମସ୍ୟାକୁ ପଚାରିବୁଝିଥିଲେ। ପରେ ଉପସ୍ଥିତ ସରକାରୀ ଅଧିକାରୀଙ୍କୁ ଗ୍ରାମରେ ଯଥାଶୀଘ୍ର ଜମି ରହୁଥିବା ପାଣି ନିଷ୍କାସନ ପାଇଁ ଦୁଇଦିନ ମଧ୍ୟରେ ଅସ୍ଥାୟୀ ଡ୍ରେନେଜ୍ ବ୍ୟବସ୍ଥା, ନଳକୂପର ମରାମତି, ସମଗ୍ର ଗ୍ରାମକୁ ସୁପର କ୍ଲୋରିନେସନ୍ ଓ ଗ୍ରାମବାସୀମାନେ ନିର୍ଦ୍ଧାରିତ କରିଥିବା ଗ୍ରାମ ପାଖରେ ଥିବା ଏକ ସ୍ଥାନରେ ନରେଗା ଯୋଜନାରେ ପୋଖରୀଟିଏ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଆଗାମୀ ଛ'ମାସ ମଧ୍ୟରେ ମେଗା ପାଇପ୍ ସାହାଯ୍ୟରେ ପ୍ରତ୍ୟେକ ଘରକୁ ପିଇବା ପାଣି ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଶ୍ରୀସିନ୍ଧେ ପ୍ରକାଶ କରିଥିଲେ। ଜିଲ୍ଲାପାଳଙ୍କ ସହ ସିଡିଏମ୍‌ଓ ଡାକ୍ତର ପ୍ରଶାନ୍ତ ହୋତା, ଡିପିଏଚ୍ ଓ ଡାକ୍ତର ଲୋକନାଥ ପାତ୍ର, ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅସିତ୍ ମହାନ୍ତି, ଏବିଡ଼ିଓ ଶାଶ୍ୱତ କୁମାର ଜେନା ଉପସ୍ଥିତ ଥିଲେ। ଗ୍ରାମରେ ଥିବା ୧୪୭ଘରକୁ ୩ଟି ମେଡ଼ିକାଲ ଟିମ୍ ଗଠନ କରାଯାଇ ଘରକୁ ଘର ବୁଲି ସଚେତନ କରିବା ସହ ଗ୍ରାମରେ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପୂର୍ଣ୍ଣ ସୁଧାର ନ ଆସିବା ପର୍ଯ୍ୟନ୍ତ ଏକ ମେଡ଼ିକାଲ ଟିମ୍ ଗ୍ରାମରେ ଅସ୍ଥାୟୀ କ୍ୟାମ୍ପ୍ କରି ରହିବେ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଟେଣ୍ଡେଣ୍ଟ ଡାକ୍ତର ମଧୁସ୍ମିତା ନାୟକ ପ୍ରକାଶ କରିଛନ୍ତି।

## ୧୭ ନାଗ ଛୁଆ ଉଦ୍ଧାର



ମାଟି ଘର କାନ୍ଥରେ ଏକ ନାଗ ସାପ ଗାତରେ ମୁହଁ ଦେଖିବାକୁ ପାଇଥିଲେ।

ମାହାଙ୍ଗା, (ଭାସ୍କର ନ୍ୟୁଜ୍): କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ କୁସୁପୁର ଗ୍ରାମ ହରିଜନ ସାହିରେ ନବଘନ ଜେନାଙ୍କ ଚାଳଘର ମାଟି କାନ୍ଥରୁ ୧୭ଟି ନାଗ ଛୁଆ ଉଦ୍ଧାର କରାଯାଇଥିବା ଦେଖିବାକୁ ମିଳିଛି। ସୁଚନା ଅନୁଯାୟୀ ଗତକାଲି ନବଘନଙ୍କ ମାଟି ଘର କାନ୍ଥରେ ଏକ ନାଗ ସାପ ଗାତରେ ମୁହଁ ଦେଖିବାକୁ ପାଇଥିଲେ। ଏହା ପରେ ନବଘନ ତୁରନ୍ତ ସାପ ଧରାଳିଙ୍କୁ ଖବର ଦେଇଥିଲେ। ସାପ ଧରାଳି ତାଙ୍କ ଘରେ ପହଂଚି ଗାତ ତାଡ଼ିବାରୁ ଘର କାନ୍ଥ ସାରା ଛୋଟ ଛୋଟ ସାପ ବହାରି ଥିଲେ ସାପ ଗୁଡ଼ିକୁ ଧରି ପାଖ ଜଙ୍ଗଲରେ ଛାଡ଼ି ଦେଇଥିଲେ।

## ସାମାନ୍ୟ ବର୍ଷାରେ ଜଳମଗ୍ନ, ଡ୍ରେନ ଓ ରାସ୍ତା ମରାମତି ପାଇଁ ଦାବି

ପଟ୍ଟାମୁଣ୍ଡାଇ, (ଭାସ୍କର ନ୍ୟୁଜ୍) : ପୌରପାଳିକାର ସଫେଇ କାର୍ଯ୍ୟକ୍ରମରେ ମଧ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି ଗନ୍ଧ ବାରି ହୋଇପଡ଼ିଛି। ଆଲୋକି କାରଣ ନାଁରେ ମଧ ଦୁର୍ନୀତି ହୋଇ ଥିବାର ଖବର ବିଭିନ୍ୟ ଖବର କାଗଜରେ ପ୍ରକାଶିତ ହୋଇ ଭିଜିଲାନ୍ସ ତଦନ୍ତ ହେବାକୁ ଦାବି ମଧ ହୋଇଛି। ଆଗକୁ ବର୍ଷା ଦିନ, ପୌରପାଳିକାର ସବୁ ୱାର୍ଡ ରାସ୍ତା ଅବସ୍ଥା ନ କହିଲେ ଭଲ। ଟିକିଏ ବର୍ଷାରେ ରାସ୍ତାରେ ପାଣି ଜମୁଛି। ନିମ୍ନମାନର ରାସ୍ତା କରିବା ଦ୍ୱାରା ଏକ ମାସ ମଧ୍ୟରେ ରାସ୍ତା ଭାଙ୍ଗି ରୁଜି ଯାଇଛି। ଡ୍ରେନ ସବୁ ଭାଙ୍ଗି ରୁଜି ଯାଇଛି। ପଟ୍ଟାମୁଣ୍ଡାଇ ପୌରପାଳିକାର ସମସ୍ତ ୱାର୍ଡର ଜନସାଧାରଣ ଅଭିଯୋଗ କଲେ ମଧ ପୌରପାଳିକା ଅଭିଯୋଗ ନ ଶୁଣିଲା ପରି ରହୁଛି। ୨୦ ୱାର୍ଡରେ ଟିକିଏ ଝିପି ଝିପି ବର୍ଷାରେ ପାଣି ରାସ୍ତାରେ ଜମୁଛି। ଯେଉଁଠି ସବୁ ଡ୍ରେନ ନିର୍ମାଣ ହୋଇଛି ତାହା ନିମ୍ନମାନର କାମ ହୋଇଥିବାରୁ ତାହା ସବୁ ଭାଙ୍ଗି ରୁଜି ଗଲାଣି। ଯେଉଁଠି ଡ୍ରେନ ଭଲ ଅଛି ସେଇ ଡ୍ରେନରେ ଅଳିଆ ଆବର୍ଜନା ଭର୍ତ୍ତି ହୋଇ ପୋତି ହୋଇ ଯାଉଛି। ତାକୁ ସଫା କରା ଯାଉ ନାହିଁ। ଯଦି ବର୍ଷା ଦିନ ଆଗରୁ ଡ୍ରେନ ମରାମତି କିମ୍ବା ସଫେଇ କରା ନ ଯାଏ ତାହା ହେଲେ ପଟ୍ଟାମୁଣ୍ଡାଇ ପୌରପାଳିକାର ଥିବା ସମସ୍ତ ୱାର୍ଡରେ ଘରେ ଘରେ ପାଣି ପଶିବାର ସମ୍ଭାବନା ଅଛି। ଏହି ଭଳି ପରିସ୍ଥିତି ପାଇଁ ପଟ୍ଟାମୁଣ୍ଡାଇ ପୌରପାଳିକା ଜନସାଧାରଣ ବହୁ ବାର ଅଭିଯୋଗ କଲେ ମଧ ପୌରପାଳିକାର କର୍ମଚାରି କର୍ଣ୍ଣପାତ ନ କରି ଚୁପ୍ ବସିଛନ୍ତି। ପୌରପାଳିକା ନିର୍ବାଚନକୁ ଅଢେଇ ବର୍ଷ ପୁରୀ ସାରିଛି। ପୌରପାଳିକା ବହୁ ୱାର୍ଡରେ କାର୍ଯ୍ୟ ନ ହେଉ ଥିବାରୁ କିଛି କାଉନସିଲର ମଧ ତାଙ୍କ ୱାର୍ଡର ଡ୍ରେନ ପାଣିର ଅସୁବିଧା ଖବର ପ୍ରଶାସନକୁ ମଧ ଜଣାଇ ସାରିଛନ୍ତି। ଦେଖା ଯାଉ ବର୍ଷା ହେବା ଆଗରୁ ପଟ୍ଟାମୁଣ୍ଡାଇ ପୌରପାଳିକା ଥିବା ସବୁ ୱାର୍ଡରେ ଡ୍ରେନ ନିର୍ମାଣ ଓ ମରାମତି ଓ ସଫେଇ ହେଉଛି କି ନାହିଁ ଦେଖିବାକୁ ବାକି ରହିଲା। ଯଦି ଡ୍ରେନ କାମ ନ ହୁଏ ତାହା ହେଲେ ବହୁ ୱାର୍ଡରେ ଘରେ ଘରେ ପାଣି ପଶିବା ଥୟ। ପୌରପାଳିକାରେ ଥିବା ବହୁ ୱାର୍ଡରେ ରାସ୍ତା ଅବସ୍ଥା କଥା ନ କହିବା ଭଲ ବହୁ ଜାଗାରେ ରାସ୍ତା ସବୁ ଭାଙ୍ଗି ରୁଜି ଯାଇଛି। କିଛି ରାସ୍ତାରେ ବଡ ବଡ ଖାଲ ହୋଇଯାଇଛି। ଝିପି ଝିପି ବର୍ଷାରେ ରାସ୍ତାରେ ପାଣି ଜମୁଛି। ଜନସାଧାରଣ ରାସ୍ତାରେ ଗଲା ବେଳେ ପଡ଼ି ଖଣ୍ଡିଆ ଖାବରା ହେଉଛନ୍ତି। ଆଗାମୀ ଦିନରେ ଯଦି ପଟ୍ଟାମୁଣ୍ଡାଇ ପୌରପାଳିକାରେ ଏହି ସମସ୍ୟାର ସମାଧାନ ନ ହୁଏ ଏକ ବିରାଟ ଜନଆନ୍ଦୋଳନ ଦେଖା ଯାଇପାରେ।



କୋରେଇ(ଭାସ୍କର ନ୍ୟୁଜ): ଯାଜପୁର ଜିଲ୍ଲା ଡିଆରଡିଏ କାର୍ଯ୍ୟାଳୟରେ କାର୍ଯ୍ୟରତ ଏଷ୍ଟିମେଟର ଦୀପକ କୁମାର ଆଚାର୍ଯ୍ୟ ସରକାରୀ ନିୟମର ଖୋଲା ଖୋଲି ଉଲ୍‌ହଙ୍ଘନ୍ କରୁଥିବା ଅଭିଯୋଗ ଆସିଛି। ସୂଚନା ମୁତାବକ ଶ୍ରୀ ଆଚାର୍ଯ୍ୟ ଜଣେ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ବେଆଇନ ଭାବେ ଭଦ୍ରକ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘର ସମ୍ପାଦକ ଓ ରାଜ୍ୟ ସଂଘ ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରଗିଷ୍ଟ ଆସୋସିଏସନ୍ ସଂଗଠନ ସମ୍ପାଦକ ଭାବେ ପଦ ମାଡ଼ି ବସିଛନ୍ତି। ସରକାରୀ କର୍ମଚାରୀ ହୋଇ ସରକାରୀ କାର୍ଯ୍ୟରେ ଖିଲାପ କରି କାର୍ଯ୍ୟାଳୟ ରେ ନରହି ସଂଘ କାର୍ଯ୍ୟରେ ବ୍ୟସ୍ତ ରହୁଛନ୍ତି ଏବଂ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରୁଥିବା ଅଭିଯୋଗ ହେଉଛି। ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରିଥିବା ବିଭିନ୍ନ ଗଣମାଧ୍ୟମ ରେ ପ୍ରକାଶ ପାଇଛି ଓ ତାଙ୍କ ନାମରେ ସାମାଜିକ କର୍ମୀ ଓ ଔଷଧ ସଂଘ ସଦସ୍ୟମାନେ ମଧ୍ୟ କୋର୍ଟରେ ମାମଲା ରୁଜୁ କରିଛନ୍ତି। ଏ ସମ୍ବନ୍ଧରେ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ ହେଲା ପରେ ଜିଲ୍ଲାପାଳ ତାଙ୍କ ନାମରେ କାରଣ ଦର୍ଶାଅ ନୋଟିସ୍ ଦେଇ ଚୁପ୍ ହୋଇ ବସିଛନ୍ତି। ବର୍ତ୍ତମାନ ଯାଜପୁର ଜିଲ୍ଲାରେ ହଇଜା ଅଣାୟତ୍ତ ହେଉଥିବାରୁ ରାଜ୍ୟ ସରକାର ଓ ଜିଲ୍ଲାପାଳ କୌଣସି ସରକାରୀ କର୍ମଚାରୀ ଙ୍କୁ ଛୁଟି ନଦେବାକୁ ନିର୍ଦ୍ଦେଶ ଥିବା ବେଳେ ଜଣେ ଡ଼ି ଆର ଡ଼ିଏ ର ଏଷ୍ଟିମେଟର ଶ୍ରୀ ଆଚାର୍ଯ୍ୟ ସମସ୍ତ ନିର୍ଦ୍ଦେଶକୁ ଦଳି ମକଚି ଦେଇ ଉତ୍କଳ କେମିଷ୍ଟ ଏଣ୍ଡ ଡ୍ରାଗିଷ୍ଟ ସଂଘ୍ ର ମିଟିଂ ରେ ଗତ ୧୮ ତାରିଖ ରେ ଯୋଗ ଦେଇଥିବା ଫୋଟ ଏବେ ବିଭିନ୍ନ ଗଣମାଧ୍ୟମ ରେ ଘୁରି ବୁଲୁଛି ।

# ରାହୁଲଙ୍କ ଜନ୍ମ ଦିବସ ପାଳନ କଲା ଛାତ୍ର କଂଗ୍ରେସ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ରାହୁଲ ଗାନ୍ଧୀଙ୍କ ଜନ୍ମଦିବସ ଅବସରରେ ଛାତ୍ର ସଂଗ୍ରେସ ତରଫରୁ ସାମାଜିକ ନ୍ୟାୟ ଆଧାରିତ ଚଳଚିତ୍ର 'ଫୁଲେ' ପ୍ରଦର୍ଶୀତ କରାଯାଇଛି। କଟକର ବୃନ୍ଦାବନ ହଲରେ ପ୍ରାୟ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ଏହି ଚଳଚିତ୍ରକୁ ଦେଖୁଥିଲେ। ଏହି ଅବସରରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ଲୋକସଭା ବିରୋଧୀ ଦଳର ନେତା ଜନନାୟକ ରାହୁଲ ଗାନ୍ଧୀଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ କହିଥିଲେ ଯେ, ଯେପରି ଅତିତରେ ଜ୍ୟୋତିଭା ଫୁଲେ ଓ ସାବିତ୍ରୀବାଇ ଫୁଲେ ସାମାଜିକ କୁସଂସ୍କାର, ଅଶିକ୍ଷା ଓ ନାରୀ ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ବର୍ତ୍ତମାନ ସାରା ଦେଶରେ ଜାତିଗତ ଜନଗଣନା ପାଇଁ ଓ ନାରୀ ନ୍ୟାୟ ପାଇଁ ରାହୁଲ ଗାନ୍ଧୀ ଲଢ଼େଇ ଜାରି ରଖୁଛନ୍ତି। 'ଫୁଲେ' ଚଳଚ୍ଚିତ୍ର ଦେଖି ସାରିବା ପରେ ଛାତ୍ରମାନେ ଏକା ସ୍ୱରରେ କହିଥିଲେ ମୁଁ ବି ରାହୁଲ ଗାନ୍ଧୀ, ମୁଁ ବି ଆଣିପାରେ ସମାଜର ପରିବର୍ତ୍ତନ। ଏହି କାର୍ଯ୍ୟକ୍ରମରେ ଯୁବଛାତ୍ରଙ୍କ ଆଦର୍ଶ ଶ୍ରୀ ମାନସ ଚୌଧୁରୀ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର,ବିପ୍ଳବ ଶୀଳାଦିତ୍ୟ, ମହମ୍ମଦ ଇମଦାଦ୍ ପ୍ରମୁଖ କଂଗ୍ରେସ ନେତୃବୃନ୍ଦ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

# ଡ୍ରାଉନିଂ ପ୍ରିଭେନ୍‌ସନ ସପ୍ତାହ ପାଳିତ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭୁବନେଶ୍ୱର ୱାଇଏମ୍‌ସିଏ ପକ୍ଷରୁ ଗତ ୧୫ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ୱାଇଏମ୍‌ସିଏ ପ୍ରେକ୍ଷାଳୟରେ ଡ୍ରାଉନିଂ ପ୍ରିଭେନ୍‌ସନ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୱାଇଏମ୍‌ସିଏର ସଭାପତି ଡଃ ପୂର୍ଣ୍ଣାନନ୍ଦ ପ୍ରଧାନ ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଉତ୍ସବରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ବିମ୍ବାଧର ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଯୁବକ ଅବସ୍ଥାରୁ ସମସ୍ତେ ସନ୍ତରଣ ଶିଖିବା ଆବଶ୍ୟକ। ୟୁନିସେଫ୍‌ର ମାନା ବିଶ୍ୱାସ ନିଜର ବକ୍ତବ୍ୟରେ କହିଥିଲେ ଯେ, ଜଳର ସଂରକ୍ଷଣ ସମସ୍ତଙ୍କ ପାଇଁ ଅପରିହାର୍ଯ୍ୟ । ୱାଇଏମ୍‌ସିଏ ଇଣ୍ଡିଆର ସାଧାରଣ ସମ୍ପାଦକ କୋସି ଆଲେକଜାଣ୍ଡର, ଜୟଦୀପ ସରକାର, ୱାଇଏମ୍‌ସିଏର ଉପସଭାପତି ଅସୀମ ଦାସ, କୋଷାଧ୍ୟକ୍ଷ ଆଣ୍ଟୋନୀ ମାଥ୍ୟୁ, ବରିଷ୍ଠ ସାମ୍ବାଦିକ ଜ୍ଞାନରଞ୍ଜନ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଅତିଥିଭାବେ ଯୋଗଦାନ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଶ୍ରୀ ଦାସ କହିଥିଲେ ଯେ, ୱାଇଏମ୍‌ସିଏର କାର୍ଯ୍ୟକ୍ରମ ଗୁଡିକ ସର୍ବଦା ପ୍ରଶଂସନୀୟ। ଭୁବନେଶ୍ୱର ୱାଇଏମ୍‌ସିଏର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ୱାଇଏମ୍‌ସିଏ ବାଳିକା ମାନଙ୍କ ପକ୍ଷରୁ ପ୍ରାରମ୍ଭିକ ସଂଗୀତ ଏବଂ ବାଳକ ମାନଙ୍କ ପକ୍ଷରୁ ଶେଷରେ ସଂଗୀତ ପରିବେଷଣ କରାଯାଇଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିକଶିତ ଓଡ଼ିଶା...

ମଇଦାନରୁ ବାହାରି ୫.୪୫ରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠାରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିବେ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମ ସ୍ଥଳକୁ ଯାଇ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ କିପରି ପ୍ରସ୍ତୁତି ହୋଇଛି ସେ ନେଇ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ତଦାରଖ କରିଛନ୍ତି। ତାଙ୍କ ସହ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ମଧ୍ୟ ପ୍ରସ୍ତୁତି ବୁଲି ଦେଖିଛନ୍ତି। ଚଳିତଥର ଷଷ୍ଠଥର ପାଇଁ ମୋଦୀ ଓଡ଼ିଶା ଆସୁଛନ୍ତି। ଏହି ସମାରୋହରେ ୨ ଲକ୍ଷରୁ ଅଧିକ ଲୋକ ସାମିଲ ହେବେ ବୋଲି ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ତ୍ରୁଟିଶୂନ୍ୟ ପ୍ରସ୍ତୁତି ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଜେପି ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସହ ପ୍ରଭାରୀ ଲତା ଉସେଣ୍ଡି, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ (ଶିଳ୍ପ) ହେମନ୍ତ ଶର୍ମା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତୁତି କାର୍ଯ୍ୟର ସବିଶେଷ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୋଦୀ ୧୯ହଜାର କୋଟି ଟଙ୍କାର ୧୦୫ଟି ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ସେଥିମଧ୍ୟରେ ୬୦ଟି ପ୍ରକଳ୍ପର ଶିଳାନ୍ୟାସ କରାଯିବାକୁ ଥିବାବେଳେ ୪୫ଟି ପ୍ରକଳ୍ପର ଲୋକାର୍ପଣ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଉନ୍ନୟନ କମିଶନର ଅନୁ ଗର୍ଗ, ଗୃହବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଡିଜିପି ୱାଇ.ବି.ଖୁରାନିଆ, ପୂର୍ତ୍ତ ବିଭାଗର ଶାସନ ସଚିବ ସଞ୍ଜୟ କୁମାର ସିଂ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଦୀଙ୍କ ସୁରକ୍ଷା ପାଇଁ ୧୩୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ଲୋକାର୍ପଣ ଓ ଶିଳାନ୍ୟାସ ସହ ମୋଦୀ ଆୟୁଷ୍ମାନ ବୟୋବନ୍ଦନ ଯୋଜନା କାର୍ଡ ବାଣ୍ଟିବା ସହ ଅନ୍ତ୍ୟୋଦୟ ଯୋଜନାରେ ଘର ମଧ୍ୟ ହିତାଧିକାରୀଙ୍କୁ ବାଣ୍ଟିବେ। ମୋଦୀଙ୍କ ସୁରକ୍ଷା ପାଇଁ ୧୩୩ ପ୍ଲାଟନୁ ଫୋର୍ସ ଓ ୫୦୦ରୁ ଅଧିକ ଅଫିସରଙ୍କୁ ମୁତୟନ କରାଯାଇଛି। ୨୦ଜଣ ଅତିରିକ୍ତ ଡିସିପି, ଡିସିପି, ଆଇଜି ଓ ଅତିରିକ୍ତ ଡିଜି ର୍ୟାଙ୍କ ଅଫିସର ସୁରକ୍ଷା ଦାୟିତ୍ୱରେ ରହିବେ। ଏହାସହ ସେଣ୍ଟ୍ରାଲ ଆର୍ମଡ ପୋଲିସ ଫୋର୍ସ ଓ ସ୍ୱତନ୍ତ୍ର ଏଜେନ୍ସିମାନେ ମଧ୍ୟ ସୁରକ୍ଷା ଦାୟିତ୍ୱରେ ରହିଛନ୍ତି। ବିମାନବନ୍ଦରରୁ ଜନତା ମଇଦାନ ପର୍ଯ୍ୟନ୍ତ ଟ୍ରାଫିକ ବ୍ୟବସ୍ଥା, ଆଣ୍ଟି ସେବୋଟାଜ୍, କ୍ରାଉଡ୍ କଣ୍ଟ୍ରୋଏ ଏବଂ ମ୍ୟାନେଜମେଣ୍ଟ ଓ ଆତଙ୍କବାଦ କାର୍ଯ୍ୟକଳାପ ଦମନ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ଅଗ୍ନିଶମ ଓ ଓଡ୍ରାଫ ଟିମ୍‌ଙ୍କୁ ମଧ୍ୟ ମୁତୟନ କରାଯାଇଥିବା ସୂଚନା ଦିଆଯାଇଛି।

**PANCHAYAT SAMITI OFFICE, PARJANG, DIST- DHENKANAL**
E-mail ID:- ori-parajang@nic.in, Tel No.:- 06768-261121
O-317

**Tender Call Notice**
**Bid Identification No. BDO, Parjang -03/2025-26**

The Block Development Officer, Parjang on behalf of Governor of Odisha inviting percentage rate from eligible contractors for construction of building work detail in the table below.

1. Nature of work : Building Works
2. Number of Work : 02(Two) nos.
3. Tender Cost & EMD : As mentioned in DTCN
4. Class of contractor : As mentioned in DTCN
5. Available Bid document in the District Website : From 20.06.2025 10.00 AM to 04.07.2025 up to 5.00PM
6. Last date/Time of receipt of the original bid documents Post) : 05-07-2025 5.00 PM (only Regd. Post/Speed Post)
7. Date of seeking Clarification : 07-07-2025 within office hours.
8. Date of Opening of Bid : 08-07-2025 11.30 AM
9. Name & Address of the Office: Office of the Block Development Officer, Parjang

10. Further details can be seen from the Dhenkanal Portal www.dhenkanal.nic.in
Any addendum/ Corrigendum/ Cancellation of tender can also be seen in the said website.

Block Development Officer
Parjang
OIPR 25015/11/0007/2526

**PANCHAYAT SAMITI OFFICE, PARJANG, DIST- DHENKANAL**
E-mail ID:- ori-parajang@nic.in, Tel No.:- 06768-261121
i-164

**Tender Call Notice**
**Bid Identification No. BDO, Parjang -03/2025-26**

The Block Development Officer, Parjang on behalf of Governor of Odisha inviting percentage rate from eligible contractors for construction of building work detail in the table below.

1. Nature of work : Building Works
2. Number of Work : 02(Two) nos.
3. Tender Cost & EMD : As mentioned in DTCN
4. Class of contractor : As mentioned in DTCN
5. Available Bid document in the District Website : From 20.06.2025 10.00 AM to 04.07.2025 up to 5.00PM
6. Last date/Time of receipt of the original bid documents Post) : 05-07-2025 5.00 PM (only Regd. Post/Speed
7. Date of seeking Clarification : 07-07-2025 within office hours.
8. Date of Opening of Bid : 08-07-2025 11.30 AM
9. Name & Address of the Office: Office of the Block Development Officer, Parjang

10. Further details can be seen from the Dhenkanal Portal www.dhenkanal.nic.in
Any addendum/ Corrigendum/ Cancellation of tender can also be seen in the said website.

Block Development Officer
Parjang
OIPR 19416/11/0006/2526

OFFICE OF THE SR GENERAL MANAGER (ELECTRICAL)
UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mai
ODISHA HYDRO POWER CORPORATION LTD (A GOVERNMENT OF ODISHA UNDERTAKING)
Regd. Office OSPH & W.C Building, Vanivihar Chhak, J npath, Bhoinagar, Bhubaneswar-751022,
Tel: 91-0674-2542983, 2542802, 2545526, 2542826, Fax:2542102, E-Ma md@ohpcltd.com
WEB: www.ohpcltd.com, CIN U40101OR1995SGC003963
ISO 9001-14001 18001 Certified
CAD-833

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors / firms / agency / for the work as detailed in the table below

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Replacing glass brick of Power House main building providing with 6-12-6 mm insulated toughen glass with fitting and fixing by extruded aluminum section at Power House of UIHEP, M | 91,72,798/- (Excluding GST) | 91,750/- | Firm / agency/ company/ 'B' Class Civil Contractors registered with State Govt./Central Govt. / MES / Railways. | 10,000/-+ GST @18% = 11,800/- | One (01) year from date of handing over of site by Engineer-in-Charge. |

Availability of tender document in the portal: From 23.06.2025 to 08.07.2025 (up to 13:00 Hrs.)
Last date & time of submission of tenders in the portal: 08.07.2025 up to 13:00 Hrs.
The date & time of opening of the bid: 08.07.2025 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal

Unit
IHEP, Mukhiguda
OIPR 04008/11/0031/2526

**PANCHAYAT SAMITI OFFICE, PARJANG, DIST- DHENKANAL**
E-mail ID:- ori-parajang@nic.in, Tel No.:- 06768-261121
i-162

**Tender Call Notice**
**Bid Identification No. BDO, Parjang -01/2025-26**

The Block Development Officer, Parjang on behalf of Governor of Odisha inviting percentage rate from eligible contractors for construction of building work detail in the table below.

1. Nature of work : Building Works
2. Number of Work : 04(Four) nos.
3. Tender Cost & EMD : As mentioned in DTCN
4. Class of contractor : As mentioned in DTCN
5. Available Bid document in the District Website : From 20.06.2025 10.00 AM to 04.07.2025 up to 5.00PM
6. Last date/Time of receipt of the original bid documents Post) : 05-07-2025 5.00 PM (only Regd. Post/Speed
7. Date of seeking Clarification : 07-07-2025 within office hours.
8. Date of Opening of Bid : 08-07-2025 11.30 AM
9. Name & Address of the Office: Office of the Block Development Officer, Parjang

10. Further details can be seen from the Dhenkanal Portal www.dhenkanal.nic.in
Any addendum/ Corrigendum/ Cancellation of tender can also be seen in the said website.

Sd/-Block Development Officer
Parjang
OIPR 19416/11/0004/2526

E-Mail- eerwel_bbsr @yahoo.co.in
GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION
BHUBANESWAR
O-308

e-Procurement Notice NO –EERWELBBSR- 04/2025-26

| | | |
|---|---|---|
| 1 | Name of the work | (i)Shifting of 11KV HT line, LT line and Transformer for the work Construction of Basantakundal village to Kalapada PWD Road via Bharigol Taikana village road under MMSY TRIP in the District of Cuttack. (ii)Shifting/relocation of existing line on RD road to Sithalo via Katikata under BSY for the FY 2023-24 due to construction of H.L. Bridge over 'Godadhua Nali" |
| 2 | Estimated Cost | From 9.46 lakhs to 16.28 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt.23.06.2025 at 12.00 A.M.to Dt 02.07.2025 up to 5.00 P.M |
| 5 | Date & Time of opening of tender | Dt.03.07.2025 at 01:00 P.M. |
| 6 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall. Dist. – Khordha Odisha. Pincode-751010 |

Further details can be seen from the Govt. Web site www.tenderorissa.gov.in

Sd/-Executive Engineer,
Rural work Electrical Division ,
Bhubaneswar
OIPR 25168/11/0010/2526

OFFICE OF THE SUPERINTENDING ENGINEER
RWS&S DIVISION, JAGATSINGHPUR
Tel.No.06724-223485, mail-rwssjspur@gmail.com
O-296

e - Procurement Notice

Bid identification No. 09 of 2025-26

The Executive Engineer, RWS&S Division, Jagatsinghpur on behalf of Governor of Odisha invites Percentage bids in Single Cover system in online mode for Execution of RPWS scheme & addition and alternation of building work from eligible Class of contractors.

1. Name of work : Extension of pipe line & building work
2. No. of work : `02 Nos
3. Estimated Cost : Rs. 15,09,167/- to Rs. 11,55,349/-
4. Cost of Tender paper : Rs.6,000/-Each
5. Class of contractor : 'D' & 'C'
6. Availability of Tender in website : 24.06.2025 to 04.07.2025
7. Submission of Bid in online : 24.06.2025 to 04.07.2025
8. Date of seeking clarification : 24.06.2025 to 02.07.2025
9. Date of opening of bids : 05.07.2025 (11.00 A.M)
10. Name and address of O.I.T. : Superintending Engineer, RWS&S Division, Jagatsinghpur
11. All other details can be seen from the web site : www.tendersorissa.gov.in
12. Bid cost and Bid security should be submitted in online mode.
13. Subsequent corrigendum/addendum if required shall only be appeared in above website.

Sd/-Executive Engineer
RWS&S Divn. Jagatsinghpur
OIPR 25024/11/0015/2526

# ଡାଇରିଆ ସ୍ଥିତି ନିୟନ୍ତ୍ରଣାଧୀନ: ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ରାଜ୍ୟରେ ଦେଖା ଦେଇଥିବା ଝାଡ଼ାବାନ୍ତି ଓ ହଇଜା ରୋଗ ଏବେ ନିୟନ୍ତ୍ରଣରେ ରହିଛି। ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଡାଇରିଆ ସ୍ଥିତିର ସମୀକ୍ଷା ପରେ ଏଭଳି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସ୍ଥିତି ନିୟନ୍ତ୍ରଣ ପାଇଁ ସରକାର ସଂପୂର୍ଣ୍ଣଭାବେ ପ୍ରସ୍ତୁତ ରହିଛନ୍ତି। ଯାଜପୁର, ଢେଙ୍କାନାଳ, କେନ୍ଦ୍ରାପଡ଼ା, କଟକ, ଭଦ୍ରକ ଓ କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳମାନେ ଭିସି ମାଧ୍ୟମରେ ଏହି ସମୀକ୍ଷା ବୈଠକରେ ଉପସ୍ଥିତ ରହିଥିଲେ। ସେମାନଙ୍କ ସହ କେନ୍ଦ୍ରୀୟ ଟିମ୍ ଓ ରାଜ୍ୟ ସରକାରଙ୍କ ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିଥିଲେ। ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଥିଲେ ଯେ ସ୍ଥିତି ଏବେ ନିୟନ୍ତ୍ରଣରେ ରହିଛି। ପାନୀୟଜଳର ଉତ୍ସ ଯାହା ଅଛି, ହଟ୍‌ସ୍ପଟ୍ ଏରିଆରେ ବୈଜ୍ଞାନିକ ପଦ୍ଧତିରେ ବିଶୋଧନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ପାନୀୟଜଳ ଉତ୍ସର ପାଣିକୁ ଦୁଇ ତିନିଥର ପରୀକ୍ଷା କରିବା ପରେ ଯଦି ଡାଇରିଆ ଜୀବାଣୁ ଚିହ୍ନଟ ହେଉଛି, ତେବେ ସେଥିରୁ ଯେମିତି କେହି ପାଣି ବ୍ୟବହାର କରିପାରିବେ ନାହିଁ ସେଥିନେଇ ମଧ୍ୟ କଡ଼ା ନଜର ରଖାଯାଇଛି। ବାସିଖାଦ୍ୟ ଉପରେ ନଜର ରଖାଯାଇଛି। ଯେଉଁମାନେ ଏଭଳି ଖାଦ୍ୟ ବିକ୍ରି କରୁଛନ୍ତି ସେମାନଙ୍କ ଦୋକାନରେ ଚଢାଉ କରାଯାଇ ଖାଦ୍ୟ ନଷ୍ଟ ସହ ଜରିମାନା ଆଦାୟ କରାଯାଉଛି।

**Protium**
**ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍**
(ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାବରେ ଜଣାଶୁଣା)
ନିର୍ଲନ୍ ନଲେଜ୍ ପାର୍କ (ଏନ୍‌କେପି) ବି-୨, ସପ୍ତମ ମହଲା, ପାହାଡି ଭିଲେଜ, ପଶ୍ଚିମ ଏକ୍ସପ୍ରେସ ହାଇୱେ, କାମା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଗୋରେଗାଓଁ (ପୂର୍ବ), ମୁମ୍ବାଇ, ମହାରାଷ୍ଟ୍ର-୪୦୦୦୬୩

**ପ୍ରକାଶନ (ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ର ନିୟମ ୩ (୧) ଅନୁଯାୟୀ) ଆର୍ଥିକ ସମ୍ପତ୍ତିର ସୁରକ୍ଷା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ଆଇନ, ୨୦୦୨ର ପ୍ରବର୍ତ୍ତନ ୧୩ (୨) ଅନୁଯାୟୀ ନୋଟିସ୍ ପ୍ରଦାନ**

ନିମ୍ନରେ ଉଲ୍ଲେଖ କରାଯାଇଥିବା ଋଣଗ୍ରହୀତାମାନଙ୍କୁ ଏଠାରେ ନୋଟିସ୍ ଦିଆଯାଇଛି ଯେ ଯେହେତୁ ସେମାନେ ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍ (ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାବରେ ଜଣାଶୁଣା ଏବଂ ଏହା ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ୍ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍ ଭାବରେ ଜଣାଶୁଣା) ଠାରୁ ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା କ୍ରେଡିଟ୍ ସୁବିଧାର ପରିଶୋଧ କରିବାରେ ଖିଲାପ କରିଛନ୍ତି, ତେଣୁ ସେମାନଙ୍କର ଋଣ କ୍ରେଡିଟ୍ ସୁବିଧାକୁ ଆର୍‌ବିଆଇ ନିର୍ଦ୍ଦେଶାବଳୀ ଅନୁଯାୟୀ ଏନ୍‌ବିଏଫ୍‌ସିର ବହିରେ ଅ-ପ୍ରଦର୍ଶିତ ସମ୍ପତ୍ତି ଭାବରେ ବର୍ଗୀକୃତ କରାଯାଇଛି। ଏହା ପରେ, ଏନ୍‌ବିଏଫ୍‌ସି ନିମ୍ନଲିଖିତ ସମ୍ପୃକ୍ତ ଋଣଗ୍ରହୀତାଙ୍କ ନିକଟରେ ଆର୍ଥିକ ସମ୍ପତ୍ତିର ନିରାପତ୍ତା ଏବଂ ପୁନଃନିର୍ମାଣ ଏବଂ ସୁରକ୍ଷା ସ୍ୱାର୍ଥ ପ୍ରବର୍ତ୍ତନ ଆଇନ, ୨୦୦୨ (ସରଫାଏସି ଆଇନ) ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ ଜାରି କରିଛି, ଯାହା ଦ୍ୱାରା ସେମାନଙ୍କୁ ନିମ୍ନଲିଖିତ ବିବରଣୀ ଅନୁଯାୟୀ ସମ୍ପୃକ୍ତ ନୋଟିସ ତାରିଖରୁ ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଦାବି ନୋଟିସରେ ଉଲ୍ଲେଖ କରାଯାଇଥିବା ପରିମାଣ ଏବଂ ଉକ୍ତ ଡିମାଣ୍ଡ ନୋଟିସରେ ଉଲ୍ଲେଖିତ ଆନୁଷଙ୍ଗିକ ଖର୍ଚ୍ଚ, ମୂଲ୍ୟ, ଚାର୍ଜ ଇତ୍ୟାଦି ଉପରେ ଚୁକ୍ତିନାମା ହାରରେ ସୁଧ ସହିତ ପୈଠ କରିବାକୁ ଆହ୍ୱାନ କରାଯାଇଛି। ତଥାପି, ସୁରକ୍ଷା ସ୍ୱାର୍ଥ (ପ୍ରବର୍ତ୍ତନ) ନିୟମ, ୨୦୦୨ (ସରଫାଏସି ନିୟମ) ର ନିୟମ ୩ ଅନୁଯାୟୀ ଏହି ପ୍ରକାଶନ ମାଧ୍ୟମରେ ସେବା ମଧ୍ୟ ଆମ ଦ୍ୱାରା କରାଯାଉଛି।

| ଋଣଗ୍ରହୀତା ଏବଂ କୋ ଋଣଗ୍ରହୀତାଙ୍କ ଆକାଉଣ୍ଟ ନମ୍ବର, ନାମ ଏବଂ ଠିକଣା | ଚାହିଦା ବିଜ୍ଞପ୍ତିର ତାରିଖ | ସମୁଦାୟ ଉଲ୍ଲେଖନୀୟ ଦେୟ (ଆଇଏନ୍‌ଆର୍) ନିମ୍ନଲିଖିତ ତାରିଖ ଅନୁଯାୟୀ* |
|---|---|---|
| ଋଣଗ୍ରହୀତାଙ୍କ ଆକାଉଣ୍ଟ ନଂ. ଜିଏସ୍‌୦୭୩ଏଲ୍‌ଏପି୨୨୭୫୯୨୧, (ଋଣଗ୍ରହୀତା), ୧. ବି ବି ସାମୁଦ୍ରିକ ଖାଦ୍ୟ ଏହାର ଏକମାତ୍ର ମାଲିକ ବିଭୂତି ବସନ୍ତିଆ, ପିତା- ବିଷ୍ଣୁ ବାସନ୍ତିଆ (କୋ-ଋଣଗ୍ରହୀ), ୨. ବିଭୂତି ବସନ୍ତିଆ, ପିତା-ବିଷ୍ଣୁ ବାସନ୍ତିଆ, ୩. ବାଜାପୁର ରୋଡ୍, ଖୋର୍ଦ୍ଧା, ଭୁବନେଶ୍ୱର, ଓଡିଶା, ୭୫୧୦୦୧, ଏବଂ ଆହୁରି ମଧ୍ୟ, ଗ୍ରାମ-ପ୍ଲଟ୍ ନଂ.୧୨୩/୩୨୮୬, ଆଶୁତୋଷ ନଗର, ଶିବ ମନ୍ଦିର ନିକଟ, କେଶୁରା, ଭୁବନେଶ୍ୱର, କେଶୁରା, ଖୋର୍ଦ୍ଧା ୭୫୧୦୦୨। | ୦୩ ଜୁନ୍,୨୦୨୫<br>ଏନ୍‌ପିଏର ତାରିଖ ୧୧.୦୫.୨୦୨୫ | ୦୩ ଜୁନ୍, ୨୦୨୫ ସୁଦ୍ଧା ଆଇଏନ୍‌ଆର୍ ୧,୧୪,୪୪,୦୫୩.୬୬/-(ଟଙ୍କା ଏକ କୋଟି ଚଉଦ ଲକ୍ଷ ଚଉରାଳିଶ ହଜାର ତେପନ ଏବଂ ଛଅଷଠି ପଇସା କେବଳ) |

ସୁରକ୍ଷିତ ସମ୍ପତ୍ତି / ବନ୍ଧକ ସମ୍ପତ୍ତିର ବର୍ଣ୍ଣନା: ସମ୍ପତ୍ତି ୧: ସମ୍ପତ୍ତିର ସମସ୍ତ ଖଣ୍ଡ ଏବଂ ପାର୍ସଲ ଯାହା ଖାତା.ନଂ ୫୧୪/୨୬୯୧, ପ୍ଲଟ୍ ନଂ.୧୨୩/୩୨୮୬, ମୌଜା କେସୋବା, ଥାନା-ସହିଦ ନଗର, ତହସିଲ-ଭୁବନେଶ୍ୱର, ଓଡ଼ିଶା, କିସାନ ଚାରାବାରୀ, ଜିଲ୍ଲା-ଖୋର୍ଦ୍ଧା,-୭୫୨୧୦୧, କ୍ଷେତ୍ର-ଏସି ୦.୦୩୬ ଡେସିମିଲ ସୀମା: -ଉତ୍ତର: ଉପ-ପ୍ଲଟ୍ ନଂ-୩୦, ଦକ୍ଷିଣ: ସ୍କେଚ୍ ମାନଚିତ୍ର ଅନୁଯାୟୀ ୧୮ ଫୁଟ ଚଉଡ଼ା ପ୍ଲଟିଂ ରାସ୍ତା, ପୂର୍ବ: ଉପ-ପ୍ଲଟ୍ ନଂ-୨୧, ପଶ୍ଚିମ: ଏସବିଆଇ କଲୋନି ନିର୍ମାଣ କାନ୍ଥ ସହିତ ଅନ୍ୟାନ୍ୟ ସମସ୍ତ ଅଧିକାର, କୋଠା, ଉନ୍ନତି ଏବଂ ସହଜୀକରଣ ସମ୍ପତ୍ତି ୨: -ସମ୍ପତ୍ତିର ସମସ୍ତ ଖଣ୍ଡ ଏବଂ ପାର୍ସଲ ଯାହା ଖାତା.ନଂ.୬୯୪/୫୨୬, ପ୍ଲଟ୍ ନଂ.୫୪୩/୨୮୨୯, ମୌଜା-ବଣିଆଟାଙ୍ଗି, ଥାନା ଏବଂ ତହସିଲ- ଖୋର୍ଦ୍ଧା, ଓଡ଼ିଶା, କିଷାନ ଚାରାବରୀ, ଜିଲ୍ଲା-ଖୋର୍ଦ୍ଧା, ଖୋର୍ଦ୍ଧା ପୁରୀ ୭୫୨୦୫୦, କ୍ଷେତ୍ରଫଳ-ଏସି ୦.୦୫୫ ଡେସିମିଲ ସୀମା:-ଉତ୍ତର: ପ୍ଲଟ୍ ନମ୍ବର-୫୪୩ର ବିଶ୍ରାମ ପ୍ଲଟ୍, ଦକ୍ଷିଣ: ସ୍କେଚ୍ ମ୍ୟାପ୍ ଅନୁଯାୟୀ ଉପ ପ୍ଲଟ୍ ନମ୍ବର ୧୮୬, ପୂର୍ବ: ପ୍ରସ୍ତାବିତ ରାସ୍ତା, ପଶ୍ଚିମ: ଉପ ପ୍ଲଟ୍ ନମ୍ବର ୧୮୯, ୧୯୦ ସହିତ ଅନ୍ୟାନ୍ୟ ସମସ୍ତ ଅଧିକାର, କୋଠା, ଉନ୍ନତି ଏବଂ ସେଥିପାଇଁ ଉପଯୁକ୍ତ ସୁବିଧା।

ଆମେ ଏଠାରେ ଉଲ୍ଲେଖିତ ଋଣଗ୍ରହୀତାଙ୍କୁ ଏହି ନୋଟିସ୍ ତାରିଖରୁ ୬୦ ଦିନ ମଧ୍ୟରେ ପ୍ରଦାନ କରିବାକୁ ଆହ୍ୱାନ କରୁଛୁ, ଜାରି ହୋଇଥିବା ଡିମାଣ୍ଡ ନୋଟିସ୍‌ରେ ଉଲ୍ଲେଖ ଥିବା ବକେୟା ପରିମାଣ, ଏଥିରେ ଅଧିକ ସୁଧ ସହିତ ମୂଲ୍ୟ, ଚାର୍ଜ, ଖର୍ଚ୍ଚ, ଇତ୍ୟାଦି ସହିତ। ଏହା ବିଫଳ ହେଲେ ଆମେ ଉକ୍ତ ଆଇନର ଧାରା ୧୩(୪) ଏବଂ ପ୍ରଯୁଜ୍ୟ ନିୟମ ଅନୁଯାୟୀ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି/ସ୍ଥାବର ସମ୍ପତ୍ତି ବିରୁଦ୍ଧରେ ବିକ୍ରୟ କରିବାକୁ ସ୍ୱାଧୀନତା ପାଇବୁ ଯାହା କେବଳ ଉକ୍ତ ଋଣଗ୍ରହୀତାଙ୍କ/ସହ-ଋଣଗ୍ରହୀତାଙ୍କ/ଆଇନଗତ ଉତ୍ତରାଧିକାରୀଙ୍କ ବିପଦରେ ସୁରକ୍ଷିତ ସମ୍ପତ୍ତିକୁ ସମ୍ପୂର୍ଣ୍ଣ ଭାବରେ ଅଧିକାର ଏବଂ ବିକ୍ରୟ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ, ଯାହା ଆପଣଙ୍କ ନିଜ ଖର୍ଚ୍ଚ ଏବଂ ପରିଣାମରେ।
ଦୟାକରି ଧ୍ୟାନ ଦିଅନ୍ତୁ ଯେ ସରଫାଏସି ଆଇନର ଧାରା ୧୩(୧୩) ଅନୁଯାୟୀ, ଆପଣ ସମସ୍ତେ ବ୍ୟାଙ୍କର ପୂର୍ବ ଲିଖିତ ସମ୍ମତି ବିନା ଉପରୋକ୍ତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ, ଲିଜ୍ କିମ୍ବା ଅନ୍ୟଥା ସ୍ଥାନାନ୍ତର କରିବାରୁ ନିଷେଧ। ଆପଣଙ୍କ ଦ୍ୱାରା ଉକ୍ତ ଧାରା ଉଲ୍ଲଂଘନ କଲେ, ସେକ୍ସନ ୨୯ ଅନୁଯାୟୀ ସରଫାଏସି ଧାରା ଏବଂ/କିମ୍ବା ଏହି ସମ୍ବନ୍ଧରେ ଅନ୍ୟ କୌଣସି ଆଇନଗତ ବ୍ୟବସ୍ଥା ଅନୁଯାୟୀ ଦଣ୍ଡନୀୟ ବ୍ୟବସ୍ଥା ଲାଗୁ କରାଯିବ।
ଦୟାକରି ଧ୍ୟାନ ଦିଅନ୍ତୁ ଯେ ଆଇନର ଧାରା ୧୩ର ଉପ-ଧାରା (୮) ଅନୁଯାୟୀ, ଯଦି ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍ (ପୂର୍ବରୁ ଗ୍ରୋଥ୍ ସୋର୍ସ ଭାବରେ ଜଣାଶୁଣା)ର ଦେୟ ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍ (ପୂର୍ବରୁ ଫାଇନାନ୍ସିଆଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାବରେ ଜଣାଶୁଣା) ଦ୍ୱାରା ସମସ୍ତ ଖର୍ଚ୍ଚ, ଚାର୍ଜ ଏବଂ ଖର୍ଚ୍ଚ ସହିତ ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍ (ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାବରେ ଜଣାଶୁଣା) କୁ ବିକ୍ରୟ କିମ୍ବା ସ୍ଥାନାନ୍ତର ପାଇଁ ସ୍ଥିର ତାରିଖ ପୂର୍ବରୁ ଯେକୌଣସି ସମୟରେ ପ୍ରଦାନ କରାଯାଏ, ତେବେ ସୁରକ୍ଷିତ ସମ୍ପତ୍ତିକୁ ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍ (ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାବରେ ଜଣାଶୁଣା) ଦ୍ୱାରା ବିକ୍ରୟ କିମ୍ବା ସ୍ଥାନାନ୍ତର କରାଯିବ ନାହିଁ, ଏବଂ ସେହି ସୁରକ୍ଷିତ ସମ୍ପତ୍ତିର ସ୍ଥାନାନ୍ତର କିମ୍ବା ବିକ୍ରୟ ପାଇଁ ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍ (ପୂର୍ବରୁ ଗ୍ରୋଥ୍ ସୋର୍ସ ଫାଇନାନ୍ସିଆଲ୍ ଟେକ୍ନୋଲୋଜିସ୍ ଲିମିଟେଡ୍ ଭାବରେ ଜଣାଶୁଣା) ଦ୍ୱାରା ଆଉ କୌଣସି ପଦକ୍ଷେପ ନିଆଯିବ ନାହିଁ।

ତାରିଖ: ୨୦.୦୬.୨୦୨୫, ସ୍ଥାନ: ଭୁବନେଶ୍ୱର, ଓଡିଶା — ପ୍ରୋଟିୟମ୍ ଫାଇନାନ୍ସ ଲିମିଟେଡ୍ ପାଇଁ ଦଲିଲ/-ଅଧିକୃତ ଅଧିକାରୀ

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha,
1st Floor, Anuj Building, Plot No.29, Satya Nagar,
Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/04**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003326 | Supply of ACDB and DCDB under TPWODL and TPSODL |
| 2 | TPCODL/CCG/2025-26/1000003327 | SITC of CCTV across all Four Odisha DISCOMs |
| 3 | TPCODL/P&S/2025-26/1000003641 | RC for Supply of Safety Hand Gloves for 2 Years. |
| 4 | TPCODL/P&S/2025-26/1000003766 | RC for Supply of Rechargeable Torch, Umbrella, Rain Coat and Gum Boots for 1 Year |
| 5 | TPCODL/CCG/2025-26/1000003839 | RC for supply of LT Junction Box for Service Connection (10 Way) at TPCODL & TPWODL, for 1 year |
| 6 | TPCODL/CCG/2025-26/1000003845 | RC for Supply of Distribution Transformer for all Four Odisha DISCOMs for 1 Year |
| 7 | TPCODL/CCG/2025-26/1000003846 | RC for Supply of Power Transformer for all Four Odisha DISCOMs for 1 Year |
| 8 | TPCODL/CCG/2025-26/1000003854 | SITC of 4G Private APN MPLS for all Four Odisha DISCOM |
| 9 | TPCODL/P&S/2025-26/1000003876 | Solarisation of 50 civic facilities of Bhubaneswar Municipal Corporation (BMC) under Build-Own-Operate-Transfer (BOOT) Model |
| 10 | TPCODL/CCG/2025-26/1000003878 | SITC of FRTU & Accessories under TPWODL for 1 year. |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 20.06.2025**. Future communication / corrigendum to tender documents, if any, shall be available on TPCODL website.

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬୪ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨
IDFC FIRST Bank

**ଆପେଣ୍ଡିକ୍ସ ୪ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)ସିକ୍ୟୁରାଇଜେସନ ଏବଂ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ- ୨୦୦୨ର ଧାରା ୧୩(୧୨), ଯାହାକୁ (ଆଇନ-୩) ପଢାଯିବ, ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ-୨୦୦୨ ଅନୁଯାୟୀ ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ନିମ୍ନରେ ପ୍ରଦତ୍ତ ଅର୍ଥରାଶି ୬୦ ଦିନ ମଧ୍ୟରେ ସୁଧ ଓ ଅନ୍ୟାନ୍ୟ ସର୍ତ୍ତ ସହ ଡିମାଣ୍ଡ ନୋଟିସ ପରିଶୋଧ ପାଇଁ ପଠାଯାଇଥିଲା।
ଋଣଗ୍ରହୀତା/ସହ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ଧାରା ୮ ସେକ୍ସନ ୧୩ ଏବଂ ଉପଧାରା (୪) ଅନୁଯାୟୀ ସମସ୍ତ ବନ୍ଧକ ସମ୍ପତ୍ତିକୁ ନିଜ ଅଧିନକୁ ନେଇଛନ୍ତି।

| ଋଣ ଏକାଉଣ୍ଟ ନଂ | ଋଣଗ୍ରହୀତା/ ସହଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ବନ୍ଧକ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ବକେୟା ପରିମାଣ (ଟଙ୍କାରେ) | ତାରିଖ ଏବଂ ପଜେସନ ନେବାର ପ୍ରଣାଳୀ |
|---|---|---|---|---|---|
| ୧୦୪୦୮୫୦୯୩ | ୧. ଶିବଶଙ୍କର ସେଠୀ<br>୨. ଗୋପାଳ ସେଠୀ<br>୩. ରାମଚନ୍ଦ୍ର ସେଠୀ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ ୯୫/୩୫, ପ୍ଲଟ ନଂ ୯୭, ଏରିଆ- ଏ.୦.୦୧୫ ଡିସିମିଲ କିମ୍ବା ୦.୦୦୬୧ ହେକ୍ଟର, ମୌଜା- ବୀର ଲକ୍ଷ୍ମଣପୁର, ତହସିଲ- ବେଲଗୁଣ୍ଠା, ହାଇସ୍କୁଲ ପାଖ, ଜିଲ୍ଲା- ଗଞ୍ଜାମ, ପିଏସ୍- ଗାଙ୍ଗପୁର, ଗଞ୍ଜାମ, ଓଡ଼ିଶା-୭୬୧୧୨୩ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ଶଶୀଭୂଷଣ ଶତପଥୀ, ପଶ୍ଚିମ- ରାସ୍ତା, ଉତ୍ତର- ନାରାୟଣ ସେଠୀ, ଦକ୍ଷିଣ- ପଞ୍ଚାନନ ସେଠୀ। | ୨୭.୦୨.୨୦୨୫ | ଟ. ୫,୦୦,୭୬୪.୩୮/- | ୧୩.୦୬.୨୦୨୫ ପଜେସନ୍ |
| ୧୦୬୨୪୪୪୯୩ | ୧. ସୁଶାନ୍ତ ଦାଶ<br>୨. ପଞ୍ଚୁ ଦାଶ<br>୩. ପତର ଦାଶ<br>୪. ସୁଜାତା ବେହେରା | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ ୩୧୦/ ୨୧୫, ପ୍ଲଟ ନଂ ୧୭୭୭/୨୨୨୩, ମୋଟ ଏରିଆ- ଏ.୦.୦୪୦ ଡିସିମିଲ କିମ୍ବା ୧୭୪୨.୪୦ ବର୍ଗଫୁଟ, ମୌଜା- କେଶପାନିଆ, ତହସିଲ- ଓଡ଼ଗାଁ, ଜିଲ୍ଲା-ନୟାଗଡ଼, ଓଡ଼ିଶା-୭୫୨୦୯୨ ଏବଂ ବାଉଣ୍ଡରୀ: ପୂର୍ବ- ନିଜ ଜମି, ପଶ୍ଚିମ- ରାସ୍ତା, ଉତ୍ତର- ତ୍ରିନାଥ ଦୋରା, ଦକ୍ଷିଣ- ସୁଦର୍ଶନ ସେଠୀ। | ୨୭.୦୨.୨୦୨୫ | ଟ. ୬,୨୪,୮୧୦.୧୫/- | ୧୩.୦୬.୨୦୨୫ ପଜେସନ୍ |

ଏତଦ୍ୱାରା ଋଣଗ୍ରହୀତା/ସହ ଋଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଇଡିଏଫସି ଫାଷ୍ଟବ୍ୟାଙ୍କ ଲିମିଟେଡ(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଏହି ସମ୍ପତ୍ତି ନିଜ ଅଧୀନକୁ ନେଇଥିବାରୁ ଏହାକୁ କୌଣସି ପ୍ରକାର ବିକ୍ରି କିମ୍ବା ଅନ୍ୟତ୍ର ବ୍ୟବହାର କରାଯାଇପାରିବ ନାହିଁ । ସମସ୍ତ ଋଣଗ୍ରହୀତାଙ୍କୁ ପରିଶୋଧ ପାଇଁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦେବା ନିମନ୍ତେ ଡିମାଣ୍ଡ ନୋଟିସ ପଠାଯାଇଛି।

ସ୍ୱା/- ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ଓ ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ)
ତାରିଖ: ୧୩.୦୬.୨୦୨୫
ସ୍ଥାନ: ଓଡ଼ିଶା



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜିଲ୍ଲାସ୍ତରୀୟ ବିକାଶ ମେଳାର ସପ୍ତମ ସନ୍ଧ୍ୟାରେ ଜିଲ୍ଲା କୃଷି ବିଭାଗ ଏବଂ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଉପସ୍ଥିତ ରହି ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା କୃଷି ବିଭାଗର ଯୋଜନା ଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ ଏବଂ ପିଏମ କିସାନ୍ ଓ ସିଏମ୍ କିସାନ୍ ଯୋଜନାରେ ବିସ୍ତୃତ ଆଲୋଚନା କରିଥିଲେ। କୃଷି ବିଭାଗ ପକ୍ଷରୁ କୃଷି ବିଭାଗର ଯୋଜନାରେ ସଫଳ କୃଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ତିର୍ତ୍ତୋଲ ବ୍ଲକର କଳ୍ପନା ପରିଡ଼ା, ପିଏମ୍ କିସାନ୍ ଓ ସିଏମ୍ କିସାନ୍ ଯୋଜନାରେ ଏରସମା ବ୍ଲକର ପ୍ରସନ୍ନ କୁମାର ପରିଡ଼ା ଓ ଶ୍ରୀ ଅନ୍ନ ଅଭିଯାନରେ ବିରିଡ଼ି ବ୍ଲକର ନିରଞ୍ଜନ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ସଫଳ କୃଷକମାନଙ୍କ ମଧ୍ୟରେ ପ୍ରଦୀପ ମଲ୍ଲିକ, ରଞ୍ଜନ କୁମାର ବିଶ୍ୱାଳ, ସୁଜ୍ଞାନ ବାରିକ ଓ ଜଟାଧାରୀ ନାୟକ ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ମଧ୍ୟ ଯୋଗାଣ ବିଭାଗ ର ଯୋଜନା ଗୁଡ଼ିକ ବିଷୟରେ ଆଲୋକପାତ କରାଇଥିଲେ। ଯୋଗାଣ ବିଭାଗ ପକ୍ଷରୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିଲା। ଜିଲ୍ଲା କୃଷି ଅଧିକାରୀ, ତିର୍ତ୍ତୋଲ ଶ୍ରୀଯୁକ୍ତ ବିଦୁର ସାହୁ ଓ ଜିଲ୍ଲା ସଂସ୍କୃତି ଅଧିକାରୀ ସଭାରେ ଉପସ୍ଥିତ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଗତ ଭାଷଣ ରଖିଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ। ପରେ ପରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ ଭାବେ ସୁଗମ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## କେନ୍ଦ୍ର ସରକାରଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ ପାଇଁ ବୈଠକ

ଭାପୁର (ଭାସ୍କର ନ୍ୟୁଜ୍) : ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭାପୁର ବ୍ଲକର ବିକାଶ ଦିନକୁ ଦିନ ଅବନତି ଆଡ଼କୁ ଗତି କରୁଥିବାବେଳେ ଚିନ୍ତାପ୍ରକଟ କରିଛି ଭାପୁର ବିକାଶ ପରିଷଦ। ଏହି ପରିପ୍ରେକ୍ଷୀରେ, ବିକାଶ ପରିଷଦର ଏକ ଜରୁରି ବୈଠକ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀନିବାସ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ, ଭାପୁର ବ୍ଲକ ଅଞ୍ଚଳରେ କୌଣସି ଉନ୍ନତିକରଣ କାର୍ଯ୍ୟ ତଥା କୌଣସି ସମସ୍ୟା ସମାଧାନ ହେଉନଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ସମୂହ ସ୍ୱାର୍ଥ ପାଇଁ ୬ ଦଫା ବିଶିଷ୍ଟ ଦାବିପତ୍ର କେନ୍ଦ୍ର ସରକାରଙ୍କୁ ପ୍ରଦାନ ପାଇଁ ନିଷ୍ପତ୍ତି ହୋଇଥିଲା। ପ୍ରସ୍ତାବିତ ପୁରୀ ଠାରୁ ଅନୁଗୁଳ ଟ୍ରେନ୍ ଲାଇନ ମହାନଦୀ ଉପରେ ଯିବାର ଥିବାରୁ ଅହେତୁକ ବିଳମ୍ବ ହେଉଛି। ତେଣୁ, ପ୍ରଥମ ସୋପାନରେ ପୁରୀ ଠାରୁ କଣ୍ଟିଲୋ ପର୍ଯ୍ୟନ୍ତ ରେଳ ଚଳାଚଳ ପାଇଁ ଦାବି ହୋଇଛି। ପ୍ରତିବର୍ଷ ବନ୍ୟା ଆସୁଥିବାରୁ ମହାନଦୀ କୂଳିଆ କରବର, ପଦ୍ମାବତୀ ପଞ୍ଚାୟତ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛି ତେଣୁ, କୁଳାବର୍ତ୍ତ ଠାରେ ମାଳବନ୍ଧ ଏବଂ ଏକ ଆନିକଟ ନିର୍ମାଣ କରିବା, ପଦ୍ମାବତୀ ଗ୍ରାମରେ ଅବସ୍ଥିତ ଶ୍ରୀ ରାମ ମନ୍ଦିରକୁ ଦ୍ୱିତୀୟ ଅଯୋଧ୍ୟା, ଆଉଟ୍ ପୋଷ୍ଟକୁ ଫାଣ୍ଡି ରୂପେ ଘୋଷଣା କରିବା ଏବଂ ଭାପୁରକୁ ଏନ୍.ଏ.ସି. ମାନ୍ୟତା ପାଇଁ ମୁଖ୍ୟ ଦାବି ରହିଛି। ଶେଷରେ, ସର୍ବସମ୍ମତି କ୍ରମେ ବିକାଶ ପରିଷଦର ଉପସଭାପତି ଭାବେ ରବୀନ୍ଦ୍ର କୁମାର ପ୍ରଧାନ, ସମ୍ପାଦକ ଦାଶରଥି ମହାପାତ୍ର, ସହ ସମ୍ପାଦକ ବନମାଳୀ ନାୟକ ଓ ପଠାଣି ପଟ୍ଟନାୟକ, କୋଷାଧ୍ୟକ୍ଷ ସଦାଶିବ ତ୍ରିପାଠୀ, ଲିଗାଲ ଉପଦେଷ୍ଟା ଆଇନଜୀବୀ ଦାଶରଥି ଦାସ, ଉପଦେଷ୍ଟା ରାଜକିଶୋର ବେହେରା ଏବଂ ବନମାଳୀ ମହାରଣା ନିର୍ବାଚିତ ହୋଇଥିଲେ।

## ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଚାଲିଛି ସ୍ୱାସ୍ଥ୍ୟସେବା




➩ ଆବର୍ଜନା ପାଇଁ ବଢ଼ୁଛି ମଶା-ମାଛିଙ୍କ ପ୍ରାଦୁର୍ଭାବ



➩ ଫାଟକ ସାମ୍ନାରେ ଦୀର୍ଘଦିନ ଜମି ରହିଛି ଅପରିଷ୍କାର ପାଣି

ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : 'ସ୍ୱଚ୍ଛ ପରିବେଶ ଆମ ଚିକିତ୍ସାଳୟ'କୁ ନେଇ ମେଡିକାଲ କାନ୍ଥରେ ଓ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ସଚେତନ ବାର୍ତ୍ତା ଦିଆଯାଇଛି, ହେଲେ ବାସ୍ତବ ଚିତ୍ର କିନ୍ତୁ ଭିନ୍ନ। ଯେଉଁଠି ଆଖି ବୁଲାଇବେ ଖାଲି କୁଢ଼ କୁଢ଼ ଆବର୍ଜନା। ମେଡିକାଲ ଫାଟକ ପ୍ରବେଶ ବାଟରେ ଦୀର୍ଘଦିନ ହେବ ପାଣି ଜମିରହୁଛି। ଏଥିସହ ମେଡିକାଲ ସାମ୍ନାରେ ପାହାଡ଼ ପରି ଗଦା ହୋଇଛି ମଇଳା ଆବର୍ଜନାସ୍ତୂପ। ଯାହା ଫଳରେ ଅଳିଆ ଆବର୍ଜନା ଜମା ହୋଇ ରହିଥିବା କାରଣରୁ ମଶା ଏବଂ ମାଛିଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଫଳରେ ରୋଗୀ ଓ ରୋଗୀଙ୍କୁ ନେଇ ଆସିଥିବା ଲୋକେ ମଧ୍ୟ ଅଶାନ୍ତିଶ୍ୱାସୀ ହୋଇପଡୁଛନ୍ତି। ଦୀର୍ଘଦିନ ଧରି ଉଭା ପାଚେରୀ ସାମ୍ନାରେ ବ୍ୟବହୃତ ସାମଗ୍ରୀ ଓ ଅଳିଆ ଆବର୍ଜନା ପଡ଼ି ରହିଥିବାରୁ ଏହା ପରିବେଶ ଏବେ ଦୂଷିତ ହେବାରେ ଲାଗିଛି। ଅସ୍ତରଙ୍ଗ ମୁଖ୍ୟ ବଜାର ରାସ୍ତାକୁ ନେଇ ସରକାରୀ ହସ୍ପିଟାଲ ପଛ ଓ ସାମ୍ନା ପାର୍ଶ୍ୱରେ କୁଢ଼ କୁଢ଼ ମେଡିକାଲ ଆବର୍ଜନା ଦେଖିବାକୁ ମିଳୁଛି। ନିୟମାନୁସାରେ, ମେଡିକାଲ ଆବର୍ଜନାଗୁଡ଼ିକୁ ସ୍ୱତନ୍ତ୍ର ଭାବେ ସଂଗ୍ରହ କରାଯାଇ ତାକୁ ନଷ୍ଟ କରାଯିବା କଥା। କିନ୍ତୁ ରାସ୍ତାକଡ଼ରେ ଥିବା ପାଥୋଲ୍ୟାବ୍, ଔଷଧ ଦୋକାନୀ ରକ୍ତଲଗା ତୁଳା, ବ୍ୟାଣ୍ଡେଜ୍ କନା, ବ୍ୟବହୃତ ସିରିଞ୍ଜ ଭଳି ବାୟୋ ମେଡିକାଲ ବର୍ଜ୍ୟକୁ ରାସ୍ତା କଡ଼ରେ ଫିଙ୍ଗି ଦେଉଛନ୍ତି। ସେପଟେ, ପାଥୋଲ୍ୟାବ୍ ଅତି ଚତୁରତାର ସହିତ କଳା ପଲିଥିନରେ ଉକ୍ତ ଆବର୍ଜନାକୁ ଭର୍ତ୍ତି କରି ଅସ୍ତରଙ୍ଗ ମେଡିକାଲ ପାଚେରୀ ଭାଙ୍ଗି ଯାଇଥିବା ସ୍ଥାନରେ ପକାଇ ଦେଉଛନ୍ତି। ଯାହାଫଳରେ ଅପରିଷ୍କାର ହେବା ସହ ଦୁର୍ଗନ୍ଧମୟ ପରିସ୍ଥିତି ସୃଷ୍ଟି ହେଉଛି। ଏ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମେଡିକାଲ ସାମ୍ନାରୁ ଅଳିଆ ପରିଷ୍କାର ହଟାଇବା ସହ ପ୍ରଶାସନ ତରଫରୁ ନୂତନ ପାଚେରୀ ନିର୍ମାଣ ପାଇଁ ଦାବି କରିଛନ୍ତି।

## ଦାଣ୍ଡକୂଳ ଓ ତିଖିଲିଆରେ କେନ୍ଦ୍ରୀୟ ମେଡିକାଲ ଟିମ୍

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ଶୋଳମପୁର ପଞ୍ଚାୟତ ଝାଡାବାନ୍ତି ଆକ୍ରାନ୍ତ ଅଞ୍ଚଳ ଦାଣ୍ଡକୂଳ ଓ ତିଖିଲିଆରେ କେନ୍ଦ୍ରୀୟ ମେଡିକାଲ ଟିମ୍ ଗୁରୁବାର ଅନୁଧ୍ୟାନ କରିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମୀକ୍ଷା କରିଥିବା ଜଣାଯାଇଛି। ଟିମ୍‌ର କେନ୍ଦ୍ରୀୟ ଡାକ୍ତର ଗୌତମ ଚୌଧୁରୀ, ଡା. ପ୍ରମିତ ଘୋଷ, ରାଜ୍ୟ ପକ୍ଷରୁ ଡା. ଶୁଭାଶିଷ ମହାନ୍ତି, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସଙ୍ଘମିତ୍ରା କର, ଜିଲ୍ଲା ସଂକ୍ରାମକ ରୋଗ ବିଶେଷଜ୍ଞ ଡା. ପାର୍ଥସାରଥି ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. କମଳାକାନ୍ତ ସ୍ୱାଇଁ ଦାଣ୍ଡକୂଳ ଗ୍ରାମ ଉଚ୍ଚକଳ(କଲୋନୀ) ଭ୍ରମଣ କରି ଝାଡାବାନ୍ତି ଆକ୍ରାନ୍ତଙ୍କ ଘରକୁ ଯାଇ ସେମାନଙ୍କ ଆକ୍ରାନ୍ତର କାରଣ ପଚାରି ବୁଝିବା ସହ, ମିଳିଥିବା ଚିକିତ୍ସା ସୁବିଧା, ପାନୀୟ ଜଳ ନମୁନା ପରୀକ୍ଷା, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧୀର କୁମାର ନାୟକଙ୍କ ଉପସ୍ଥିତିରେ କେନ୍ଦ୍ରୀୟ ମେଡିକାଲ ଟିମ୍ ପରିସ୍ଥିତିର ସମୀକ୍ଷା କରିବା ସହ ପାନୀୟ ଜଳ ଉତ୍ସଗୁଡ଼ିକୁ ନିରନ୍ତର ବିଶୋଧନ କରିବା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକା ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ବିରୋଳି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତର ତପନ କୁମାର ବେହେରାଙ୍କ ସହ ସ୍ଥାନୀୟ ଅଞ୍ଚଳର ଝାଡାବାନ୍ତି ଆକ୍ରାନ୍ତଙ୍କ ସଂଖ୍ୟା, ଦିନକିନ ଆକ୍ରାନ୍ତଙ୍କ ପରିସଂଖ୍ୟାନ, ପରିସ୍ଥିତି ଓ ଚିକିତ୍ସା ସେବା ସମ୍ପର୍କରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବପଏମ ରଶ୍ମିରେଖା ପୃଷ୍ଟି, ଜନସ୍ୱାସ୍ଥ୍ୟ ଅଧିକାରୀ ପୃଥ୍ୱିରାଜ ପୋଥାଳ, ସ୍ୱାସ୍ଥ୍ୟ ପରିଦର୍ଶନ ନବଘନ ଦାସ ପ୍ରମୁଖ କେନ୍ଦ୍ରୀୟ ମେଡିକାଲ ଟିମ୍‌ଙ୍କୁ ସହାୟତା କରିଥିଲେ।

### ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା

## ଗୋଣ୍ଡ ସମ୍ପ୍ରଦାୟର ଭାଷା-ସଂସ୍କୃତି ସ୍ୱତନ୍ତ୍ର : ଜଙ୍ଗଲ ମନ୍ତ୍ରୀ



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆୟୋଜନ ସମିତି ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ୍ ଅନ୍ତର୍ଗତ ଖୁଣ୍ଟାପଡା ଠାରେ ଅନୁଷ୍ଠିତ ହୋଇଯାଇଛି ରଜ ମହୋତ୍ସବ ଏବଂ ଅଖିଳ ଭାରତୀୟ ଗୋଣ୍ଡୱାନା ଗୋଣ୍ଡ ମହାସଭା। ସଭାରେ ଜିଲ୍ଲା, ଜିଲ୍ଲା ବାହାରୁ ଏବଂ ରାଜ୍ୟ ବାହାରୁ ଗୋଣ୍ଡ ସମ୍ପ୍ରଦାୟର ଲୋକ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ମୟୂରଭଞ୍ଜ ଜିଲ୍ଲା ଆୟୋଜନ ସମିତି ଏହାକୁ ଆୟୋଜନ କରିଥିଲା। ସମ୍ମାନୀୟ ଅତିଥି ଭାବେ ଗଣେଶ ରାମ ସିଂ ଖୁଣ୍ଟିଆ ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ, ମୁଖ୍ୟ ବକ୍ତା ଗୁରୁଚରଣ ନାୟକ ପୂର୍ବତନ ବିଧାୟକ ଝାଡ଼ଖଣ୍ଡ, ବକ୍ତା ଅଭିମନ୍ୟୁ ନାୟକ ଜିଲ୍ଲା ସଭାପତି ପଶ୍ଚିମ ସିଂ ଭୂମ ଝାଡ଼ଖଣ୍ଡ, ହରେକୃଷ୍ଣ ନାୟକ ମହାସଚିବ ଏବିଜିଜିଏମ ପଶ୍ଚିମ ସିଂ ଭୁମ୍, ଝାଡ଼ଖଣ୍ଡ, ନିମନ୍ତ୍ରିତ ଅତିଥି ମଳୟରଞ୍ଜନ ନାୟକ ଜିଓଲୋଜିଷ୍ଟ (ଏସ୍‌ଡିଓ) ଭବାନୀପାଟଣା, ନିମନ୍ତ୍ରିତ ଅତିଥି ହେମନ୍ତ କୁମାର ନାୟକ ତହସିଲଦାର ନୟାଗଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପାରମ୍ପରିକ ବେଶ ଭୂଷାରେ ପ୍ରଥମେ ଗୋଣ୍ଡ ସମ୍ପ୍ରଦାୟର ସପ୍ତରଙ୍ଗି ପତାକାକୁ ପୂଜା ପରେ ଉତ୍ତୋଳନ କରିଥିଲେ। ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୋଣ୍ଡ ସମ୍ପ୍ରଦାୟର ସଂସ୍କୃତି ପରମ୍ପରାକୁ ପିଢ଼ି ପରେ ପିଢ଼ି କିଭଳି ଭାବରେ ବଜାୟ ରଖିବାକୁ ହେବ ସେ ନେଇ ମତ ରଖିଥିଲେ। ଗୋଣ୍ଡ ସମ୍ପ୍ରଦାୟର ଭାଷା ସଂସ୍କୃତି ସ୍ୱତନ୍ତ୍ର। ଏଣୁ ସାରା ଦେଶରେ ଯିଏ ଯେଉଁଠି ଥିଲେ ବି ଅନ୍ତତଃ ପକ୍ଷେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଲେ ହିଁ ସଂସ୍କୃତି ପରମ୍ପରାକୁ ବୁଝିପାରିବେ ଏବଂ ଆଲୋଚନା ମାଧ୍ୟମରେ ହିଁ ସଂସ୍କୃତି ପରମ୍ପରା ତିଷ୍ଠି ରହିବ ବୋଲି ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହେଶ୍ୱର ନାୟକ ଉପସଭାପତି, ତରୁଣ ନାୟକ ମହାସଚିବ, ଦିବାକର ନାୟକ କୋଷାଧ୍ୟକ୍ଷ, ଦୀନବନ୍ଧୁ ନାୟକ ସଚିବ, କରୁଣାକର ନାୟକ ମହାସଚିବ ଯୁବ, ହରିଶ୍ ଚନ୍ଦ୍ର ନାୟକ ସଭାପତି ଯୁବ, ପର୍ଶୁରାମ ନାୟକ ଉପଦେଷ୍ଟା, ପ୍ରଫୁଲ୍ଲ ନାୟକ ପଲ୍ଲି ସଭାପତି ବଡଝଡି, ଦମୟନ୍ତୀ ନାୟକ ଜିଲ୍ଲା ସଦସ୍ୟା, ସଂଯୁକ୍ତା ନାୟକ ସଭାପତି ମହିଳା ଉଲଙ୍ଗ, ଅବନ୍ତି ନାୟକ ମହାସଚିବ ମହିଳା ଉଲଙ୍ଗ, ହରିଶ୍ ଚନ୍ଦ୍ର ନାୟକ, କାଶୀନାଥ ନାୟକ ସଚିବ, ଦୟାନିଧି ନାୟକ ଉପଦେଷ୍ଟା, କ୍ଷୀରୋଦ ଚନ୍ଦ୍ର ନାୟକ ଜିଲ୍ଲା ସଦସ୍ୟ, ଅନାଦି ନାୟକ, ମିଲୁ ନାୟକ, ତପନ କୁମାର ନାୟକ, ନରେନ୍ଦ୍ର କୁମାର ନାୟକ ଏବଂ ଜମ୍ବୁବତୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଶହ ଶହ ଗୋଣ୍ଡ ସମ୍ପ୍ରଦାୟର ଲୋକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖା ସମ୍ମିଳନୀ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଶ୍ରୀଶ୍ରୀଦଧିବାମନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ଡେରାବିଶ ବ୍ଲକ ଶାଖାର ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଭଗବାନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥିଭାବେ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ କେନ୍ଦ୍ରାପଡ଼ା ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକମାନେ ସେମାନଙ୍କର ଝିଅ ବିଭାଘର ସହାୟତା ନିମନ୍ତେ ଦୀର୍ଘବର୍ଷ ହେବ ଆବେଦନ କରିଥିଲେ ମଧ୍ୟ ଶ୍ରମ କାର୍ଯ୍ୟାଳୟ କର୍ଣ୍ଣପାତ କରୁନାହିଁ। ଏଥିସହିତ ମହିଳା ଶ୍ରମିକମାନଙ୍କୁ ପରିଚୟପତ୍ର ପ୍ରଦାନ, ବର୍ଷ ବର୍ଷ ଧରି ପଡ଼ିରହିଥିବା ଶ୍ରମିକମାନଙ୍କର ମୃତ୍ୟୁକାଳୀନ ସହାୟତା ପ୍ରଦାନ ପ୍ରତି ଶ୍ରମ ବିଭାଗ କର୍ଣ୍ଣପାତ କରୁନାହିଁ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟା ଦୀର୍ଘଦିନ ଧରି ସମାଧାନ ହୋଇ ପାରୁନଥିବାରୁ କେନ୍ଦ୍ରାପଡ଼ା ଜିଲ୍ଲା ନିର୍ମାଣ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଶ୍ରୀ ତ୍ରିପାଠୀ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହୃଷିକେଶ ଧଳ, ହରି ମାହାଳି, ଧିରେନ୍ ସାହୁ, ଅଭିରାମ ସାହୁ, ଧିରେନ ଯେନା, ଅନିରୁଦ୍ଧ ପୃଷ୍ଟି, ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଶ୍ରୀ ତ୍ରିପାଠୀଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। ଶେଷରେ ଚିତରଞ୍ଜନ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ସହିଦ କଳସ ଯାତ୍ରାକୁ ଧାମନଗରରେ ଭବ୍ୟ ସମ୍ବର୍ଦ୍ଧନା

ଧାମନଗର (ଭାସ୍କର ନ୍ୟୁଜ୍) : ବେଦ ବନ୍ଦିତ ଆର୍ଯ୍ୟ ଭୂମି ଭାରତ ବର୍ଷରେ ଯାଦବ ସଂସ୍କୃତି ଓ ପରମ୍ପରା ସହିତ ବୀରତ୍ୱର ଇତିହାସ ଯାହାକି ସଦା ବନ୍ଦନୀୟ ଅଟେ । ୧୯୬୨ ମସିହା ଚିନ୍ ଭାରତ ରେଜେଙ୍ଗଲା ଯୁଦ୍ଧରେ ସହିଦ୍ ହୋଇଥିବା ୧୧୪ ଜଣ ବୀର ଯାଦବ ମାନଙ୍କୁ ସ୍ମରଣ କରିବା ଏବଂ ଭାରତୀୟ ସେନା ବାହିନୀରେ ଅହିର ଯାଦବ ରେଜିମେଣ୍ଟ ଗଠନ କରିବା ଦାବି ନେଇ ଏକ ପୁଣ୍ୟ ଓ ପବିତ୍ର ଦେଶବ୍ୟାପି କଳସ ଶୋଭାଯାତ୍ରା ସାରା ଭାରତ ବର୍ଷ ପରିଭ୍ରମଣ କରିବା ଅବସରରେ ଉକ୍ତ ଶୋଭାଯାତ୍ରା ରଥକୁ ଧାମନଗର ଯାଦବ ମହାସଭା ତରଫରୁ ବିଜୁ ପଟ୍ଟନାୟକ ଛକ ଠାରେ ସ୍ୱାଗତ କରାଯିବା ସହିତ ଏକ ବର୍ଣ୍ଣାଢ଼୍ୟ ପରିବେଶ ତଥା ରୋଷଣୀ ମାଧ୍ୟମରେ ଭଦ୍ରକ ଜିଲ୍ଲାର ଶେଷସୀମା ଦିହୁଡ଼ି ଆନନ୍ଦପୁର ପର୍ଯ୍ୟନ୍ତ କଳସ ରଥକୁ ନିଆଯାଇଥିଲା । ଆନନ୍ଦପୁର ଯାଦବ ମହାସଭାର ଶତାଧିକ ଯାଦବ ବନ୍ଧୁମାନେ ଶଙ୍ଖ, ହୁଳହୁଳି ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି କଳସ ରଥକୁ ପାଛୋଟି ନେବା ସହ ଭବ୍ୟ ସମ୍ବର୍ଦ୍ଧନା କରିଥିଲେ । ଏହି ବୀରତ୍ୱ ଯାତ୍ରାର ମହକ ବିଚ୍ଛୁରିତ କରିବା ପାଇଁ ରାଷ୍ଟ୍ରୀୟ ସଂଯୋଜକ କିରଣ ଯାଦବ, ରାଜ୍ୟ ଯୁବ ଯାଦବ ସଭାପତି ଅମର ନାୟକ,




ଜିଲ୍ଲା ଯାଦବ ସଭାପତି ନାଟ୍ୟକାର ଡ଼. ସୁଧାଂଶୁ ଶେଖର ନାୟକ, ଜିଲ୍ଲା ଯୁବ ଯାଦବ ସଭାପତି ରବି ନାରାୟଣ ଖିଲାର ନେତୃତ୍ୱ ନେଇଥିବା ବେଳେ ଧାମନଗର ଯାଦବ ମହାସଭାର ସଭାପତି ସୁବାସ ଚନ୍ଦ୍ର ବାରିକ, କାର୍ଯ୍ୟକାରୀ ସଭାପତି ଅନିଲ କୁମାର ବାରିକ, ସାଧାରଣ ସମ୍ପାଦକ କୁଳମଣି ବେହେରା, ମାଧବ ଚନ୍ଦ୍ର ଖଟୁଆ, ରାଜୀବ ଲୋଚନ ଦାସ, କ୍ଷେତ୍ରବାସୀ ବାରିକ, ଅଧର ପରିଡ଼ା, ନାରାୟଣ ବାରିକ, ବିଶ୍ୱନାଥ ବେହେରା, ତପନ ବେହେରା, ରାଜେନ୍ଦ୍ର ବେହେରା, ମାନ ଗୋବିନ୍ଦ ଦାସ, ନାରାୟଣ ଚନ୍ଦ୍ର ଦାସ, ବୃନ୍ଦାବନ ମହାନ୍ତି, ତ୍ରିଲୋଚନ ବେହେରା, ଅଧ୍ୟାପକ ହିମାଂଶୁ ଶେଖର ଦାସ, ରମାକାନ୍ତ ଦାସ, ରବୀନ୍ଦ୍ର ଦାସ ଏବଂ କାହ୍ନୁ ଚରଣ ଖିଲାର ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥଲେ । ଶେଷରେ ଯାଦବ ନେତୃମଣ୍ଡଳୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ରାହୁଲଙ୍କ ଜନ୍ମଦିନରେ ରୋଗୀଙ୍କୁ ଫଳ ବଣ୍ଟନ

ଆସିକା (ଭାସ୍କର ନ୍ୟୁଜ୍) : ଆସିକା କଂଗ୍ରେସ ଦଳ ପକ୍ଷରୁ ଜନନାୟକ ରାହୁଲ ଗାନ୍ଧୀଙ୍କ ୫୫ତମ ଜନ୍ମ ଜୟନ୍ତି ଉତ୍ସବ ମହାଆଡ଼ମ୍ବର ସହ ପାଳନ ହୋଇଯାଇଛି। ଆସିକା କଂଗ୍ରେସ ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା ନେତୃତ୍ୱରେ ସକାଳୁ ଆସିକା କଂଗ୍ରେସ କାର୍ଯ୍ୟାଳୟ ଠାରୁ ଦଳୀୟ କର୍ମୀମାନଙ୍କ ସହିତ ବାହାରି ଆସିକା ମେଡିକାଲର ରୋଗୀମାନଙ୍କ ପାଖରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏହା ପରେ କଂଗ୍ରେସ ଭବନ ସମ୍ମୁଖରେ ଓ ଆସିକା କୋର୍ଟ ପରିସରରେ ମିଷ୍ଟାନ୍ନ ବଣ୍ଟନ ମଧ୍ୟ କରାଯାଇଥିଲା। ଶେଷରେ ରାହୁଲ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ କଂଗ୍ରେସ କାର୍ଯ୍ୟାଳୟ ଠାରେ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଆଗାମୀ ଦିନ ମାନଙ୍କରେ କିଭଳି ଦଳକୁ ସୁଦୃଢ଼ କରି ଆଗକୁ ଯିବା ସେ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପ୍ରିୟାଂଶୁ ପରିଡା, ଅଜିତ କୁମାର ମୁନି, ଭବାନୀ ଶଙ୍କର ଦାସ, ଅବିନାଶ ବେହେରା, ଭାଲୁ ପାତ୍ର, ପରମେଶ୍ୱର ପାତ୍ର, କ୍ଷେତ୍ରବାସୀ ଦୋରା ଏବଂ ସମସ୍ତ ଯୁବ ସମର୍ଥକ ଉପସ୍ଥିତ ଥିଲେ।



## ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ

ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବିଧାନ ବଞ୍ଚାଅ ସମାବେଶ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ସଭାପତିତ୍ୱରେ ଆଦିକବି ଶାରଳା ଦାସ ସଂସ୍କୃତ ଭବନ, ଜଗତସିଂହପୁର ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ପିସିସି ଉପସଭାପତି ତଥା ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ଯୋଗଦେଇ ସମ୍ବିଧାନ ସୁରକ୍ଷା ନିମନ୍ତେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ କୁମାର ସାହୁ, ପିସିସି ଉପ ସଭାପତି ତଥା ପୂର୍ବତନ ବିଧାୟକ ଡ଼ ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ସାଂସଦ ରଞ୍ଜିବ ବିଶ୍ୱାଳ, ପିସିସି ସାଧାରଣ ସମ୍ପାଦକ ୟାସିର୍ ନବାଜ, ବାଲିକୁଦା ଏରସମା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଇଂ ହିମାଂଶୁ ଭୂଷଣ ମଲ୍ଲିକ, ପାରାଦ୍ୱୀପ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ, ଜଗତସିଂହପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ, ଜଗତସିଂହପୁରର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନାଉଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା, ପିସିସି ସଭ୍ୟ ଦେବପ୍ରସାଦ ନାୟକ, ବରିଷ୍ଠ ଆଇନଜୀବି ଡ଼ ସୁଶାନ୍ତ କୁମାର କାନୁନଗୋ, ପୂର୍ବତନ ପିସିସି ସମ୍ପାଦକ ଅଜୟ ସାହୁ, ପୂର୍ବତନ ପିସିସି ସମ୍ପାଦକ ମହମ୍ମଦ ଇମଦାଦ୍, ପୂର୍ବତନ ପିସିସି ମୁଖପାତ୍ର ବିରେନ ଦଳେଇ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ଜିଲ୍ଲା ସଭାପତି ବେଦଦ୍ୟୁତି ପୃଷ୍ଟି, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ କେଶରୀ ପରିଡ଼ା, ଏରସମା ବ୍ଲକ୍ କଂଗ୍ରେସ ସଭାପତି ବଲ୍ଲଭାନନ୍ଦ ସ୍ୱାଇଁ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ, ବରିଷ୍ଠ କଂଗ୍ରେସ ନେତା ସର୍ବେଶ୍ୱର ପଣ୍ଡା, ମହନୀ ଚରଣ ରାଉତ, ଇମତିୟାଜ ଅହମ୍ମଦ ଖାଁ, ଡ଼ ଜଗଦାନନ୍ଦ ବେହେରା, ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବନେତା ଇଂ ଜ୍ଞାନ ରଞ୍ଜନ ଜେନା, ଅବନୀକାନ୍ତ ମହାରଣା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସମିର ଖୁଣ୍ଟିଆ, ଭାଗ୍ୟାଧର ଜେନା, ଅଶୋକ ଜେନା, ମିନୁ ଚୌଧୁରୀ, ରୁପଶ୍ରୀ ରାଗିଣୀ ସ୍ୱାଇଁ, ଦିଲ୍ଲିପ କୁମାର ମହାନ୍ତି, ପ୍ରମୋଦ ସାହୁ, ସୌମ୍ୟଜିତ ଦାଶ, ପ୍ରତାପ କୁମାର ମହାନ୍ତି, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ପ୍ରଣବ ମହାପାତ୍ର, ନାଥ କାଣ୍ଡି, ଜ୍ଞାନ ରଞ୍ଜନ ପୃଷ୍ଟି, ବିଶ୍ୱଜିତ ପୋଥାଳ, ରବିନ୍ଦ୍ର ଆଚାର୍ଯ୍ୟ, ସ୍ୱରୂପ କାନୁନଗୋ, ହିଫଜୁର୍ ରହେମାନ, ଅବନୀକାନ୍ତ ମହାରଣା, ସେଖ୍ ହେଦାୟତ ଅଲ୍ଲୀ, ଭାସ୍କର ମଲ୍ଲିକ, ଆର୍ତ୍ତତ୍ରାଣ ପଣ୍ଡା, ଆର୍ଶୀବାଦ ତ୍ରିପାଠୀ, ସରୋଜ ମହାପାତ୍ର, ସୁକାନ୍ତ ମହାପାତ୍ର, ଉମେଶ ସ୍ୱାଇଁ ପ୍ରମୁଖ ନେତୃମଣ୍ଡଳୀ ଯୋଗ ଦେଇଥିଲେ। ଏହି ଅବସରରେ ନୂଆପୋଲ ଛକ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ନେତୃମଣ୍ଡଳୀଙ୍କୁ ସଭାସ୍ଥଳକୁ ଅଣାଯାଇଥିଲା।



## ନୂତନ ଶ୍ରେଣୀଗୃହର ଶିଳାନ୍ୟାସ



ମାହାଙ୍ଗା (ଭାସ୍କର ନ୍ୟୁଜ୍) : ଏରକଣାସ୍ଥ ମାହାଙ୍ଗା ପୁଷ୍ପଗିରି ମହାବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ ଅନୁଦାନରେ ଶ୍ରେଣୀ ଗୃହ ପୁନରୁଦ୍ଧାର କାର୍ଯ୍ୟର ଶୁଭ ଶିଳାନ୍ୟାସ ଉତ୍ସବ ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶିଳାନ୍ୟାସ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ପ୍ରଶାନ୍ତ କୁମାର ବେଉରା, ସହକାରୀ ଯନ୍ତ୍ରୀ ଚିନ୍ମୟୀ ପଳେଇ, କନିଷ୍ଠ ଯନ୍ତ୍ରୀ ବିଜୟ କୁମାର ସାହୁ ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଅଧାପିକା ଉପସ୍ଥିତ ଥିଲେ। ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ସମାଧାନ କରାଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ ପ୍ରତିଶ୍ରୁତି ଦେଇଥିଲେ।

## ରାଶିଫଳ

**ଶୁକ୍ରବାର, ୨୦ ଜୁନ୍ ୨୦୨୫**



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ।




**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ।




**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ପ୍ରେମ ଜୀବନ ପାଇଁ ଦିନଟି ଅନୁକୂଳ ହେବ ଏବଂ ଜୀବନ ସାଥୀ ଆପଣଙ୍କ ଜୀବନରେ ଲାଭ ପାଇଁ ବାଟ ଖୋଲିବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ।



**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।




**ମକର:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ।



**ମୀନ:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



ଜ୍ୟୋତିର୍ବିଦ୍

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲାସ୍ତରୀୟ ବିକାଶ ମେଳା, ପରମ୍ପରିକ ଖାଦ୍ୟ ମେଳା ଓ ଆମମେଳାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ଶିକ୍ଷା ଅଧିକାରୀ ମାୟାଧର ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା ଓ ପାରଳା ପୌରପରିଷଦ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀଙ୍କୁ ପ୍ରାଞ୍ଜଳ ଭାବରେ ସଚେତନତା କରାଇଥିଲେ। ପରେ ଚାଷୀ ଭାଇ ଭଉଣୀମାନଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା। ଚତୁର୍ଥ ସନ୍ଧ୍ୟାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଶଙ୍କର କେରକେଟା, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ପ୍ରଫୁଲ୍ଲ ମଣ୍ଡଳ, ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାଗାମେନ୍ ଖସେଲ,ଗୁମାଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ପରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭିନିଷା କୁଚିପୁଡ଼ି ଏକାଡେମୀ, ଗୁମ୍ମା ଲାଞ୍ଜିଆ ସୌରା, ମୟୂରଭଞ୍ଜ ନୃତ୍ୟ ଦଳ, ଆପନ୍ନା ପରିଚ୍ଛା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉତ୍କଳ ବାଳଶ୍ରମ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଡେପୁଟି ସିଓ ରମେଶ ସୁରଜ ଜେନାମଣି, ଜିଲ୍ଲା ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ ଗଜପତି ଟିମନ ବାରା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ସହକାରୀ ନିର୍ବାହୀ ଅଧିକାରୀ ଭେଙ୍କଟ ରାଓ ଆଚାରୀ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



# କସକଙ୍ଗା ଠାରୁ ହାଟଭରାଣ୍ଡିକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ



ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କସକଙ୍ଗା ଗ୍ରାମ ପଞ୍ଚାୟତ ଠାରୁ ଆଦିପାରା, ନୂଆପାରା ଦେଈ ହାଟ ଭରାଣ୍ଡିକୁ ସଂଯୋଗ କରୁଥିବା ୬ କିମି ରାସ୍ତାର ଅବସ୍ଥା ମରଣବତ୍ତା ଅବସ୍ଥାରେ ରହିଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ ଏହି ଦୀର୍ଘ ଦିନ ହେବ ମରାମତି ଅଭାବରୁ ଖାଲ ଢିପ ସହ ରାସ୍ତାର ଦୁଇ କଡରେ ଆଣ୍ଠୁଏ ଆଣ୍ଠୁଏ ଖାଲ ହୋଇ ରହିଛି। ତାସହ ପିଚୁ ଉଠିଯାଇ ଥିବା ମଧ ଦେଖିବାକୁ ମିଳିଛି। ବର୍ତ୍ତମାନ ବର୍ଷା ଦିନ ହୋଇଥିବାରୁ ବର୍ଷା ହେଲେ ରାସ୍ତା ଉପରେ ପାଣି ଜମି ରହିବା ସମ୍ଭାବନା ରହିଛି। ପାଣି ଜମିବା ଫଳରେ ରାସ୍ତା ଖାଲ ଅଛି କି ଡିପ ଅଛି ତାହା ଜଣାପଡିବାକୁ କଷ୍ଟକର। ଫଳରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିଛି। ତେଣୁ ବିଭାଗୀୟ ଅଧିକାରୀ ତଥା ସ୍ଥାନୀୟ ଲୋକ ପ୍ରତିନିଧି ଏହା ଉପରେ ନଜର ଦେଇ ଏହାର ମରାମତି ନିମନ୍ତେ ସେଠାରେ ବସବାସ କରୁଥିବା ଲୋକେ ଦାବି କରିଛନ୍ତି।

# ଅଲ୍ ଓଡିଶା ଡ୍ରାଇଭର ମହାସଂଘର ଜିଲ୍ଲାପାଳଙ୍କୁ ଦାବିପତ୍ର



ଲକ୍ଷ୍ମୀପତା (ଭାସ୍କର ନ୍ୟୁଜ୍): ଡ୍ରାଇଭର ମହାସଂଘର ୭ ଦଫା ଦାବିନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି ସଂଘ। ମିଳିଥିବା ସୂଚନାରୁ ପ୍ରକାଶ ଯେ ଅଲ୍ ଓଡିଶା ଡ୍ରାଇଭର ମହାସଂଘ କିଛି ପ୍ରମୁଖ ଦାବିକୁ ନେଇ ସରକାରଙ୍କୁ ବାରମ୍ବାର ଜଣେଇଥିଲେ ସୁଦ୍ଧା ସେମାନଙ୍କ କୌଣସି ଦାବିକୁ ସରକାର ପୂରଣ କରିନାହାନ୍ତି। ତେଣୁ ୭ ଦଫା ଦାବୀ ନେଇ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଦାବି ଭିତରେ ମୁଖ୍ୟ ଦାବିଗୁଡିକ ହେଲା (୧)ଲୋକଙ୍କ ଆକ୍ରୋଶର ଶିକାର ହେଉଥିବା ଡ୍ରାଇଭରଙ୍କ ପାଇଁ ସ୍ୱତନ୍ତ୍ର ଆଇନ (୨)୬୦ ବର୍ଷ ପରେ ଭତ୍ତା ପ୍ରଦାନ( ୩)ୱେଲଫେୟାର ବୋର୍ଡ ରେ ଅଟୋ ଡ୍ରାଇଭଙ୍କୁ ସାମିଲ ( ୪)ଡ୍ରାଇଭର ମାନଙ୍କ ପାଇଁ ପ୍ରତ୍ୟେକ ୧୦୦ କିଲୋମିଟରରେ ଶୌଚାଳୟ, ବିଶ୍ରାମ ନେବା ପାଇଁ ଘର ଓ ପାର୍କିଂ ବ୍ୟବସ୍ଥା (୫)ଓଡିଶାରେ ଥିବା ଖଣି ଖାଦାନ ଓ କାରଖାନା ମାନଙ୍କରେ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି (୬)ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା (୭)ଗାଡିର କାଗଜପତ୍ର ଯାଞ୍ଚ ପାଇଁ ପୋଲିସକୁ କ୍ଷମତା ପ୍ରଦାନ ନ କରିବା ଭଳି ଦାବି ସୂତ୍ରରୁ ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି। ଦାବି ପୂରଣନ ହେଲେ ଆଗାମୀ ୦୮. ୦୭. ୨୦୨୫ ତାରିଖ ଠାରୁ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରିବୁ ଦରକାର ପଡିଲେ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମହାସଂଘ ଚେତାବନୀ ଦେଇଛି। କେବଳ ସରକାର କେତେ ଗୁରୁତର ସହିତ ନେଉଛି ତାହା ଦେଖିବାକୁ ବାକି ରହିଲା।

# ବିକାଶ ବାହନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଡିଓଙ୍କ ଯୋଗଦାନ



ଖଇରପୁଟ (ଭାସ୍କର ନ୍ୟୁଜ୍): ବୁଧବାର ଦିନ ୧୨ ଘଟିକା ସମୟରେ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ଧୂଙ୍ଗିଆପୁଟ ପଞ୍ଚାୟତରେ ବିକାଶ ବାହନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଥିଲି ବିଡ଼ିଓ ପ୍ରମୋଦ କୁମାର ବେହେରା, ଏବିଡ଼ିଓ ସରୋଜ କୁମାର ପ୍ରଧାନ, ସ୍ଥାନୀୟ ସରପଞ୍ଚ, ପିଇଓ, ବିଜେପି ବରିଷ୍ଠ ନେତା କୁନାଲ ମିଶ୍ରଙ୍କ ସହିତ ବ୍ଲକ କର୍ମଚାରୀ, ପଞ୍ଚାୟତ କର୍ମଚାରୀ ଓ ଲୋକେ ଉପସ୍ଥିତ ଥିଲେ। ବିକାଶ ବାହନର ଶୁଭାରମ୍ଭ କରାଯିବା ସହ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ କଣ ଜନହିତକାର ଯୋଜନା କରାଯାଇଛି ସେ ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଯାଇଥିଲା। ବିକାଶ ବାହନ ପଞ୍ଚାୟତର ବିଭିନ୍ନ ଗ୍ରାମ ଭ୍ରମଣ କରିବ।

# ବିଶ୍ୱ ଶିଶୁ ଶ୍ରମିକ ନିରୋଧ ଦିବସ ନେଇ ସଚେତନତା ଶୋଭାଯାତ୍ରା



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ସୁବାଷ ବୋଷ ଛକ ନିକଟରେ ବିଶ୍ୱ ଶିଶୁଶ୍ରମିକ ନିରୋଧ ଦିବସ ଅବସରରେ ମାଲକାନଗିରି ଯୁଗ୍ମ ଶ୍ରମ ଆୟୁକ୍ତଙ୍କ ଆନୁକୂଲ୍ୟରେଏକ ସଚେତନତା ଶୋଭାଯାତ୍ରା ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ରଥ ସେଠାରୁ ବାହାରି ଡିଏନ୍‌କେ ଖେଳ ପଡିଆ ପର୍ଯ୍ୟନ୍ତ ଯାଇଥିଲା । ଏହି ସଚେତନତା ଶୋଭାଯାତ୍ରାରେ ଜିଲା ଶ୍ରମ ଅଧିକାରୀ ଦାୟିତ୍ୱରେ ଥିବା ଅଧିକାରୀ ପୂର୍ଣ୍ଣିମା ଡୁରୁକା, ସହକାରୀ ଶ୍ରମ ଅଧିକାରୀ ତନ୍ମୟ ମଣ୍ଡଳ, ବିନି ମୁଦୁଲି, ପ୍ରିୟଙ୍କା ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ଶିଶୁ ମଙ୍ଗଳ ସମିତି ଅଧକ୍ଷା ସଂଯୁକ୍ତା ପ୍ରଧାନ ଉପସ୍ଥିତ ଥିଲେ। ଶିଶୁମାନଙ୍କୁ ଶୋଷଣରୁ ରକ୍ଷା କରିବା, ସେମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ଏବଂ ସେମାନଙ୍କର ସାମଗ୍ରିକ ବିକାଶ ପାଇଁ ସୁ ଯୋଗ ସୃଷ୍ଟି କରି ଏହାକୁ ତ୍ୱରାନ୍ୱିତ କରିବା ଉପରେ ଏହି ସଚେତନତା ଶୋଭାଯାତ୍ରାରେ ବାର୍ତ୍ତା ଦିଆଯାଇଛି। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ କୌଣସି ଶିଶୁ ଶ୍ରମିକଙ୍କୁ ନିୟୋଜିତ ନ କରିବା ପାଇଁ ସ୍ଲୋଗାନ ଦେବା ସହ ଲିଫଲେଟ୍ ବଣ୍ଟନ କରା ଯାଇଛି। ଏହି ଅବସରରେ ସଦର ମହକୁମାର କିଛି ପ୍ରତିଷ୍ଠାନରେ ଆମେ ଶିଶୁ ଶ୍ରମିକ ନିଯୁକ୍ତ କରୁନାହୁଁ ପୋଷ୍ଟର ଲଗାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ମଙ୍ଗଲ ସଂଯୋଜକ ଚିନ୍ମୟ ରାଉତରାୟ, ବିଜୟାନନ୍ଦ ପଣ୍ଡା, ରିକୁରଂଜନ ଅଧିକାରୀ, ସୋନାଲି ରାୟଙ୍କ ସମେତ ପରିବର୍ତ୍ତନ ଏନ୍‌ଜିଓ, ଚାଇଲ୍ଡ ଲାଇନ ସଦସ୍ୟ, ପୋଲିସ କର୍ମଚାରୀ, ସତ୍ୟନାରାୟଣ ମହାବିଦ୍ୟାଳୟ ଓ ମହିଳା ମହାବିଦ୍ୟାଳୟ ଅନୁଷ୍ଠାନର ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ।

# ନୂତନ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧିନସ୍ଥ ନୀଳାଦ୍ରି ନଗର ସ୍ଥିତ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଉଦ୍ଭିଦ ବିଜ୍ଞାନର ପ୍ରଫେସର ସୁବାଷ ଚନ୍ଦ୍ର ମାଝୀ ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ଶ୍ରୀ ମାଝୀ ବରଗଡ଼ ଜିଲ୍ଲା ଗାଇସିଲଟ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ ପ୍ରଫେସର ଭାବରେ କାର୍ଯ୍ୟ କରୁଥିଲେ। ଗତ ମାସ ଶେଷରେ ପ୍ରଫେସର ରବୀନ୍ଦ୍ରନାଥ ପାତ୍ର ତାଙ୍କ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ। ତାଙ୍କର କାର୍ଯ୍ୟକାଳରେ ବହୁତ ଉନ୍ନତିମୂଳକ କାର୍ଯ୍ୟ ହୋଇଥିଲା।ଶ୍ରୀ ପାତ୍ର ଜଣେ ଦକ୍ଷତା ସମ୍ପନ୍ନ ବ୍ୟକ୍ତି ଭାବରେ ସେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଥିଲେ। ସେହିପରି ନୂତନ ଭାବରେ ବାଲିମେଳା ମହାବିଦ୍ୟାଳୟର ଅଧକ୍ଷ ଶ୍ରୀ ମାଝୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଜଣେ ବୁଦ୍ଧିମାନ ବ୍ୟକ୍ତି ଅଟନ୍ତି ତାଙ୍କର ତତ୍ତ୍ୱାବଧାନରେ ବାଲିମେଳା ମହାବିଦ୍ୟାଳୟ ଭବିଷ୍ୟତ ନିଶ୍ଚିତ ଭାବେ ଉଜ୍ଜ୍ୱଳ ହେବ।କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ବୃନ୍ଦ ଅଧକ୍ଷ ଶ୍ରୀ ମାଝୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ପ୍ରସ୍ତୁତି କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ନିମନ୍ତେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗର ସଂଯୋଜକ ସୁଭଦ ନାୟକ, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜଗନ୍ନାଥ ପାଢ଼ୀ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଥିଲା ରାଜ୍ୟରେ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ବନ୍ୟା, ବାତ୍ୟା, ଭୂସ୍ଖଳନ ଏବଂ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କ ଧନ ଜୀବନକୁ କିପରି ରକ୍ଷା କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଟେବୁଲ ଟପ୍ ଏକ୍ସରସାଇଜ ବୈଠକରେ ଛତ୍ରପୁର ଓଡ୍ରାଫ ଟିମ୍ , ଜିଲ୍ଲା ଅଗ୍ନିଶମ ଟିମ୍ , ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।

# ବିପର୍ଯ୍ୟୟ ପ୍ରଶମନ ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ



ରାୟଗଡ଼ (ଭାସ୍କର ନ୍ୟୁଜ୍): ରାୟଗଡ଼ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ତରଫରୁ ଜିଲ୍ଲାସ୍ତରୀୟ ବିପର୍ଯ୍ୟୟର ସୁପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ ଶିବିର ଜିଲ୍ଲାପାଳଙ୍କ ସଭାବନା ସଭାଗୃହରେ ବୁଧବାର ଦିବା ଦଶ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନବିନ ଚନ୍ଦ୍ର ନାୟକ ଅଧକ୍ଷତା କରିଥିଲେ । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥାର ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଦାଶ ଉପସ୍ଥିତ ରହି ଜିଲ୍ଲାର ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ଯୋଜନା ବିଷୟରେ ଆଲୋଚନା କରିଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ବନ୍ୟା, ବାତ୍ୟା, ଘଡ଼ଘଡ଼ି, ସାପ କାମୁଡା, ଅଦିନିଆ ବର୍ଷା, ଭୂସ୍ଖଳନ, ପାଣିରେ ବୁଡ଼ି ମୃତ୍ୟୁବରଣ ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ବିଭାଗର ଭୂମିକା ତଥା ପୂର୍ବ, ପର ଓ ବିପର୍ଯ୍ୟୟ ସମୟରେ ସଜାଗ, ସାବଧାନତା ଓ ବିହିତ ପଦକ୍ଷେପ ବିଷୟରେ ଯୋଜନା ଉପସ୍ଥାପନ କରିଥିଲେ । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହକ, ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପଦୋଶ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜିଲ୍ଲାପାଳ, ରାୟଗଡ଼ଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ଦିନ ଅପରାହ୍ନ ତିନି ଘଟିକା ସମୟରେ ରାୟଗଡ଼ ବ୍ଲକସ୍ତରୀୟ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବୁଲ ଟପ୍ ଅଭ୍ୟାସ ଶିବିର ବ୍ଲକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା । ଓସଡମାର ରାଜ୍ୟ ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଦାଶ, ଜରୁରୀକାଳୀନ ଅଧିକାରୀ ମନୋଜ କୁମାର ନାହକ, ଓସଡମାର ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଦୋଶ ରଞ୍ଜନ ଜେନା, ବ୍ଲକ ଅଧକ୍ଷା ସୁଶ୍ରୀ ଟୁନୀ ହୁଇକା, ବିଡିଓ ସୁଜିତ କୁମାର ମିଶ୍ର, ସହକାରୀ ଜିଲ୍ଲାପାଳ ଏନ ରବିନ୍ଦ୍ର, ସିଡିପିଓ ମୀନାକ୍ଷୀ ଦାଶ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ ସାହୁ, ଶିକ୍ଷା ସ୍ୱାସ୍ଥ୍ୟ, କୃଷି, ପାନୀୟ ଜଳ, ସାମାଜିକ ସୁରକ୍ଷା, ପଶୁପାଳନ, ମହିଳା ଓ ଶିଶୁ ବିକାଶ , ଆଦି ବିଭାଗର ଅଧିକାରୀ , ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ବୃନ୍ଦ ଉପସ୍ଥିତ ଥିଲେ । ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀ ମିଶ୍ର ପ୍ରାରମ୍ଭିକ ଅଭିଭାଷଣ ସହ ବ୍ଲକର ବିପର୍ଯ୍ୟୟ ପରିଚାଳନା ଯୋଜନା ଉପସ୍ଥାପନ କରିଥିଲେ । ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ଗୋପାଳ ପଣ୍ଡା ବନ୍ୟା ପ୍ରପୀଡିତ ଅଞ୍ଚଳ ନିମନ୍ତେ ଯୋଜନା, ପୂର୍ବ ପ୍ରସ୍ତୁତି ଓ ଗ୍ରାମ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନା ନିମନ୍ତେ ନୋଡ଼ାଲ ଅଧିକାରୀଙ୍କ ତାଲିକା ଉପସ୍ଥାପନ କରିଥିଲେ । ଶିକ୍ଷକ ନୀଳାଞ୍ଚଳ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ମାଓବାଦୀ ନିପାତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା। ସୁରକ୍ଷାକର୍ମୀ ଓ ମାଓବାଦୀ ମଧ୍ୟରେ ଗୁଳି ବିନିମୟରେ ୩ ଟପ୍ କ୍ୟାଡ଼ର ମାଓବାଦୀ ନିହତ। ଆନ୍ଧ୍ର ପ୍ରଦେଶର ମାରଡି ପଲ୍ଲୀ ଜଙ୍ଗଲରେ ଆନ୍ଧ୍ର ଗ୍ରେହାଉଣ୍ଡ ଏବଂ ମାଓବାଦୀ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପୋଲିସର ଏନକାଉଣ୍ଟରରେ ସେଣ୍ଟ୍ରାଲ କମିଟି ମେମ୍ବର ସମେତ ୩ ବଡ଼ କ୍ୟାଡ଼ର ମାଓବାଦୀ ନିହତ । ନିହତ ମାଓବାଦୀଙ୍କ ନାମରେ ଦେଢ କୋଟିରୁ ଅଧିକ ଟଙ୍କାର ପୁରସ୍କାର ରାଶି ଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ମାଲକାନଗିରି ସୀମାନ୍ତ ମରଡ଼ପଲ୍ଲୀ ଜଙ୍ଗଲରେ ମାଓବାଦୀ ଓ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା । ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ସେଣ୍ଟ୍ରାଲ କମିଟି ମେମ୍ବର ସମେତ ୩ ଟପ୍ କ୍ୟାଡ଼ର ମାଓବାଦୀ ନିହତ ହୋଇଛନ୍ତି । ଏନକାଉଣ୍ଟରରେ ନିହତ ହୋଇଥିବା ମାଓବାଦୀ ହେଲେ ସେଣ୍ଟ୍ରାଲ କ୍ୟାଡ଼ର ମାଓବାଦୀ ଗଜରାଲା ରବି ଓରଫ ଉଦୟ, ଅରୁଣା,ସୀତାରାମ ଜିଲ୍ଲା ଏରିଆ କମିଟି ଏସିଏମ କ୍ୟାଡ଼ର ମାଓବାଦୀ । ତେବେ ଜଙ୍ଗଲରେ ତଲାସୀ ଅଭିଯାନ ଜାରି ରହିଥିବା ଜଣାପଡିଛି।

# ଶିଶୁ ଶ୍ରମିକ ନିରାକରଣ ସଚେତନତା ପଦଯାତ୍ରା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆୟୋଜିତ ଶିଶୁ ଶ୍ରମିକ ନିରାକରଣ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ଫାଲଗୁନି ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଜିଲ୍ଲା ଶ୍ରମ ଅଧିକାରୀ ଭାରତୀ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଓ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶୋଭାଯାତ୍ରା ସହର ପରିକ୍ରମା କରି ସମସ୍ତ ଜନସାଧାରଣଙ୍କୁ ସଚେତନତା ସୃଷ୍ଟି କରିବା ସହ ଶିଶୁ ଶ୍ରମ ଆଇନ ସମ୍ପର୍କିତ ଦଣ୍ଡବିଧାନ ସହ ଶିଶୁ ଶ୍ରମିକମାନଙ୍କର ଉଦ୍ଧାର ଓ ଥଇଥାନ ସମ୍ପର୍କରେ ସଚେତନ କରାଯାଇଥିଲା। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶାକୁ ଶିଶୁଶ୍ରମ ମୁକ୍ତ ରାଜ୍ୟ କରିବା ନିମନ୍ତେ ଜିଲ୍ଲା ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ଏହି ସଂପର୍କରେ ଶିଶୁ ଓ କିଶୋର ଶ୍ରମ ଆଇନକୁ କଡ଼ାକଡ଼ି ଭାବେ ପାଳନ କରିବା ସହ ଶିଶୁ ଶ୍ରମ ନିରାକରଣ ରାଲି ଓ କର୍ମଶାଳା ଆୟୋଜନ କରାଯାଉଛି । ଏହି ଶୋଭାଯାତ୍ରାରେ ପାରଳାଖେମୁଣ୍ଡି ପୌରପରିଷଦ ଅଞ୍ଚଳରେ ଥିବା ଜନସାଧାରଣ , ବିଭିନ୍ନ ସଙ୍ଗଠନର ସଦସ୍ୟ ଓ ଶ୍ରମିକ ମାନେ ଅଂଶଗ୍ରହଣ କରିଥିଲେ ।

# ବନ୍ୟା ବିପର୍ଯ୍ୟୟ ପ୍ରସ୍ତୁତିକୁ ନେଇ ଟେବୁଲ ଟପ୍ ବୈଠକ






ନୂଆପଡା (ଭାସ୍କର ନ୍ୟୁଜ୍): ନୂଆପଡ଼ାରେ ବନ୍ୟା ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଜିଲ୍ଲାସ୍ତରୀୟ ଟେବୁଲ ଟପ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତଙ୍କ ଅଧକ୍ଷତାରେ ଜିଲ୍ଲା ମୃତ୍ତିକା ସଂରକ୍ଷଣ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ୍ ବିଭାଗର ବରିଷ୍ଠ ଅଧିକାରୀ ମାନେ ଯୋଗଦେଇ ସେମାନଙ୍କ ବିଭାଗର ବନ୍ୟା ପୂର୍ବ, ବନ୍ୟା ସମୟ ଓ ବନ୍ୟା ପରର ପ୍ରସ୍ତୁତି ଉପରେ ବିଭାଗର ଦାୟିତ୍ୱ ଓ ପ୍ରସ୍ତୁତି ବର୍ଣ୍ଣନା କରିଥିଲେ। ପ୍ରାରମ୍ଭିକ ଅଭିଭାଷଣରେ ଶ୍ରୀଯୁକ୍ତ ରଇତ ବନ୍ୟା ଓ ବାତ୍ୟାର ପ୍ରକୋପ ଓ ଏହାର ପୂର୍ବ ପ୍ରସ୍ତୁତି କିପରି କରାହେବ, ଜିଲ୍ଲାରେ ଏହାକୁ କିଭଳି ସୂଚାରୁରୂପେ ମୁକାବିଲା କରାଯାଇପାରିବ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ । ଏହି ବୈଠକରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସୁଦେଶ କୁମାର ସେଠୀ ଆଶ୍ରୟ ସ୍ଥଳୀ ପରିଚାଳକ ବିଶେଷଜ୍ଞ ନିଜ ଅଭିଭାଷଣରେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କିପରି ବିଭିନ୍ନ ବିପର୍ଯ୍ୟୟକୁ ସୂଚାରୁରୂପେ ପରିଚାଳନାରେ ସକ୍ଷମ ହୋଇଛନ୍ତି ତାହା ବର୍ଣ୍ଣନା କରିଥିଲେ। ସାରା ବିଶ୍ୱରେ ଓଡିଶା ବିପର୍ଯ୍ୟୟ କର୍ତ୍ତୃପକ୍ଷ ସଂସ୍ଥା ଆପଦ ସୁପରିଚାଳନା ପାଇଁ କିଭଳି ଉଚ୍ଚ ପ୍ରଶଂସିତ ହୋଇଛି ତାହା ବର୍ଣ୍ଣନା କରିଥିଲେ। ଓସଡ଼ମା ପ୍ରକଳ୍ପ ଅଧିକାରୀ ମହେନ୍ଦ୍ର କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗୀୟ କର୍ମଚାରୀ ନିମେଷ ଧରୁଆ ଓ ଛତ୍ରପାଳ ସହଯୋଗ କରିଥିଲେ।

# ସରିଲା 'ବିକାଶ ମେଳା'

## ଦର୍ଶକଙ୍କ ମନ ମୋହିଲା ସାଂସ୍କୃତିକ କାର୍ଯ୍ୟକ୍ରମ

ନୂଆପଡ଼ା (ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲାରେ ସାତ ଦିନ ବ୍ୟାପୀ 'ବିକାଶ ମେଳା'ର ପରିସମାପ୍ତି ଘଟିଛି। ଅନ୍ତିମ ଦିନରେ ପଞ୍ଚାୟତିରାଜ ଓ ପାନୀୟ ଜଳଯୋଗାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ହସ୍ତଶିଳ୍ପ ବିଭାଗ ସେମାନଙ୍କ କର୍ମଶାଳା ଆୟୋଜନ କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନିର୍ଦ୍ଦେଶରେ ଅନୁଷ୍ଠିତ ଏହି ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ ଅଧକ୍ଷତା କରିଥିଲେ। ବନଖଣ୍ଡ ଅଧିକାରୀ ଅଜିଜ ଖାନ୍, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ହସ୍ତଶିଳ୍ପ ବିଭାଗର ଉପ ନିର୍ଦ୍ଦେଶକ ପୁଷ୍ପ ରଞ୍ଜନ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ, ପଞ୍ଚାୟତିରାଜ ବିଭାଗରୁ ସି ଡି ଓ ଶ୍ରୀ ଧରୁଆ, ଶ୍ରୀ ଘୋଷ, ଶ୍ରୀ ଲେଙ୍କା, ପାନୀୟ ଜଳଯୋଗାଣ ଅଧକ୍ଷଣ ଯନ୍ତ୍ରୀ ନିଜ ନିଜ ବିଭାଗର ଜନକଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ଜନ ସାଧାରଣଙ୍କୁ ସୂଚନା ପ୍ରଦାନ କରିବା ସହିତ ବିଭାଗୀୟ ସଫଳତାର କାହାଣୀ ପ୍ରଦର୍ଶନ କରିଥିଲେ।ମଞ୍ଚରେ କୃତୀ କାରିଗର ମାନଙ୍କୁ ଏବଂ ଜିଲ୍ଲାର କୃତୀ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଞ୍ଚାୟତିରାଜ ବିଭାଗ ତରଫରୁ ହିତାଧିକାରୀମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବ୍ଲକ କଳା ସଂସ୍କୃତି ସଂଘ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ନବନୀତା ଦାଶଙ୍କ ଉଦ୍ୟମରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଏଡିଏଚ୍, ପୁଷ୍ପ ରଞ୍ଜନ ସାହୁଙ୍କ ନିର୍ଦ୍ଦେଶନାରେ ସମ୍ବଲପୁରୀ କ୍ଷୁଦ୍ର ନାଟକ 'ପରିବେଶ ଭଗାରୀ ପ୍ଲାଷ୍ଟିକ ଜରି' ପରିବେଷଣ କରିଥିଲେ। ସାତ ଦିନ ବ୍ୟାପୀ 'ବିକାଶ ମେଳା' ର ସୁମଧୁର ପରିସମାପ୍ତି ହୋଇଥିବାରୁ ଜିଲ୍ଲାପାଳ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।



# ବିପର୍ଯ୍ୟୟ ପରିଚାଳନା ନିମନ୍ତେ ଟେବଲ ଟପ ଏକ୍ସରସାଇଜ

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ଅଧ୍ୟକ୍ଷତାରେ ବାର୍ଷିକ ଟେବଲୁ ଟପ ଏକସରସାଇଜ ସ୍ଥାନୀୟ ଦକ୍ଷତା ବିକାଶ ତାଲିମ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି । ପ୍ରବଳ ବର୍ଷା ବନ୍ୟା ବାତ୍ୟା ଭଳି ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟରୁ ଧନ ଜୀବନକୁ ରକ୍ଷା କରି ଶୂନ୍ୟ ମୃତ୍ୟୁ ଆଭିମୁଖ୍ୟକୁ ସାକାର କରିବା ପାଇଁ ପ୍ରସ୍ତୁତିକୁ ସଦା ସର୍ବଦା ସଜାଗ ରହିବା ପାଇଁ ବିଭିନ୍ନ ଦିଗକୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାର ଉପଆରକ୍ଷୀ ଅଧିକ୍ଷକ, ଜିଲ୍ଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ଅତିରିକ୍ତ କୃଷି ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ପୂର୍ତ୍ତ ବିଭାଗ, ଯୋଗାଣ ବିଭାଗ, ଅବକାରୀ ବିଭାଗ, ଓଡ୍ରାଫ, ଅଗ୍ନିଶମ ବିଭାଗ, ବିଦ୍ୟୁତ ବିଭାଗ ତଥା ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ଏମ୍ ନୀଳକଣ୍ଠମ ନାଇଡୁ ପରିଚାଳନା କରିଥିଲେ।

# ନୂତନ ଜାତୀୟ ଶିକ୍ଷା ନୀତି କର୍ମଶାଳା





ମାଲକାନଗିର (ଭାସ୍କର ନ୍ୟୁଜ୍): ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ନୂତନ ଜାତୀୟ ଶିକ୍ଷା ନୀତିକୁ ନେଇ ବିକାଶ ମେଳାରେ ଏକ କର୍ମଶାଳା ଆୟୋଜନ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ ଯୋଗ ଦେଇଥିବା ବେଳେ ଶିକ୍ଷା ବିଭାଗ ପ୍ରଫେସର ଡଃ ରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି, ବିଶେଷ ଭାବରେ ଏନ୍‌ଇପିରେ ଟାର୍ଗେଟ କରାଯାଉଛି ଛାତ୍ରଛାତ୍ରୀଙ୍କ ସ୍କିଲ ବୃଦ୍ଧି କରିବା ପାଇଁ। ତାଙ୍କର ପ୍ରଫେସନାଲ କୋର ଏରିଆରେ ନଲେଜ ବୃଦ୍ଧି ହେବ। ଯେଉଁ ପିଲାଟି ଆଗକୁ ଡିଗ୍ରୀ, ଡିପ୍ଲୋମା ସାରିବ ସେ ସେତିକି ସ୍କିଲଫୁଲ ହୋଇଥିବ, ଯାହା ଫଳରେ ସେ ପରବର୍ତ୍ତୀ ସମୟରେ ନିଜର ସ୍କିଲ ବ୍ୟବହାର କରି ରୋଜଗାରକ୍ଷମ ହୋଇପାରିବ। ଜାତୀୟ ଶିକ୍ଷା ନୀତି ଉନ୍ନତ ସାମଗ୍ରିକ ଶିକ୍ଷା, ବିକାଶ ଓ କଲ୍ୟାଣକୁ ପ୍ରୋତ୍ସାହିତ କରିବ। ସେହିପରି ପ୍ରଫେସର ପ୍ରଧାନ ଏହି ଅବସରରେ କହିଛନ୍ତି, ନୂତନ ଶିକ୍ଷା ପଦ୍ଧତି ଛାତ୍ରଛାତ୍ରୀମାନଙ୍କୁ ଆତ୍ମ ନିର୍ଭରଶୀଳ କରିବ। ଏହି କର୍ମଶାଳାରେ କିଭଳି ଭାବରେ ଶିକ୍ଷା ନୀତିକୁ ଲାଗୁ କରି ପିଲାଙ୍କ ଭବିଷ୍ୟତ ଗଢାଯାଇପାରିବ ସେନେଇ ଜାତୀୟ ଶିକ୍ଷା ନୀତି ୨୦୨୦କୁ ସବିଶେଷ ଭାବେ ଆଲୋଚନା ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଚିତ୍ରକୋଣ୍ଡା ଡ଼ାଇଟ୍ ଅଧକ୍ଷା ମମତା ଝଡିଆ ଓ ରିସୋର୍ସ ପର୍ସନ ଭାବେ ହେମନ୍ତ କୁମାର ସେନାପତି ଓ ପ୍ରମୋଦ କୁମାର ସେନାପତି ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷା ବିଭାଗର କର୍ମଚାରୀ ମଧ୍ୟ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ମିଳୁନି ଚିକିତ୍ସା ସୁବିଧା

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଅନ୍ତର୍ଗତ ଗଙ୍ଗାବାଡ ଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ଅବହେଳା ଦେଖିବାକୁ ମିଳୁଛି ।ରାଜ୍ୟ ସରକାର ସ୍ୱାସ୍ଥ୍ୟ ବିଭାଗ ପ୍ରତି ଗୁରୁତ୍ୱ ଦେଉଥିବା ବେଳେ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ଅବହେଳାର ଦୃଶ୍ୟ ଦେଖିବାକୁ ମିଳୁଛି। ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ୍ ଏକ ଆଦିବାସୀ ବହୁଳ ଅଞ୍ଚଳ ହେଉଥିବା ବେଳେ ଉକ୍ତ ବ୍ଲକ ଅଧୀନରେ ଥିବା ଗଙ୍ଗବାଡ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀ ପାଳି କରି ଆସୁଥିବା ଅଭିଯୋଗ ହେଉଛି । ଅଞ୍ଚଳବାସୀ ଯଦି ଅଧିକ ଜ୍ୱରରେ ଆକ୍ରାନ୍ତ ହୁଅନ୍ତି ତେବେ ଆନ୍ଧ୍ରରେ ଥିବା ଶ୍ରୀକାକୁଳମ ଜିଲ୍ଲାର ମନ୍ଧୁସା ଡାକ୍ତରଖାନାକୁ ନେବାକୁ ପଡୁଛି, ତେଣୁ ଗଙ୍ଗବାଡରେ ଥିବା ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଯଦି ନିୟମିତ ଖୋଲା ହେଉଥାନ୍ତା ଲୋକଙ୍କ ପାଇଁ ସୁବିଧା ହୋଇ ପାରନ୍ତା ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି । ଉକ୍ତ କେନ୍ଦ୍ରରେ ତିନିଜଣ କର୍ମଚାରୀ ଥାଇ ମଧ ୧୦ ଘଣ୍ଟା ପରେ ଆସନ୍ତି ଓ ଦୁଇଟା ବେଳେ ଚାଲି ଯାଆନ୍ତି ତେଣୁ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ କୌଣସି ସମୟ ସୀମାର ତାଲିକା ବା କେତେଜଣ କର୍ମଚାରୀ ଅଛନ୍ତି ସେମାନଙ୍କ ନାମ ଲେଖାଯାଇ ନାହିଁ। ଡବଲ ଇଞ୍ଜିନ ସରକାରଙ୍କ ନିୟମକୁ ଭୟ ନାହିଁ ଉକ୍ତ ବିଭଗର। ଆଗାମୀ ଦିନରେ ଗଜପତି ସ୍ୱାସ୍ଥ୍ୟ ବିଭାଗ କଣ ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକିରହିଲା



ଆପଣ ଜାଣିଛନ୍ତି କି ଭୋଜନ ପରେ କାହିଁକି କୁହାଯାଏ। ଯଦି ଜାଣିଛନ୍ତି ଜାଣିନିଅନ୍ତୁ...। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ଖାଦ୍ୟର ଆରମ୍ଭ ସର୍ବଦା ରାଗ କିମ୍ବା ଲୁଣିରୁ ହୋଇଥାଏ ଓ ଭୋଜନର ଶେଷ ମିଠାରେ ହୋଇଥାଏ।ସେଥିପାଇଁ ଶ୍ରୀମନ୍ଦିରରେ ମଧ୍ୟ ଜଗନ୍ନାଥ ମହାପ୍ରଭୁଙ୍କୁ ମଧ୍ୟ ଭୋଜନ ପରେ ପୋଡ଼ପିଠା ଅର୍ପଣ କରନ୍ତି ମହାଲକ୍ଷ୍ମୀ। ବୈଜ୍ଞାନିକ ଦୃଷ୍ଟି କୋଣରୁ ମଧ୍ୟ ସାଧାରଣତଃ ଭୋଜନ ପରେ ଖାଦ୍ୟ ନଳୀ ଶୁଷ୍କ ହୋଇଯିବାରୁ ଆମକୁ ଶୋଷ ଲାଗିଥାଏ ତେଣୁ ଆମେ ପାଣି ପିଇବାକୁ ଇଚ୍ଛା କରୁ। ମାତ୍ର ଡାକ୍ତରଙ୍କ କହିବାନୁସାରେ, ଖାଇବାର ଅଧଘଣ୍ଟା ପର୍ଯ୍ୟନ୍ତ ପାଣି ପିଇବା ଅନୁଚିତ। ଏହା ଆମ ପାଚନକ୍ରିୟା ଉପରେ ଖରାପ ପ୍ରଭାବ ପକାଇଥାଏ। ଖାଇବା ପରେ କିଛି ମିଠା ଖାଇବା ଦ୍ୱାରା ଖାଦ୍ୟ ଭଲ ଭାବେ ହଜମ ହୋଇଥାଏ ଓ ପାଣିର ଆବଶ୍ୟକତା ମଧ୍ୟ ଏତେଟା ପଡିନଥାଏ। ରାଗ ଖାଦ୍ୟ ଖାଇବା ଯୋଗୁଁ ଆମ ପେଟ ଭିତରେ ଥିବା ପାଚନତନ୍ତ୍ର ଠିକ୍ ଭାବରେ ସଞ୍ଚାଳିତ ହୋଇପାରିନଥାଏ। ତେଣୁ ଭୋଜନ ଶେଷରେ ଶେଷରେ ମିଠା ଖାଇବା ଦ୍ୱାରା ଖାଦ୍ୟରେ ଥିବା ଅମ୍ଳର ତୀବ୍ରତା କମ୍ ହୋଇଥାଏ। ଫଳରେ ଏସିଡ଼ିଟି ବା ଜ୍ୱଳନ ହୋଇନଥାଏ ଓ ଖାଦ୍ୟ ଠିକ ଭାବେ ହଜମ ହୋଇଥାଏ। ଏହି କାରଣରୁ ଆମକୁ ଖାଇବା ପରେ ମିଠା ଦିଆଯାଏ ।

# କ୍ୟାଲେଣ୍ଡର ଲଗାଇବାର ଶୁଭ ଦିଗ

*ବାସ୍ତୁ ଅନୁସାରେ ଘରେ ଥିବା ପ୍ରତ୍ୟେକ ଜିନିଷର ପ୍ରଭାବ ଲୋକଙ୍କ ଉପରେ ପଡ଼ିଥାଏ। ଏହି କ୍ରମରେ ଘର କାନ୍ଥରେ କ୍ୟାଲେଣ୍ଡର ନିହାତି ଲଗାଯାଏ। ତେବେ କାନ୍ଥରେ କ୍ୟାଲେଣ୍ଡରକୁ ଠିକ୍ ଦିଗରେ ଲଗାଇବାକୁ ନେଇ କିଛି ବାସ୍ତୁ ନିୟମ ଅଛି...*




- ବାସ୍ତୁ ଅନୁସାରେ, ପୁରୁଣା କ୍ୟାଲେଣ୍ଡରକୁ ରଖିବା କିମ୍ବା ଏହାକୁ ନୂଆ କ୍ୟାଲେଣ୍ଡର ସହ ଲଗାଇବା ବାସ୍ତୁ ଦୋଷକୁ ବଢ଼ାଇ ଥାଏ। ବିଶେଷକରି ଏହା ସ୍ୱାସ୍ଥ୍ୟ ଓ ଉନ୍ନତିରେ ବାଧା ସୃଷ୍ଟି କରିଥାଏ । ତେବେ ପୁରୁଣା କ୍ୟାଲେଣ୍ଡରରେ ଠାକୁରଙ୍କ ଫଟୋ ଥିଲେ ତାହାକୁ ଜଳରେ ପ୍ରବାହିତ କରନ୍ତୁ।
- କ୍ୟାଲେଣ୍ଡରକୁ ପଶ୍ଚିମ ଦିଗରେ ଲଗାଇବା ଶୁଭ। ଉତ୍ତର ଦିଗରେ ଲଗାଇବା ବି ଉତ୍ତମ। ଏହି ଦିଗରେ ଲଗାଇବା ଦ୍ୱାରା ଧନ ଓ ସମୃଦ୍ଧି ଆସେ ।
- ଦକ୍ଷିଣ ଦିଗରେ କ୍ୟାଲେଣ୍ଡର ଲଗାଇବା ଅଶୁଭ । ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଇଥାଏ।
- ସେହିପରି ମୁଖ୍ୟ ଦ୍ୱାର କିମ୍ବା କବାଟ ପଛରେ କ୍ୟାଲେଣ୍ଡର ଲଗାଇବା ଅଶୁଭ।

# ଆସିଲା ଅଜୟଙ୍କ 'ସନ୍ ଅଫ୍ ସର୍ଦ୍ଦାର ୨'ର ପ୍ରଥମ ପୋଷ୍ଟର

ଅଜୟ ଦେବଗନଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ସନ୍ ଅଫ୍ ସର୍ଦ୍ଦାର ୨'ର ପୋଷ୍ଟର ଗୁରୁବାର ରିଲିଜ୍ ହୋଇଛି। ପୋଷ୍ଟରରେ ଅଜୟ ଦେବଗନ ପଗଡ଼ି ବାନ୍ଧି ସର୍ଦ୍ଦାର ଅବତାରରେ ନଜର ଆସିଛନ୍ତି। ସେ ଦୁଇଟି ତୋପ ଉପରେ ଠିଆ ହୋଇଛନ୍ତି। ପୋଷ୍ଟର ସହ ଫିଲ୍ମର ମୁକ୍ତିଲାଭ ତାରିଖ ମଧ୍ୟ ସାମ୍ନାକୁ ଆସିଛି। ଜୁଲାଇ ୨୫ରେ ପରଦାକୁ ଆସିବ 'ସନ୍ ଅଫ୍ ସର୍ଦ୍ଦାର ୨'। ଏହା ୨୦୧୨ରେ ମୁକ୍ତିଲାଭ କରିଥିବା ଫିଲ୍ମ 'ସନ୍ ଅଫ୍ ସର୍ଦ୍ଦାର'ର ସିକ୍ୱେଲ୍। ଫିଲ୍ମରେ ଅଜୟ ଦେବଗନ, ମୃଣାଳ ଠାକୁର ଓ ସଞ୍ଜୟ ଦତ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି। ଅଜୟ ଦେବଗନଙ୍କ ପ୍ରଯୋଜନାରେ ନିର୍ମିତ ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଭାର ବହନ କରିଛନ୍ତି ବିଜୟ କୁମାର ଅରୋରା।








ଦେଶ ହେଉ କି ବିଦେଶ ପ୍ରତ୍ୟେକ ଗାଁର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ଏହି କ୍ରମରେ ଆମେରିକାର ପ୍ରସିଦ୍ଧ ଗ୍ରାଣ୍ଡ କାନିୟନ ନିକଟରେ ଥିବା ହବାସୁ କାନିୟନ ନିକଟରେ ଏକ ବଡ଼ ଖାଇ ରହିଛି। ଏହି ଖାଇ ମଧ୍ୟରେ ଏକ ଗାଁ ରହିଛି। ଯାହାର ନାଁ ସୁପାଇ । ଏହା ଏକ ଭୂତଳ ତଥା ଅଣ୍ଡରଗ୍ରାଉଣ୍ଡ ଗାଁ ଭାବେ ପରିଚିତ । ଭୂପୃଷ୍ଠର ୩୦୦୦ ଫୁଟ ତଳେ ଏହା ରହିଛି। ଏଠାରେ ଆମେରିକାର ମୂଳ ନିବାସୀ ରେଡ୍ ଇଣ୍ଡିଆନମାନେ ରୁହନ୍ତି । ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏହି ଗାଁ ପରିଦର୍ଶନରେ ଆସିଥାନ୍ତି। ସୁପାଇ ଗାଁରେ ଏବେ ୫୦୦ ଲୋକ ରହୁଛନ୍ତି। ବାହ୍ୟ ଦୁନିଆଠାରୁ ବିଚ୍ଛିନ୍ନ ଏହି ଗାଁର ଲୋକେ ଏକ ଭିନ୍ନ ପ୍ରକାରର ଜୀବନ ଜିଇଁଥାନ୍ତି । ସୁପାଇ ଗାଁ ତା'ର ନୀଳ ରଙ୍ଗର ପାଣି ପାଇଁ ପରିଚିତ। ବୈଜ୍ଞାନିକମାନେ ନୀଳ ରଙ୍ଗର ପାଣି ନେଇ ଅନେକ ଗବେଷଣା କରିବା ସତ୍ତ୍ୱେ ଏହାର କାରଣ ଜାଣିପାରିନାହାନ୍ତି। ଏଠାକାର ଲୋକଙ୍କୁ ହବାସୁପାଇ କୁହାଯାଏ । ସ୍ଥାନୀୟ ଭାଷାରେ ଏହାର ଅର୍ଥ ନୀଳ ଓ ସବୁଜ ରଙ୍ଗର ପାଣିରେ ରହୁଥିବା ଲୋକ। ତେବେ ଏହି ଗ୍ରାମକୁ ଯିବା ଆସିବା ପାଇଁ ରାସ୍ତା ମଧ୍ୟ ସୀମିତ । ଏଠାକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ ନଚେତ ଘୋଡ଼ାଗାଡ଼ିରେ ବସି ଯିବାକୁ ପଡିବ । ଆଜିର ସମୟରେ ଏହି ଗ୍ରାମ ଏତେ ପଛରେ ଅଛି ଯେ, ଏଠାକାର ଲୋକମାନେ ଆଜିବି ଚିଠି ନେବା ଆଣିବା ପାଇଁ ଘୋଡ଼ା ଉପରେ ନିର୍ଭରଶୀଳ । କାରଣ ଏଠାରେ ନା ରହିଛି ଇ-ମେଲ, ନା ଫ୍ୟାକ୍ସ ନା ହିଁ ଫୋନ । ଆମେରିକା ଭଳି ଉନ୍ନତ ରାଷ୍ଟ୍ରରେ ଆଧୁନିକତାଠାରୁ ବହୁତ ଦୂରରେ ଥିବା ଏହି ଗ୍ରାମ ରହିବା ସତରେ ଆଶ୍ଚର୍ଯ୍ୟର କଥା । ସେହିପରି ଏହା ମଧ୍ୟକୁ ପ୍ରବେଶ କରିବାକୁ ହେଲେ ହବାସୁପାଇ ଜନଜାତିର ଲୋକଙ୍କ ଠାରୁ ଅନୁମତି ନେବାକୁ ପଡ଼ିଥାଏ। ଏହାର ସଂସ୍କୃତିକୁ ସଂରକ୍ଷଣ ରଖିବା ପାଇଁ ଏଠାରେ କଡ଼ା ନିୟମ ପାଳନ କରାଯାଏ । ଡ୍ରେନ୍, ମାଦକଦ୍ରବ୍ୟ ଏବଂ ଗାଡ଼ି ଚାଳନାକୁ ଏଠାରେ ନିଷେଧ କରାଯାଇଛି। ସେହିପରି ଏଠାରେ ବାସ କରୁଥିବା ଲୋକେ ମକ୍କା, ବିନ୍ସ ଭଳି ପନିପରିବା ଚାଷ କରି ଜୀବିକା ନିର୍ବାହ କରିଥାନ୍ତି। ତେବେ ଏହି ସ୍ଥାନରେ ପହଞ୍ଚିବାକୁ ହେଲେ ଉଡ଼ାଜାହାଜ ଏକମାତ୍ର ସାଧନ ।



# ନୀଳ ରଙ୍ଗର ପାଣି ପାଇଁ ପରିଚିତ ଏହି ଗାଁ

# ଫଟୋ ସେୟାର କରି ଲିସା ଟ୍ରୋଲ୍

ଏହି ବଲିଉଡ୍ ସୁନ୍ଦରୀ ଫିଲ୍ମରେ ଅନେକ ଚମତ୍କାର ସିନ୍ ଦେଇଛନ୍ତି। କିନ୍ତୁ, ସେ ବାସ୍ତବ ଜୀବନରେ ମଧ୍ୟ କମ୍ ନଟୀ ନୁହଁନ୍ତି। ଯେତେବେଳେ ଅଭିନେତ୍ରୀଙ୍କ ସ୍ତନ୍ୟପାନ ଫଟୋ ସୋସିଆଲ ମିଡିଆରେ ଭାଇରାଲ୍ ହେଲା ଲୋକମାନେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଦେଲେ। ସେହି ସୁନ୍ଦରୀ ଆଉ କେହି ନୁହଁନ୍ତି, ସେ ହେଲେ ଲିସା ହେଡେନ୍, ଯିଏ ଜଣେ ମଡେଲ ଭାବରେ ତାଙ୍କର କ୍ୟାରିଅର ଆରମ୍ଭ କରିଥିଲେ। ଏହି ଅଭିନେତ୍ରୀଙ୍କୁ ପ୍ରଥମେ ବିଜୟ ମାଲ୍ୟାଙ୍କ କିଙ୍ଗଫିସର କ୍ୟାଲେଣ୍ଡର ସୁଟ୍‌ରୁ ପରିଚୟ ମିଳିଥିଲା। ଲିସା ସୋନମ କପୁରଙ୍କ ଫିଲ୍ମ 'ଆୟେଶା' ସହିତ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। କେବଳ ବଡ଼ ପରଦାରେ ଗ୍ଲାମରସ୍ ନୁହଁନ୍ତି ବରଂ ବାସ୍ତବ ଜୀବନରେ ମଧ୍ୟ ବହୁତ ଗ୍ଲାମରସ୍। ଥରେ ଲିସାଙ୍କ ସ୍ତନ୍ୟପାନ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା, ଯାହାକୁ ଦେଖି ଲୋକମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଅଭିନେତ୍ରୀଙ୍କୁ ବହୁତ ଟ୍ରୋଲ୍ କରିଥିଲେ। ଏକ ସାକ୍ଷାତକାରରେ ଲିସା କହିଥିଲେ ଯେ ମୋ ପିଲାଟି ୪ ମାସର ଥିଲା ଏବଂ ଲୋକମାନେ ମୋତେ ପଚାରୁଥିଲେ ଯେ ମୁଁ ଏବେ ବି ପିଲାଟିକୁ ସ୍ତନ୍ୟପାନ କରାଉଛି କି? ଅଭିନେତ୍ରୀ କହିଥିଲେ ଯେ ସ୍ତନ୍ୟପାନ ପିଲାମାନଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଏବଂ ସ୍ୱାସ୍ଥ୍ୟକର ମଧ୍ୟ। ମୁଁ ଜାଣିଛି ଅନେକ ମହିଳା ସ୍ତନ୍ୟପାନ କରାଇ ପାରନ୍ତି ନାହିଁ କିନ୍ତୁ ମୁଁ ଏହା କରିଛି।

# କଦଳୀ ସହିତ ଏହି ସବୁ ଖାଉଥିଲେ ସାବଧାନ



*କଦଳୀ ଆମ ଶରୀର ପାଇଁ ଲାଭଦାୟକ ମାନାଯାଇଥାଏ । ଏହା ସମସ୍ତଙ୍କୁ ଯେତିକି ସ୍ୱାଦିଷ୍ଟ ଲାଗେ ଦେହ ପାଇଁ ହିତକର ହୋଇଥାଏ । ଯାହା ସବୁ ଋତୁରେ ସହଜରେ ଏବଂ ସୁଲଭ ମୂଲ୍ୟରେ ମିଳିଯାଇଥାଏ । କଦଳୀରେ ଭିଟାମିନଠାରୁ ଆରମ୍ଭ କରି ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ଥାଏ । ଯାହା ଖାଇବା ଦ୍ୱାରା ଶରୀରରେ ଅନେକ ଭଲ ପ୍ରଭାବ ପକାଇଥାଏ । ବିପି ନିୟନ୍ତ୍ରଣ କରିବାରେ କଦଳୀ ସାହାଯ୍ୟ କରିଥାଏ । ତା ସହିତ ଓଜନ ବୃଦ୍ଧି କରିବାରେ ମଧ୍ୟ ସହାୟକ କରିଥାଏ । ସଠିକ୍ ଉପାୟରେ ଖାଇବା ଦ୍ୱାରା ଏହା ସମ୍ପୂର୍ଣ୍ଣ ରୂପେ ଫଳପ୍ରଦ ହୋଇଥାଏ । ଯଦି କଦଳୀ ଖାଇବା ପରେ ଆପଣ ଏହି ସବୁ ଖାଉଛନ୍ତି କିମ୍ବା ପିଉଛନ୍ତି। ତେବେ ସେଥିପ୍ରତି ସାବଧାନ ରୁହନ୍ତୁ, ନଚେତ୍ ଆପଣଙ୍କୁ କ୍ଷତି ପହଞ୍ଚାଇପାରେ ....*

## କଦଳୀ ଖାଇବା ପରେ ପାଣି ପିଅନ୍ତୁ ନାହିଁ

କଦଳୀ ଖାଇବା ପରେ ପାଣି ନ ପିଇବାକୁ ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି । କାରଣ କଦଳୀ ଖାଇବା ପରେ ସହଜରେ ହଜମ ହୋଇନଥାଏ । ଯଦି କଦଳୀ ଖାଇ ସାରିବା ପରେ ପାଣି ପିଉଛନ୍ତି ତେବେ ଆପଣଙ୍କୁ ଥଣ୍ଡା, କାଶ ଏବଂ ଜ୍ୱର ହେବାର ଆଶଙ୍କା ରହିଥାଏ । ଏହା ସହିତ ଆପଣ ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଏବଂ ପେଟ ଯନ୍ତ୍ରଣା ଭଳି ସମସ୍ୟାର ସମ୍ମୁଖୀନ କରିବାକୁ ମଧ୍ୟ ପଡିପାରେ । ଏହା କରିବା ଦ୍ୱାରା ଆଲର୍ଜି ସମସ୍ୟା ଏବଂ ଇନସୁଲିନ୍ ପରିମାଣ ବୃଦ୍ଧି ପାଇଥାଏ । ରକ୍ତରେ ସୁଗାର ଲେବଲ ବଢି ଆପଣଙ୍କ ଚିନ୍ତାର କାରଣ ସାଜିପାରେ ।

## କଦଳୀ କେତେବେଳେ ଖାଇବା ଉଚିତ୍

ରାତିରେ ଏବଂ ସନ୍ଧ୍ୟାରେ କଦଳୀ ଖାଇବା ଉଚିତ୍ ନୁହେଁ ବୋଲି ଆୟୁର୍ବେଦ ପରାମର୍ଶ ଦେଇଥାନ୍ତି । ରାତିରେ ଖାଇବା ଦ୍ୱାରା ଥଣ୍ଡା, କାଶ ସମସ୍ୟା ଦେଖାଦେଇଥାଏ ।କଦଳୀ ଖାଇବାର ସଠିକ୍ ସମୟ ହେଉଛି ଜଳଖିଆ ଖାଇବା ପରେ ନଚେତ୍ ଜଳଖିଆ ଖାଇବା ସମୟରେ ଖାଇବା ଉଚିତ୍ । ଯାହା ଆମ ସ୍ୱାସ୍ଥ୍ୟ ଉପରେ ଭଲ ଫାଇଦା ପକାଇଥାଏ ।

## କଦଳୀ ଖାଇବା ପରେ କ'ଣ ଖାଇବା ଉଚିତ୍ ନୁହେଁ

କଦଳୀ ସହିତ କ୍ଷୀର, ବଟରମିଲ୍କ କିମ୍ବା ଦହି ଖାଇବା ଉଚିତ୍ ନୁହେଁ । ଯାହା ପାଚନକ୍ରିୟା ଉପରେ କୁପ୍ରଭାବ ପକାଇଥାଏ । କଦଳୀ ଖାଇବା ସମୟରେ ଘିଅ ଏବଂ ମହୁ ପରି ଖାଦ୍ୟଠାରୁ ଦୂରରେ ରୁହନ୍ତୁ । ସାଧାରଣତଃ କଦଳୀ ସହିତ ଅନେକ ଲୋକ ଅଣ୍ଡା ଖାଇଥାନ୍ତି । ଯାହାକୁ ଆମ ସ୍ୱାସ୍ଥ୍ୟ ପାଇଁ ଖରାପ ବୋଲି ବିବେଚନା କରାଯାଇଛି ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହ ଠାରେ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସ୍ତରରୁ ଓସ୍‌ଡମା ଡିଜିଏମ୍ ଜୟ ଜଗତ ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟକୁ କିଭଳି ସଠିକ୍ ଭାବେ ମୁକାବିଲା କରାଯାଇ ପାରିବ। ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରାଦୀପ, ଭବାନୀପାଟଣା ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ଓ ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ସଜାଗ ହୋଇ ରହିବା ସହ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରି ସାହସର ସହ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଉପଦେଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀ, ଅଗ୍ନିଶମ ବିଭାଗ ଅଧିକାରୀ ମାନ ମଧ୍ୟ ଉପସ୍ଥିତ ଥିଲେ ଓ ନିଜ ନିଜ ବିଭାଗରେ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ କେଉଁ କେଉଁ ପଦକ୍ଷେପ ନିଆ ଯାଇଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅନୁରୂପ ଭାବେ ପ୍ରାକୃତିକ ବିପର୍ଯ୍ୟୟକୁ ଉତ୍ତମ ରୂପେ ପରିଚାଳନା କରିବା ପାଇଁ କଳାହାଣ୍ଡି ଜିଲ୍ଲାର ସମସ୍ତ ବ୍ଲକ ତଥା ୪ଟି ସହରାଞ୍ଚଳରେ ମଧ୍ୟ ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡିଛି।





## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ତିନି ବର୍ଷର ଶିଶୁ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ସ୍କୁଲ ବାରଣ୍ଡା ମାଡି ନ ଥିବା କୁନି ପୁଅ ଇଣ୍ଡିଆ ବୁକ ଅଫ ରେକର୍ଡରେ ନିଜ ନାମ ସ୍ଥାନୀତ କରିଛନ୍ତି। ଯେଉଁ ବୟସରେ କଥା କହୁ କହୁ ପାଟି ଲାଗିଯାଏ ସେହି ବୟସରେ ଦେଶ ବିଦେଶର ସାଧାରଣ ଜ୍ଞାନ, ଇଂରାଜୀରେ ପଶୁ, ପକ୍ଷୀ, ଫୁଲ, ଫଳ, ମନ୍ତ୍ର, ଶ୍ଳୋକ, ମନେ ରଖି ନିର୍ଭୁଲ ଭାବରେ କହି ନିଜର ଚମତ୍କାର ପ୍ରତିଭାକୁ ପ୍ରକାଶ କରିଛନ୍ତି। ଏହି କୁନି ପୁଅର ନାଁ ହେଉଛି ତନୁଶ ଶେଖର ନାଏକ(୩) ବାପା ଟିକେ ନାଏକ ଓ ମାଆ ମଞ୍ଜୁଲତା ନାଏକ। ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଫରସରା ଗ୍ରାମର ହୋଇଥିଲେ ବି ବର୍ତ୍ତମାନ ବାପା ଗୋଲାମୁଣ୍ଡା ଅଗ୍ନିଶମ ବିଭାଗରେ ଚାକିରୀ କରୁଛନ୍ତି। ପୁଅର ଏହି ଚମତ୍କାର ପ୍ରତିଭା ପାଇଁ ନିଜ ସମ୍ପର୍କୀୟ ବନ୍ଧୁ ବାନ୍ଧବ ଓ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇବା ସହିତ ପୁଅର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ମାଆ ମଞ୍ଜୁଲତା ନାଏକ ପ୍ରତିଦିନ ପୁଅକୁ ଗୀତ ଗପ ପାଠ କହୁଥିବା ବେଳେ ପୁଅ ତାକୁ ସଙ୍ଗେ ସଙ୍ଗେ ମନେ ରଖି ଦେଉଥିବାରୁ ପରିବାର ଲୋକେ ଏହି ବିଚକ୍ଷଣ ସ୍ମରଣ ଶକ୍ତିକୁ ଜାଣି ପାରି ଆହୁରି ଅଧିକ ଧ୍ୟାନ ଦେବା ଫଳରେ ବର୍ତ୍ତମାନ ଯେ କୌଣସି ପାଠକୁ ମଧ୍ୟ ମନେ ରଖି ଦେଉଛି ବୋଲି ପରିବାର କହନ୍ତି।




## ବିଶିଷ୍ଟ ବ୍ୟବସାୟୀ ନିରଞ୍ଜନଙ୍କ ପରଲୋକ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍) : ଧର୍ମଗଡ଼ ସହରର ବିଶିଷ୍ଟ ବ୍ୟବସାୟୀ ତଥା ସମାଜ ସେବୀ ନିରଞ୍ଜନ ଲାଲ ଅଗ୍ରୱାଲ (୮୩)ଙ୍କ ବୁଧବାର ମଧ୍ୟାହ୍ନ ସମୟରେ ପରଲୋକ ହୋଇଯାଇଛି। ଶ୍ରୀ ଅଗ୍ରୱାଲ ଗତ ମଙ୍ଗଳବାର ଦିନ ଅସୁସ୍ଥ ହୋଇ ପଡ଼ି ଥିଲେ। ନିଃଶ୍ୱାସ ପ୍ରଶ୍ୱସ ନେବାରେ ଅସୁବିଧା ହେବା ସହ ଅକ୍ସିଯେନ ଲେବଲ କମି ଯିବାରୁ ତାଙ୍କୁ ମଙ୍ଗଳବାର ରାତି ରେ ଧର୍ମଗଡ ଉପଖଣ୍ଡ



ଚିକିତ୍ସାଳୟରେ ଭର୍ତ୍ତି କରା ଯାଇଥିଲା। ବୁଧବାର ତାଙ୍କୁ ଭବାନୀପାଟଣା ସ୍ଥିତ ଏକ ଘରୋଇ ଚିକିତ୍ସାଳୟ କୁ ସ୍ଥାନାନ୍ତରିତ କରା ଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା । ମୃତ୍ୟୁ ସମୟରେ ନିକଟରେ ପୁତ୍ର ଜଗୁଲାଲ, ଆନନ୍ଦ, ନରେଶ, ସୁନ୍ଦର ଲାଲ, ଗଣେଷଙ୍କ ସମେତ ପୁତ୍ର ବଧୂ, ଝିଅ ଜ୍ୱାଇଁ ଓ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ। ଧର୍ମଗଡ଼ ସହର ସ୍ଥିତ ପୁରାତନ ପପୁଲାର ମେଡିକାଲ ଷ୍ଟୋର ସମେତ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଡେ-ନାଇଟ କ୍ୟାମ୍ପସ ମେଡିକାଲ ଷ୍ଟୋର ଓ ନିଶି ଦୀପ ମେଡିକାଲ ଷ୍ଟୋର ତାଙ୍କର ରହିଛି। କଳାହାଣ୍ଡି ଜିଲ୍ଲା କେମିଷ୍ଟ ଓ ଡ୍ରଗିଷ୍ଟ ସଂଘରେ ମଧ୍ୟ ସେ ଦିର୍ଘ ଦିନ ଧରି ଇସି ସଦସ୍ୟ ରହିଥିଲେ। ସେ ଜଣେ ପରୋପକାରୀ ମେଳାପି ବ୍ୟକ୍ତି ଥିଲେ। ତାଙ୍କର ଦେହାନ୍ତରେ ଜିଲ୍ଲା କେମିଷ୍ଟ ସଂଘ ସଭାପତି ଅଶୋକ ରାଉତ, ସମ୍ପାଦକ ହୃଷୀକେଶ ମିଶ୍ର, ସଂଗଠନ ସମ୍ପାଦକ ବିଷ୍ଣୁ ପ୍ରସାଦ ଅଗ୍ରୱାଲ, ନଗରପାଳ ଅଶୋକ ମହାନ୍ତି, ଉପାଧ୍ୟକ୍ଷା ମନିଷା ମିଶ୍ର, ବ୍ୟବସାୟୀ ସଂଘ ସଭାପତି ବିଦ୍ୟାଧର ସାହୁ, ସମ୍ପାଦକ ଅରୁଣ କୁମାର ତାୟାଲ, ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଗୁରୁବାର ଦିନ ତାଙ୍କର ଅନ୍ତେଷ୍ଟି କାର୍ଯ୍ୟ ସ୍ଥାନୀୟ ଶ୍ମଶାନ ଠାରେ ହୋଇଯାଇଛି ।

## ଏନ୍‌ଏସିର 'ଟେବୁଲ ଟପ ଏକ୍ସରସାଇଜ' ବୈଠକ



ଧର୍ମଗଡ (ଭାସ୍କର ନ୍ୟୁଜ୍) : ଧର୍ମଗଡ ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟାଳୟର ସଭାଗୃହରେ ଆଗାମୀ ବର୍ଷା ଋତୁକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ମୁକାବିଲା କରିବା ପାଇଁ ଏକ 'ଟେବୁଲ ଟପ ଏକ୍ସରସାଇଜ' ବୈଠକ ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପୂର୍ବରୁ ପରେ ସମ୍ଭାବ୍ୟ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ତାହାକୁ ନେଇ ସହରର ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ମାନେ ଉକ୍ତ କାର୍ଯ୍ୟକ୍ରମରେ ପ୍ରତିନିଧିତ୍ୱ କରିଥିଲେ। ଏହି ବୈଠକରେ ଉପାଧ୍ୟକ୍ଷା ମନୀଷା ମିଶ୍ର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଉପଖଣ୍ଡ ଚିକିତ୍ସାଳୟର ମ୍ୟାନେଜର ସୁମେଶ ନାଏକ, ଥାନା ପ୍ରତିନିଧି, ଗୋଷ୍ଠୀ ପ୍ରାଣୀ ଅଧିକାରୀ, ଏନଏସିର କନିଷ୍ଠ ଯନ୍ତ୍ରୀ, ଏବିଇଓ ବିଶ୍ୱଜିତ ବେହେରା, ଅଗ୍ନିଶ୍ରମ ଅଧିକାରୀ, ବିଦୁତ୍ ବିଭାଗ ଯନ୍ତ୍ରୀ, ସଫେଇ ପ୍ରବୀଣ ଅଭିନନ୍ଦନ ପ୍ରଧାନ, ସମସ୍ତ ପାରିଷଦ ବୃନ୍ଦ ଉପସ୍ଥିତ ରହି ଆଲୋଚନାରେ ନିଜ ନିଜର ମତାମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜୁନିଅର ଆସିଷ୍ଟାଣ୍ଟ ରବୀନ୍ଦ୍ର ପରିଡ଼ା, ଏମ ଆଇ ଏସ ଆଶିଷ ପଣ୍ଡା, ଗୋଷ୍ଠୀ ସଂଗଠକ ଯଶୋବନ୍ତ ମହାପାତ୍ର, ଟେକ୍ସ କଲେକ୍ଟର ସୁମେଶ୍ୱର୍ ମହାପାତ୍ର ଓ ସହକାରୀ କନିଷ୍ଠ ଯନ୍ତ୍ରୀ ଦୁଷ୍ମନ୍ତ ଧଙ୍ଗଡା ମାଝୀ ପରିଚାଳନା କରିଥିଲେ।

## ଅସହାୟଙ୍କ ପାଖରେ ପହଞ୍ଚିବ ଭ୍ରାମ୍ୟମାଣ ଚିକିତ୍ସା ୟୁନିଟ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ସ୍ୱାସ୍ଥ୍ୟ ସ୍ୱରାଜ ସୋସାଇଟି, ପଶ୍ଚିମବଙ୍ଗର ସାଲବୋନିର ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ ମୁଦ୍ରଣ ପ୍ରାଇଭେଟ ଲିମିଟେଡ୍, ଉଦାର ସହଯୋଗରେ ଦୂରଦୂରାନ୍ତ ବିଭିନ୍ନ ଆଦିବାସୀ ଗ୍ରାମ ଗୁଡିକୁ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏକ ଅତ୍ୟାଧୁନିକ ମୋବାଇଲ ମେଡିକାଲ ୟୁନିଟ କଳାହାଣ୍ଡି ଜିଲ୍ଲା ଥୁଆମୁଳ ରାମପୁର ବ୍ଲକ ଅନ୍ତର୍ଗତ କାଣିଗୁମା ସ୍ଥିତ ସ୍ୱାସ୍ଥ୍ୟ ସ୍ୱରାଜ ଡାକ୍ତରଖାନାରେ ଶୁଭାରମ୍ଭ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡିର ମୁଖ୍ୟ ଜିଲ୍ଲା ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ନିହାରେନ୍ଦ୍ର ପଣ୍ଡା ସାମିଲ ହୋଇ ତାଙ୍କ କରକମଳରେ ଫିତାକାଟି ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବ ସମାରୋହରେ ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଡକ୍ଟର ସୁପ୍ରିୟା ପଟ୍ଟନାୟକ, ଭାଇସ ଚାନସ୍ଲେର, ସେଞ୍ଚୁରିଆନ ୟୁନିଭରସିଟି ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ, ଭୁବନେଶ୍ୱର, ସରପଞ୍ଚ ବାସନ୍ତୀ ଝୋଡିଆ, ସମିତି ବଳଦେବ ଗୌଡ, ମୋହନ ପଟେଲ, ଅନନ୍ତା ଝୋଡିଆ, ଚୈତନ୍ୟ ହରିଜନ, ଚିତ୍ର ଝୋଡିଆ, ତୈଲୋକ ଝୋଡିଆ, ସୁଦାମ ନାୟକଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ, ଏବଂ ଆଦିବାସୀ ସମ୍ପ୍ରଦାୟର ସଦସ୍ୟ ଓ ପ୍ରତିନିଧିବୃନ୍ଦ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରଓ୍ୱାନ ଅଧ୍ୟକ୍ଷତାରେ ବୁଧବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକର ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସମସ୍ତଙ୍କୁ ସ୍ୱାଗତ ଜଣାଇ ବୈଠକରେ ଆଲୋଚ୍ୟ କାର୍ଯ୍ୟସୂଚୀ ଆଲୋଚନା କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। ଜିଲ୍ଲାସ୍ତରୀୟ କମିଟି ବୈଠକରେ ସମ୍ପୃକ୍ତ କିଛି ଅଧିକାରୀ ଅନୁପସ୍ଥିତ ରହିଥିବାରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ଏହାର କାର୍ଯ୍ୟକାରିତାକୁ ନେଇ ବୈଠକରେ କ୍ଷୋଭ ପ୍ରକାଶ କରିବା ସହିତ ଆଗାମୀ ଦିନର ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଅନୁଯାୟୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ନିଜ ନିଜର ଦାୟିତ୍ୱ ସୁଚାରୁରୂପେ ଅଧିକ ଯତ୍ନବାନ୍ ହୋଇ ତୁଲାଇବା ପାଇଁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କଳାହାଣ୍ଡି ଜିଲ୍ଲା ଏମ.ଭି. ରାଜସ୍ୱ ଆଦାୟରେ ପ୍ରୋଗ୍ରେସିଭ୍ ହାରରେ ଗତ ଦୁଇ ମାସ ଧରି ୯.୦୫ କୋଟି ଧାର୍ଯ୍ୟ ଥିଲା ବେଳେ ୮.୪୦ କୋଟି ସଂଗ୍ରହ କରି କଳାହାଣ୍ଡି ଜିଲ୍ଲା ରାଜ୍ୟରେ ପ୍ରଥମ ସ୍ଥାନରେ ରହିଥିବା ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀ ସାମନ୍ତରାୟ ସୂଚନା ଦେଇଥିଲେ। ହାତୀ ନଦୀ ବ୍ରିଜକୁ ସଂଯୋଗ କରୁଥିବା ବାସୁଗୁଡ଼ା ରାସ୍ତାର ଗାଡଓ୍ୱାଲ୍ ନଥିବାରୁ ବହୁ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଜୟପାଟଣାରୁ ସତୁଗୁଡ଼ା ନବରଙ୍ଗପୁରକୁ ସଂଯୋଗ କରୁଥିବା ରାସ୍ତା ଟୁଲୁଘାଟି ରାସ୍ତାର ଗାଡ଼ଓ୍ୱାଲ ନଥିବାରୁ ବହୁ ସମୟରେ ଦୁର୍ଘଟଣାର ଶୀକାର ହୋଇ ଲୋକ ମୃତ୍ୟୁ ମୁଖରେ ପଡୁଛନ୍ତି। ଜୟପାଟଣା ଠାରୁ ପରୁଆଗୁଡ଼ା ରାସ୍ତା, ତେମରା ଠାରୁ ବଡ଼ ଚେରଗାଁ, ବଡକୁଟୁରୁ ଠାରୁ ପାତ୍ରବସା ରାସ୍ତା, ଫର୍ଲିଝରଣ ଠାରୁ ଜାଖମ୍, ଗଡିସାଲ ଠାରୁ ଲାଞ୍ଜିଗଡ, ମୂଷାପଳି ଠାରୁ ଚାରବାହାଲ, ଜୁନାଗଡ଼ ଠାରୁ ରାସ୍ତା, କଦଳୀ ଘାଟି ଲାଞ୍ଜିଗଡ ରାସ୍ତାର ଅବସ୍ଥା ବହୁତ ଖରାପ ଥିବାରୁ ବିଭିନ୍ନ ସମୟରେ ଯାତ୍ରୀମାନଙ୍କର ଦୁର୍ଘଟଣା ଘଟି ପ୍ରାଣହାନୀ ଘଟୁଛି। ଏହି ସବୁ ରାସ୍ତାର ଆବଶ୍ୟକ ମରାମତି, ଗାଡ଼ଓ୍ୱାଲ୍ ନିର୍ମାଣ ବ୍ୟବସ୍ଥା ତୁରନ୍ତ କରିବା ପାଇଁ ସଂପୃକ୍ତ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଜାତୀୟ ରାଜପଥ ବିଭାଗୀୟ ଅଧିକାରୀ ବଳଦିଆମାଲ ଛକ ଠାରୁ କେସିଙ୍ଗା ପର୍ଯ୍ୟନ୍ତ ସୌର ଶକ୍ତି ଚାଳିତ ଆଲୋକୀକରଣ ନିମନ୍ତେ ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଦେଇଥିବା ପ୍ରସ୍ତାବର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା । ଜିଲ୍ଲାରେ ବଳଦିଆମାଲ ଛକ ଠାରୁ କେସିଙ୍ଗା ମଧ୍ୟରେ ୮୦% ସଡ଼କ ଦୁର୍ଘଟଣା ଘଟୁଥିବା ଆଞ୍ଚଳିକ ପରିବହନ ଅଧିକାରୀ ଦେଇଥିଲେ ତେଣୁ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଗୁରୁତର ସହିତ ନେଇ ଆବଶ୍ୟକ ସୌର ଶକ୍ତି ଚାଳିତ ଆଲୋକିକରଣ କରିବାପାଇଁ ପରାମର୍ଶ ଦିଆଯାଇଛି। କଲମପୁରରୁ ଥୁଆମୂଲ୍ ରାମପୁର, ଜୟପାଟଣାରୁ ମହୁଲପାଟଣା ରାସ୍ତାର ଆବଶ୍ୟକ ମରାମତି ତୁରନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳଶ୍ରୀ ଦରଓ୍ୱାନ ପରାମର୍ଶ ଦେଇଥିଲେ।ଏହି ବୈଠକରେ ଜିଲ୍ଲା ଆଂଚଳିକ ପରିବହ ବିଭାଗୀୟ କାର୍ଯ୍ୟର ଅଗ୍ରଗତି, ସଡ଼କ ସୁରକ୍ଷା, ଦୁର୍ଘଟଣା ଜନିତ ମୃତ୍ୟୁ, ଟ୍ରାଫିକ ସମସ୍ୟା, ବେପରୁଆ ଗାଡି ଚାଳକଙ୍କ ପାଇଁ ଦଣ୍ଡ ବିଧାନ, ସଡ଼କ ସୁରକ୍ଷା ନିୟମକୁ କଡାକଡି ପାଳନ ଦିଗରେ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ କମିଟିର ସଦସ୍ୟ, ବରିଷ୍ଠ ସାମ୍ବାଦିକ ଉମାଶଙ୍କର କର, ଜିଲ୍ଲା ବେସରକାରୀ ବସ୍ ଏସୋସିଏସନ୍‌ର ସଭାପତି ପ୍ରବୋଧ କୁମାର ରଥ, ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗୀୟ ଅଧିକାରୀ, ସମ୍ପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।



## ନୂତନ ବ୍ଲକ ଅଧ୍ୟକ୍ଷା ଭାବେ ନିର୍ବାଚିତ ହେଲେ ଜ୍ୟୋତି

ଧର୍ମଗଡ଼(ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକରେ ବୁଧବାର ଦିନ ବ୍ଲକ ଅଧ୍ୟକ୍ଷ ଉପନିର୍ବାଚନରେ କଲମପୁର ସମିତି ସଭ୍ୟଙ୍କ ବାଜିମାତ ହୋଇଛି। ପୂର୍ବତନ ଅଧ୍ୟକ୍ଷ ମୋତୀ ବିହାରୀ ଅନାସ୍ଥାରେ ହାରିବା ପରେ ବୁଧବାର ଦିନ



ସରକାରଙ୍କ ନିର୍ଦ୍ଦେଶ କ୍ରମେ ନିର୍ବାଚନ ଅଧିକାରୀ କୋକସରା ବିଡ଼ିଓ ଡଃ.ହିମାଚଳ ମାଝୀଙ୍କ ଦାୟିତ୍ୱରେ ଅଧ୍ୟକ୍ଷ ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥଲା। ବିଜେପି ସମର୍ଥନରେ ଏକମାତ୍ର ପ୍ରାର୍ଥୀ ଭାବରେ କଲମପୁର ଗ୍ରାମପଞ୍ଚାୟତର ସମିତି ସଭ୍ୟା ଜ୍ୟୋତି ନାଏକ ଅଧ୍ୟକ୍ଷ ପଦପାଇଁ ନାମାଙ୍କନ ଭରିଥିଲେ। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି ନାମାଙ୍କନ ନ ଭରିବାରୁ ଜ୍ୟୋତି ନାଏକ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ସୂଚନା ଯୋଗ୍ୟ ଯେ ଗତ ଏପ୍ରିଲ ମାସରେ ଏହି ବ୍ଲକର ପୂର୍ବତନ ଅଧ୍ୟକ୍ଷହଙ୍କ ବିରୁଦ୍ଧରେ ଅନାସ୍ଥା ଆଗତ ହୋଇଥିଲା। ମୋତୀ ବିହାରୀ ଅନାସ୍ଥା ଭୋଟରେ ପଦ ହରେଇଥିଲେ। ଜ୍ୟୋତି ନାଏକ ଅଧ୍ୟକ୍ଷ ଘୋଷିତ ହେବାପରେ ଜ୍ୟୋତିଙ୍କ ସମର୍ଥକ ଓ ବିଜେପି କର୍ମୀ ସମ୍ବର୍ଦ୍ଧନା ଜଣାଇଥିଲେ। ଜିତିବା ପରେ ସମର୍ଥକଙ୍କ ସହ ଜ୍ୟୋତି ବ୍ଲକ କାର୍ଯ୍ୟାଳୟ ଠାରୁ କଲମପୁର ସହରକୁ ପଦଯାତ୍ରା କରି ପ୍ରଥମେ ବାବା ସାହେବଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପ ମାଲ୍ୟ ଦେଇ ନିର୍ମାଲ୍ୟ କ୍ଷେତ୍ରରେ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଆଗକୁ କଲମପୁରର ଉନ୍ନତି ଓ ବିକାଶ କାର୍ଯ୍ୟରେ ମୋର ଲକ୍ଷ୍ୟ ରହିବ ଓ କଲମପୁର ବ୍ଲକକୁ ଏକ ଆଦର୍ଶ ବ୍ଲକ ରୂପେ ଗଢି ତୋଳିବା ରେ ଭରପୁର ପ୍ରୟାସ ଜାରି ରହିବ ବୋଲି ନୂତନ ଅଧ୍ୟକ୍ଷା ଜ୍ୟୋତି ମତବ୍ୟକ୍ତ କରିଥିଲେ।

## ୧୦ ଦଫା ସମ୍ବଳିତ ନ୍ୟାଯ୍ୟ ଦାବି ନେଇ ସଚେତନ ନାଗରିକ ମଞ୍ଚର ଅନିର୍ଦ୍ଦିଷ୍ଟ କାଳ ଧାରଣା

କେସିଙ୍ଗା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ମୁଖ୍ୟ ଦ୍ୱାର ଭାବେ କେସିଙ୍ଗା ପରିଚିତ। ହେଲେ କେସିଙ୍ଗା ଅଞ୍ଚଳକୁ ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ତରଫରୁ ଅବହେଳା କରାଯାଉଥିବା ଅଭିଯୋଗ ହେଉଛି। କେସିଙ୍ଗା ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ସଚେତନ ନାଗରିକ ମଞ୍ଚ ତରଫରୁ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଠାରେ ଦୃଷ୍ଟି ଆକର୍ଷଣ କରାଯାଇ ତାହାର ସମାଧାନ ପାଇଁ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି। ତାହାର ପ୍ରତିବାଦ ନେଇ ସଚେତନ ନାଗରିକ ମଞ୍ଚର ଆବାହକତ୍ୱରେ ଗଣତାନ୍ତ୍ରିକ ବିଧି ବିଧାନ ଅନୁସାରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିବା ଦେଖିବାକୁ ମିଳିଛି। କେସିଙ୍ଗା ସହର ସ୍ଥିତ ପୁରୁଣା ଷ୍ଟେଟ୍ ବ୍ୟାଙ୍କ୍ (ରାଜୀବ ଗାନ୍ଧୀ) ଛକ ଠାରେ ଗତ ବୁଧବାର ଦିନ ଠାରୁ ହରତାଳ ଆରମ୍ଭ ହୋଇଛି। ପ୍ରଶାସନିକ ତରଫରୁ କୌଣସି ପ୍ରତିଶ୍ରୁତି ନମିଳିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଜାରି ରହିବ ବୋଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି ଏବଂ କେସିଙ୍ଗା ସଚେତନ ନାଗରିକ ମଞ୍ଚର ଡାକରାରେ ଆରମ୍ଭ ହୋଇଥିବା ଅନିର୍ଦ୍ଦିଷ୍ଟ କାଳ ଧାରଣାକୁ କେସିଙ୍ଗା ଅଞ୍ଚଳବାସୀ ସମର୍ଥନ ଜଣାଇଛନ୍ତି। ସଚେତନ ନାଗରିକ ମଞ୍ଚର ସଭାପତି ଉତ୍ତର ମହଲାଙ୍କ ନେତୃତ୍ୱରେ ମଞ୍ଚର ଉପ ସଭାପତି ଗୋବିନ୍ଦ ବନଛୋର, ରାମଜୀ ମାତଖଣ୍ଡିଆ, ବଂଶୀ ପାଣି ସାହା, ରାମଲାଲ ସୁନାନୀ, ପୂର୍ବତନ ନଗରପାଳ ସରିତା ସିନ୍ଦୂର, ଗୀତାଞ୍ଜଳି ବରିହା, ନିକିତା ଜୈନ, ଅନିଲ ଜୈନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରୋହିତ କୁମାର ଭୋଇ, ନଳୀନ ପଟ୍ଟନାୟକ, ସାମ୍ବାଦିକ ଗଜେନ୍ଦ୍ର ସାହୁ, କାଉନସିଲର ରମାକାନ୍ତ ଜେନା, ପୂର୍ବତନ ସରପଞ୍ଚ ପର୍ଶୁରାମ ପାଢ଼ୀ ପ୍ରମୁଖଙ୍କ ସମେତ ଅନେକ ସଙ୍ଗଠନର କର୍ମକର୍ତ୍ତା ସାମିଲ୍ ହୋଇଥିବା ଦେଖିବାକୁ ମିଳିଛି। ପ୍ରକାଶ ଯୋଗ୍ୟ ଯେ, କେସିଙ୍ଗା ଅଞ୍ଚଳର ବିକାଶ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରକାରଙ୍କ ଠାରେ ପ୍ରମୁଖ ୧୦ ଗୋଟି ଦାବି ଉପସ୍ଥାପନ କରାଯାଇଛି। ଦୀର୍ଘ ୪୦ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଥିବା କୋଣାର୍କ ସୂତାକଳର ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମ କରାଯିବାକୁ ନେଇ ସଚେତନ ନାଗରିକ ମଞ୍ଚ ପ୍ରଥମ ଦାବି ଉପସ୍ଥାପନ ରହିଥିବା ବେଳେ କେସିଙ୍ଗା ରେଲୱେ ଷ୍ଟେସନ ଠାରୁ ରାଜଧାନୀ ଭୁବନେଶ୍ୱରକୁ ଦୈନିକ ସିଧାସଳଖ ଟ୍ରେନ୍ ସୁବିଧା, କେସିଙ୍ଗା ସହରରେ ଟ୍ରାଫିକ ବ୍ୟବସ୍ଥାରେ ନିୟନ୍ତ୍ରଣ ପାଇଁ କେସିଙ୍ଗା ସହର ଉପକଣ୍ଠ ଦେଇ କନ୍ଦେଶିର ଠାରୁ ଯୋଲକୋ ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତା ନିର୍ମାଣ, କେସିଙ୍ଗାକୁ ଏକ ବୃହତ୍ ମ୍ୟୁନିସିପାଲଟି ମାନ୍ୟତା ପ୍ରଦାନ ସହିତ କନ୍ଦେଶିର, ସିରୋଲ ଏବଂ ଲଇତରା ଗ୍ରାମ ପଞ୍ଚାୟତ ଗୁଡିକୁ ଏଥିରେ ସାମିଲ କରିବା, କେସିଙ୍ଗାର ତୁର୍ଲାଖମନ ଠାରେ ହେବାକୁ ଥିବା ବହୁମୂଖୀ ତେଲ ବ୍ୟାରେଜର ସୁପ୍ତ ଅବସ୍ଥା କଟାଯାଇ ତୁରନ୍ତ କାର୍ଯ୍ୟକାରୀ କରିବା,ବାଲସି, ପରଲସିଙ୍ଗା ଓ ସିରୋଲ ପଞ୍ଚାୟତକୁ ନେଇ ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ତୁରନ୍ତ କାର୍ଯ୍ୟକାରୀ କରିବା, କେସିଙ୍ଗା ସହରର ମଧ୍ୟ ଭାଗରେ ଥିବା ବୁଢ଼ା ଡଙ୍ଗର ପାହାଡ଼ର ସୁରକ୍ଷା, ସୌନ୍ଦର୍ଯ୍ୟକରଣ ଓ ତାହାର ପାଦଦେଶରେ ଥିବା ଓ୍ୱାର୍ଡ ନମ୍ବର ୧୦, ୧୧ ଏବଂ ୧୨ ଅଞ୍ଚଳର ଲୋକଙ୍କ ପାଇଁ ଆବାସର ବ୍ୟବସ୍ଥା, କେସିଙ୍ଗା ଠାରେ ଥିବା ରେଲୱେ ମେଲ୍ ସର୍ଭିସ୍ କୁ ବଲାଙ୍ଗୀର କୁ ସ୍ଥାନାନ୍ତରଣ ବାତିଲ, କେସିଙ୍ଗା ସହରର ମଧ୍ୟ ଭାଗରେ ରହିଥିବା ତେଲ, ରେତ ଏବଂ ସୁନ୍ଦର ନଦୀର ସଙ୍ଗମ ପୀଠକୁ ପର୍ଯ୍ୟଟନସ୍ଥଳୀ ରୂପେ ଘୋଷଣା ଏବଂ ଉନ୍ନତିକରଣ କରିବା ଏବଂ ମଞ୍ଜୁରି ପ୍ରାପ୍ତ କେସିଙ୍ଗା ଭବାନୀପାଟଣା ରେଳ ଲାଇନ୍‌କୁ ଚଳିତ ଆର୍ଥିକ ବର୍ଷ ଠାରୁ ଅବିଳମ୍ବେ କାର୍ଯ୍ୟକାରୀ କରାଯିବାକୁ ନେଇ ସଚେତନ ନାଗରିକ ମଞ୍ଚ ପକ୍ଷରୁ ସରକାରଙ୍କ ଠାରେ ଦାବି ଉପସ୍ଥାପନ କରାଯାଇଛି ।





## କଦଳିମୁଣ୍ଡା ପଞ୍ଚାୟତରେ ବିକାଶ ବାହନକୁ ଭବ୍ୟ ସମ୍ବର୍ଦ୍ଧନା



ଧର୍ମଗଡ (ଭାସ୍କର ନ୍ୟୁଜ)ଧର୍ମଗଡ ବ୍ଲକ କଦଳିମୁଣ୍ଡା ପଞ୍ଚାୟତ ପରିସରରେ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲବ୍ଧି ଓ ବିକାଶ ବାହନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗ୍ରାମ ପଞ୍ଚାୟତ ସରପଞ୍ଚ ଘନ କେଶି ବୋଡ଼କିଆ, ସମିତି ସଭ୍ୟା ଜୟମଣି ବୋଡ଼କିଆ, କାର୍ଯ୍ୟନିବାହି ଅଧିକାରୀ ରୂପେଶ କୁମାର ମେହେର, ପୂର୍ବତନ ବିଜେପି ମଣ୍ଡଳ ସଭାପତି ସୁଧୀର ବାଗ,ପରାସର ସାହୁ,ଅରକ୍ଷିତ ବାରିକ, ଜିଆର୍‌ଏସ୍ -ନିରୋଜ ରଞ୍ଜନ ମାଝୀ, ଏଡ଼ିଇଓ- ବିଶ୍ୱ ଦୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତିର ଅନେକ ଉପଲବ୍ଧି ବିଷୟରେ ଅଭିଭାଷଣ ରଖିଥିଲେ। ନୂତନ ସରକାର ଗଠନ ହେବା ପରେ ଏକ ବର୍ଷ ପୂର୍ତ୍ତିରେ ୯ଟି ବିଭିନ୍ନ ଯୋଜନାର ଉପଲବ୍ଧି ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ସୁଭଦ୍ରା, ଖଡିଛୁଆ, ଅନ୍ତଦୟଗୃହ, ଆୟୁଷମାନ ଭାରତ, ସିନିୟରସିଟି ଭତ୍ତା, ପିଏମ୍ ଜନମନ, ଲକ୍ଷପତି ଦିଦି ଓ ପି ଏମ୍ ସୌର ଘର ଆଦି ରହିଥିବା ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ପଦଧିକାରୀ, ଏସ୍‌ଏସ୍‌ଜି ମହିଳା, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ସମେତ ସାଧାରଣ ଜନତାଙ୍କ ସମାଗମ ରହିଥିବା ଜଣାପଡିଛି।

## ରାଶିଫଳ

ଶୁକ୍ରବାର, ୨୦ ଜୁନ୍ ୨୦୨୫



**ମେଷ:** ଆଜି ଆପଣଙ୍କ ପାଇଁ ବହୁତ ପରିମାଣରେ ଅନୁକୂଳ ହେବ। ଆପଣ ମାନସିକ ଚାପରୁ ମୁକ୍ତି ପାଇବେ । ଛାତ୍ରମାନେ ଅଧ୍ୟୟନରେ ଆଗ୍ରହ ପ୍ରକାଶ କରିବେ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସୁଖରେ ପରିପୂର୍ଣ୍ଣ ହେବ।



**ବୃଷ:** ଆଜି ଆପଣଙ୍କ ପାଇଁ ଏକ ଅନୁକୂଳ ଦିନ ହେବ। ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ। କାର୍ଯ୍ୟରେ ସଫଳତା ମିଳିବ। ପାରିବାରିକ ଜୀବନ ଖୁସି ହେବ। ଘରୋଇ ଜୀବନରେ ସୁଖ ମିଳିବ। ଜୀବନ ସାଥୀ ସହିତ ସମ୍ପର୍କ ଭଲ ହେବ। ଯେଉଁମାନେ କାହାକୁ ଭଲ ପାଆନ୍ତି, ସେମାନଙ୍କ ପାଇଁ କମ୍ ସମସ୍ୟା ହେବ।



**ମିଥୁନ:** ଆଜି ଆପଣଙ୍କ ସ୍ୱାସ୍ଥ୍ୟ ଦୁର୍ବଳ ହେବ। ସେହିପରି ଭାଗ୍ୟ ମଧ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ।



**କର୍କଟ:** ହୃଦୟ ଜଣେ ଚମତ୍କାର ବ୍ୟକ୍ତିଙ୍କୁ ଭେଟି ଖୁସି ହେବ କିମ୍ବା ସେମାନଙ୍କୁ ଫୋନରେ ଯୋଗାଯୋଗ କରାଯିବ। ଆପଣଙ୍କ ବ୍ୟବସାୟରେ ଲାଭ ହେବ। କାର୍ଯ୍ୟ ସହିତ ତୁମେ ଭଲ ଫଳାଫଳ ପାଇବ। ତୁମେ ଖୁସି ହେବ। ଘର ଜୀବନ ଖୁସି ହେବ। ପ୍ରେମ ଜୀବନ ବିତାଉଥିବା ଲୋକଙ୍କୁ କିଛି ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।



**ସିଂହ:** ଆପଣ ମାନସିକ ଚାପରୁ ମୁକ୍ତି ପାଇବେ। ଆୟ ବୃଦ୍ଧି ପାଇବ। ଖର୍ଚ୍ଚ ହ୍ରାସ ପାଇବ। ଘର ଜୀବନ ସ୍ନେହପୂର୍ଣ୍ଣ ହେବ। ଭବିଷ୍ୟତ ବିଷୟରେ ତୁମେ ତୁମର ସାଥୀ ସହିତ ଏକ ବଡ ଯାତ୍ରା ଯୋଜନା କରିପାରିବ।




**କନ୍ୟା:** ଆଜି କେତେକ ସମସ୍ୟା ଆସିପାରେ। ଭାଗ୍ୟ ଉପରେ ନିର୍ଭର କର ନାହିଁ। କଠିନ ପରିଶ୍ରମ କର। ଆୟ ସ୍ୱାଭାବିକ ହେବ। ପରିବାରର ପରିବେଶ ମଧ୍ୟ ସକାରାତ୍ମକ ରହିବ। ସ୍ୱାସ୍ଥ୍ୟ ଭଲ ହେବ। ପ୍ରେମ ଜୀବନରେ କିଛି ସମସ୍ୟା ହୋଇପାରେ।



**ତୁଳା:** ମାନସିକ ସ୍ତରରେ ଆପଣ ଦୁର୍ବଳ ଅନୁଭବ କରିବେ ଏବଂ ସ୍ୱାସ୍ଥ୍ୟ ମଧ୍ୟ ବିଚଳିତ ହୋଇପାରେ। ଅସନ୍ତୁଳିତ ଖାଦ୍ୟ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ। କାର୍ଯ୍ୟରେ ସଫଳତା ପାଇବାରେ ବିଳମ୍ବ ହୋଇପାରେ। ପ୍ରେମ ଜୀବନ ପାଇଁ ଦିନଟି ଅନୁକୂଳ ହେବ ଏବଂ ଜୀବନ ସାଥୀ ଆପଣଙ୍କ ଜୀବନରେ ଲାଭ ପାଇଁ ବାଟ ଖୋଲିବ।



**ବିଛା:** ଯଦିଓ କିଛି ଚ୍ୟାଲେଞ୍ଜ ଆସିବ, ତେବେ ଆପଣ ଖୁସିରେ ସେମାନଙ୍କୁ ସାମ୍ନା କରିବେ। ପ୍ରେମ ଦୃଷ୍ଟିରୁ ଆଜି ଏକ ଭଲ ଦିନ ହେବ ଏବଂ ଆପଣଙ୍କ ପ୍ରିୟଙ୍କ ସହିତ ରୋମାନ୍ସ ପାଇଁ ସୁଯୋଗ ମିଳିବ। ବିବାହିତ ଲୋକମାନଙ୍କର ଘରୋଇ ଜୀବନ ସ୍ୱାଭାବିକ ହେବ। ଆଜି ଆପଣ କାର୍ଯ୍ୟ ସଂପର୍କରେ କିଛି ସମସ୍ୟାର ସମ୍ମୁଖୀନ ହେବେ।



**ଧନୁ:** ତୁମେ ତୁମର ପ୍ରତିପକ୍ଷଙ୍କୁ ମଧ୍ୟ ପ୍ରାଧାନ୍ୟ ଦେବ ଏବଂ ତୁମେ ଚାକିରିରେ ଭଲ ଫଳାଫଳ ପାଇବ। ଯଦି ଆପଣ କୌଣସି ବ୍ୟବସାୟ କରନ୍ତି, ତେବେ ଆଜି ଏଥିରେ ଏକ ସାଧାରଣ ଦିନ ହେବ। ଆପଣଙ୍କ ଶଶୁରଘରର ଲୋକଙ୍କ ସହିତ ଏକ ବାର୍ତ୍ତାଳାପ ହେବ। ଭାଗ୍ୟ ଦୁର୍ବଳ ରହିବ, ଯେଉଁଥିପାଇଁ ଆପଣଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିବ।



**ମକର:** ଦିନଟି ସୁବିଧାରେ ଅତିବାହିତ ହେବ ଏବଂ କେତେକ ଗୁପ୍ତ କାର୍ଯ୍ୟରେ ମଧ୍ୟ ଟଙ୍କା ଖର୍ଚ୍ଚ କରିବେ। ପ୍ରତିଦ୍ୱନ୍ଦ୍ୱୀମାନଙ୍କ ସହିତ କୌଣସି ଅସୁବିଧା ହେବ ନାହିଁ, ତଥାପି ଆପଣ ନିଶ୍ଚିତ ଭାବରେ ଚିନ୍ତିତ ହେବେ। ଆଜି ଘରୋଇ ଜୀବନ ପାଇଁ ଏକ ଭଲ ଦିନ ହେବ, ଯେଉଁମାନେ ପ୍ରେମ ଜୀବନ ବିତାଉଛନ୍ତି ସେମାନଙ୍କୁ କିଛି ସମସ୍ୟାର ସାମ୍ନା କରିବାକୁ ପଡିବ।



**କୁମ୍ଭ:** ମାନସିକ ଟେନସନ ରହିପାରେ, ଯାହାକୁ ଏଡ଼ାଇବା ପାଇଁ ଯାହା ଆପଣଙ୍କୁ ନିଜେ ଚେଷ୍ଟା କରିବାକୁ ପଡ଼ିବ। ଯାତ୍ରା କରିବା ପାଇଁ ଦିନଟି ଭଲ ନୁହେଁ। ଘରର ବରିଷ୍ଠମାନଙ୍କ ଆଶୀର୍ବାଦ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ଘରୋଇ ଜୀବନରେ ସମସ୍ୟା ହୋଇପାରେ। ଯେଉଁମାନେ ପ୍ରେମ ଜୀବନରେ ଅଛନ୍ତି ସେମାନଙ୍କ ପାଇଁ ଆଜି ଏକ ଭଲ ଦିନ ହେବ।



**ମୀନ:** ଆର୍ଥିକ ବୋଝ ବୃଦ୍ଧି ପାଇବ, ପରିବାର ସଦସ୍ୟ ଆପଣଙ୍କୁ ସାହାଯ୍ୟ କରିବେ। ଘରୋଇ ଜୀବନରେ ସାବଧାନ ରୁହନ୍ତୁ । ଜୀବନ ସାଥୀ କ୍ରୋଧିତ ହୋଇପାରେ। ଯେଉଁମାନେ ଏକ ପ୍ରେମ ଜୀବନ ବିତାଉଛନ୍ତି, ସେମାନଙ୍କ ପ୍ରିୟଙ୍କ ସହ କଥା ହୋଇ ସାକ୍ଷାତ କରି ବହୁତ ଖୁସି ହେବେ।



ଶ୍ରୀପତି ଗୁରୁ

**ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ**
**ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧**
**ମୋ: ୯୪୩୮୩୮୯୦୩୯**